DHARITRI

ସମ୍ବଲପୁର, ରବିବାର, ଅଗଷ୍ଟ ୨୮/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) Sambalpur, Sunday, August 28/2022 Page 14 ₹ 7.00 ★★

୧୮ଶ ଭାଗ ୨୫୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 251 ମୂଲ୍ୟ₹୭/-

# ହନିଟ୍ରାପ୍‌ରେ ଓଡ଼ିଆ: ଦିଲ୍ଲୀରୁ ନାଇଜେରୀୟ ଦମ୍ପତି ଗିରଫ

**ବାଲେଶ୍ୱର ଅଫିସ,୨୭।୮**

ବାଲେଶ୍ୱର ସହରର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ହନିଟ୍ରାପରେ ଫସାଇ ୩୦ଲକ୍ଷ ଟଙ୍କା ଠକେଇ କରିବା ମାମଲାରେ ଏକ ନାଇଜେରୀୟ ଦମ୍ପତିଙ୍କୁ ସାଇବର ଥାନା ପୋଲିସ ଦିଲ୍ଲୀରୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ସାମସନ୍ ଇମିକେ ଏଲିକା ନାମକ ଜଣେ ନାଇଜେରୀୟ ଯୁବକଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ବୟାନକୁ ଆଧାର କରି ଏହି ଦମ୍ପତିଙ୍କୁ ଗିରଫ କରାଯାଇଥିବା ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ସାଇବର ଥାନା ଆଇଆଇସି ମୀନା ବିଦ୍ଧାଣି ସୂଚନା ଦେଇଛନ୍ତି। ଗିରଫ ଦମ୍ପତି ହେଲେ ଇମାନୁଏଲ ଏନ୍ନାମନି ଓ ତାଙ୍କ ସ୍ତ୍ରୀ ସୁଚିମ୍ ତିଖିର। ଏମାନଙ୍କଠାରୁ ଲାପଟପ୍, କାର୍, ଭିଜା ନ ଥିବା ଦୁଇଟି ପାସ୍‌ପୋର୍ଟ, ଏସ୍‌ବିଆଇ ପାସ୍‌ବୁକ୍, ୨ଟି ସୁନାଚେନ, ଗୋଟିଏ ମୁଦି ଓ ୭ଟି ମୋବାଇଲ ଫୋନ ଜବତ ହୋଇଛି। ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

ଗିରଫ ୩ ଅଭିଯୁକ୍ତ ସାଇବର ଠକେଇରେ ବେଶ୍ ସକ୍ରିୟ ଥିଲେ। ବିଦେଶୀ ନାଗରିକ ହୋଇ ଦିଲ୍ଲୀରେ ବସି ଲୁଟ୍ ରାକେଟ ଚଳାଉଥିଲେ। ବିଦେଶୀ ସୁନ୍ଦରୀ ଯୁବତୀଙ୍କ ପରିଚୟ ଦେଇ ଫେସ୍‌ବୁକ୍‌ରେ ସମ୍ପର୍କ ସ୍ଥାପନା କରିବା ପରେ ସମ୍ପର୍କକୁ ନିବିଡ଼ କରି ପ୍ରେମ ଜାଲରେ ଫସାଇବା ଓ ଶେଷରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିଦେଶୀ ଦାମୀ ଉପହାର ଦେବା ବାହାନାରେ ପୁଣି କଷ୍ଟମ ଅଫିସର ହୋଇ ପାର୍ସଲ୍ ବାବଦକୁ କଷ୍ଟମ ଚାର୍ଜ ଦେବାକୁ କହି ଟଙ୍କା ଠକେଇ କରୁଥିଲେ। ବାଲେଶ୍ୱର ସହର ବାଲିଆ ଅଞ୍ଚଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ୩୦ଲକ୍ଷ

**ଠକିଛନ୍ତି ୩୦ ଲକ୍ଷ ଟଙ୍କା**



ଗିରଫ ଦମ୍ପତି

ଟଙ୍କା ଠକେଇର ଶିକାର ହେବା ପରେ ସାଇବର ଥାନା ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏକ ମାମଲା (ନଂ. ୪/୨୨) ରୁଜୁ କରି ପୋଲିସ ପ୍ରଥମେ ଅଗଷ୍ଟ ୬ ତାରିଖରେ ଦିଲ୍ଲୀ ପୋଲିସ ସହାୟତାର ସାମସନ୍ ଇମିକେ ଏଲିକାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଗୋଟିଏ ଅବଧି ଶେଷ ହୋଇଥିବା ଭିଜା ସମେତ ଗୋଟିଏ ନକଲି ଭିଜାକୁ ଜବତ କରିଥିଲା। ସେହିପରି ଗୋଟିଏ ଲାପଟପ୍ ଜବତ କରିବା ସହ ୬ ଲକ୍ଷ ଟଙ୍କାର ୩ଟି ଆକାଉଣ୍ଟକୁ ଫ୍ରିଜ୍ କରିଥିଲା ସାଇବର ପୋଲିସ। ପରେ ଏହି ନେଟଓ୍ୱାର୍କ ସହ ଆଉ କେଉଁମାନଙ୍କ ଲିଙ୍କ୍ ରହିଛି ତାହାର ଅନୁସନ୍ଧାନ କରି ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀ ଯାଇଥିଲା। ନାଇଜେରୀୟ ଦମ୍ପତିଙ୍କୁ ଦିଲ୍ଲୀର ମଇଦାନଗିରି ନାମକ ଅଞ୍ଚଳର ଏକ ଆପାର୍ଟମେଣ୍ଟରୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

# ଚାପରେ ମହିଳା ଏସ୍‌ଆଇଙ୍କ ଆତ୍ମହତ୍ୟା

## ■ ନିର୍ଯାତନା ଦିଆଯାଇଥିବା ଅଭିଯୋଗ
## ■ କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲେ ଭାଇ

**ଜି.ଉଦୟଗିରି,୨୭।୮(ଡି.ଏନ.ଏ.)**

କନ୍ଧମାଳ ଜିଲା ଜି.ଉଦୟଗିରି ଥାନାର ମହିଳା ଏସ୍‌ଆଇ ସ୍ୱାଗତିକା ବେହେରା ଶନିବାର ସକାଳେ ଆତ୍ମହତ୍ୟା କରିଛନ୍ତି। ଥାନା ପରିସରରେ ଥିବା କ୍ୱାର୍ଟର୍ସରେ ଫ୍ୟାନରେ ଲୁଗା ବାନ୍ଧି ସେ ଝୁଲି ପଡ଼ିଥିଲେ। ଥାନା ଆଇଆଇସି ରେବତୀ ଶବର ମାନସିକ ନିର୍ଯାତନା ଦେଉଥିବାରୁ ସ୍ୱାଗତିକା ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରଛନ୍ତି। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ପି ଭିନୀତ ଅଗ୍ରୱାଲ କହିଛନ୍ତି।

ସୂଚନା ଅନୁଯାୟୀ, ଏସ୍‌ଆଇ ସ୍ୱାଗତିକାଙ୍କ ନିଜ ଘର ଖୋର୍ଦ୍ଧା ଜିଲା ନିରାକାରପୁର ନିକଟସ୍ଥ ପାଣ୍ଡବ ପାଟଣା ଗ୍ରାମରେ। ୨୦୧୯ରେ ସେ ଚାକିରି ପାଇଥିଲେ। ଗତ ୯ ମାସ ତଳେ ଜି.



ସ୍ୱାଗତିକା ବେହେରା

ଉଦୟଗିରି ଥାନାରେ ଦାୟିତ୍ୱ ଗ୍ରହଣ କରିଥିଲେ। ସରକାରୀ କ୍ୱାର୍ଟର୍ସରେ ଏକା ରହୁଥିବା ସ୍ୱାଗତିକା ଶନିବାର ସକାଳ ପ୍ରାୟ ୭ଟାରେ କେତେଜଣ ସହକର୍ମୀଙ୍କ ସହ କଥା ହୋଇଥିବା ଜଣାପଡ଼ିଛି। ସେ ଥାନାକୁ ଯିବାରେ ବିଳମ୍ବ ହେବା ଓ ତାଙ୍କ ଫୋନରୁ କୌଣସି ଉତ୍ତର ନ ମିଳିବାରୁ ଗୃହରକ୍ଷୀ କ୍ୱାର୍ଟର୍ସକୁ ଡାକିବାକୁ ଯାଇଥିଲେ। ଭିତରୁ କବାଟ ବନ୍ଦ ଥିବା ଦେଖି ଗୃହରକ୍ଷୀ ଜଣକ ଫେରି ଆସିଥିଲେ। ଥାନାରୁ ଜଣେ ମହିଳା କର୍ମଚାରୀ ଯାଇ ଝରକା ପଟେ ତାଙ୍କ ଝୁଲନ୍ତା ଶରୀର ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଏସ୍‌ଆଇ ସ୍ୱାଗତିକାଙ୍କୁ ତଳକୁ ଓହ୍ଲାଇ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଅପରାହ୍ନ ପ୍ରାୟ ୫ଟାରେ ସ୍ୱାଗତିକାଙ୍କ ମା' ଓ ଦୁଇ ଭାଇ ଆସି ଜି. ଉଦୟଗିରିରେ ପହଞ୍ଚିଥିଲେ। ବଡ଼ ଭାଇ ମନୋରଞ୍ଜନ ବେହେରା ତାଙ୍କ ଭଉଣୀଙ୍କ ଆତ୍ମହତ୍ୟା ପାଇଁ ଜି.ଉଦୟଗିରି ଆଇଆଇସିଙ୍କୁ ଦାୟୀ କରିଛନ୍ତି। ଆଇଆଇସି ମାନସିକ ନିର୍ଯାତନା ଦେଉଥିବା ବିଷୟରେ ଶୁକ୍ରବାର ରାତିରେ ସ୍ୱାଗତିକା ଫୋନ ଯୋଗେ ଜଣାଇଥିଲେ। ତେଣୁ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରି ଭଉଣୀଙ୍କ ଆତ୍ମହତ୍ୟା ପାଇଁ ଦାୟୀ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ସେହିପରି ସ୍ୱାଗତିକାଙ୍କ ମା' ଉଷାରାଣୀ ବେହେରା ମଧ୍ୟ କାନ୍ଦି କାନ୍ଦି ସମାନ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ନେଇ ଆଇଆଇସି ରେବତୀ ଶବରଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ଚାଲିଥିବା ସେ କହିଛନ୍ତି। ଜି. ଉଦୟଗିରି ଏସ୍‌ଡିପିଓ ଡି. ତିରୁପତି ରାଓ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସ୍ୱାଗତିକାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

## କେବଳ ହତାଶ

**ଆଜିର ମନ୍ତବ୍ୟ**

"ଭାରତର ଗଣତନ୍ତ୍ର ସବୁଠୁ ଗତିଶୀଳ ଓ ଜୀବନ୍ତ। ସେଥିପାଇଁ ଦେଶର ସ୍ୱର ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି।
-ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

# ରାଜ୍ୟରେ ଖୋଲିବ ୩୬ ନୂଆ ଥାନା

## ■ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
## ■ ପରିଚାଳନା ପାଇଁ ୫୬୩ ନୂଆ ପଦବୀ ସୃଷ୍ଟି

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ବର୍ଦ୍ଧିତ ଜନସଂଖ୍ୟା ଏବଂ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଉ ୩୬ଟି ନୂଆ ଥାନା ଖୋଲିବ। ଏହି ପ୍ରସ୍ତାବକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହି ଥାନାଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅନୁଗୋଳର ବାଗେଡିଆ ଓ ଗୋପାଳପ୍ରସାଦ, ବାଲେଶ୍ୱରର ଗୋପାଳପୁର ଓ ଅନନ୍ତପୁର, ବରଗଡ଼ର ବରଗଡ ଗ୍ରାମାଞ୍ଚଳ, ବ୍ରହ୍ମପୁରର ନିମଖଣ୍ଡି, ବଲାଙ୍ଗୀରର ଲକ୍ଷ୍ମୀଜୋର ଓ ଆଗଲପୁର, ବଉଦର ଘଣ୍ଟାପଡ଼ା, ଭୁବନେଶ୍ୱର କମିଶନରେଟ୍‌ର ମୈତ୍ରୀ ବିହାର, କଟକ ଗ୍ରାମାଞ୍ଚଳର ମାଣିଆବନ୍ଧ, ଜୋବ୍ରା ଓ ଭଦ୍ରେଶ୍ୱର, ଦେବଗଡ଼ର ଲଇମୁରାରେ ନୂଆ ଥାନା ଖୋଲିବ। ସେହିପରି ଢେଙ୍କାନାଳର ମହାବୀର ରୋଡ୍, ଗଞ୍ଜାମର ବେଗୁନିଆପଡ଼ା ଓ କୋଟିନଡ଼ା, ଜଗତ୍‌ସିଂହପୁରର କୃଷ୍ଣନନ୍ଦପୁର, ଯାଜପୁରର ଅଳକୁଣ୍ଡ, ☞ପୃଷ୍ଠା–୪










### ଆଜି ଭାରତ ଆସିବେ ୟୁଏନ୍‌ଜିଏ ଅଧ୍ୟକ୍ଷ



ଜାତିସଂଘ ସାଧାରଣ ସଭା(ୟୁଏନ୍‌ଜିଏ) ଅଧ୍ୟକ୍ଷ ଅବଦୁଲ୍ଲା ଶାହିଦ୍ ରବିବାର ଦୁଇ ଦିନିଆ ଭାରତ ଗସ୍ତରେ ଆସିବେ। ଅବଦୁଲ୍ଲା ବରିଷ୍ଠ ଅଧିକାରୀଙ୍କୁ ସାକ୍ଷାତ କରି ସମ୍ପ୍ରତି ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ମାଲଦ୍ୱୀପର ବହିର୍ବ୍ୟାପାର ମନ୍ତ୍ରୀ ଥିବା ୬୦ ବର୍ଷୀୟ ଅବଦୁଲ୍ଲା ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ୍ ଧନକର୍ ଏବଂ ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରାଙ୍କୁ ଭେଟିବେ। ଏହି ଗସ୍ତ ଖର୍ଚ୍ଚ ଭାରତ ସରକାର ଏବଂ ସାଧାରଣ ସଭା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ(ଓପିଜିଏ) ବହନ କରିବ।

## ସଂକ୍ଷେପରେ

### ୨୦ ଚାଷୀଙ୍କ ସହ ଟ୍ରାକ୍ଟର ଟ୍ରଲି ନଦୀକୁ ଖସିଲା

**ହାର୍ଦୋଇ,୨୭।୮ (ପି.ଟି.):** ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଟ୍ରଲି ଶନିବାର ସକାଳେ ଉତ୍ତରପ୍ରଦେଶର ହାର୍ଦୋଇ ଜିଲା ଅନ୍ତର୍ଗତ ଏକ ନଦୀ ମଧ୍ୟକୁ ଖସିପଡ଼ିଛି। ସେମାନଙ୍କ ମଧ୍ୟରୁ ୧୩ ଜଣ ଚାଷୀ ପହଁରି ପହଁରି କୂଳକୁ ଚାଲିଆସିଥିବାବେଳେ ଅନ୍ୟମାନଙ୍କୁ ଖୋଜା ଚାଲିଛି। ୧୦ରୁ ଅଧିକ ନିଖୋଜ ଥିବା ଜିଲାପାଳ ଅବିନାଶ କୁମାର କହିଛନ୍ତି।

### ୩ ଅଫିସରଙ୍କ ଘରୁ ୪ କୋଟି ଜବତ

**ପାଟନା,୨୭।୮:** ବିହାରର ୩ ଜଣ ସରକାରୀ ଅଧିକାରୀଙ୍କ ଘର ଉପରେ ଭିଜିଲାନ୍ସ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଭିଆଇବି) ଚଢ଼ାଉ କରି ୪ କୋଟିରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରିଛି। କିଶନଗଞ୍ଜ ପୂର୍ତ୍ତ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ୍ କୁମାର ରାୟ୍, ଜଣେ ଜୁନିୟର ଇଞ୍ଜିନିୟର ଏବଂ କ୍ୟାସିୟରଙ୍କ ଘରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। କ୍ୟାସିୟରଙ୍କୁ ଘରୁ ୩ କୋଟିରୁ ଅଧିକ ଟଙ୍କା ମିଳିଥିବା ବେଳେ ସଞ୍ଜୟଙ୍କ ପାଟନା ବାସଭବନରୁ ୧ କୋଟି ନଗଦ ଅର୍ଥ ମିଳିଛି।

### ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ନ ଥିବା ୪୭ ଫାଇଲ ଫେରାଇଲେ ଦିଲ୍ଲୀ ଉପରାଜ୍ୟପାଳ

**ନୂଆଦିଲ୍ଲୀ,୨୭।୮:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସ୍ୱାକ୍ଷର କରି ନ ଥିବା ୪୭ଟି ଫାଇଲକୁ ଉପରାଜ୍ୟପାଳଙ୍କ ସଚିବାଳୟ ଫେରାଇ ଦେଇଛି। ଉକ୍ତ ଫାଇଲଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ସ୍ୱାକ୍ଷର କରିଥିଲେ। ଫାଇଲରେ ସ୍ୱାକ୍ଷର ନ କରିବା ଦ୍ୱାରା ନିୟମାବଳୀର ଉଲ୍ଲଂଘନ ହେଉଥିବା ଉପରାଜ୍ୟପାଳ ଭି.କେ. ସାକ୍ସେନା ଗତ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପତ୍ର ଲେଖି ଜଣାଇଥିଲେ। ଏହା ସତ୍ତ୍ୱେ ସିଏମ୍‌ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ବିନା ଫାଇଲ ପଠାଇବାରୁ ସେଗୁଡ଼ିକୁ ଫେରାଇ ଦିଆଯାଇଛି।

### ବନ୍ୟାରେ ପାକିସ୍ତାନର ୪ ବିଲିୟନ ଡଲାର କ୍ଷତି

**କରାଚୀ, ୨୭।୮:** ଲଗାଣ ବର୍ଷା ଯୋଗୁ ପାକିସ୍ତାନରେ ଚଳିତ ବର୍ଷ ଭୟଙ୍କର ବନ୍ୟା ହୋଇଛି। ଏଥିଯୋଗୁ ପାକ୍ ଅର୍ଥନୀତି ବିପୁଳ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାଜନିତ କ୍ଷୟକ୍ଷତି ୪ ବିଲିୟନ ଡଲାରରୁ ଅଧିକ ହୋଇପାରେ ବୋଲି ଆକଳନ କରାଯାଇଛି। ବିଶେଷକରି ସିନ୍ଧ ଏବଂ ବାଲୁଚିସ୍ତାନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଜୁନ୍‌ରୁ ଅଦ୍ୟାବଧି ପ୍ରାୟ ୧ ହଜାର ଲୋକଙ୍କ ଜୀବନ ଯାଇଛି। ପାକ୍ ସରକାର ଉଦ୍ଧାର କାର୍ଯ୍ୟରେ ସେନା ମୁତୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିଆଯାଇଛି। କ୍ଷୟକ୍ଷତି ରୋକିବା ଦିଗରେ ପଦକ୍ଷେପ ନିଆ ନ ଗଲେ ଦେଶର ଚଳନ୍ତି ବିତ୍ତୀୟ ନିଅଣ୍ଟ ୪.୪ ବିଲିୟନ ଡଲାରକୁ ବୃଦ୍ଧିପାଇପାରେ ବୋଲି ଜେଏସ୍ ଗ୍ଲୋବାଲ ରିସର୍ଚ୍ଚ ଆକଳନ କରିଛି, ଯାହା କି ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୧ ପ୍ରତିଶତ।

### ୟୁକ୍ରେନ୍ ଛାଡ଼ି ରୁଷିଆ ଆସିଲେ ମିଳିବ ଆର୍ଥିକ ସହାୟତା: ପୁଟିନ୍

**ମସ୍କୋ,୨୭।୮:** ୟୁକ୍ରେନ୍ ଛାଡ଼ି ରୁଷିଆ ଆସୁଥିବା ଲୋକଙ୍କୁ ଆର୍ଥିକ ସହାୟତା ଦିଆଯିବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକ ନୀତିରେ ହସ୍ତାକ୍ଷର କରିଛନ୍ତି। ଏହା ଦ୍ୱାରା ଗର୍ଭବତୀ ଓ ଦିବ୍ୟାଙ୍ଗମାନେ ବିଶେଷକରି ଲାଭବାନ୍ ହେବେ। ଫେବୃୟାରୀ ୧୮ ପରଠାରୁ ଯେଉଁବ୍ୟକ୍ତିଙ୍କୁ ୟୁକ୍ରେନ୍ ଛାଡ଼ିବା ପାଇଁ ବାଧ କରାଯାଇଛି ସେମାନଙ୍କୁ ମାସିକ ୧୦ ହଜାର ରୁବେଲ୍ସ ଦିଆଯିବ। ସମାନ ପରିମାଣର ଅର୍ଥ ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ମିଳିବ।

# ତାଇୱାନ-ଆମେରିକା ଯୁଦ୍ଧାସ୍ତ୍ର ଡିଲ୍

- ୪.୫ କୋଟି ଡଲାରର ୬ ବର୍ଷିଆ ଚୁକ୍ତି
- ଆପାଚି, ବ୍ଲାକ୍‌ହକ୍ ହେଲିକପ୍ଟର ସାମିଲ

**ତାଇପେଇ, ୨୭।୮**



ଚାଇନା-ତାଇୱାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ଆମେରିକା ଏହି ଦ୍ୱୀପରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧବାହନ ଦେବାକୁ ଚୁକ୍ତି କରିଛି। ତାଇୱାନ ଏବଂ ଆମେରିକା ମଧ୍ୟରେ ୪.୫ କୋଟି ଡଲାରର ଡିଲ୍ ୬ ବର୍ଷ ପାଇଁ ସ୍ୱାକ୍ଷରିତ ହୋଇଛି। ଅର୍ଥାତ୍ ୨୦୨୮ ପର୍ଯ୍ୟନ୍ତ ୱାଶିଂଟନ୍ ତାଇପେଇକୁ ଗୋଳାବାରୁଦ ସହ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଯୋଗାଇବ। ଏଥିରେ ଆପାଚି ଏବଂ ବ୍ଲାକ୍ ହକ୍ ହେଲିକପ୍ଟର ସାମିଲ ରହିଛି। ଏ ନେଇ ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଥିବା ତାଇପେଇ ଟାଇମ୍ସରେ ରିପୋର୍ଟ ପ୍ରକାଶ ପାଇଛି।

ଅଗଷ୍ଟ ୩ରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ଏହି ସ୍ୱୟଂଶାସିତ ରାଷ୍ଟ୍ରକୁ ନିଜର ଦାବି କରିଆସୁଥିବା ଚାଇନା ଆକ୍ରମଣାତ୍ମକ ହୋଇପଡ଼ିଛି। ତାଇୱାନ ପ୍ରଣାଳୀ ନିକଟରେ ସମରାଭ୍ୟାସ ପରେ ଚାଇନାର ଯୁଦ୍ଧଜାହାଜ ବାରମ୍ବାର ତାଇପେଇ ସୀମା ଟପୁଛି। ଶକ୍ତିଶାଳୀ ଚାଇନାର ମୁକାବିଲା ପାଇଁ ତାଇୱାନ ନିଜ ପ୍ରତିରକ୍ଷା ଶକ୍ତି ବୃଦ୍ଧି କରୁଛି। ଏହା ଭିତରେ ଗତ ସପ୍ତାହରେ ତାଇୱାନରେ ଆମେରିକାନ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ତାଇପେଇ ସେନା ମଧ୍ୟରେ ଉପରୋକ୍ତ ଡିଲ୍ ହୋଇଛି। ଆସନ୍ତା ଡିସେମ୍ବରରୁ ୨୦୨୮ ଡିସେମ୍ବର ପର୍ଯ୍ୟନ୍ତ ଆମେରିକା ତାଇୱାନକୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଯୋଗାଇବ। ପ୍ରତିରକ୍ଷା ସାମଗ୍ରୀ, ଏନର୍ଜି ଏବଂ ଅନ୍ୟ ସମ୍ବଳ ଆମଦାନୀରେ ବାଧା ଉପୁଯାଇ ଚାଇନା ତାଇୱାନର ସାମରିକ ଶକ୍ତିକୁ ଦୁର୍ବଳ କରିଦେବା ଉଦ୍ୟମ କରିପାରେ। ତେଣୁ ତାଇପେଇ ଏପରି ହେବା ପୂର୍ବରୁ ନିଜକୁ ଚାଇନା ସହ ମୁକାବିଲା ପାଇଁ ପ୍ରସ୍ତୁତ ରଖିବାକୁ ପଦକ୍ଷେପ ନେଉଛି। ଅତ୍ୟାଧୁନିକ ସେନା ହେଲିକପ୍ଟରରେ ପର୍ଯ୍ୟାପ୍ତ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧବାହନଗୁଡ଼ିକର ସ୍ପେୟାର ପାର୍ଟ୍‌ସ ଆଦି ମହଜୁଦ ରଖିବା ନିମନ୍ତେ ତାଇୱାନ ଯୋଜନା କରିଛି। ସେହିପରି ସମସ୍ତ ସୈନ୍ୟବାହିନୀଙ୍କୁ ପର୍ଯ୍ୟାପ୍ତ ଯୁଦ୍ଧାସ୍ତ୍ର ଯୋଗାଇଦେବା ନିମନ୍ତେ ୱାଶିଂଟନ୍ ଓ ତାଇପେଇ ମଧ୍ୟରେ ଅଧିକ ଚୁକ୍ତି ହେବା ନେଇ ଆଲୋଚନା ଜାରି ରହିଛି। ୨୦୧୭ରୁ ଆମେରିକା ତାଇୱାନକୁ ଯୁଦ୍ଧାସ୍ତ୍ର ଯୋଗାଣ ପାଇଁ ୧୮ ବିଲିୟନ ଡଲାରର ଚୁକ୍ତି କରିଛି।

## ଚାଇନା ପାଇଁ ଦ୍ୱୈତ ସମସ୍ୟା ସୃଷ୍ଟି କରିବ ଭାରତ

**ୱାଶିଂଟନ୍, ୨୭।୮**



ମାଇକ୍ ଗିଲ୍‌ଡେ

ଭବିଷ୍ୟତରେ ଚାଇନା ସହ ମୁକାବିଲାରେ ଭାରତ ଆମେରିକାର ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ହେବ। ବେଜିଂକୁ ପ୍ରତିହତ କରିବା ଦିଗରେ ନୂଆଦିଲ୍ଲୀ ପ୍ରମୁଖ ଭୂମିକା ନିଭାଇବ ବୋଲି ଆମେରିକା ନୌସେନାର ଅପରେଶନ ମୁଖ୍ୟ ମାଇକ୍ ଗିଲ୍‌ଡେ କହିଛନ୍ତି। ୱାଶିଂଟନ୍‌ରେ ଆୟୋଜିତ ଏକ ସେମିନାରରେ ଭାଗ ନେଇ ଗିଲ୍‌ଡେ୍ କହିଛନ୍ତି, ଚାଇନା ତାଇୱାନ ଆଡ଼କୁ ବଢ଼ିଲେ ଆମେରିକା ଏବଂ ଜାପାନ ପୂର୍ବରୁ ପ୍ରତିରୋଧ ପାଇଁ ପ୍ରସ୍ତୁତ ଅଛନ୍ତି। ଏଥିସହ ଭାରତ ଓ ଚାଇନା ମଧ୍ୟରେ ସୀମା ସଂଘର୍ଷ ବେଜିଂ ପାଇଁ ଦ୍ୱୈତ ସମସ୍ୟା ସୃଷ୍ଟି କରିବ। ଅନ୍ୟ ଦେଶ ତୁଳନାରେ ସେ ଭାରତକୁ ଅଧିକ ଗସ୍ତ କରିଛନ୍ତି। କାରଣ ନୂଆଦିଲ୍ଲୀ ଆମେରିକା ପାଇଁ ଏକ ବଡ଼ ରଣନୈତିକ ସହଯୋଗୀ। ଭାରତ ମହାସାଗର ଏବେ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଛି। ନିକଟରେ ଭାରତ ଓ ଚାଇନା ମଧ୍ୟରେ ସୀମାରେ ସଂଘର୍ଷ ରଣନୈତିକ ଦୃଷ୍ଟିରୁ ଆମେରିକା ପାଇଁ ଗୁରୁତ୍ୱପୂର୍ଣ୍ଣ। ଗତ ଜୁନ୍‌ରେ ଜାପାନରେ ଅନୁଷ୍ଠିତ କ୍ୱାଡ୍ ବୈଠକରେ ପେଣ୍ଟାଗନ୍‌ର ପୂର୍ବତନ ଅଧିକାରୀ ଏଲ୍‌ବ୍ରିଜ୍ କୋଲ୍‌ବି କହିଥିଲେ, ତାଇୱାନ ଉପରେ ଚାଇନା ଆକ୍ରମଣ କଲେ ଭାରତ ସିଧାସଳଖ ଏହି ଯୁଦ୍ଧକୁ ଓହ୍ଲାଇବ ନାହିଁ। କିନ୍ତୁ ଭାରତ ଏହାର ଲଦାଖ ଫ୍ରଣ୍ଟକୁ ଖୋଲିବ। ଫଳରେ ବେଜିଂ ଏକାସଙ୍ଗେ ଦୁଇଟି ଯୁଦ୍ଧ ସ୍ଥିତିର ସାମ୍ନା କରିବ। ଏଥିସହ ଲଦାଖ ଭଳି ଥଣ୍ଡା ପରିବେଶରେ ଲଢ଼ିବା ମଧ୍ୟ ଚାଇନା ପାଇଁ ସହଜ ହେବ ନାହିଁ ବୋଲି ସେ କହିଥିଲେ।



ଅହମଦାବାଦ ସହରରେ ସାବରମତି ନଦୀ ଉପରେ ନିର୍ମିତ ଅଟଳ ବ୍ରିଜ୍।

## ସାବରମତି ନଦୀରେ ଅଟଳ ବ୍ରିଜ୍ ଉଦ୍‌ଘାଟନ କଲେ ମୋଦି

**ଅହମଦାବାଦ,୨୭।୮ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଗୁଜରାଟର ଅହମଦାବାଦ ସହରରେ ସାବରମତି ନଦୀ ଉପରେ ଅଟଳ ବ୍ରିଜ୍‌କୁ ଉଦ୍‌ଘାଟନ କରିଛନ୍ତି। ୩୦୦ ମିଟର ଲମ୍ବ ଓ ୧୪ ମିଟର ପ୍ରସ୍ଥ ବିଶିଷ୍ଟ ଏହି ଫୁଟ୍ ଓଭରବ୍ରିଜ୍ ସାବରମତି ନଦୀର ପଶ୍ଚିମ ପାର୍ଶ୍ୱରେ ଥିବା ପୁଷ୍ପ ଉଦ୍ୟାନକୁ ପୂର୍ବ ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା କଳା ଓ ସଂସ୍କୃତି କେନ୍ଦ୍ର ସହ ସଂଯୋଗ କରିବ। ଉଦ୍‌ଘାଟନ ଅବସରରେ ବ୍ରିଜ୍‌କୁ ଉଜ୍ଜ୍ୱଳ ଏଲଇଡି ଆଲୋକମାଳାରେ ସଜାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ ଉକ୍ତ ବ୍ରିଜ୍ ନଦୀର ପୂର୍ବ ଓ ପଶ୍ଚିମ ପାର୍ଶ୍ୱକୁ ସଂଯୋଗ କରିବ। ଏହାର ନିର୍ମାଣରେ ୨,୬୦୦ ଟନ୍ ଇସ୍ପାତ ପାଇପ ବ୍ୟବହାର ହୋଇଥିବାବେଳେ ଛାତ ରଙ୍ଗୀନ ଫାବ୍ରିକ୍‌ରେ ଏବଂ ରେଲିଂ କାଚ ଓ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ନିର୍ମାଣ କରାଯାଇଛି।

## ବୋମାଇ ସରକାର ଦୁର୍ନୀତିଗ୍ରସ୍ତ

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୧୩ ହଜାର ସ୍କୁଲ

**ବେଙ୍ଗାଲୁରୁ, ୨୭।୮**

କର୍ଣ୍ଣାଟକର ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ଭାଜପା ସରକାର ଦୁର୍ନୀତିରେ ବୁଡ଼ିରହିଛି। ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ୧୩ ହଜାର ସ୍କୁଲକୁ ନେଇ ଗଠିତ ୨ଟି ସଙ୍ଗଠନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ପ୍ରମାଣପତ୍ର ଦେବାକୁ ରାଜ୍ୟ ଶିକ୍ଷା ବିଭାଗ ଲାଞ୍ଚ ଦାବି କରୁଥିବା ଆସୋସିଏଟେଡ୍ ମ୍ୟାନେଜମେଣ୍ଟ୍‌ସ ଅଫ୍ ପ୍ରାଇମେରି ଆଣ୍ଡ୍ ସେକେଣ୍ଡାରୀ ସ୍କୁଲ୍‌ସ ଏବଂ ରେଜିଷ୍ଟର୍‌ଡ ଅନ୍‌ଏଡେଡ୍ ପ୍ରାଇଭେଟ୍ ସ୍କୁଲ୍‌ସ ମ୍ୟାନେଜମେଣ୍ଟ ଆସୋସିଏଶନ ପକ୍ଷରୁ ଅଭିଯୋଗ ହୋଇଛି। ଅଣ ଅନୁଦାନପ୍ରାପ୍ତ ଘରୋଇ ସ୍କୁଲଗୁଡ଼ିକ ପାଇଁ ବେଆଇନ ଭାବେ ଅଯୌକ୍ତିକ ଏବଂ ଭେଦଭାବକାରୀ ନିୟମ ଅଣାଯାଉଛି। ଏ ଦିଗରେ ସରକାର ବ୍ୟାପକ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ବହୁବାର ଅଭିଯୋଗ ସତ୍ତ୍ୱେ ତାହାକୁ ଅଣଦେଖା କରାଯାଉଛି। ତେଣୁ ଶିକ୍ଷାମନ୍ତ୍ରୀ ବି. ସି. ନାଗେଶ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସଙ୍ଗଠନଗୁଡ଼ିକ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ କର୍ଣ୍ଣାଟକ ଶିକ୍ଷା ବିଭାଗରେ ଏସବୁ ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦେବାକୁ ସ୍କୁଲଗୁଡ଼ିକ ଦାବି କରିଛନ୍ତି।

## ଗୋଆ କ୍ଲବ୍ ମାଲିକ, ଡ୍ରଗ୍ ଡିଲର ଗିରଫ

### ସୋନାଲି ଫୋଗଟ୍ ମୃତ୍ୟୁ ଘଟଣା

**ପଣଜୀ,୨୭।୮**



ହରିୟାଣାର ଭାଜପା ନେତ୍ରୀ ସୋନାଲି ଫୋଗଟ୍ ମୃତ୍ୟୁ ମାମଲାରେ ଗୋଆ ପୋଲିସ ଶନିବାର ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟରେ ସୋନାଲିଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବା ଜଣାପଡିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ତାଙ୍କ ସହ ଯାଇଥିବା ଦୁଇ ସହଯୋଗୀ ସୁଧୀର ସଗ୍ୱାନ ଏବଂ ସୁଖୱିନ୍ଦର ସିଂଙ୍କୁ ଗିରଫ କରିଥିଲା। ସେମାନେ ଅଭିନେତ୍ରୀଙ୍କୁ ପାନୀୟରେ ଡ୍ରଗ୍ସ ଦେଇଥିବା ସ୍ୱୀକାର କରିଥିଲେ। ସୋନାଲିଙ୍କ ମୃତ୍ୟୁର ପୂର୍ବ ରାତିରେ କର୍ଲି ରେଷ୍ଟୁରାଣ୍ଟରେ ସେମାନେ ପାର୍ଟି କରିଥିବା ଦେଖାଯାଇଥିଲା। ଶନିବାର ରେଷ୍ଟୁରାଣ୍ଟ ମାଲିକ ଏଡ୍‌ୱିନ ନୁନ୍‌ସ ଏବଂ ଡ୍ରଗ୍ସ ଡିଲର ଦତ୍ତପ୍ରସାଦ ଗାଓଙ୍କରଙ୍କୁ ଗିରଫ କରାଯାଇଛି। ଶନିବାର ସୁଧୀର ଓ ସୁଖୱିନ୍ଦରଙ୍କୁ ୧୦ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି।

## ବିଲ୍‌କିସ୍‌ଙ୍କ ଅପରାଧୀଙ୍କୁ ଛାଡ଼ିଦେବା ଗର୍ହିତ ଭୁଲ୍

### ସିଜେଆଇଙ୍କୁ ପତ୍ର ଲେଖିଲେ ୧୩୪ ପୂର୍ବତନ ପ୍ରଶାସନିକ ଅଧିକାରୀ

**ନୂଆଦିଲ୍ଲୀ,୨୭।୮**



ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ଗଣବଳାତ୍କାର ଓ ହତ୍ୟା ମାମଲାରେ ୧୧ ଜଣ ଅପରାଧୀଙ୍କୁ ମୁକ୍ତ କରିଦେବା ଗର୍ହିତ ଭୁଲ ନିଷ୍ପତ୍ତି। ୧୩୪ ଜଣ ପୂର୍ବତନ ପ୍ରଶାସନିକ ଅଧିକାରୀ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ପତ୍ର ଲେଖି ଏହା ଜଣାଇଛନ୍ତି। ସେମାନଙ୍କୁ କ୍ଷମା ଦେବା ପାଇଁ ଗୁଜରାଟ ସରକାର ନେଇଥିବା ନିଷ୍ପତ୍ତିକୁ ରଦ୍ଦ କରାଯିବା ସହ ୧୧ ଅପରାଧୀଙ୍କୁ ଆଜୀବନ ଦଣ୍ଡ ଦେବା ଲାଗି ଜେଲ୍‌କୁ ଫେରାଇ ଆଣିବାକୁ ପୂର୍ବତନ ବ୍ୟୁରୋକ୍ରାଟମାନେ ସିଜେଆଇଙ୍କୁ ନିବେଦନ କରିଛନ୍ତି। ଭାରତ ସ୍ୱାଧୀନତାର ୭୫ତମ ବାର୍ଷିକୀ ପାଳନ ଅବସରରେ ଅପରାଧୀମାନଙ୍କୁ ମୁକ୍ତ କରିଦେବା ଲାଗି ଗୁଜରାଟ ସରକାରଙ୍କ ନିଷ୍ପତ୍ତି ଦେଶର ସଂଖ୍ୟାଧିକ ଲୋକଙ୍କୁ ଚକିତ କରିଛି। ସିଜେଆଇଙ୍କୁ ପତ୍ର ଲେଖିଥିବା ଅଧିକାରୀଙ୍କ ମଧ୍ୟରେ ଦିଲ୍ଲୀର ପୂର୍ବତନ ଉପରାଜ୍ୟପାଳ ନଜୀବ ଜଙ୍ଗ୍, ପୂର୍ବତନ କ୍ୟାବିନେଟ ସଚିବ କେ.ଏମ୍. ଚନ୍ଦ୍ରଶେଖର, ପୂର୍ବତନ ବହିର୍ବ୍ୟାପାର ସଚିବ ଶିବଶଙ୍କର ମେନନ, ସୁଜାଥା ସିଂ, ପୂର୍ବତନ ସ୍ୱରାଷ୍ଟ୍ର ସଚିବ ଜି.କେ. ପିଲାଇ ପ୍ରମୁଖ ରହିଛନ୍ତି। ଅପରାଧୀଙ୍କୁ ମୁକ୍ତ କରାଯିବା ବିରୋଧରେ ଏକାଧିକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଗତ ୨୫ ତାରିଖରେ କେନ୍ଦ୍ର ଓ ଗୁଜରାଟ ସରକାରଙ୍କୁ ଜବାବ ମାଗିଥିଲେ।

# ଚାଇନା ବହିରେ ଆମେରିକା କାର୍ଟୁନ୍

**ବେଜିଂ, ୨୭।୮**



ଚାଇନାର ପ୍ରାଥମିକ ସ୍କୁଲଗୁଡ଼ିକରେ ପ୍ରଚଳିତ ପାଠ୍ୟପୁସ୍ତକରୁ କମ୍ୟୁନିଷ୍ଟ ସରକାର କେତେକ ନିର୍ଦ୍ଦିଷ୍ଟ କାର୍ଟୁନ୍‌କୁ ହଟାଇ ଦେଇଛନ୍ତି। ମୂଳ କର୍ଟୁନ୍‌ଗୁଡ଼ିକ ଅନେକ ବର୍ଷ ଧରି ପଢ଼ାବହିରେ ଛପାଯାଉଥିଲେ ହେଁ ଗତ ମେ’ରେ ଦେଶର ସରକାରୀ ଗଣମାଧ୍ୟମ ଗ୍ଲୋବାଲ୍ ଟାଇମ୍ସ ସେ ସବୁକୁ ହଠାତ୍ ଅସୁନ୍ଦର, ବର୍ଣ୍ଣଭେଦୀ, ଅଜବ ଓ ଅଶ୍ଳୀଳ ବୋଲି ଦର୍ଶାଇଛନ୍ତି। ସେ ସମୟରେ ପ୍ରକାଶକ କ୍ଷମା ମାଗିବା ସହ କାର୍ଟୁନ୍ ପୁନଃ ଅଙ୍କନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନେକ ହଜାର ପୁସ୍ତକର ସମୀକ୍ଷା ପରେ କାର୍ଟୁନ୍ ଆଙ୍କିଥିବା କଳାକାର ଓ ଛାପିଥିବା ପ୍ରକାଶକଙ୍କଠାରୁ ଜରିମାନା ଆଦାୟ ସହ ଚାକିରିରୁ ହଟାଇ ଦିଆଯାଇଛି। ଗ୍ଲୋବାଲ୍ ଟାଇମ୍ସ ମତରେ କେତେକ ଚିତ୍ରରେ ଥିବା ବାଳିକା, ବାଳକମାନେ ଆମେରିକାର ଜାତୀୟ ପତାକା ସଦୃଶ ପୋଷାକ ପରିଧାନ କରି ହାତର ଅଙ୍ଗୁଳି ଉପରକୁ ଟେକିଛନ୍ତି। ଏଭଳି ହାବଭାବ ଚାଇନାବାସୀଙ୍କ ପ୍ରତି ଘୋର ଅପମାନ ବୋଲି ଗ୍ଲୋବାଲ ଟାଇମ୍ସ ସମାଲୋଚନା କରିଛି।

# ହୋଇପାରିଲାନି ସାମୁଦ୍ରିକ ଜୀବନ ରକ୍ଷା ଚୁକ୍ତିନାମା

**ଜାତିସଂଘ, ୨୭।୮**



ସାମୁଦ୍ରିକ ଜୀବନ ରକ୍ଷା ନିମନ୍ତେ ଜାତିସଂଘ ପକ୍ଷରୁ ପ୍ରସ୍ତୁତ ଏକ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବାରେ ବିଭିନ୍ନ ରାଷ୍ଟ୍ରର କୂଟନୀତିଜ୍ଞମାନେ ବିଫଳ ହୋଇଛନ୍ତି। ୨ ସପ୍ତାହ ଧରି ଏହା ଉପରେ ଆଲୋଚନା ସତ୍ତ୍ୱେ ଶନିବାର ନ୍ୟୁୟର୍କ ସ୍ଥିତ ଜାତିସଂଘ ମୁଖ୍ୟାଳୟରେ ୫ମ ପର୍ଯ୍ୟାୟ ବୁଝାମଣା ବାତିଲ ହୋଇଛି। ପ୍ରସ୍ତାବିତ ଡିଲ୍‌ରେ ସାମୁଦ୍ରିକ ଅଞ୍ଚଳରେ ବାସ କରୁଥିବା ଜୀବଜଗତର ଦୁଇ-ତୃତୀୟାଂଶଙ୍କୁ ସୁରକ୍ଷା ଯୋଗାଇବା ନିମନ୍ତେ ବିଭିନ୍ନ ନିୟମ ରଖାଯାଇଥିଲା। ସେମାନଙ୍କୁ ମନୁଷ୍ୟକୃତ କାର୍ଯ୍ୟକଳାପରୁ ଦୂରେଇ ରଖାଯିବା, ସ୍ୱଳ୍ପ ଆୟକାରୀ ଦେଶକୁ ମହାସାଗର ଅନ୍ୱେଷଣରେ ସହାୟତା ଯୋଗାଯିବା ସହ ଜଳଜୀବଙ୍କ ସୁରକ୍ଷା ଦିଗରେ ତାଲିମ ପ୍ରଦାନ ଆଦି ଏଥିରେ ଅନ୍ତର୍ଭୁକ୍ତ ଥିଲା। କୌଣସି ନିଷ୍କର୍ଷରେ ଏହି ଚୁକ୍ତି ପହଞ୍ଚି ନ ପାରିବାକୁ ନେଇ ପରିବେଶବିତ୍ ଏବଂ ଜଳବାୟୁ ସୁରକ୍ଷା ଅଭିଯାନରେ ସାମିଲ କର୍ମୀମାନେ ନିରାଶ ହୋଇଛନ୍ତି। ଗ୍ରୀନ୍ ପିସ୍‌ର ସମୁଦ୍ର ସୁରକ୍ଷା କ୍ୟାମ୍ପେନ୍ ଚଳାଉଥିବା ଲୌରା ମିଲର ଚୁକ୍ତି ଧିମେଇବା ପାଇଁ ଆମେରିକା ସମେତ ଧନୀ ରାଷ୍ଟ୍ରଗୁଡ଼ିକୁ ଦାୟୀ କରିଛନ୍ତି। ଚୁକ୍ତିନାମା ପ୍ରକ୍ରିୟାରେ ଭାଗ ନେବାକୁ ମନା କରିଦେଇଥିବା ଏବଂ ୟୁରୋପୀୟ ସଂଘ ଓ ରାଷ୍ଟ୍ରଗୁଡ଼ିକ ସହ ଆପୋସ ବୁଝାମଣା କରିବାକୁ ରାଜି ନ ଥିବା ରୁଷିଆ ମଧ୍ୟ ଏହି ପ୍ରଚେଷ୍ଟା ସଫଳ ନ ହେବା ପାଇଁ ଦାୟୀ ବୋଲି ସେ କହିଛନ୍ତି। ୨୦୨୨ ଶେଷ ପୂର୍ବରୁ କୌଣସି ସ୍ୱତନ୍ତ୍ର ଜରୁରିକାଳୀନ ଅଧିବେଶନ ଡକା ନ ଗଲେ ଜାତିସଂଘରେ ଏହି ଆଲୋଚନା ପୁଣି ଆଗେଇବ ବୋଲି ଜଣାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୫୨,୪୨,୩୬୮ | ୬୪,୮୬,୪୩୨ | ୫୮,୦୧,୯୫,୨୩୭ |
| ଭାରତ | ୪,୪୩,୯୮,୬୯୬ | ୫,୨୭,୫୯୭ | ୪,୩୭,୮୩,୬୮୮ |
| ଓଡ଼ିଶା | ୧୩,୨୬,୬୭୨ | ୯୧୭୧(+୫୩) | ୧୩,୧୫,୪୫୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ରାଷ୍ଟ୍ରପତି ଭବନରେ ଶନିବାର ୪୯ତମ ପ୍ରଧାନ ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଳିତଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଉଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

# ଶପଥ ନେଲେ ନୂଆ ସିଜେଆଇ

**ନୂଆଦିଲ୍ଲୀ,୨୭।୮ (ପି.ଟି.)**

ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଳିତ ଶନିବାର ଭାରତର ୪୯ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଥିଲେ। ଏଥିପାଇଁ ରାଷ୍ଟ୍ରପତି ଭବନରେ ଏକ ନିରାଡ଼ମ୍ବର ଉତ୍ସବର ଆୟୋଜନ ହୋଇଥିଲା। ସିଜେଆଇ ଭାବେ ଜଷ୍ଟିସ ଲଳିତଙ୍କ କାର୍ଯ୍ୟକାଳ ୭୪ ଦିନ ହୋଇଥିବାବେଳେ ସେ ନଭେମ୍ବର ୮ରେ ଅବସର ଗ୍ରହଣ କରିବେ। ବାର୍‌ରୁ ସିଧାସଳଖ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହୋଇ ସିଜେଆଇ ଭାବେ ଅବସ୍ଥାପିତ ହେବାରେ ଜଷ୍ଟିସ ଲଳିତ ଦ୍ୱିତୀୟ ଆଇନଜୀବୀ। ୧୯୭୧ ଜାନୁୟାରୀରେ ଜଷ୍ଟିସ ଏସ୍.ଏମ୍. ସିକ୍ରି ତ୍ରୟୋଦଶ ସିଜେଆଇ ହୋଇଥିଲେ। ସେ ପ୍ରଥମ ଆଇନଜୀବୀ ଭାବେ ୧୯୬୪ ମାର୍ଚ୍ଚରେ ସିଧାସଳଖ ସୁପ୍ରିମକୋର୍ଟ ବିଚାରପତି ହୋଇଥିଲେ।

ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ଆଇନ ମନ୍ତ୍ରୀ କିରେନ ରିଜିଜୁଙ୍କ ସମେତ କେତେଜଣ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ବିଦାୟୀ ସିଜେଆଇ ଜଷ୍ଟିସ୍ ଏନ୍.ଭି. ରମନା ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ଶପଥ ନେବା ପରେ ଜଷ୍ଟିସ ଲଳିତ ତାଙ୍କର ୯୦ ବର୍ଷୀୟ ବାପା ତଥା ବମ୍ବେ ହାଇକୋର୍ଟର ପୂର୍ବତନ ବିଚାରପତି ଉମେଶ ରଙ୍ଗନାଥ ଲଳିତ ଓ ପରିବାରର ଅନ୍ୟ ବରିଷ୍ଠ ସଦସ୍ୟମାନଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ।

୨୦୧୪ ଅଗଷ୍ଟ ୧୩ରେ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହେବା ପୂର୍ବରୁ ଜଷ୍ଟିସ ଲଳିତ ଜଣେ ବରିଷ୍ଠ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ବିଚାରପତି ଭାବେ ସେ ତିନି ତଲାକ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାୟ ପ୍ରଦାନ କରିଛନ୍ତି। ମୁସଲମାନ ସମ୍ପ୍ରଦାୟରେ ବିବାହ ବିଚ୍ଛେଦ ଲାଗି ପ୍ରଚଳିତ ଥିବା ତିନି ତଲାକ ପ୍ରଥା ବେଆଇନ ଓ ଅସାମ୍ବିଧାନିକ ବୋଲି ଜଷ୍ଟିସ ଲଳିତ ତାଙ୍କ ରାୟରେ କହିଥିଲେ।

# ସିବିଆଇର ରିମାଣ୍ଡ ଆବେଦନ ଖାରଜ

## ପାରାଦୀପ ପୋର୍ଟ କନ୍‌ଭେୟର ବେଲ୍ଟ ଲାଞ୍ଚ କାରବାର ମାମଲା

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ପାରାଦୀପ ପୋର୍ଟ କନ୍‌ଭେୟର ବେଲ୍ଟ ଲାଞ୍ଚ କାରବାର ମାମଲାରେ ଗିରଫ ହୋଇଥିବା ଚର୍ଚ୍ଚିତ ମିଶ୍ରଙ୍କ ସମେତ ୬ ଅଭିଯୁକ୍ତଙ୍କ ରିମାଣ୍ଡ ଆବେଦନକୁ ଶନିବାର ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟ ଖାରଜ କରିଛନ୍ତି। ଚର୍ଚ୍ଚିତ ଓ ଅନ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ସେମାନଙ୍କ ଭଏସ୍ ଟେଷ୍ଟ କରିବା ଲାଗି ସିବିଆଇ ଚାହୁଁଥିବା ନେଇ କୋର୍ଟରେ ଶୁଣାଣି ସମୟରେ କହିଥିଲା। ହେଲେ ଚର୍ଚ୍ଚିତଙ୍କ ଓକିଲ ଏହାକୁ ବିରୋଧ କରିଥିଲେ। ଭଏସ୍ ଟେଷ୍ଟ ପାଇଁ ଯାହା ସବୁ ଆବଶ୍ୟକ ତାକୁ ସିବିଆଇ କୋର୍ଟରେ ଦାଖଲ କରି ନ ଥିବାରୁ ରିମାଣ୍ଡ ଆବେଦନକୁ ଖାରଜ କରିବାକୁ ଯୁକ୍ତି ବାଢ଼ିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସ୍ୱତନ୍ତ୍ର ଅଦାଲତ ଏଥିପାଇଁ ଅନୁମତି ଦେଇ ନ ଥିଲେ। ଏପରି କି ସିବିଆଇର ୨ ଦିନିଆ ରିମାଣ୍ଡ ଆବେଦନକୁ ମଧ୍ୟ ଖାରଜ କରି ଦେଇଛନ୍ତି। ଫଳରେ ଦ୍ୱିତୀୟ ଥର ପାଇଁ ସିବିଆଇର ଆବେଦନକୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। ସୂଚନାଯୋଗ୍ୟ କଟକର ଏକ ଘରୋଇ ସଂସ୍ଥା ପୋର୍ଟରେ କାର୍ଗୋ ଅନ୍‌ଲୋଡ ସମୟରେ କନ୍‌ଭେୟର ବେଲ୍ଟ କ୍ଷତିଗ୍ରସ୍ତ ହୋଇଥିଲା। ଏଥିପାଇଁ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ ହେବାକୁ ଥିବାରୁ ପୋର୍ଟର ଚିଫ୍ ମେକାନିକାଲ ଇଞ୍ଜିନିୟର ସରୋଜ ଦାସ ଲାଞ୍ଚ କାରବାର କରିଥିଲେ। ଲାଞ୍ଚ କାରବାର କଥା ସିବିଆଇ ଜାଣିବା ପରେ ଗତ ୪ତାରିଖ ରାତିରେ ୬ଟି ଟିମ୍ ପାରାଦୀପ ପୋର୍ଟ ସମେତ କଟକ, ଭୁବନେଶ୍ୱର ଆଦି ସ୍ଥାନରେ ଚଢାଉ କରି ୮୪ ଲକ୍ଷ ଟଙ୍କା ଜବତ କରିବା ସହ ଘଟଣାରେ ୭ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ମହିମା ମିଶ୍ରଙ୍କ ସାନ ପୁଅ ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍‌ଏଲ୍) ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର, ଏହାର ଡିଜିଏମ୍(ଅପରେଶନ) ସୂର୍ଯ୍ୟନାରାୟଣ ସାହୁ, କେ.ସି.ଟି ଗ୍ରୁପ ମ୍ୟାନେଜର ଶଙ୍ଖ ଶୁଭ୍ର ମିତ୍ର, ଦେବପ୍ରିୟ ମହାନ୍ତି, ବିଲଡର ଶିଶିର ଦାସ, ପାରାଦୀପ ପୋର୍ଟ ସିଏମ୍‌ଇ ସରୋଜ ଦାସ ଏବଂ ମଧ୍ୟସ୍ଥ ସୁମନ୍ତ ରାଉତ ରହିଛନ୍ତି। ଏହାପରେ ୫ ତାରିଖରେ ଅଭିଯୁକ୍ତଙ୍କୁ ୪ଦିନିଆ ରିମାଣ୍ଡରେ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟକୁ ନେଇଥିଲା। ସେଠାରେ ଜେରା ପରେ ଅଭିଯୁକ୍ତଙ୍କୁ ୧୦ ତାରିଖ ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ତେବେ ବିଲ୍ଡର ଶିଶିର ଦାସଙ୍କୁ ଜାମିନ ମିଳିଥିବାବେଳେ ଅନ୍ୟମାନଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେଇଥିଲେ। ତେବେ ତଦନ୍ତ ସମୟରେ ଅଭିଯୁକ୍ତଙ୍କ ଏକ ଭଏସ୍ ରେକର୍ଡିଂ ସିବିଆଇ ହାତରେ ଲାଗିଥିବାରୁ ଏନେଇ ସ୍ପଷ୍ଟ ହେବା ଲାଗି ଫୋରେନ୍‌ସିକ ଯାଞ୍ଚ କରିବାକୁ ଅନୁମତି ଦେବାକୁ କୋର୍ଟରେ ଆବେଦନ ହୋଇଥିଲା। ହେଲେ ଆଇନତଃ ଯଦି କାହାର ଭଏସ୍ କଲ୍ ରେକର୍ଡ ଯାଞ୍ଚ କରିବାକୁ ସିବିଆଇ ଚାହିଁବ, ସେଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ। ଏଥିସହ ରିଭ୍ୟୁ କମିଟିର ଅନୁମତି ଆବଶ୍ୟକ। ଏପରି କି ଯେଉଁ ଭଏସ୍‌କୁ ଟ୍ୟାପିଂ କରିବ, ତା'ର ପ୍ରମାଣ ରହିବା ମଧ୍ୟ ଆବଶ୍ୟକ। ହେଲେ ସିବିଆଇ ଏନେଇ କୌଣସି ଦସ୍ତାବିଜ୍ ଦାଖଲ କରିପାରି ନାହିଁ। ତେଣୁ କୋର୍ଟ ସିବିଆଇର ଆବେଦନକୁ ଖାରଜ କରିଦେଇଛି। ପୂର୍ବରୁ ମଧ୍ୟ ସିବିଆଇର ଆବଦେନକୁ କୋର୍ଟ ଖାରଜ କରି ଦେଇଥିଲେ।

# ଇନ୍‌ଫର୍ମର ସନ୍ଦେହରେ ହତ୍ୟା

**ମାଲକାନଗିରି,୨୭।୮(ସ୍ୱ.ପ୍ର.)**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣେ ଯୁବକଙ୍କୁ ମାଓବାଦୀମାନେ ଶୁକ୍ରବାର ରାତିରେ ହତ୍ୟା କରିଛନ୍ତ। ମୃତକ ହେଉଛନ୍ତି ଫରେଷ୍ଟଗାଓ ଥାନା ଅନ୍ତର୍ଗତ ଖଡ଼କାଗାଓ ଗ୍ରାମର ରାମଲାଲ ପୋଡ଼ାଇ। ରାତିରେ ୧୦ରୁ୧୫ ଜଣ ସଶସ୍ତ୍ର ମାଓବାଦୀ ଖଡ଼କାଗାଓ ଗ୍ରାମକୁ ଆସି ରାମଲାଲଙ୍କୁ ଡାକି ନେଇଥିଲେ। ଗ୍ରାମ ଶେଷମୁଣ୍ଡ ରାସ୍ତାରେ ମାଓବାଦୀମାନେ ତାଙ୍କୁ ଗଳା କାଟି ହତ୍ୟା କରିଥିଲେ। ପରେ ଘଟଣାସ୍ଥଳରେ ସେମାନେ କିଛି ହାତଲେଖା ପୋଷ୍ଟର ଛାଡ଼ି ଯାଇଛନ୍ତି। ଏଥିରେ ରାମଲାଲ ପୋଲିସ ଇନ୍‌ଫର୍ମର ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଏଥିସହ ଫରେଷ୍ଟଗାଓ ଥାନା ଅଧିକାରୀଙ୍କୁ ମଧ୍ୟ ହତ୍ୟା ଧମକ ଦେଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ଘଟଣା ମାଓବାଦୀଙ୍କ ପୂର୍ବ ବସ୍ତର ଡିଭିଜନ କରିଥିବା ଜଣାପଡ଼ିଛି।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

## ଲୋହାନୀ ପଞ୍ଚାୟତିରାଜ ପ୍ରମୁଖ ସଚିବ, ଦେଓରଞ୍ଜନଙ୍କୁ ଅବକାରୀ, ସଞ୍ଜୟ୍ ସିଂଙ୍କୁ ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ରାଜ୍ୟ ସରକାର ଶନିବାର ଆଇଏଏସ୍ ଅଫିସର ସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା କେନ୍ଦ୍ରୀୟ ଡେପୁଟେଶନରେ ଯିବା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଥିବା ୧୯୯୫ ବ୍ୟାଚ୍ ଆଇଏଏସ ଅଫିସର ସୁଶୀଲ କୁମାର ଲୋହାନୀ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ସଚିବ ଦେଓରଞ୍ଜନ ସିଂହଙ୍କୁ ଅବକାରୀ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଏଥିସହିତ ସେ ଓଏମ୍‌ସି ଅଧ୍ୟକ୍ଷ, ଇଡ୍‌କଲ ଅଧ୍ୟକ୍ଷ, ଓଏମ୍‌ସିଏଲ୍ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କୁ ବାଣିଜ୍ୟ କର ଓ ଜିଏସ୍‌ଟି କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସିଂହ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ, ବିଡିଏ ଉପାଧ୍ୟକ୍ଷ ଓ ଭୁବନେଶ୍ୱର ସ୍ମାର୍ଟସିଟି ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସୂଚନାଯୋଗ୍ୟ, ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ଅଶୋକ କୁମାର ମୀନାଙ୍କୁ ଗତ ମାସରେ କେନ୍ଦ୍ର ସରକାରଙ୍କ ଅଧୀନରେ ନୂଆ ଦାୟିତ୍ୱ ମିଳିଥିଲା। ସେ ଭାରତୀୟ ଖାଦ୍ୟ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ। ରାଜ୍ୟ ସରକାର ଶୁକ୍ରବାର ତାଙ୍କୁ ଦାୟିତ୍ୱରୁ ମୁକ୍ତ କରିଛନ୍ତି। ୨୦୦୬ ବ୍ୟାଚ୍ ଆଇଏଏସ୍ ଅଫିସର ରୂପା ରୋଶନ ସାହୁଙ୍କୁ କେନ୍ଦ୍ରରେ ଯୁଗ୍ମ ସଚିବ ର୍ୟାଙ୍କକୁ ପଦୋନ୍ନତି ମିଳିଛି। ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୫୫ ଜଣ ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରରେ ଯୁଗ୍ମ ସଚିବ ର୍ୟାଙ୍କକୁ ପଦୋନ୍ନତି ମିଳିଛି।

# ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତାହାତୀ ମୃତ



**ଅନୁଗୋଳ ଅଫିସ,୨୭।୮**

ଜନ୍ତୁ ଶିକାର ପାଇଁ ଜଙ୍ଗଲରେ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡର ପମ୍ପାସର ରେଞ୍ଜ ଜଗନ୍ନାଥପୁର ନିକଟରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ମୃତ ହାତୀର ବୟସ ୩୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ପମ୍ପାସର ରେଞ୍ଜରେ କିଛି ଦିନ ହେବ ଜନ୍ତୁ ଶିକାର ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ରାତିରେ ସ୍ଥାନୀୟ ଅଞ୍ଚଳର କେତେଜଣ ଶିକାରୀ ଜଗନ୍ନାଥପୁର ବଡ଼ଝରଣ ଠାରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରୁ ଜିଆଇ ତାର ସାହାଯ୍ୟରେ ହୁକ ପକାଇ ଜନ୍ତୁ ଶିକାର ପାଇଁ ଫାଶ ବସାଇଥିଲେ। ହେଲେ ସେହି ବାଟ ଦେଇ ଯାଉଥିବା ଦନ୍ତା ହାତୀଟି ବିଦ୍ୟୁତ୍ ଫାଶରେ ପଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ହାତୀର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ଶିକାରୀମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ। ରାତ୍ରି ପାଟ୍ରୋଲିଂ କରୁଥିବା ବନ ବିଭାଗର କେତେଜଣ କର୍ମଚାରୀ ହାତୀର ମୃତଦେହ ଦେଖି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଶନିବାର ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା, ଏସିଏଫ୍ ଶୁଭେନ୍ଦୁ ବେହେରା, ସାତକୋଶିଆ ଭିଏସ୍ କିଶୋର ଚନ୍ଦ୍ର ସାହୁ ପହଞ୍ଚି ବ୍ୟବଚ୍ଛେଦ କରିବା ପରେ ହାତୀର ମୃତଦେହକୁ ସେଠାରେ ପୋତି ଦେଇଥିଲେ। ଘଟଣାର ତଦନ୍ତ ଚାଲିଥିବା ସାତକୋଶିଆ ଡିଏଫ୍‌ଓ ପଣ୍ଡା ପ୍ରକାଶ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍ୱାମୀଙ୍କ ମୃତଦେହକୁ ୧୬ ଘଣ୍ଟା ଜଗିରହିଲେ ସ୍ତ୍ରୀ

**ପଟ୍ଟାମୁଣ୍ଡାଇ ୨୭।୮(ସ୍ୱ.ପ୍ର.)**

**■ ଝିଅପୁଅ ଆସିଲେନି, ସାମାଜିକ କର୍ମୀ ସଂସ୍କାର କଲେ**

ଜଣେ ବୃଦ୍ଧଙ୍କ ମୃତଦେହକୁ ଡାକ୍ତରଖାନାରୁ ନେବାକୁ ଆସିଲେନି ଝିଅ, ପୁଅ। ଫଳରେ ମୃତଦେହକୁ ତାଙ୍କ ସ୍ତ୍ରୀ ୧୬ ଘଣ୍ଟା ଧରି ଜଗି ରହିବା ପରେ ସାମାଜିକ କର୍ମୀମାନେ ଶନିବାର ସଂସ୍କାର କରିଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ। ମୃତ ବୃଦ୍ଧ ଜଣକ ହେଲେ ରାଜନଗର ଅଞ୍ଚଳର ଭୀମସେନ ବାହାଦୁର(୮୫)। ତାଙ୍କର ଏକମାତ୍ର ପୁଅ ଦୁବାଇରେ ରହୁଥିବାବେଳେ ଦୁଇ ଝିଅ ଭୁବନେଶ୍ୱରରେ ରହୁଛନ୍ତି। ଭୀମସେନ ଚାକିରିରୁ ଅବସର ନେବା ପରେ ଅବହେଳାର ଶିକାର ହୋଇଥିଲେ। ଫଳରେ ଭୀମସେନ ଓ ତାଙ୍କ ସ୍ତ୍ରୀ ଭଗବତୀ ଘର ଛାଡ଼ି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବକ୍ତାରପୁର ଗାଁରେ ରହିଆସୁଥିଲେ। ଶୁକ୍ରବାର ଭୀମସେନଙ୍କ ଶରୀର ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଭଗବତୀ ପଟ୍ଟାମୁଣ୍ଡାଇ ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭଗବତୀ ଏନେଇ ପୁଅ, ଦୁଇ ଝିଅଙ୍କ ସହ ସମ୍ପର୍କୀୟଙ୍କୁ ଜଣାଇଥିଲେ। ମାତ୍ର କେହି ଆସିଲେନାହିଁ। ଫଳରେ ଭୀମସେନଙ୍କ ମୃତଦେହ ୧୬ ଘଣ୍ଟା ଡାକ୍ତରଖାନା ଶଯ୍ୟାରେ ପଡ଼ି ରହିଥିଲା। ମୃତଦେହ ପାଖରେ ଭଗବତୀଙ୍କ ଅସହାୟତା ଓ କାନ୍ଦ ଦେଖଣାହାରୀଙ୍କୁ ମ୍ରିୟମାଣ କରିଥିଲା। ସ୍ଥାନୀୟ ଲୋକ ମଧ୍ୟ ପରିବାରକୁ ଖବର ନିରାଶ ହୋଇଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କ ଉଦ୍ୟମରେ ଯୁବ ସାମାଜିକ କର୍ମୀ ବାବନ କୁମାର ସାହୁ, ନାରୀନେତ୍ରୀ ସାବିତ୍ରୀ ସାହୁ, ପୂର୍ବତନ କାଉନସିଲର ଲୋକନାଥ ବେହେରା, ଡମ୍ବରୁଧର ରାଉତ ପ୍ରମୁଖ ଭୀମସେନଙ୍କ ମୃତଦେହକୁ ନେଇ ସ୍ଥାନୀୟ ପୋଖରିଆପଡ଼ା ଶ୍ମଶାନରେ ସଂସ୍କାର କରିଥିଲେ। ସାମାଜିକ କର୍ମୀ ଡମ୍ବରୁଧର ରାଉତ ମୁଖାଗ୍ନି ଦେଇଥିଲେ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳରେ ଖୋସିଲି ଦାଆ।**
**ଏତେ ବଡ଼ ଘରେ ଦେଇଛ ବାପା ହେ**
**ଶିଙ୍ଗଟାଳି ମୁହିଁ ଯାଆ।।**

ଝିଅଟି ଯେବେ ଘରଯୋଗ୍ୟା ହୁଏ, ତାକୁ ଭଲ ଘର ଭଲ ବର ଦେଖି ହାତକୁ ଦି' ହାତ କରିଦିଆଯାଏ। ପରନ୍ତୁ ଶାଶୁ ଘରର ସଦସ୍ୟଙ୍କ ସହ ଯଦି ତା'ର ଭଲ ନ ପଡ଼େ ବା ମନୋମାଳିନ୍ୟ ଘଟେ, ତା'ହେଲେ କଥା କଥାକେ ଉଲୁଗୁଣା ଶୁଣିବାକୁ ପଡିଥାଏ। ଫଳସ୍ୱରୂପ ଅନେକ ଦୁଃଖ କଷ୍ଟ ସହିବା ସାର ହୋଇଥିବା ବେଳେ ଯାଆ ର ବଦସ୍ୱଭାବରେ ଅତିଷ୍ଠ ହୋଇପଡିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚେତିଲା ନାରୀ ସୁଖ ପାଏ**
**ନ ଚେତିଲା ନାରୀ ଘରୁ ଯାଏ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହିତ ଜଡିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲରୁ ଶିକ୍ଷାଲାଭ କରେ ବା ନିଜ ଭୁଲକୁ ସଂଶୋଧନ କରି ନିଜକୁ ସଜାଡିନିଏ ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବ ପକ୍ଷେ ଏପରି ନାରୀ ହିଁ ଘର ପରିବାର ଚଳେଇବାକୁ ସମର୍ଥ ହୋଇପାରିଥାନ୍ତି। କିନ୍ତୁ ଯିଏ ଏସବୁଠୁ ଦୂରେଇ ରହିଥାଏ ସିଏ ଅଯୋଗ୍ୟ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି

**ପୁରୀ ଅଫିସ,୨୭।୮**

ଭାଦ୍ରବ ଅମାବାସ୍ୟା ବା ସପ୍ତପୁରୀ ଅମାବାସ୍ୟା ତିଥି ଅବସରରେ ଶ୍ରୀମନ୍ଦିର ସତ୍ୱଲିପି ଅନୁଯାୟୀ ରୀତିନୀତି ଅନୁସାରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ଶନିବାର ମହାପ୍ରଭୁଙ୍କ ସକାଳଧୂପ ସମ୍ପନ୍ନ ହୋଇ ପାଣିପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ଠାକୁରଙ୍କୁ ପାଲିଙ୍କିରେ ବସାଇ ଘଣ୍ଟ, ଛତା, ବାଦ୍ୟ ସହ ବିମାନବଡୁ ସେବକମାନେ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳଭୂମିକୁ ବିଜେ କରିଥିଲେ। ସେଠାରେ ପାଳିଆ ଗଡାବଡୁ ସେବକ ରୂପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା। ପରେ ଆରତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ହରିଦାସ ମଠ ଗୋହରୀ ରାସ୍ତା ଦେଇ ଜମ୍ବେଶ୍ୱର ମନ୍ଦିର ଓ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ସହଜ ଓ ସୁବିଧାରେ କାମ ହାସଲ କରିବେ। ବିବାଦୀୟ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ ଏବଂ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ବୃଷ**
କେତେକ ସନ୍ଦେହଜନକ କାର୍ଯ୍ୟକୁ ଅବଲୋକନ କରି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଦୀର୍ଘ ଦିନରୁ ଅଟକି ରହିଥିବା ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ। ନିଜ ପରିସରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**ମିଥୁନ**
ଅର୍ଥ ଓ ସମ୍ମାନ ପାଇ ଖୁସି ରହିବା ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବିତର୍କ କାରଣରୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ପରିଜନ ସହ ଯାତ୍ରା କାଳରେ ଅସାବଧାନତାରୁ ଦ୍ରବ୍ୟ ହରଣ ହୋଇପାରେ।

**କର୍କଟ**
ଆଶା ପୂରଣ ହେବା ସହ ସମସ୍ୟାର ସମାଧାନ ହେତୁ ମାନସିକ ସ୍ଥିରତା ଆସିବ। କିନ୍ତୁ ଅନ୍ୟମାନଙ୍କ କଥାରେ ପଡ଼ି ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ସମସ୍ୟାକୁ ଡାକି ଆଣିବା ପରି ହେବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପଛ କଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ**
କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କେତେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସହକର୍ମୀମାନଙ୍କ ଶୁଭକାର୍ଯ୍ୟରେ ଯୋଗ ଦେଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ। ଦୂରଯାତ୍ରା ଯୋଗ ଜୁଟିପାରେ।

**କନ୍ୟା**
ଅଭାବ ଅନଟନ ଦୂରେଇଯିବ ଏବଂ ବିଭିନ୍ନ ଦିଗରୁ ଅର୍ଥ ପ୍ରାପ୍ତି ଆଶା ଦେଖିପାରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଚିତ୍ରା ନକ୍ଷତ୍ର ଜାତ ବ୍ୟକ୍ତିଙ୍କର ପୁରାତନ ରୋଗ ପୀଡ଼ା ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ସଭା ସମିତିରେ, କୌଣସି ସିଦ୍ଧାନ୍ତ ନେବାରେ, ବନ୍ଧୁଙ୍କ ବିଚାର ଆପଣଙ୍କ ସପକ୍ଷରେ ରହିବ।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ସହକର୍ମୀମାନଙ୍କ ନିକଟରୁ ନିର୍ଭର ପ୍ରତିଶ୍ରୁତି ଲାଭ କରି ଦୁଶ୍ଚିନ୍ତାର ମାତ୍ରା କମିଯିବ। ସ୍ୱାତୀ ନକ୍ଷତ୍ରର ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ ଏବଂ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ।

**ବିଛା**
କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତତା ଅନୁଭବ କରିବେ। ସାମାନ୍ୟ କଥାରେ ଅତ୍ୟଧିକ ଉତ୍ତେଜିତ ହୋଇ ପାରିବାରିକ ଅଶାନ୍ତିକୁ ଆମନ୍ତ୍ରଣ କରିପାରନ୍ତି। ପରିବହନ, ଏଜେନ୍ସିପ୍, ହୋଟେଲ, ଷ୍ଟେଶନାରି ଓ ବିଦ୍ୟୁତ୍ ବ୍ୟବସାୟରେ ଉନ୍ନତି କରିବେ। ପ୍ରଶାସନିକ ସ୍ତରରେ ଏବଂ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ଧନୁ**
ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। ଆକସ୍ମିକ ଭାବରେ ସ୍ଥାନ ପରିବର୍ତ୍ତନ ଯୋଗ ରହିଛି। କର୍ମକ୍ଷେତ୍ରରେ ଦାୟିତ୍ୱବୋଧ ବୃଦ୍ଧି ପାଇବ, ମାତ୍ର ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ପରିବାରରେ କାହାର ଅସୁସ୍ଥତା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ମକର**
ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବା ସହିତ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ପରିବାରରେ ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ। ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଆହ୍ଲାଦିତ ହେବେ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ନ ଦେଲେ ପଛରେ ପସ୍ତାଇବାକୁ ପଡ଼ିପାରେ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ କମି କମି ଆସିବା ହେତୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମୀନ**
ସକାଳୁଆ ଯାତ୍ରାରେ କାମ ହାସଲ ହେତୁ ମାନସିକ ଅସ୍ଥିରତା ଦୂର ହେବ। ବନ୍ଧୁମିଳନ ହେତୁକ ଆନନ୍ଦ ଲଭିବେ ଏବଂ ଆର୍ଥିକ ଉନ୍ନତି ପାଇଁ ଧ୍ୟାନ ଦେବେ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ।

## classifieds Everyday
0674-2580101, 2549302




### SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73863

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

**Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer).** D-1366

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

**Bhubaneswar Sum Hospital ପାଖ ଘଘଂାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ 30' road, ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ develop ହୋଇ ମିଳୁଛି। 9090963952.** D-73300

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

NH side ORERA approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.- 61,00,000.00 onwards. Delivery shortly. Contact: 9238315816. D-73961

**NH side commercial plot Niali Road, 6 Km. from Nakhara, Cuttack. 7809525452.** D-73959

**ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026.** D-74103

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297

Do you want to construct buildings on your own plot. Contact: 7008268129, 9439143273. D-71352

### GENERAL

### SALE

Duberman 6 Puppy for sale (Jungle Camp) Contact: 9438118029, 9348839474. D-1355




Tolet for Shop infront of Biju Pattanaik College, Mob.- 9938511622. D-1356

**3 Bed room apartment for rent at Vivekanand Marg, Owner: 7852929225.** D-1352




ନବରାତ୍ର ଉପଲକ୍ଷେ ଶିରିଡ଼ିସାଇ, ଶନିସିଗ୍ନାପୁର ଓ ସପ୍ତସୃଙ୍ଗୀ ଦର୍ଶନ 27 ସେପ୍ଟେମ୍ବର। ଯୋଗାଯୋଗ- ଶ୍ରୀ ସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 9437090931, 7078044197. D-70289




Full body massage in homely atmosphere all therapy. Mob: 8114881641. D-73410

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**One hour any therapy by expert therapist @999 only. 9078484455.** D-73637

Fullbody relax massage refresh your body with trend therapist. 7008773793. D-73635

Newly open full body massage, ladies and gents. 7846923244. D-73956

Newly open full body massage ladies and gents. 8327740003, 8093860513. D-73958

Newly open SPA positively health benefit with expert. Contact: 7749976301. D-73859

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Newly open full body massage 1099 free massage one. Mo: 9583808247. D-1164

**ଚାଟାର୍ଡ଼ ଆକାଉଣ୍ଟାଣ୍ଟଙ୍କ ଡକ୍ଟରେଟ୍ ଲାଭ**



ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଶ୍ରୀ ଦେବାଶିଷ ମହାନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟର COMMERCE AND MANAGEMENT STUDIES ବିଭାଗ ଅଧିନରେ ଗବେଷଣା କରି ପିଏଚ୍.ଡ଼ି ଉପାଧି ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼କ୍ଟର କିଶୋର କୁମାର ଦାସଙ୍କ ତତ୍ତ୍ୱାବଧାନରେ "IMPACT OF BANK AND BRANCH SPECIFIC FACTOR ON MANAGEMENT OF NON-PERFORMING ASSETS: A STUDY ON PUBLIC AND PRIVATE SECTOR COMMERCIAL BANKS IN ODISHA" ଶୀର୍ଷକ ବିଷୟବସ୍ତୁ ଉପରେ ନିବନ୍ଧ ପ୍ରସ୍ତୁତ କରିଛନ୍ତି। ଉକ୍ତ ନିବନ୍ଧଟି ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼କ୍ଟର ଅଲତାଫ ଖାନ୍ ଓ କଲିକତା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼କ୍ଟର ସ୍ୱାଗତ ସେନଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡ଼କ୍ଟର ମହାନ୍ତି ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ B.P.U.T. ଦ୍ୱାରା ପରିଚାଳିତ C.I.M.E. ମହାବିଦ୍ୟାଳୟ M.B.A ବିଭାଗ ମୁଖ୍ୟ ଭାବରେ କାର୍ଯ୍ୟରତ। ସେ ପୁରୀ ଦୋଳ ମଣ୍ଡପ ସାହି ନିବାସୀ ଶ୍ରୀମତୀ ବସନ୍ତ କୁମାରୀ ମହାନ୍ତି ଓ ସ୍ୱର୍ଗତ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଏବଂ ସ୍ୱର୍ଗତ ଶ୍ରୀମତୀ ସରୋଜିନୀ ମହାନ୍ତି ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ହରମୋହନ ମହାନ୍ତିଙ୍କ ଜାମାତା ଅଟନ୍ତି। ଏହି କୃତି ପାଇଁ ସେ ତାଙ୍କର ବନ୍ଧୁବର୍ଗ, ପରିବାର ଓ ସହଧର୍ମିଣୀ ଶ୍ରୀମତୀ ବବିତା ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ବେଳେ ସର୍ବୋପରି ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଏହି ସଫଳତାକୁ ଅର୍ପଣ କରିଛନ୍ତି।
ଧ-୧୩୭୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୂର୍ବ ଜନସୂଚନା ଅଧିକାରୀଙ୍କୁ ଅର୍ଥଦଣ୍ଡ

**ବଲାଙ୍ଗୀର ଅଫିସ, ୨୭।୮**

**■ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ତଥ୍ୟ ଦେଇପାରିଲେନି**
**■ ରାଜ୍ୟ ସୂଚନା କମିଶନଙ୍କ ଉଲ୍ଲେଖନୀୟ ରାୟ**



ଯୁକ୍ତିଯୁକ୍ତ କାରଣ ନ ଥାଇ ସୂଚନା ଅଧିକାର କର୍ମୀଙ୍କୁ ତଥ୍ୟ ଦେଇ ନ ଥିବାରୁ ରାଜ୍ୟ ସୂଚନା କମିଶନର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ପୂର୍ବ ଜନସୂଚନା ଅଧିକାରୀଙ୍କୁ ୨୫ହଜାର ଟଙ୍କାର ଅର୍ଥଦଣ୍ଡାଦେଶ ଦେଇଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ଓ ମନ୍ଦିର ପରିଚାଳନା ସଂକ୍ରାନ୍ତରେ ବଲାଙ୍ଗୀରର ସୂଚନା କର୍ମୀ ହେମନ୍ତ ପଣ୍ଡା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ତେବେ କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ପୂର୍ବତନ ଜନସୂଚନା ଅଧିକାରୀ ଏସ୍.କେ. ଚାଟାର୍ଜୀ ସୂଚନାକର୍ମୀ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରି ନ ଥିଲେ। ଏହି ପ୍ରସଙ୍ଗରେ ରାଜ୍ୟ ସୂଚନା କମିଶନର ସଞ୍ଜୟ କେଶରୀ ସ୍ୱାଇଁ ଏକ ଉଲ୍ଲେଖନୀୟ ରାୟରେ ପୂର୍ବତନ ଜନସୂଚନା ଅଧିକାରୀ ଚାଟାର୍ଜୀଙ୍କୁ ୨୫ ହଜାର ଟଙ୍କା ଅର୍ଥରାଶି ଦଣ୍ଡବିଧାନ କରିଛନ୍ତି। ସୂଚନା ଅଧିକାର କର୍ମୀ ପଣ୍ଡା ଶନିବାର ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତ ମନ୍ଦିର ପରିଚାଳନା ସମ୍ପର୍କିତ ଦୈନନ୍ଦିନ ଘଟଣା ପ୍ରବାହକୁ ଜାଣିବା ପାଇଁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ତେଣୁ ଜନସ୍ୱାର୍ଥ ଦୃଷ୍ଟିରୁ ଶ୍ରୀମନ୍ଦିର ପରିଚାଳନା ସମ୍ପର୍କିତ ପ୍ରଦାନଯୋଗ୍ୟ ସମସ୍ତ ସୂଚନାକୁ ସାର୍ବଜନୀନ କରିବାର ଆବଶ୍ୟକତା ରହିଛି। ୨୦୧୮ ଜୁନ୍ ୧୧ରେ ପୁରୀ ରତ୍ନଭଣ୍ଡାର ଚାବି ସମେତ ୧୩ସୂତ୍ରୀ ତଥ୍ୟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଜନସୂଚନା ଅଧିକାରୀଙ୍କୁ ମାଗିଥିଲେ । କିନ୍ତୁ ଶ୍ରୀମନ୍ଦିରର ତତ୍କାଳୀନ ଜନସୂଚନା ଅଧିକାରୀ ଗୋଟିଏ ଆବେଦନ ପତ୍ରରେ ଏତେଗୁଡ଼ିଏ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ଆବେଦନକାରୀ ପଣ୍ଡାଙ୍କୁ ଜଣାଇଥିଲେ। ଏଭଳି ଚଞ୍ଚକତାପୂର୍ଣ୍ଣ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ପଣ୍ଡା ପ୍ରଥମ ଅପିଲ ଅଧିକାରୀଙ୍କୁ ଆବେଦନ କରିଥିଲେ। ପଣ୍ଡାଙ୍କ ଯୁକ୍ତି ଥିଲା ଯେ, ୧୩ ସୂତ୍ରୀ ତଥ୍ୟ ସେ ମାଗିଥିଲେ ମଧ୍ୟ ସବୁଯାକ ଗୋଟିଏ ବିଷୟବସ୍ତୁ ଉପରେ ଆଧାରିତ । ତେଣୁ ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ କରିବାରେ କୌଣସି ବାଧା ନାହିଁ । ଏସବୁକୁ ବିଚାର କରି ସୂଚନା କମିଶନର ସ୍ୱାଇଁ ସୂଚନା ଆଇନର ୨୦(୧) ଧାରା ଅନୁଯାୟୀ ଦଣ୍ଡବିଧାନ କରିବା ସହ ତାଙ୍କ ରାୟରେ କହିଛନ୍ତି ଯେ, ଆବେଦନକାରୀ ପଣ୍ଡାଙ୍କୁ ଗୋଟିଏ ଫର୍ମରେ ଗୋଟିଏ ତଥ୍ୟ ମାଗିବାକୁ କହି ଶ୍ରୀମନ୍ଦିର ପୂର୍ବ ଜନସୂଚନା ଅଧିକାରୀ ତାଙ୍କ କର୍ତ୍ତବ୍ୟ ତୁଲାଇବାରେ ବିଫଳ ହୋଇଛନ୍ତି। ଏହାସହ ଆବେଦନକାରୀ ପଣ୍ଡାଙ୍କୁ ସମସ୍ତ ତଥ୍ୟ ପ୍ରଦାନ ପାଇଁ ବର୍ତ୍ତମାନର ଜନସୂଚନା ଅଧିକାରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଭିତର ରତ୍ନଭଣ୍ଡାର ଚାବି ମିଳୁ ନ ଥିବା କଥା ୨୦୧୮ ମସିହାରେ ପୁରୀ ଜିଲା ପ୍ରଶାସନ କହିବା ପରେ ଏହାକୁ ନେଇ ସମଗ୍ର ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ମୁଖ୍ୟମନ୍ତ୍ରୀ ଏକ ତଦନ୍ତ କମିଶନ ଜଷ୍ଟିସ୍ ରଘୁବୀର ଦାସଙ୍କ ନେତୃତ୍ୱରେ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ନକଲି ଚାବି ମିଳିଥିବା କୁହାଯାଇଥିଲା। ମାତ୍ର ନକଲି ଚାବି କିଏ, କାହିଁକି ତିଆରି କରିଥିଲେ ସେନେଇ କିଛି ତଥ୍ୟ ମିଳି ନ ଥିଲା।

**ପ୍ରଥମ ପୃଷ୍ଠାରୁ...**

## ରାଜ୍ୟରେ ଖୋଲିବ ...

ବ୍ରହ୍ମବରଦା ଓ ଦଶରଥପୁର, ଝାରସୁଗୁଡ଼ାର ଏୟାରପୋର୍ଟ ପୋଲିସ ଷ୍ଟେଶନ, କଳାହାଣ୍ଡିର କର୍ଲାପାଟ, କଳାମପୁର, କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, କୁଦାନଗରୀ କୋରୁଆ, କେନ୍ଦୁଝରର ମନୋହରପୁର, ଖୋର୍ଦ୍ଧାର ନାଚୁଣୀ, କୋରାପୁଟର ସୁଙ୍କି, ମାଲକାନଗିରିର ସଦର କୋରୁକୋଣ୍ଡା, ମୟୂରଭଞ୍ଜର ଭଞ୍ଜପୁର, ନବରଙ୍ଗପୁରର ମଇଦଲପୁର, ପୁରୀର ଚାରିଛକ, ରାୟଗଡାର ରାମନାଗୁଡା, ସମ୍ବଲପୁରର ବରେଇପାଲି ଏବଂ ସୁବର୍ଣ୍ଣପୁରର ଲଚ୍ଛିପୁରରେ ନୂତନ ଥାନା ଖୋଲିବ। ଏହି ସମସ୍ତ ନୂଆ ଥାନାଗୁଡ଼ିକ ବର୍ତ୍ତମାନ ଥିବା ଥାନାର ବିଭକ୍ତୀକରଣ ତଥା ଫାଣ୍ଡିଗୁଡ଼ିକର ଅପ୍‌ଗ୍ରେଡେଶନ କରାଯାଇ ସୃଷ୍ଟି କରାଯାଇଛି । ଏହି ନୂତନ ଥାନାଗୁଡ଼ିକ ନିମନ୍ତେ ଇନ୍ସପେକ୍ଟର ପଦବୀଠାରୁ ଆରମ୍ଭ କରି କନ୍‌ଷ୍ଟେବଲ ପର୍ଯ୍ୟନ୍ତ ବିଭିନ୍ନ ପାହ୍ୟାରେ ୫୬୩ ନୂଆ ପଦବୀ ସୃଷ୍ଟି କରାଯାଇଛି। ଏହି ନୂଆ ୩୬ଟି ଥାନା ପ୍ରତିଷ୍ଠା ହେବା ଦ୍ୱାରା ଜନସାଧାରଣଙ୍କୁ ଉତ୍ତମ ପୋଲିସ ସେବା ଯୋଗାଇ ଦେବା ଦିଗରେ ଓଡ଼ିଶା ପୋଲିସର ଉଦ୍ୟମ ଆହୁରି ଶକ୍ତିଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ଚାପରେ ମହିଳା ...

ଆସି ନ ଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ୱାଗତିକା ପୋଲିସ ଚାକିରି କରୁଥିଲେ ମଧ୍ୟ ଜଣେ ଶାନ୍ତ ଓ ସରଳ ଝିଅ ଥିଲେ। ମାର୍ଚ୍ଚ ୩୧ ତାରିଖରେ ଜି.ଉଦୟଗିରି ମହିଳା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ଶିବିରରେ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ତାଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ଉପରେ କହିଥିଲେ। ୮ ବର୍ଷ ତଳେ ତାଙ୍କ ବାପାଙ୍କ ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି। ମା', ଦୁଇ ଭାଇ ଓ ୨ ଭଉଣୀଙ୍କୁ ନେଇ ତାଙ୍କ ପରିବାର ବହୁ ଝଡ଼ଝଞ୍ଜା ସହିଛନ୍ତି ବୋଲି ସ୍ୱାଗତିକା ଜଣାଇଥିଲେ।



ଶାସକ ମେଣ୍ଟର ବିଧାୟକମାନଙ୍କ ସହ ଲତ୍ରାତୁ ଡ୍ୟାମ୍ ନିକଟ ହ୍ରଦରେ ନୌକା ବିହାର କରୁଛନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ।

# ଝାଡ଼ଖଣ୍ଡରେ ଘୋଡ଼ାବେପାର ଆଶଙ୍କା

## ରାଜ୍ୟପାଳଙ୍କ ନିଷ୍ପତ୍ତି ଉପରେ ନଜର

ରାଞ୍ଚି,୨୭।୮ (ପି.ଟି.)

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାୟକ ପଦ ରଦ୍ଦ ହେବା ନେଇ ଅନିଶ୍ଚିତତା ଲାଗିରହିଥିବାବେଳେ ରାଜ୍ୟରେ ରାଜନୈତିକ ସଙ୍କଟ ଘନେଇଛି। ଘୋଡ଼ାବେପାର ଆଶଙ୍କାରେ ସୋରେନଙ୍କ ସମେତ ଶାସକ ଜେଏମ୍ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟର ବିଧାୟକମାନେ ୩ଟି ବସ୍‌ରେ ଏକ ଅଜ୍ଞାତ ସ୍ଥାନକୁ ଚାଲିଯାଇଥିଲେ। ସେମାନେ ରାଜଧାନୀ ରାଞ୍ଚିଠାରୁ ୬୦ କିଲୋମିଟର ଦୂର ଖୁଣ୍ଟି ଜିଲାର ଲତ୍ରାତୁସ୍ଥିତ ଗେଷ୍ଟ ହାଉସ୍‌ରେ ରହିଥିବା ଜଣାପଡ଼ିଥିଲା। ଲତ୍ରାତୁ ଡ୍ୟାମ୍ ନିକଟ ହ୍ରଦରେ ସୋରେନ୍ ଓ କେତେଜଣ ବିଧାୟକ ବୋଟ୍‌ରେ ଭ୍ରମଣ କରୁଥିବା ଦେଖିବାକୁ ମିଳିଥିଲା। ପରେ ସେମାନେ ଲତ୍ରାତୁ ଡ୍ରାମ୍‌ରୁ ବସ୍ ଯୋଗେ ରାଞ୍ଚି ଫେରିଛନ୍ତି। ମୋରାବର୍ଦ୍ଦିସ୍ଥିତ ରାଜ୍ୟ ଗେଷ୍ଟହାଉସ୍‌ରେ ଝାଡ଼ଖଣ୍ଡ କଂଗ୍ରେସ ବ୍ୟାପାର ପ୍ରଭାରୀ ଅବିନାଶ ପାଣ୍ଡେ ବିଧାୟକମାନଙ୍କ ବୈଠକ ନେବେ ବୋଲି ଜଣାପଡ଼ିଛି।

ରାଞ୍ଚି ଛାଡ଼ିବା ପୂର୍ବରୁ ରାଜ୍ୟର ରାଜନୈତିକ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ସୋରେନ ଶାସକ ଦଳ ବିଧାୟକମାନଙ୍କ ସହ ୩ ପର୍ଯ୍ୟାୟ ବୈଠକରେ ଏକାଠି ହୋଇଥିଲେ। ୪୩ ଜଣ ବିଧାୟକ ଲଗେଜ୍ ସହ ରାଞ୍ଚି ଛାଡ଼ିଥିବାରୁ ସେମାନେ ରାଜଧାନୀ ବାହାରେ ଅଧିକ ଦିନ ରହିପାରନ୍ତି ବୋଲି କୁହାଯାଉଥିଲା। ରାଜ୍ୟପାଳ ରମେଶ ବୈଁଶ ସୋରେନ୍‌ଙ୍କ ବିଧାୟକ ପଦ ରଦ୍ଦ ନିର୍ଦ୍ଦେଶନାମା ଖୁବ୍‌ଶୀଘ୍ର ନିର୍ବାଚନ କମିଶନ (ଇସି)ଙ୍କ ପାଖକୁ ପଠାଇପାରନ୍ତି ବୋଲି ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ନିଜ ନାମରେ ଖଣି ଲିଜ୍ ନେଇ ସୋରେନ୍ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଥିବାରୁ ତାଙ୍କ ବିଧାୟକ ପଦ ରଦ୍ଦ ଲାଗି ଇସି ଗୁରୁବାର ରାଜ୍ୟପାଳଙ୍କୁ ସୁପାରିସ କରିଥିଲେ। ସୋରେନ୍‌ଙ୍କ ସଭ୍ୟପଦ ରଦ୍ଦ ଲାଗି ଭାଜପା ଇସିଙ୍କ ନିକଟରେ ଆବେଦନ କରିଥିଲା। ଏବେ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଉଛି।

# ଆଜାଦଙ୍କ ଘରେ ଜି-୨୩ ମନ୍ତ୍ରଣା

ନୂଆଦିଲ୍ଲୀ,୨୭।୮

କଂଗ୍ରେସ ଦଳର ନୂଆ ଅଧ୍ୟକ୍ଷ ନିର୍ବାଚନ ଲାଗି ତାରିଖ ଧାର୍ଯ୍ୟ ନିମନ୍ତେ ରବିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ବସୁଛି। ଶୁକ୍ରବାର ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ଦଳରୁ ଇସ୍ତଫା ଦେବା ସହ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଲେଖିଥିବା ଇସ୍ତଫାପତ୍ରରେ ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଥିଲେ। ମିଳିଥିବା ଖବର ଅନୁଯାୟୀ ଶନିବାର ଆଜାଦଙ୍କ ଦିଲ୍ଲୀ ବାସଭବନରେ ଅସନ୍ତୁଷ୍ଟ ଜି-୨୩ର କେତେଜଣ ନେତା ଏକାଠି ହୋଇଥିଲେ। ଦଳର ସାଙ୍ଗଠନିକ ସ୍ତରରେ ସଂସ୍କାର ଆଣିବା ଲାଗି ଏହି ନେତାମାନେ ୨୦୨୦ ଅଗଷ୍ଟରେ ସୋନିଆଙ୍କୁ ପତ୍ର ଲେଖିଥିଲେ।

ଆଜାଦ ଇସ୍ତଫା ଦେବା ସହ ରାହୁଲ ଗାନ୍ଧୀ ଦଳର ସମ୍ପୂର୍ଣ୍ଣ ପରାମର୍ଶ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଥିବା ଅଭିଯୋଗ କରିଥିଲେ। ୨୦୧୪ ନିର୍ବାଚନରେ କଂଗ୍ରେସର ପରାଜୟ ପାଇଁ ସେ ରାହୁଲଙ୍କୁ ଦାୟୀ କରିବା ସହ ତାଙ୍କ ପିଏ ଏବଂ ସୁରକ୍ଷା କର୍ମୀ ଦଳୀୟ ନିଷ୍ପତ୍ତି ନେଉଥିବା କହିଥିଲେ। ତେଣୁ କଂଗ୍ରେସର ପରବର୍ତ୍ତୀ ଅଧ୍ୟକ୍ଷ ନିର୍ବାଚନ ତାରିଖ ସମ୍ପର୍କରେ

### କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ନେଇ ଆଜି ସିଡବ୍ଲ୍ୟୁସି ବୈଠକ



ଗୁଲାମ ନବୀ ଆଜାଦ

ରବିବାର ସିଡବ୍ଲ୍ୟୁସି ବୈଠକରେ ନିଷ୍ପତ୍ତି ନ ହୋଇ ନେତାମାନେ ସୋନିଆ ଗାନ୍ଧୀ ଏବଂ ରାହୁଲଙ୍କ ନେତୃତ୍ୱ ଉପରେ ପୁନଃ ଆସ୍ଥା ପ୍ରକଟ କରିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଅଧ୍ୟକ୍ଷ ନିର୍ବାଚନ ଆଉ କିଛି ସପ୍ତାହ ବିଳମ୍ବ ହୋଇପାରେ ବୋଲି କୁହାଯାଉଛି।

### ୧୪ ଦିନରେ ନୂଆ ଦଳ

**ଜମ୍ମୁ,୨୭।୮:** ପୂର୍ବତନ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ଆଗାମୀ ୧୪ ଦିନ ମଧ୍ୟରେ ନିଜସ୍ୱ ରାଜନୈତିକ ଦଳ ଗଠନ କରିବାକୁ ଯାଉଛନ୍ତି। ଦଳର ପ୍ରଥମ ଶାଖା ଜମ୍ମୁ-କଶ୍ମୀରରେ ହେବ ବୋଲି ତାଙ୍କ ଘନିଷ୍ଠ ସହଯୋଗୀ ଜି.ଏମ୍. ସରୁରୀ ଶନିବାର ସୂଚନା ଦେଇଛନ୍ତି। ଜମ୍ମୁ-କଶ୍ମୀରକୁ ୨୦୧୯ ଅଗଷ୍ଟ ୫ ପୂର୍ବ ସ୍ଥିତିକୁ ଫେରାଇଆଣିବା ଆଜାଦଙ୍କ ଦଳର ଇସ୍ତାହାର ହେବ ବୋଲି ସରୁରୀ କହିଛନ୍ତି। କଂଗ୍ରେସରୁ ଆଜାଦଙ୍କ ଇସ୍ତଫା ପରେ ସରୁରୀଙ୍କ ସମେତ ଜମ୍ମୁ-କଶ୍ମୀରର ଶତାଧିକ ପ୍ରମୁଖ କଂଗ୍ରେସ ନେତା ଦଳ ଛାଡ଼ିଥିଲେ। ଧର୍ମନିରପେକ୍ଷତା ହେଉଛି ଆଜାଦଙ୍କ ଆଦର୍ଶ। ସେ ଭାଜପା ପାଇଁ କାର୍ଯ୍ୟ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ତାଙ୍କ ସହଯୋଗୀ କହିଛନ୍ତି। ସେପ୍ଟେମ୍ବର ୪ରେ ଆଜାଦ ଜମ୍ମୁ ଫେରିବା ପରେ ନୂଆ ଦଳ ଗଢ଼ିବା ପୂର୍ବରୁ ଶୁଭେଚ୍ଛୁମାନଙ୍କ ସହ ପରାମର୍ଶ କରିବେ ବୋଲି କଂଗ୍ରେସର ପୂର୍ବତନ ଉପସଭାପତି ସରୁରୀ କହିଛନ୍ତି।

# ବିଜେଡିରେ ମିଶିଲେ ଭାଜପା ସଂଖ୍ୟାଲଘୁ ନେତା

ଢେଙ୍କାନାଳ ଅଫିସ, ୨୭।୮

ଢେଙ୍କାନାଳ ଜିଲା ଭାଜପାର ସଂଖ୍ୟାଲଘୁ ନେତା ତଥା ପୂର୍ବତନ ସଂଖ୍ୟାଲଘୁ ମଣ୍ଡଳ ସଭାପତି ଶେଖ୍ ଅବଦୁଲ ଅଖମଲ ଶନିବାର ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଶାସନ ଏବଂ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଯୁବନେତା ଶ୍ରୀକାନ୍ତ କୁମାର ଧଳଙ୍କ ପ୍ରେରଣାରେ ଶେଖ ଅବ୍ଦୁଲ, ୧୩ନଂ. ୱାର୍ଡ କାଞ୍ଚନବଜାର ଅଞ୍ଚଳର ଶେଖ ସାହିଦ ଅଲ୍ଲୀ, ଶେଖ ୟୁସୁଫ୍, ପ୍ରଶାନ୍ତ ନାୟକ, ମହମ୍ମଦ ନୁରୁ, ମହମ୍ମଦ ପପୁ, ମହମ୍ମଦ ସଲିଲ, ବୁଢ଼ା ସେଠୀ, ପ୍ରତାପ ସେଠୀ, ବାପୁ ସ୍ୱାଇଁ, ହିମାଂଶୁ ସ୍ୱାଇଁ, ହେମନ୍ତ ସ୍ୱାଇଁ ପ୍ରମୁଖ ୧୫ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଧାୟକଙ୍କ ବାସଭବନରେ ବିଜେଡିରେ ଯୋଗ ଦେଇଥିଲେ।

# ବିରୋଧୀ ଦଳରେ ଛାତ୍ର ନେତା ସୃଷ୍ଟି ନ କରିବାକୁ ଷଡ଼ଯନ୍ତ୍ର

### ଛାତ୍ର କଂଗ୍ରେସ ସଭାପତିଙ୍କ ଅଭିଯୋଗ

### ଛାତ୍ର ବିଜେଡି କ୍ୟାମ୍ପସ କମିଟି ଗଢ଼ିବା ପ୍ରସଙ୍ଗ

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିର୍ବାଚିତ ପ୍ରତିନିଧିଙ୍କ ଭଳି ବିଜୁ ଜନତା ଦଳ ଏକ ମନୋନୀତ କ୍ୟାମ୍ପସ କମିଟି ଗଠନ କରୁଛି। ଏହାଦ୍ୱାରା ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ କାହିଁକି କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିର୍ବାଚନ କରାଇ ଦେଉନାହାନ୍ତି ତାହା ଲୋକଲୋଚନକୁ ଆସିଯାଇଛି। ବିରୋଧୀ ଦଳରେ ଛାତ୍ର ନେତା ସୃଷ୍ଟି ନ କରାଇ ଦେବା ପାଇଁ ଏହା ଏକ ବିଧିବଦ୍ଧ ଷଡ଼ଯନ୍ତ୍ର ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ସେ କହିଛନ୍ତି ଯେ ନବୀନବାବୁଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ଜନବିରୋଧୀ ନୀତିକୁ କିପରି ବିରୋଧୀ ଦଳର ଛାତ୍ର ସଂଗଠନମାନେ ବିରୋଧ କରି ନ ପାରିବେ, କଲେଜ ଓ ବିଶ୍ୱବିଦ୍ୟାଳୟରୁ କିପରି ପ୍ରତିବାଦର ସ୍ୱର ନ ଆସିବ ସେଥିପାଇଁ ୪ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଛି। ରାଜ୍ୟର ଅଧିକାଂଶ ଶିକ୍ଷାନୁଷ୍ଠାନର କ୍ୟାମ୍ପସ ଅସୁରକ୍ଷିତ। ରାଗିଂ ଚାପରେ ଛାତ୍ରୀଛାତ୍ରମାନେ ଆତ୍ମହତ୍ୟା କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇଛନ୍ତି। ବିଜେବି କଲେଜର ଛାତ୍ରୀ ରୁଚିକା ମହାନ୍ତି ଘଟଣା ପରେ ବି ବିଜେବି କଲେଜରେ ରାଗିଂ ହୋଇଛି। ବିଜେଡି ସମର୍ଥିତ ଛାତ୍ରୀଛାତ୍ରମାନେ ଓଡ଼ିଶାର ଉଚ୍ଚ ଶିକ୍ଷାନୁଷ୍ଠାନରେ ଏକ ସରକାରୀ ନୀତି ଭାବରେ ରାଗିଂକୁ ଆଗେଇ ନେଇଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାଲ ଦିବ୍ୟାଙ୍ଗ ଏବଂ ସ୍ପୋର୍ଟ୍ସ ସାର୍ଟିଫିକେଟ ଦାଖଲ କରାଯାଇ ଆଡ୍‌ମିଶନ କରାଯାଉଛି। ଏହାଦ୍ୱାରା ମେଧାବୀ ଏବଂ ଦିବ୍ୟାଙ୍ଗ ଛାତ୍ରୀଛାତ୍ରୀଙ୍କ ସ୍ୱାର୍ଥ ବାଧାପ୍ରାପ୍ତ ହେଉଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଓଡ଼ିଶାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଏଭଳି ଘଟଣା ପଦାକୁ ଆସିଛି। ଏହି କେଳେଙ୍କାରିରେ ବିଜୁ ଜନତା ଦଳର ଯୁବ ଓ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ସମ୍ପୃକ୍ତ ରହିଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ, ଅଧ୍ୟକ୍ଷ ଓ ଅଣଶିକ୍ଷକ ଷ୍ଟାଫ୍ ପଦବୀ ବହୁ ପରିମାଣରେ ଖାଲିପଡ଼ିଛି। ଓଡ଼ିଶାର ଶିକ୍ଷା ବିଭାଗର ଅବସ୍ଥା ଅତି ଶୋଚନୀୟ। ଓଡ଼ିଶାର ଗରିବ ଓ ମଧ୍ୟବିତ୍ ପରିବାରର ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟ ସରକାର ସାବତପୁଅ ଦୃଷ୍ଟିରେ ଦେଖୁଛନ୍ତି। ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେଲ୍ଫ ଫାଇନାନ୍ସିଂ କୋର୍ସର ସିଟ୍ ସଂଖ୍ୟାକୁ ହ୍ରାସ କରାଯାଉଛି। ନୱାଜ ଅଭିଯୋଗ କରିଛନ୍ତି, ବିଜୁ ଜନତା ଦଳର ଛାତ୍ର ସଂଗଠନ ଓଡ଼ିଶାର ଛାତ୍ର ସମାଜର ସ୍ୱାର୍ଥ, ଶିକ୍ଷାନୁଷ୍ଠାନମାନଙ୍କର ସୁରକ୍ଷା ଓ ବିକାଶ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପ୍ରସଙ୍ଗରେ କେବେହେଲେ ରାଜରାସ୍ତାକୁ ଆସିନାହାନ୍ତି। ୨୨ ବର୍ଷଧରି ଓଡ଼ିଶାର ଛାତ୍ର ସମାଜକୁ ଉପେକ୍ଷିତ କରାଯାଇଛି। ଛାତ୍ର ବିଜେଡି ଚୁପ୍ ବସିଛି। ଏ ପର୍ଯ୍ୟନ୍ତ କ୍ୟାମ୍ପସକୁ ରାଗିଂମୁକ୍ତ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ବିଧିବଦ୍ଧ ଭାବରେ ସରକାରୀ ସ୍ତରରେ ହେଲ୍ପଡେସ୍କ ଗଠନ ହେଲା ନାହିଁ। ରୁଚିକା ମହାନ୍ତି ପ୍ରସଙ୍ଗକୁ ଚକ୍ରାନ୍ତ କରି ଚପାଇ ଦିଆଗଲା। ଛାତ୍ର ବିଜେଡି ପ୍ରଥମେ ରୁଚିକା ମହାନ୍ତି ପ୍ରସଙ୍ଗରେ ନବୀନ ସରକାରକୁ ଘେରାଉ କରୁ। ଛାତ୍ର ବିଜେଡି ଯେଉଁ କମିଟି ଗଠନ କରିବ ତାହା ଶିକ୍ଷାନୁଷ୍ଠାନମାନଙ୍କୁ ସମ୍ପୂର୍ଣ୍ଣ ନିୟନ୍ତ୍ରିତ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏବେ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ବିଜୁ ଜନତା ଦଳରେ ପରିଣତ ହେବ। ନବୀନବାବୁ ଓଡ଼ିଶାର ଗଣତନ୍ତ୍ରକୁ ହତ୍ୟାକରି ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଜେଡି ଦ୍ୱାରା ପ୍ରଭାବିତ କରିବାକୁ ଚକ୍ରାନ୍ତ କରିଛନ୍ତି ବୋଲି ନୱାଜ ଅଭିଯୋଗ କରିଛନ୍ତି।

# ଅନ୍ୟ ଦଳ ସରକାର ଭାଙ୍ଗିବା ଲାଗି ୬,୩୦୦ କୋଟି ଖର୍ଚ୍ଚ କରିଛି ଭାଜପା: କେଜ୍‌ରିୱାଲ

ନୂଆଦିଲ୍ଲୀ,୨୭।୮

ଅନ୍ୟ ଦଳ ଶାସିତ ରାଜ୍ୟରେ ସରକାର ଭାଙ୍ଗିବା ଲାଗି ଭାଜପା ୬,୩୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଶନିବାର ଅଭିଯୋଗ କରିଛନ୍ତି। ଅନ୍ୟ ରାଜ୍ୟର ସରକାର ଭାଙ୍ଗିବାରେ ଭାଜପା ଏତେ ପରିମାଣରେ ଅର୍ଥ ବ୍ୟୟ କରି ନ ଥିଲେ ଖାଦ୍ୟ ସାମଗ୍ରୀ ଉପରେ କେନ୍ଦ୍ର ସରକାର ଜିଏସ୍‌ଟି ଲଗାଇ ନ ଥାନ୍ତେ କି ଦରଦାମ୍ ଏତେ ବଢ଼ି ନ ଥାନ୍ତା ବୋଲି ସେ କହିଛନ୍ତି। ଅନେକ ରାଜ୍ୟରେ ସରକାର ଭାଙ୍ଗିଥିବା ଭାଜପାକୁ ଶୁକ୍ରବାର କେଜ୍‌ରିୱାଲ 'ସିରିଏଲ୍ କିଲର' କହିଥିଲେ। ଜିଏସ୍‌ଟି ଏବଂ ପେଟ୍ରୋଲ, ଡିଜେଲ୍ ଦର ବୃଦ୍ଧିରୁ ସଂଗୃହୀତ ଅର୍ଥକୁ ଗୈରିକ ଦଳ ବିଧାୟକ କିଣିବାରେ ବିନିଯୋଗ କରୁଥିବା ସେ ଦିଲ୍ଲୀ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ କହିଥିଲେ।

ରାଜ୍ୟ ଖବର

# କୃମିନାଶକ ଖାଇ ୧୦ ଛାତ୍ରୀଛାତ୍ର ଅସୁସ୍ଥ

ଦିଗପହଣ୍ଡି,୨୭।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଜିଉରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା କୃମିନାଶକ 'ଆଲବେଣ୍ଡାଜୋଲ' ଔଷଧ ଖାଇ ୧୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ ସୁସ୍ଥ ଅଛନ୍ତି। ପ୍ରକାଶ ଯେ, ଶୁକ୍ରବାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରେ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଥିଲା। ଏହାର କିଛି ସମୟ ପରେ ୩ଜଣ ଛାତ୍ରୀଛାତ୍ର ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କୁ ଓଆର୍‌ଏସ୍ ପିଇବାକୁ ଦେଇ ଘରକୁ ଛାଡି ଦିଆଯାଇଥିଲା।

# ପୀଡ଼ିତାଙ୍କ ବୟାନ ରେକର୍ଡ

### ଆଶାକର୍ମୀଙ୍କୁ ଗଣବଳାତ୍କାର ଘଟଣା

- ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ଥାନାରେ ମାମଲା ରୁଜୁ

ପାରାଦୀପ,୨୭।୮(ସ୍ୱ.ପ୍ର.)

ପାରାଦୀପ ଆଦର୍ଶଥାନା ଅଞ୍ଚଳରେ ଆଶାକର୍ମୀଙ୍କୁ ଗଣବଳାତ୍କାର ଘଟଣାରେ ଶନିବାର ପୋଲିସ ମାମଲା (ନଂ.୨୭୫/୨୨)ରୁଜୁ କରିଛି। ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇ କୁଜଙ୍ଗ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ପାଖରେ ବୟାନ ରେକର୍ଡ କରାଯାଇଛି। ଏତଦ୍‌ବ୍ୟତୀତ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଜରିଆରେ ଘଟଣାସ୍ଥଳରେ ତଦନ୍ତ କରାଯାଇଛି। ଏହି ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିନାହିଁ। ଏ ସମ୍ପର୍କରେ ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କୁହନ୍ତି, ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଛି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ।

ସୂଚନାଯୋଗ୍ୟ, ଏହି ଥାନା ଅଞ୍ଚଳର ଜଣେ ଆଶାକର୍ମୀ ଖରାବେଳେ ନୂଆବଜାରରେ ରହୁଥିବା ଜଣେ ଏଏନ୍‌ଏମ୍ କର୍ମୀଙ୍କୁ ଦେଖା କରି ସାଇକେଲ୍‌ରେ ଫେରୁଥିଲେ। ଏହି ସମୟରେ ନୂଆବଜାର ହୋଟେଲ ଛକ ନିକଟରୁ ୪ ଜଣ ଯୁବକ ତାଙ୍କୁ ବଳପୂର୍ବକ ଏକ ନାଲି ରଙ୍ଗର କାରରେ ଉଠେଇ ନେଇଥିଲେ। ସେମାନେ ସମ୍ପୃକ୍ତା ମହିଳାଙ୍କ ପାଟିରେ କପଡା ଦେଇ ନେହେରୁବଙ୍ଗଳା ନେଇଯାଇଥିଲେ। ଏଥିସହ ପୀଡିତାଙ୍କ ସାଇକେଲକୁ ହୋଟେଲ ଛକ ପାଖରେ ଥିବା ବଣୁଆ ଘାସ ଭିତରକୁ ଫୋପାଡ଼ି ଦେଇଥିଲେ। ଅଭିଯୁକ୍ତମାନେ ସମ୍ପୃକ୍ତା ମହିଳାଙ୍କୁ ନେହେରୁବଙ୍ଗଳା ମହାନଦୀ ମୁହାଣ ପାଖ ପଥରବନ୍ଧ ଅଞ୍ଚଳର ଏକ ନିକାଞ୍ଚନ ଜାଗାକୁ ନେଇ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ପୁଣି କାରରେ ଆଣି ନୂଆବଜାର ହୋଟେଲ ଛକ ନିକଟରେ ଛାଡିପଳାଇଥିଲେ ବୋଲି ପୀଡ଼ିତା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି। ସମ୍ପୃକ୍ତ ମହିଳା ବର୍ଷେ ହେବ ଆଶାକର୍ମୀ ଭାବେ କାମ କରୁଛନ୍ତି। ଏବେ ସେ ବାପଘରେ ରହୁଛନ୍ତି। ଛାଡ଼ପତ୍ର ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି।

BADRIPRASAD Group of Institutions
ADMISSION OPEN FOR 2022-23
Choose Your Career in
DIPLOMA ENGINEERING
MECHANICAL | CIVIL | ELECTRICAL
ELECTRONICS AND TELECOMMUNICATION
7008920803, 7008757504, 8327725282, 9238400140
At- Debalpali, Majhipali Chowk, PO - Sason, Dist:-Sambalpur, Pin-768200
Web: : www.bitsambalpur.org / Email : bitechsbp@gmail.com / bcctsbp@gmail.com

www.cutm.ac.in
CENTURION UNIVERSITY BALANGIR
SCHOOL OF APPLIED SCIENCES
B.Sc. | M.Sc. | BCA | MCA
SCHOOL OF PHARMACY
B.PHARM | D.PHARM | DMLT
PHYSICS • CHEMISTRY • MATHEMATICS • BOTANY • ZOOLOGY & IT
CENTURION CAMPUS, IDCO LAND, BEHIND NEW BUS STAND, BALANGIR
9437890943 / 7008690029 / 9438576906

ଯାଦୁ | କାଛୁ | କୁଣ୍ଡିଆ | ଫଟା ଗୋଇଠି
ସମସ୍ୟା ଅନେକ ସମାଧାନ ଏକ
ସେଲିକଲ୍
SALICAL STRONG RINGWORM OINTMENT
Available in:
5g, 10g, 15g Pot
25g Tube &
15ml Lotion
Trade Enquries: 9804688185
Available on: Flipkart | amazon

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିମିଟେଡ଼
(ଏକ ଟାଟା ପାୱାର ଏବଂ ଓଡ଼ିଶା ସରକାର ଯୁଗ୍ମ ଉଦ୍ୟୋଗ)
ବିଦ୍ୟୁତ୍ ଚୋରୀ ହେଉଛି ଏକ ସାମାଜିକ ବିପତ୍ତି
(ଇଲେକ୍ଟ୍ରିକ୍ ମିଟରକୁ ଟ୍ୟାମ୍ପରିଂ କରିବା / ହୁକ ପକାଇବା / ବାଇପାସ୍ କରିବା ହେଉଛି ଭାରତୀୟ ବିଦ୍ୟୁତ୍ ଆଇନ୍ ୨୦୦୩ର ଧାରା ୧୩୫ ଅଧିନରେ ଏକ ଧର୍ତ୍ତବ୍ୟ ଅପରାଧ)
ହୁକ୍ ପକାଇ ବିଦ୍ୟୁତ୍ ବ୍ୟବହାର କରିବା ହେଉଛି ଅପରାଧ ଓ ଏଥିପାଇଁ ଆପଣଙ୍କ ଜୀବନ ବିପଦରେ ପଡ଼ିପାରେ
ନୂତନ ସଂଯୋଗ ପାଇଁ : Apply @ Mo-Vidyut App
ବିବରଣୀ ପାଇବା ପାଇଁ : @1912 / ନିକଟସ୍ଥ ଟିପିସିଓଡ଼ିଏଲ୍ ଅଫିସ୍ / ଗ୍ରାହକ ସେବା କେନ୍ଦ୍ର ପରିଦର୍ଶନ କରନ୍ତୁ।
ବିଦ୍ୟୁତ୍ ଚୋରୀ ସମ୍ବନ୍ଧରେ ସୂଚନା ଦେଇ ପୁରସ୍କାର ପାଆନ୍ତୁ
ବିଦ୍ୟୁତ୍ ଚୋରୀ ସମ୍ପର୍କରେ ରିପୋର୍ଟ କରନ୍ତୁ @1912 / 9437158670
ହ୍ୱାଟସ୍‌ଆପ୍ ଜରିଆରେ ବିଦ୍ୟୁତ୍ ଚୋରୀ ରିପୋର୍ଟ କରନ୍ତୁ / SMS@9437158670
ବିଦ୍ୟୁତ୍ ଚୋରୀ ରିପୋର୍ଟକୁ www.tpcentralodisha.com/TPCODL Mitra App ରେ ପଠାନ୍ତୁ
ଆମକୁ ଇମେଲ କରନ୍ତୁ : enforcement@tpcentralodisha.com
ଘରୋଇ / କୃଷି ତାରିଫ ଉପରେ ବାଣିଜ୍ୟିକ / ଔଦ୍ୟୋଗିକ ଲୋଡ୍ ବ୍ୟବହାର କରିବା ହେଉଛି ବିଦ୍ୟୁତ୍‌ର ଅପବ୍ୟବହାର
ବିଦ୍ୟୁତ୍‌ର ଅପବ୍ୟବହାର ପାଇଁ ଜୋରିମାନା ଦେବାକୁ ପଡ଼ିପାରେ !!!
ବିବରଣୀ ପାଆନ୍ତୁ : @1912
ନିକଟସ୍ଥ ଟିପିସିଓଡ଼ିଏଲ କାର୍ଯ୍ୟାଳୟ / ଗ୍ରାହକ ସେବା କେନ୍ଦ୍ର ପରିଦର୍ଶନ କରନ୍ତୁ
ନୂତନ ସଂଯୋଗ ଏବଂ କଣ୍ଟ୍ରାକ୍ଟ ଡ଼ିମାଣ୍ଡ (ଲୋଡ଼)ର ବୃଦ୍ଧି ପାଇଁ :
ବିବରଣୀ ପାଆନ୍ତୁ : @1912
ନିକଟସ୍ଥ ଟିପିସିଓଡ଼ିଏଲ କାର୍ଯ୍ୟାଳୟ / ଗ୍ରାହକ ସେବା କେନ୍ଦ୍ର ପରିଦର୍ଶନ କରନ୍ତୁ

ଇଣ୍ଡିଆନଅଏଲ IndianOil
ମାର୍କେଟିଂଗ୍ ବିଭାଗ - ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ
ଶୁଦ୍ଧିପତ୍ର - ଇଣ୍ଡିଆନଅଏଲ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପାଇଁ ସମ୍ବଲପୁରଠାରେ ଅଫିସ ଆବଶ୍ୟକତା ପାଇଁ ବିଜ୍ଞପ୍ତି
ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପାଇଁ ସମ୍ବଲପୁର ଠାରେ ଭଡ଼ା ସୂତ୍ରରେ ଡିଭିଜନାଲ ଅଫିସ ସ୍ଥାନ ଆବଶ୍ୟକତା ସଂପର୍କରେ ତା14.08.2022ରିଖ ରେ ପ୍ରକାଶ ପାଇଥିବା ବିଜ୍ଞାପନ ସମ୍ପର୍କରେ ଅଟେ ।
ଦୟାକରି ଧ୍ୟାନ ଦିଅନ୍ତୁ ଯେ ବିସ୍ତୃତ ବିଜ୍ଞାପନ ନିୟମାବଳୀ, ସର୍ତ୍ତ ଓ ବ୍ୟବସ୍ଥାବଳୀକୁ **ସମ୍ବଲପୁର ଡିଭିଜନାଲ ଅଫିସ, କାଇଁଶିର ରୋଡ, ଅଇଁଠାପଲ୍ଲୀ, ସମ୍ବଲପୁର, ଓଡ଼ିଶା-768004ରୁ ଯେକୌଣସି କାର୍ଯ୍ୟ ଦିବସର 10.00ଘ. ଠାରୁ 5.30 ଘ.** ମଧ୍ୟରେ ବ୍ୟକ୍ତିଗତ ଭାବେ ସଂଗ୍ରହ କରାଯାଇ ପାରିବ । ଏହି ବିବରଣୀ ତା 14.08.2022ରିଖ ର ବିଜ୍ଞାପନରେ ଉଲ୍ଲେଖ କରାଯାଇଥିବା ପ୍ରକାରେ **www.iocletenders.nic.in** ରେ ଏହା ଉପଲବ୍ଧ ହେବ ନାହିଁ । ଅଫର ଦାଖଲ କରିବା ତାରିଖକୁ ତା**11.09.2022**ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
ତା 14.08.2022ରିଖ ର ବିଜ୍ଞାପନର ଅନ୍ୟାନ୍ୟ ସମସ୍ତ ସର୍ତ୍ତ ଓ ବ୍ୟବସ୍ଥାବଳୀ ଅପରିବର୍ତ୍ତିତ ରହିଛି ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା,
ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଇ-ମେଲ ଆଇଡି: sbi.05174@sbi.co.in
ଗାଡି ନିଲାମ ବିକ୍ରୟ

| ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ବକେୟା ରାଶି | ଗାଡିର ପ୍ରକାର / ମଡେଲ | ପଞ୍ଜିକୃତ ନଂ | ଚେସିସ୍ ନଂ. | ଇଞ୍ଜିନ୍ ନଂ. | ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ (ଟ.) | ଅମାନତ ଜମା ରାଶି (ଟ.) | ଗାଡିର ପାର୍କିଂ ସ୍ଥାନ |
|---|---|---|---|---|---|---|---|---|
| ଶ୍ରୀ କୃଷ୍ଣ ବିଶ୍ୱାଳ, ପିତା: ଶଙ୍କର ବିଶ୍ୱାଳ, ପ୍ଲଟ୍ ନଂ.: ୫୮, ଗଙ୍ଗୋତ୍ରି ନଗର, ରୋଡ଼ ନଂ.: ୩, ଶିଶୁପାଳଗଡ଼, ଭୁବନେଶ୍ୱର /ତା.୧୧.୧୨.୨୦୧୭ ସୁଦ୍ଧା ଟ. ୩୫,୯୦,୫୨୮.୧୩ | BULL SMART FRONT END LOADER | OD-33F-8058 | BSLAF000519 | T42405 1520038 | ୨୦୧୬ | ଟ.୭,୨୦,୦୦୦/- | ଟ.୭୨,୦୦୦/- | ମଙ୍ଗରାଜ ଷ୍ଟକୟାର୍ଡ୍, ଡ଼ାଳଖାଇ ମନ୍ଦିର ଛକ ନିକଟ, ଝାରପଡ଼ା, ଭୁବନେଶ୍ୱର |

ନିଲାମ ତାରିଖ ଏବଂ ସମୟ: ୧୪.୦୯.୨୦୨୨, ଅପରାହ୍ନ ୦୧.୦୦ ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା, ତନଖି ତାରିଖ ଏବଂ ସମୟ: ୦୯.୦୯.୨୦୨୨, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା
ପ୍ରଦତ୍ତ ନିୟମାବଳୀ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଗାଡ଼ିର କ୍ରେତାଙ୍କ ଠାରୁ ଆଦାୟ କରାଯିବ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in, ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ: https://www.mstcecommerce.com/auctionhome/ibapi/index.jsp
ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫
ସ୍ଥାନ: ଭୁବନେଶ୍ୱର, ତାରିଖ: ୨୬.୦୮.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

> ଦେବତାମାନଙ୍କ ଅପେକ୍ଷା ଅସୁରମାନେ ବେଶି ବଳବାନ। କାରଣ ଭଗବାନଙ୍କ ସଙ୍ଗେ ସେମାନଙ୍କର ସର୍ତ୍ତ ହୋଇଛି ଯେ, ସେହିମାନେ ହିଁ ଭଗବାନଙ୍କ କ୍ରୋଧ ଆଉ ଶତ୍ରୁତା ସମ୍ମୁଖରେ ଠିଆହେବେ। ସହ୍ୟ ମଧ କରିବେ ତାଙ୍କର ଭାର। ଦେବତାମାନେ କେବଳ ଭଗବାନଙ୍କ ପ୍ରେମ ଗ୍ରହଣ କରିପାରିଲେ- ତାଙ୍କର ସୁନ୍ଦରତର ଆନନ୍ଦର ସୁଖକର ଭାର। -ଶ୍ରୀଅରବିନ୍ଦ

# କେବଳ ହତାଶ



ଆକାର ପଟେଲ

ଜାତିସଂଘ ସୁରକ୍ଷା ପରିଷଦରେ ଭିଟୋ ପ୍ରୟୋଗ କରିପାରିବା ଭଳି ଏକ ସ୍ଥାୟୀ ଆସନ ପାଇବା ଅଧିକାର ବୋଲି ଭାରତ କହୁଛି। ତେବେ ଏହି ଅଧିକାର ନ ମିଳିବା ଯୋଗୁ କେବେ କେବେ କ୍ରୋଧ, ଉତ୍ତେଜନା ଏବଂ ହତାଶ ଦେଖାଯାଏ ; ଯାହା ଚଳିତ ସପ୍ତାହରେ ନ୍ୟୁୟର୍କରେ ଲକ୍ଷ୍ୟ କରାଯାଇଛି। ଅଗଷ୍ଟ ୨୨ରେ ଆମ ପ୍ରତିନିଧିଙ୍କ ବକ୍ତବ୍ୟରେ ଏଭଳି ହତାଶାଭାବ ଦେଖାଯାଇଛି। ପୂର୍ବରୁ ମଧ ଆମର ହତାଶ ସମ୍ପର୍କିତ ଖବର ପ୍ରକାଶ ପାଇଆସିଛି। ଏଭଳି ଖବରରୁ ବହୁ ସମୟରେ ସ୍ପଷ୍ଟ ହୁଏ ଯେ, ସୁରକ୍ଷା ପରିଷଦର ପୁନର୍ଗଠନରେ କାହିଁକି ଅଗ୍ରଗତି ହେଉନାହିଁ। କଥା ହେଉଛି, ଆମେ ସୁରକ୍ଷା ପରିଷଦରେ ଏକ ଉଚ୍ଚ ପଦବୀ ପାଇଁ ଏକାକୀ ଦାବିଦାର ନୋହୁଁ। ଅନ୍ୟମାନେ ବି ରହିଛନ୍ତି ଓ ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଉଛି ବୋଲି ସେମାନେ ଅନୁଭବ କରୁଛନ୍ତି। ସୁରକ୍ଷା ପରିଷଦର ପୁନର୍ଗଠନ ପାଇଁ ବ୍ୟାପକ ସହମତି ରହିଥିବାବେଳେ 'କଫି କ୍ଲବ୍' ଭାବେ ପରିଚିତ କେତେକ ଦେଶ ଏହାକୁ ବିରୋଧ କରୁଛନ୍ତି। ପାକିସ୍ତାନ ଏହି କ୍ଲବ୍‌ର ଏକ ସଦସ୍ୟ। ବ୍ରାଜିଲର ଦାବିକୁ ଆର୍ଜେଣ୍ଟିନା ବିରୋଧ କରୁଛି। ଇଟାଲୀ ଓ ସ୍ପେନ୍ ବିରୋଧ କରୁଛନ୍ତି ଜର୍ମାନୀକୁ ଏବଂ ଅଷ୍ଟ୍ରେଲିଆ ବିରୋଧ କରୁଛି ଜାପାନକୁ। ଚାଇନା ଯେମିତି ଭାରତକୁ ବିରୋଧ କରେ ସେମିତି ଜାପାନକୁ ମଧ ବିରୋଧ କରିବା ସ୍ୱାଭାବିକ। ବିନା ସର୍ବ ସମ୍ମତିରେ ସୁରକ୍ଷା ପରିଷଦର ପୁନର୍ଗଠନ ହୋଇପାରିବ ନାହିଁ। ବିଶେଷ କରି ଚାଇନାର ଆମ ପ୍ରବେଶ ଉପରେ ଭିଟୋ ପ୍ରୟୋଗର କ୍ଷମତା ରହିଛି। ତାହାର କ୍ଷମତା ଆମ ସହ ଶେୟାର କରିବାକୁ ଚାହିଁବ ବୋଲି ଭାବିବା ଏକ ଭ୍ରମ। ଇଂଲଣ୍ଡ ଓ ଫ୍ରାନ୍ସର ଯାହା କିଛି କ୍ଷମତା ରହିଛି ତାହାକୁ ସେମାନେ ଅନ୍ୟ ଦେଶ ସହ ଶେୟାର କରିବାକୁ କେବେ ବି ଚାହିଁବେ ନାହିଁ। ତେବେ ଭାରତ କ'ଣ ବା କରିପାରିବ। କେବଳ ହତାଶ ହେବା ବ୍ୟତୀତ ଆଉ କିଛି କରିପାରିବ ନାହିଁ। ଭାରତକୁ ଏହି ପଦବୀ ଦିଆ ନ ଯିବା ଉଚିତ ବୋଲି ପାକିସ୍ତାନ ସବୁବେଳେ ସବୁଆଡ଼େ କହୁଥିବାରୁ ହତାଶାଭାବ ଆହୁରି ବଢିବାରେ ଲାଗିଛି। ଆମ ପ୍ରାପ୍ୟ ଆମକୁ ଦିଆଯିବା ସହ ବୈଶ୍ୱିକ ସ୍ତରରେ ଶକ୍ତିଶାଳୀ ଦେଶଗୁଡ଼ିକ ସହ କାର୍ଯ୍ୟ କରିବାକୁ ଅନୁମତି ଦେବା ପାଇଁ ଆମେ ଦାବି କରିବା ଆବଶ୍ୟକ। କିନ୍ତୁ ଆମେ ପାକିସ୍ତାନ ଏବଂ ସୀମାପାର ସନ୍ତ୍ରାସବାଦ ଏବଂ ଆଉ କିଛି ଘଟଣା ଉପରେ ଧ୍ୟାନ ଦେଉଛୁ। ଆମ ଦୂରଦୃଷ୍ଟି ବାସ୍ତବରେ ସଂକୀର୍ଣ୍ଣ। ଜାତିସଂଘ ସାଧାରଣ ପରିଷଦରେ ବାର୍ଷିକ ସଭାରେ ଆମ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କ ବକ୍ତବ୍ୟରୁ ଯଦି ଆମେ ପାକିସ୍ତାନ ସମ୍ପର୍କିତ ସମାଲୋଚନାକୁ ବାଦ୍ ଦେବା ତେବେ ଆମ ଦାବିର କିଛି ଅର୍ଥ ରହିବ। ବିଶ୍ୱକୁ ଦେବା ଲାଗି ଆମ ପାଖରେ ଅନେକ କିଛି ରହିଛି। ପ୍ରଶ୍ନ ହେଉଛି ଭାରତ କାହିଁକି ସୁରକ୍ଷା ପରିଷଦରେ ଏକ ସ୍ଥାନ ଚାହୁଁଛି। ତେବେ ଦୁଇଟି କାରଣରୁ ଆମେ ସମ୍ମାନ ଚାହୁଁଛୁ ବୋଲି ଜଣାପଡୁଛି। ସେଥିମଧ୍ୟରୁ ଗୋଟିଏ ହେଲା ଆତ୍ମସୁରକ୍ଷା।

କଶ୍ମୀରରେ ଜନମତ ସଂଗ୍ରହ କରିବା ପ୍ରତିଶ୍ରୁତିକୁ ଭାରତ ରଦ୍ଦ କରିବା ପରେ ଆମେ ଅନେକ ଦଶନ୍ଧି ଧରି ନିଶ୍ଚିତ କରିବାକୁ ଚେଷ୍ଟା କଲୁ ଯେ, କଶ୍ମୀରରେ ଜନମତ ସଂଗ୍ରହକୁ ନେଇ ଜାତିସଂଘ ପ୍ରସ୍ତାବଗୁଡ଼ିକ ଶେଷ କିମ୍ବା ନିଷ୍କ୍ରିୟ ହୋଇଯାଇଛି। ଅନେକ ଭାରତୀୟ ଜାଣିନାହାନ୍ତି ଯେ ଜାତିସଂଘ ମିଲିଟାରି ପର୍ଯ୍ୟବେକ୍ଷକ ଗ୍ରୁପ ରହିଛି ଓ ପାକିସ୍ତାନ ସହ ଆମର ବିବାଦ ଉପରେ ନଜର ରଖିବାକୁ ଏହା ଭାରତରେ ରହିଛି। କଶ୍ମୀରରେ ଦମନକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଭାରତ ସବୁବେଳେ ଚାପର ସମ୍ମୁଖୀନ ହୋଇଛି ଏବଂ ଏକ ଭିଟୋ ହାସଲ କରି ଏହାକୁ ଟାଳିବାକୁ ଚେଷ୍ଟାରେ ରହିଛି। ଏହାକୁ ଛାଡ଼ିଲେ ଆମେ ପଦବୀ ଚାହିଁବାର ଆଉ କୌଣସି କାରଣ ନ ଥିବା ମନେହେଉଛି। ସୁରକ୍ଷା ପରିଷଦ ବାହାରେ ଆମେ କିଛି କରିପାରି ନ ଥିବାବେଳେ ସେଠାରେ ରହି ଆମେ କ'ଣ କରିପାରିବା ? ସୁରକ୍ଷା ପରିଷଦରେ ସ୍ଥାନ କିମ୍ବା ଆବଶ୍ୟକ ସେନା ନ ଥାଇ ବିଶ୍ୱରେ ଫ୍ରାନ୍ସ ଅପେକ୍ଷା ଜାପାନ ଓ ଜର୍ମାନୀ ଅତ୍ୟଧିକ ପ୍ରଭାବ ପକାନ୍ତି। ଅନ୍ୟପଟେ ସୁରକ୍ଷା ପରିଷଦର ୫ ସ୍ଥାୟୀ ସଦସ୍ୟ ଭିତରେ ରହି ଚାଇନା ବିକାଶ କରିନାହିଁ। ଏହା କେବଳ ସମ୍ଭବ ହୋଇଛି ତା'ର ଆର୍ଥିକ ଅଭିବୃଦ୍ଧି ଓ ବାଣିଜ୍ୟିକ କ୍ଷମତା ଏବଂ ବୃହତ୍ ଭିତ୍ତିଭୂମି ପ୍ରୋଜେକ୍ଟ ପାଇଁ। ଏହି ଶକ୍ତି ତା' ଭିଟୋ କ୍ଷମତା ଠାରୁ ଅଧିକ। କିନ୍ତୁ ଭାରତର ସମସ୍ୟା ହେଉଛି, ଏହାର ଆର୍ଥିକ ଶକ୍ତି ଚାଇନା ତୁଳନାରେ ଏକ ପଞ୍ଚମାଂଶ ; ଯେଉଁଥିପାଇଁ ଶୀର୍ଷ ପଦବୀରେ ବସିପାରୁନାହିଁ। ଯଦି ଆମ ପାଖରେ ଚାଇନା ଭଳି ଆର୍ଥିକ ଶକ୍ତି ରହିଥାଆନ୍ତା, ତେବେ ଆମେ ସୁରକ୍ଷା ପରିଷଦରେ ରହି ନ ଥିଲେ ମଧ ଆମର କିଛି ଅସୁବିଧା ହୋଇ ନ ଥାନ୍ତା। ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟ ଭାବେ ରହିବାକୁ ଆମେ ଆଶା କରିବାର ଦ୍ୱିତୀୟ କାରଣ ରହିଛି। ଜନସଂଖ୍ୟା ଏବଂ ସ୍ୱତନ୍ତ୍ର ଅସ୍ତିତ୍ୱସମ୍ପନ୍ନ ସମାଜକୁ ଆଧାର କରି ଏଥିପାଇଁ ଆମେ ହକଦାର ବୋଲି କହୁଛୁ। କିନ୍ତୁ ପ୍ରଥମଟିରେ ସଫଳ ହେବାର ସମ୍ଭାବନା ନାହିଁ। ଦ୍ୱିତୀୟଟିରେ ଅଧିକ କିଛି କହିବାର ନାହିଁ, କାରଣ ବିଗତ କିଛି ବର୍ଷ ହେବ ଭାରତର ବ୍ୟବହାର ଆମ ଦାବିକୁ ବ୍ୟର୍ଥ କରିଦେଇଛି।

ଆର୍ଥିକ ଦିଗରୁ ଆମ ଅଞ୍ଚଳକୁ ଆମେ ସଂଗଠିତ କରିପାରିନାହୁଁ। ଅନ୍ୟପକ୍ଷରେ ପଡ଼ୋଶୀମାନଙ୍କ ସହ ଶତ୍ରୁତାପୂର୍ଣ୍ଣ ସମ୍ପର୍କ ରହିଛି। ଜାତିସଂଘକୁ ଅର୍ଥ ଦେବାରେ ଆମେ ପୃଥିବୀର ସବୁଠୁ ଗରିବ ଦେଶ। ବର୍ଷକୁ ଆମେ ଜାତିସଂଘକୁ ୨୩ ମିଲିୟନ ଡଲାର ଦେଉଛୁ। ଏହା ଅଷ୍ଟ୍ରେଲିଆ, କାନାଡା, କୋରିଆ, ସ୍ପେନ, ନେଦରଲାଣ୍ଡ, ଇଟାଲୀ, ସୁଇଜରଲାଣ୍ଡ, ସୁଇଡେନ ଏବଂ ତୁର୍କୀଠାରୁ ମଧ କମ୍। ଇଂଲଣ୍ଡ ଏବଂ ଫ୍ରାନ୍ସ ଆମଠାରୁ ୫ଗୁଣ, ଜର୍ମାନୀ ୭ଗୁଣ, ଜାପାନ ୧୦ଗୁଣ, ଚାଇନା ୧୫ ଗୁଣ ଅଧିକ ଦେଉଛି। ୨୦୧୮ରେ ଆମେରିକା ୧୦ ବିଲିୟନ ଡଲାର ଦେଇଥିଲା ; ଯାହା ଆମଠାରୁ ୪୦୦ଗୁଣ ବେଶି। ଏହି କାରଣରୁ ସେମାନଙ୍କର କ୍ଷମତା ରହିଛି। ଭାରତ ସୁରକ୍ଷା ପରିଷଦରେ ରହିବାକୁ ଚାହୁଁଛି ସତ, କିନ୍ତୁ ଏହାର କାରଣ ସମ୍ପର୍କରେ ଆମ ଭିତରେ ଉଚିତ ଆଲୋଚନା ହେଉନାହିଁ। ଥରେ ଆମେ ଏହି ପଦବୀ ପାଇଲେ ତାହାକୁ ନେଇ କ'ଣ କରିବୁ ଏବଂ ତା'ର ମୂଲ୍ୟ, ଦାୟିତ୍ୱ କ'ଣ ରହିବ ସେ ବିଷୟରେ ବି ଆଲୋଚନା କରୁନାହୁଁ। କେବଳ ଏହା ଦରକାର ବୋଲି ଆମେ ଜାଣୁ ଓ ଆମକୁ ଏହା ଦିଆଯାଉ ବୋଲି ଦାବି କରୁ।

Email:aakar.patel@gmail.com

# ସଂକଟରେ ବନ୍ୟପ୍ରାଣୀ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ସମ୍ପ୍ରତି ହାତୀମୃତ୍ୟୁ ଘଟଣା ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଛି। ପ୍ରାୟ ପ୍ରତ୍ୟେକ ଦିନ କୌଣସି ନା କୌଣସି ସ୍ଥାନରେ ହାତୀମୃତ୍ୟୁ ଶିକାରଜନିତ ହେଉ ବା ଦୁର୍ଘଟଣାଜନିତ ହେଉ ଘଟୁଛି। କେବଳ ହାତୀମୃତ୍ୟୁ ନୁହେଁ, ବାଘ ଓ ହରିଣ ଶିଙ୍ଗ ତଥା ବଜ୍ରକାପ୍ତା ଚୋରାଚାଲାଣ ଖବର ମଧ ପ୍ରକାଶ ପାଉଛି। ଏହିସବୁ ବନ୍ୟ ସମ୍ପଦକୁ ସବୁଦିନ ଲୋପ କରିବାକୁ ଅହରହ ଚେଷ୍ଟା ଚଳାଇଛନ୍ତି କିଛି ଅପରିଣାମଦର୍ଶୀ ଲୋକ। କେବଳ ତାଙ୍କୁ ଯେ ଜଙ୍ଗଲ ବିଭାଗ କର୍ମଚାରୀ ଏବଂ ପୁଲିସର ପ୍ରୋତ୍ସାହନ ମିଳୁନାହିଁ ତାହା କହିହେବ ନାହିଁ। ଆମେ କେବଳ ଏତିକି କହିପାରୁ, ବାଡ଼ ଯେବେ ଫସଲ ଖାଏ, ତେବେ ଆମେ ଆଉ କ'ଣ କରିପାରିବା ?

ଗତ ଅଗଷ୍ଟ ୨୦୨୨ରେ ଶେଷ ହୋଇଥିବା ବିଧାନସଭା ଅଧିବେଶନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ହାତୀମୃତ୍ୟୁକୁ ନେଇ ଯେଉଁ ବିଶଦ ତଥ୍ୟ ରଖିଛନ୍ତି, ତାହା ନିଶ୍ଚିତ ଭାବେ ଉଦ୍‌ବେଗଜନକ। ମନ୍ତ୍ରୀଙ୍କ କହିବାନୁସାରେ ୨୦୧୯-୨୦ ଆର୍ଥିକ ବର୍ଷକୁ ମିଶାଇ ଗତ ୩ବର୍ଷରେ ହାତୀମୃତ୍ୟୁ ସଂଖ୍ୟା ୮୨। ୨୦୨୦-୨୧ରେ ଯଥାକ୍ରମେ ୭୭ ଏବଂ ୨୦୨୧-୨୨ରେ ସର୍ବାଧିକ ୮୬ଟି ହାତୀ ଏହିପରି ମୋଟ ୨୪୫ ହାତୀ ବିଗତ ପାଞ୍ଚ ବର୍ଷ ମଧ୍ୟରେ ମୃତ୍ୟୁମୁଖରେ ପଡ଼ିଛନ୍ତି। ଏଥିରୁ ଏକଦଶମାଂଶ ମନୁଷ୍ୟକୃତ। ତାଙ୍କ କହିବାନୁସାରେ ହାତୀମୃତ୍ୟୁର କାରଣ ହେଉଛି- (୧) ଟ୍ରେନ୍ ଧକ୍କା, (୨) ବିଦ୍ୟୁତ ଆଘାତ, (୩) ବିଷକ୍ରିୟା, (୪) ଶିକାରଏବଂ (୫) ପ୍ରାକୃତିକ ମୃତ୍ୟୁ।

ଜଙ୍ଗଲ ମାଫିଆଙ୍କ ଦ୍ୱାରା ଜଙ୍ଗଲ କାଟି ସଫା କରାଯାଉଥିବାରୁ ହାତୀମାନେ ଜନବସତି ଆଡ଼କୁ ମୁହାଁଉଛନ୍ତି। ସୁତରାଂ ବାଟରେ ଆସିଲା ବେଳେ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରୁଛନ୍ତି। ଏତଦ୍‌ବ୍ୟତୀତ ଶିକାରୀମାନେ ହାତୀଦାନ୍ତ ଲୋଭ ପାଇଁ ବିଦ୍ୟୁତ ତାର ଘେରେଇଥା'ନ୍ତି ବା ଶିକାର କରିଥା'ନ୍ତି। ଯେତେ ସତର୍କ ଏବଂ ତାଗିଦା କଲେ ମଧ ପ୍ରତିବର୍ଷ ଟ୍ରେନ୍ ଧକ୍କାଜନିତ ହାତୀମୃତ୍ୟୁ ବଢୁଛି ସିନା କମୁନାହିଁ ଏବଂ ଶିକାର ତ ଅବାଧ ଗତିରେ ଚାଲିଛି। ହାତୀମୃତ୍ୟୁର ଶିକାର ପାଇଁ ବନ କର୍ମଚାରୀ ଗିରଫ ମଧ ହୋଇଛନ୍ତି। କେତେଜଣଙ୍କୁ ନିଲମ୍ବିତ ମଧ କରାଯାଇଛି। କିଛିଦିନ ଏହି ବାବୁମାନେ ଘରେ ବସିବେ ଏବଂ ଅଧା ଦରମା ପାଇବେ। ପରିଶେଷରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେବେ ଏବଂ ସରକାରଙ୍କଠାରୁ ସମସ୍ତ ପ୍ରାପ୍ୟ ପାଇବେ। ଦଣ୍ଡହାର କ୍ୱଚିତ ହେଉଥିବାରୁ ଏ ଦିଗରେ ହାତୀମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି ସିନା କମିବାର ନାଁ ଗନ୍ଧ ନେଉନାହିଁ।



ପୁନଶ୍ଚ ସ୍ଥାନୀୟ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗକୁ ଯେତେ ସତର୍କ କରାଗଲେ ମଧ ଉଭୟେ ପରସ୍ପର ବିରୋଧରେ ଆରୋପ ଆଣି ନିଜକୁ ଦୋଷମୁକ୍ତ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଯାହା ଜଣାପଡୁଛି, ଏ ଦିଗରେ ଆମମାନଙ୍କର ସମ୍ବେଦନଶୀଳତା ଯଥେଷ୍ଟ କମ୍। ବିଷକ୍ରିୟା ଓ ବନ୍ଧୁକ ଗୁଳିଜନିତ ହାତୀମୃତ୍ୟୁ ଲୋଭୀ ଅମଣିଷ ଦ୍ୱାରା ହେଉଛି। ସବୁଠାରୁ ଉଦ୍‌ବେଗଜନକ କଥା ହେଲା, ଅମାନବୀୟ ଭାବେ ହାତୀକୁ ଶିକାର କରାଯାଉଥିଲେ ମଧ ଜଙ୍ଗଲ କର୍ମଚାରୀଙ୍କ ପରବର୍ତ୍ତୀ ପଦକ୍ଷେପ ଅତ୍ୟନ୍ତ ଜଟିଳ ଏବଂ କଠିନ ହୋଇଥିବାରୁ ଓ ସର୍ବୋପରି ଉଚ୍ଚ କର୍ମକର୍ତ୍ତାମାନେ ଏଥିରେ ନୀରବ ରହି ତଳ କର୍ମଚାରୀଙ୍କୁ ପ୍ରୋତ୍ସାହନ ଦେଉଥିବାର ସନ୍ଦେହ କରାଯାଏ। ନିକଟ ଅତୀତରେ ଆଠଗଡ଼ ଡିଭିଜନରେ ଏକ ଗୁଳିବିଦ୍ଧ ଦନ୍ତାର ମୃତ୍ୟୁ ଏବଂ ମୃତ ହାତୀର କଙ୍କାଳ ଉଦ୍ଧାର ଘଟଣାରେ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ ୬ ଜଣଙ୍କୁ ଗିରଫ କରିଛି ଓ ଦୁଇଜଣ ଫରେଷ୍ଟର ଏ ଘଟଣା ପରେ ଗାଏବ ହୋଇ ଯାଇଥିଲେ। ତନ୍ମଧ୍ୟରୁ ଜଣକୁ ପୋଲିସ ଗିରଫ କରିଛି ଏବଂ ଅନ୍ୟ ଜଣେ ଫରେଷ୍ଟରଙ୍କୁ ବିଭାଗ ନିଲମ୍ବନ କରିଛି। ଏଠି ପ୍ରଶ୍ନ ଉଠୁଛି, ରକ୍ଷକ ଯଦି ଭକ୍ଷକ ହୁଏ, ସେ କ୍ଷେତ୍ରରେ ଆମେ କାହାକୁ କହିବା।

ଆମ କଥାଟି ଏତିକିରେ ସରିନାହିଁ। ସମ୍ବଲପୁର ଜିଲା ପଡ଼ିଆବାହାଲ ଜଙ୍ଗଲ ଡିଭିଜନ ବଡ଼ସାହି ରେଞ୍ଜର, ଜୁଜୁମରା ବ୍ଲକ୍ ସାପଲାହାର ଗ୍ରାମରେ ପୋଖରୀକୁ ପାଣି ପିଇବାକୁ ଆସିଥିବା ଏକ ବାର ବର୍ଷୀୟ ଦନ୍ତାହାତୀ ୨୨ ଜୁନ୍ ୨୦୨୨ରେ ମୃତ୍ୟୁବରଣ କଲା। ହାତୀର ଶରୀରରେ ଏତେବଡ଼ କ୍ଷତ ହୋଇଥିଲା ଯେ ତାହା ସଂକ୍ରମିତ ହେଲା ପରେ ବିକଳରେ ହାତୀଟି ପାଣିରେ ପଶି ଯାଇଥିଲା ଏବଂ ଦୁର୍ଘଟଣାବଶତଃ ଆଉ ବାହାରି ପାରିନଥିଲା। କିଛିଦିନ ମୃତ୍ୟୁ ସହ ସଂଗ୍ରାମ କରି ମୃତ୍ୟୁବରଣ କଲା।

କେବଳ ହାତୀ ନୁହେଁ, କେଉଁଠି ନା କେଉଁଠି ଚିତ୍ତା ବାଘ, ମହାବଳ ବାଘ ଚମଡ଼ା ଓ ଦାନ୍ତ, ଜୀବନ୍ତ ବଜ୍ରକାପ୍ତା ଓ ତା'ର କାତି, ହରିଣ ଛାଲ ଓ ଶିଙ୍ଗ ଏବଂ ଜିଅନ୍ତା କଇଁଛ ଆଦି ରାଜ୍ୟ ବାହାରକୁ ତଥା ବିଦେଶକୁ ଚାଲାଣ ହେଉଥିବା ଖବର ପ୍ରକାଶ ପାଉଛି। ସମୟେ ସମୟେ ଧରପଗଡ଼ ହେତୁ ଶିକାରୀ ଏବଂ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷ ଗିରଫ ହୋଇ କୋର୍ଟ ଚାଲାଣ ହେଉଛନ୍ତି, ମାତ୍ର ଫଳ ହେଉଛି ଶୂନ। ଆମ ରାଜ୍ୟରେ ଜଙ୍ଗଲଜାତ ଦ୍ରବ୍ୟ, ଜଙ୍ଗଲୀ ଜୀବଜନ୍ତୁ ଚାଲାଣ ଏବଂ ଚୋରାକାଠ ଚାଲାଣ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ମଝିରେ ମଝିରେ ଆମ ବିଚାରରେ ଲୋକଦେଖାଣିଆ ଧରପଗଡ଼ ହେଉଛି। ଜାଣିଶୁଣି ଜଙ୍ଗଲ ବିଭାଗ ଓ ପୋଲିସ ବିଭାଗ ଦୁର୍ବଳ ଦଫା ଲଗାଇବା ଦ୍ୱାରା କିମ୍ବା କିଛି ଲାଞ୍ଚୁଆ କର୍ମଚାରୀଙ୍କ ଯୋଗୁ ଏତେସବୁ ବ୍ୟବସ୍ଥା ଥାଇ ମଧ ଏକଥା ଏପରି ଅବାଧ ଗତିରେ ଚାଲୁଛି। ଦିନକୁଦିନ କାଠମାଫିଆ ଏତେ ପ୍ରବଳ ହେଲେଣି ଯେ, କର୍ମଚାରୀଙ୍କୁ ଧମକାଇବା, ବାଡ଼େଇବା ଏବଂ ଗୁଳିମାରିବା ଇତ୍ୟାଦି ଖବର ପ୍ରକାଶ ପାଉଛି। ଏହା ସହିତ ତାଳଦେଇ ବନ୍ୟଜନ୍ତୁ ଚୋରାଚାଲାଣ ବଢ଼ିଚାଲିଛି ; ଯାହା ଆମେ ପୂର୍ବରୁ କହିସାରିଛୁ। କେଉଁଠି କେଉଁ ଜନ୍ତୁ ଓ ଶିକାର ରହିଛନ୍ତି, ତାହା କେବଳ ଏ ଶିକାରୀମାନଙ୍କୁ ହିଁ ଜଣା। ସେମାନେ ଖବର ପାଉଛନ୍ତି କିପରି? ଏଥିରେ କ'ଣ ଜଙ୍ଗଲ କର୍ମଚାରୀଙ୍କର କିଛି ହାତ ନାହିଁ? ଏମାନେ କ'ଣ ସନ୍ଦେହରୁ ଊର୍ଦ୍ଧ୍ୱରେ ? ଏସବୁ ଅନେକ ପ୍ରଶ୍ନ ଆମମାନଙ୍କ ମନରେ ଉଙ୍କି ମାରୁଛି।

ଏଠାରେ ପ୍ରଶ୍ନ ଉଠେ ଯେ, ଓଡ଼ିଶାରେ ତିନୋଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଶିମିଳିପାଳ, ସାତକୋଶିଆ ଓ ସୁନାବେଡ଼ାରେ ଅଛି। କେବଳ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ବର୍ଷକୁ ଏ ଦିଗରେ ୪ ରୁ ୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ୨୦୧୫ର ପରିସଂଖ୍ୟାନ କହୁଛି ଓଡ଼ିଶାରେ ମହାବଳ ବାଘଙ୍କ ସଂଖ୍ୟା ୨୮। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ସବୁ ରାଜ୍ୟକୁ ଯଥେଷ୍ଟ ଅର୍ଥ ଓ ଜ୍ଞାନ କୌଶଳ ଯୋଗାଇ ଦେଉଥିବା ବେଳେ କିଛି ରାଜ୍ୟ ଯଥା- ମହାରାଷ୍ଟ୍ର, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ କେରଳରେ ବାଘସଂଖ୍ୟା ବଢୁଥିବାବେଳେ ଓଡ଼ିଶାରେ କାହିଁକି ଏମାନଙ୍କ ସଂଖ୍ୟା ସେହି ୨୮ରେ ସୀମିତ ରହିଛି। ଏସବୁ କଥା କ'ଣ ବନ ବିଭାଗର ଅପାରଗତାକୁ ଦର୍ଶାଉନାହିଁ କି ?

ଏବେ ଆସନ୍ତୁ ଗୋଟିଏ ହରିଣ ବିଷୟରେ ଆଲୋଚନା କରିବା। ଶିକାରୀମାନେ ଯଥେଷ୍ଟ ଲାଭ ପ୍ରତ୍ୟାଶାରେ ମାଂସ ପାଇଁ ହରିଣ ଶିକାର କରୁଥିବା ବେଳେ ତା'ର ଚମଡ଼ାକୁ ଆନ୍ତର୍ଜାତିକ ବଜାରକୁ ଚୋରା ଚାଲାଣ କରୁଛନ୍ତି। ସେଠି ଏହାର ମୂଲ୍ୟ କାହିଁରେ କ'ଣ। ସେହିପରି ବଜ୍ରକାପ୍ତା କାତିରୁ ଓ ଅନ୍ୟାନ୍ୟ ଅଂଶରୁ ଔଷଧ ପ୍ରସ୍ତୁତ ହେଉଛି ଚାଇନା ଓ ଅନ୍ୟ କିଛି ଦେଶରେ। ଶିକାରୀ ଓ ଚୋରା ଚାଲାଣକାରୀମାନେ ବଜ୍ରକାପ୍ତାକୁ ଯେପରି ଧରି ଚୋରାଚାଲାଣ କରୁଛନ୍ତି, ସେଥିରୁ ଜଣାପଡୁଛି ଏମାନେ ଅଳ୍ପ କିଛିଦିନ ଭିତରେ ବଜ୍ରକାପ୍ତାର ବଂଶ ସମ୍ପୂର୍ଣ୍ଣ ଭାବେ ବୁଡ଼ାଇଦେବେ।

ପରିଶେଷରେ ଆମେ ଯଦି ସଚେତନ ନ ହେବା, ତା'ହେଲେ ଆଉ କାହାକୁ କହିବା? ଏଠାରେ ଗୋଟିଏ ଆପ୍ତବାକ୍ୟ ମନେପଡୁଛି- ଚେଙ୍ଗ ଶୋଇଥିବ ଯିଏ ; ତାକୁ ଉଠାଇବ କିଏ ?

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ଚୈତନ୍ୟ ଧାମ, ଶବରସାହି, ଭୁବନେଶ୍ୱର
ମୋ: ୯୪୩୮୦୭୨୮୫୦

# ଚିତ୍ରଣ ସାମ୍ବାଦିକା

## ବ୍ୟକ୍ତିତ୍ୱ



ଫାହମିଦା ଅଜିମ୍

ଖବରକାଗଜ, ପତ୍ରିକା, ଗୀତ ସଂଯୋଜନା, ଅନ୍‌ଲାଇନ୍ ସାମ୍ବାଦିକତା ଓ ସାହିତ୍ୟ ଆଦି କ୍ଷେତ୍ରର ୨୧ଟି ବର୍ଗରେ ଉତ୍କର୍ଷଲାଭ କରିଥିବା ବ୍ୟକ୍ତିଙ୍କୁ ପ୍ରତିବର୍ଷ ପୁଲିଜର ସମ୍ମାନ ପ୍ରଦାନ କରାଯାଇଥାଏ। ହଙ୍ଗେରୀୟ-ଆମେରିକୀୟ ରାଜନୀତିଜ୍ଞ ତଥା ଖବରକାଗଜ ପ୍ରକାଶକ ଯୋଶେଫ୍ ପୁଲିଜର ତାଙ୍କ ଉଇଲ୍‌ରେ ଉଲ୍ଲେଖ କରିଥିବା ବିଷୟ ଅନୁଯାୟୀ ୧୯୧୭ରେ ପ୍ରତିଷ୍ଠିତ ଏହି ପୁରସ୍କାର ପ୍ରତିବର୍ଷ ଦିଆଯାଇଆସୁଛି। ୨୦ଟି ବର୍ଗର ପ୍ରତ୍ୟେକ ବିଜେତାଙ୍କୁ ୧୫,୦୦୦ ଆମେରିକୀୟ ଡଲାର ଓ ଏକ ପ୍ରମାଣପତ୍ର ଦିଆଯାଉଥିବା ବେଳେ ସମାଜସେବା କ୍ଷେତ୍ରରେ ମନୋନୀତ ବ୍ୟକ୍ତିଙ୍କୁ ସ୍ୱର୍ଣ୍ଣପଦକ ଦିଆଯାଇଥାଏ। ଆମେରିକାର ଅନ୍‌ଲାଇନ ପତ୍ରିକା 'ଇନ୍‌ସାଇଡର' ପାଇଁ କାର୍ଯ୍ୟ କରୁଥିବା ବାଂଲାଦେଶ ଜନ୍ମିତ ଫାହମିଦା ଅଜିମ୍‌ଙ୍କୁ 'ଇଲଷ୍ଟ୍ରେଟେଡ୍ ରିପୋର୍ଟିଂ ଆଣ୍ଡ କମେଣ୍ଟ୍ରି' ବର୍ଗରେ ୨୦୨୨ ପୁଲିଜର ପୁରସ୍କାର ଲାଗି ଚୟନ କରାଯାଇଛି। ନ୍ୟୁୟର୍କରୁ ପ୍ରକାଶ ପାଉଥିବା 'ଇନ୍‌ସାଇଡର'ରେ କାର୍ଯ୍ୟରତ ସାମ୍ବାଦିକ ଆଣ୍ଟୋନୀ ଡେଲ୍ କୋଲ୍, ଜୋସ୍ ଆଡାମ୍ସ ଏବଂ ୱାଲ୍ଟ ହିକ୍କି ମଧ ପୁଲିଜର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଚାରିଜଣ ଚାଇନାର ଉଇଗୁରରେ ଥିବା ମୁସଲମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ବନ୍ଧୀୟ ବହୁ ବିଷୟ ଲୋକଲୋଚନକୁ ଆଣିବାରେ ବଳିଷ୍ଠ ଭୂମିକା ନିର୍ବାହ କରିଛନ୍ତି। ତେବେ ଫାହମିଦା 'ହାଓ ଆଇ ଏସ୍‌କେପଡ୍ ଏ ଚାଇନିଜ୍ ଇଣ୍ଟର୍ନମେଣ୍ଟ କ୍ୟାମ୍ପ' ଶୀର୍ଷକ କରିଥିବା ଇଲଷ୍ଟ୍ରେଶନ ବା ରେଖା/ଚିତ୍ରାଙ୍କନ ସମ୍ବନ୍ଧୀୟ ରିପୋର୍ଟିଂ ବିଚାରକମଣ୍ଡଳୀର ଦୃଷ୍ଟି ଆକର୍ଷଣ କରିଥିବାରୁ ତାଙ୍କ କାର୍ଯ୍ୟ ଅଧିକ ଆଲୋଚିତ ହେଉଛି।

ବାଂଲାଦେଶରେ ଜନ୍ମିତ ଫାହମିଦା ଆମେରିକାରେ ରହୁଛନ୍ତି। ତାଙ୍କୁ ଯେତେବେବେଳେ ୬ ବର୍ଷ ବୟସ ହୋଇଥିଲା ପରିବାର ଆମେରିକାର ଭର୍ଜିନିଆକୁ ଚାଲିଯାଇଥିଲେ। ସାମ୍ବାଦିକତା ବୃତ୍ତିରେ ପରିଚିତି ହାସଲ କରିପାରିଥିଲେ ହେଁ ଜଣେ ଚିତ୍ରକର ଓ ଗାଳ୍ପିକା ଭାବେ ସୃଜନ ପରିମଣ୍ଡଳରେ ସେ ଜଣାଶୁଣା। ପରିଚୟ, ସଂସ୍କୃତି ଓ ସ୍ୱାୟତ୍ତତା ସମ୍ବନ୍ଧୀୟ ବିଷୟବସ୍ତୁ ତାଙ୍କ କାର୍ଯ୍ୟର କେନ୍ଦ୍ରସ୍ଥଳୀ ପାଲଟିଯାଇଛି। 'ଏନ୍‌ପିଆର୍', 'ଗ୍ଲାମର', 'ସାଇଣ୍ଟିଫିକ୍ ଆମେରିକାନ୍', 'ଇଣ୍ଟରସେପ୍ଟ', 'ଭାଇସ୍' ଓ 'ଦି ନ୍ୟୁୟର୍କ ଟାଇମ୍ସ' ଆଦି ବହୁ ଅନ୍ତର୍ଜାତୀୟ ପତ୍ରିକା ଓ ଖବରକାଗଜରେ ତାଙ୍କ କଳାକୃତି ଦେଖିବାକୁ ମିଳିଥାଏ। ନିଜ ପୁସ୍ତକ 'ମୁସ୍‌ଲିମ୍ ଓମେନ୍ ଆର୍ ଏଭ୍ରିଥିଙ୍ଗ୍'ସହ ଅନେକ ପୁସ୍ତକରେ ସେ ଚିତ୍ର ଅଙ୍କନ କରିଛନ୍ତି। ଅନ୍ୟ ପ୍ରତିଯୋଗୀ ଗଣମାଧ୍ୟମ କ'ଣ ପ୍ରକାଶ କରୁଛନ୍ତି ଓ କିଭଳି ଟିଆର୍‌ପି ପଛରେ ଧାଉଁଛନ୍ତି, ସେଥିରେ ବିଚଳିତ ନ ହୋଇ ସକାରାତ୍ମକ ସାମ୍ବାଦିକତା ଦିଗରେ ଫାହମିଦା ଓ ତାଙ୍କ ଟିମ୍ କାର୍ଯ୍ୟ କରିଥାଏ ବୋଲି ସେ କହିଥାଆନ୍ତି। ବରଂ ନିଷ୍ପେଷିତଙ୍କ କାହାଣୀକୁ ଲୋକଲୋଚନକୁ ଆଣିବାରେ ଆନନ୍ଦ ପାଇଥାଆନ୍ତି। ଏଥିସହିତ ଯେଉଁମାନେ କଠିନ ପରିଶ୍ରମ କରି ଜୀବନରେ ସଫଳତା ହାସଲ କରିଥାଆନ୍ତି, ସେହିଭଳି ବ୍ୟକ୍ତିତ୍ୱଙ୍କ ବିଷୟରେ ବର୍ଣ୍ଣନା କରିବା ଦ୍ୱାରା ସେଥିରୁ ଅନେକେ ଅନୁପ୍ରାଣିତ ହୋଇଥାଆନ୍ତି ବୋଲି ସେ କହିଛନ୍ତି। ବୃହତ୍ ଗଣମାଧ୍ୟମର ଲେନ୍ସ ବାହାରକୁ ସାଧାରଣତଃ ଏହି ବିଷୟ ଚାଲିଯାଉଥିବାରୁ ସେଗୁଡ଼ିକୁ ନିଜ ରିପୋର୍ଟିଂ, ଲେଖା ଓ ରେଖାଚିତ୍ରରେ ସ୍ଥାନିତ କରିପାରିଥିବାରୁ କ୍ୟାରିୟର ସର୍ବଦା ଆହ୍ୱାନପୂର୍ଣ୍ଣ ହୋଇଥାଏ ଏବଂ ସେଥିରୁ ପ୍ରଚୁର ଆନନ୍ଦ ମିଳିଥାଏ ବୋଲି ଫାହମିଦା କହିଛନ୍ତି। ସେଥିପାଇଁ ସାମ୍ବାଦିକତା ତାଙ୍କ ପାଇଁ ବୃତ୍ତି ନୁହେଁ, ଏକ ଆବେଗ ପାଲଟିଯାଇଛି ବୋଲି କହିଥାଆନ୍ତି।

ବାଂଲାଦେଶରେ ଜନ୍ମିତ ଓ ପୁଲିଜର ପୁରସ୍କାର ପାଇବାରେ ଫାହମିଦା ହେଉଛନ୍ତି ତାଙ୍କ ଦେଶର ଦ୍ୱିତୀୟ ବ୍ୟକ୍ତି। ୨୦୧୮ରେ ମହମ୍ମଦ ପୋନିର ହୋସେନ୍ ରଏଟର ଫଟୋଗ୍ରାଫି ଷ୍ଟାଫ୍ ଭାବେ 'ଫିଚର ଫଟୋଗ୍ରାଫି' ବର୍ଗରେ ଏହି ମର୍ଯ୍ୟାଦାଜନକ ସମ୍ମାନ ପାଇଥିଲେ। ତେବେ 'ହାଓ ଆଇ ଏସ୍‌କେପଡ୍ ଏ ଚାଇନିଜ୍ ଇଣ୍ଟର୍ନମେଣ୍ଟ କ୍ୟାମ୍ପ'ର ରେଖାଙ୍କିତ ରିପୋର୍ଟିଂ ଗତବର୍ଷ ଡିସେମ୍ବର ୨୮ରେ ପ୍ରକାଶ ପାଇବା ପରେ ବିଶ୍ୱବ୍ୟାପୀ ଚହଳ ପକାଇଥିଲା। ପୁଲିଜର ୱେବ୍‌ସାଇଟ୍ ଏହା ଉପରେ ଟିପ୍ପଣୀ ଦେବାକୁ ଯାଇ ଉଲ୍ଲେଖ କରିଛି ଯେ, ଉଇଗୁରରେ ଚାଇନା ସରକାର ଯେଭଳି ଭାବେ ମୁସଲମାନଙ୍କ ଉପରେ ଅତ୍ୟାଚାର ଜାରି ରଖିଛନ୍ତି, ତାହାକୁ ଗ୍ରାଫିକ୍ ରିପୋଟେଜ୍ ଓ କମିକ୍ସ ମିଡିୟମ୍‌ରେ ପ୍ରକାଶ କରାଯିବା ଦ୍ୱାରା ତାହାର ପହଞ୍ଚ ଦିଗବିଦିଗ ହୋଇପାରିଛି। କଳାକାର ତଥା ସାମ୍ବାଦିକ ଭାବେ ସେ ଏକ ବିଷୟକୁ ଯେଭଳି ଚିତ୍ରିତ କରି ଚାରିଆଡୁ ପ୍ରଶଂସା ସାଉଁଟି ପାରିଛନ୍ତି, ସେହି ଶୈଳୀ ନିଶ୍ଚିତ ଭାବେ ଏକ ନୂଆ ଧାରା ସୃଷ୍ଟି କରିଛି।

ଅତୀତକୁ ମନେପକାଇ ଫାହମିଦା କହିଛନ୍ତି, ସେ ପିଲାଦିନୁ କଳା ଅନୁରାଗୀ ଥିଲେ। ତାଙ୍କ କ୍ୟାରିୟରକୁ ସହଜରେ ସ୍ୱୀକୃତି ମିଳି ନ ଥିଲା। ହେଲେ ସେ ନିଜ ସଉକରେ ଜଡ଼ି ରହିଥିଲେ। ଏବେ କମ୍ପ୍ୟୁଟରରେ ଗ୍ରାଫିକ୍ସ କରି ସୁନାମ ଅର୍ଜନ କରିଥିଲେ ମଧ ପୁରୁଣା ଦିନର ହାତଅଙ୍କା ଚିତ୍ର ପ୍ରତି ରହିଛି ଅନେକ ଦୁର୍ବଳତା। 'ସିକ୍ସ ୱାର୍ଲ୍ଡ ଷ୍ଟୋରିଜ୍' ଓ '୧୦୦୧ ନାଇଟ୍ସ' ଭଳି ବଡ଼ ପ୍ରକଳ୍ପରେ କାମ କରିଥିଲେ ହେଁ ସମୟ ମିଳିଲେ ହାତରେ ଚିତ୍ରଆଙ୍କି ସେ ଅନେକଙ୍କୁ ମୁଗ୍ଧ କରିଦେଇଥାଆନ୍ତି। 'ସମିରା ସର୍ଫ' ପୁସ୍ତକରେ ଇଲଷ୍ଟ୍ରେଶନ କରି ଚର୍ଚ୍ଚିତ ହେବା ପରେ ଚଳିତବର୍ଷ ପ୍ରାରମ୍ଭରେ 'ଗୋଲ୍‌ଡେନ୍ କାଇଟ୍' ପୁରସ୍କାର ପାଇପାରିଛନ୍ତି। ଏବେ ସେ ନିଜର ପ୍ରଥମ ସୋଲୋ ଗ୍ରାଫିକ୍ ନଭେଲ 'ମେଗା ମେଘା' କାର୍ଯ୍ୟରେ ବ୍ୟସ୍ତ।

- ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବିହାର ପୋଲିସର ମହିଳା କନ୍‌ଷ୍ଟେବଳ ବବ୍‌ଲି କୁମାରୀଙ୍କ କାହାଣୀ ପ୍ରତ୍ୟେକଙ୍କ ପାଇଁ ଏକ ପ୍ରେରଣା। ଦୁଇ ଶିଶୁକନ୍ୟାଙ୍କ ଦାୟିତ୍ୱ ତୁଲାଇ ସେ ବିହାର ଜନସେବା ଆୟୋଗର ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଏସ୍‌ପି ହୋଇପାରିଛନ୍ତି। ବିହାର ଗୟା ଜିଲାର ବବ୍‌ଲି ଏହି ସ୍ତରରେ ପହଞ୍ଚିବା ପାଇଁ ଦୀର୍ଘ ସମୟ ଧରି ସଂଘର୍ଷ କରିଥିଲେ। ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ପିତାଙ୍କ ପାଞ୍ଚ ପିଲାଙ୍କ ମଧ୍ୟରୁ ସେ ବଡ଼ ହୋଇଥିବାରୁ ଘରର ଆବଶ୍ୟକତା ପୂରଣ ପାଇଁ ତାଙ୍କୁ ଶୀଘ୍ର ଚାକିରି ଦରକାର ଥିଲା । ଉଚ୍ଚ ସ୍ୱପ୍ନ ଦେଖିବା ସତ୍ତ୍ୱେ ୨୦୧୫ରେ ସେ ବିହାର ପୋଲିସର ଜଣେ କନଷ୍ଟେବଳ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ବବ୍‌ଲି କୁମାରୀ ବିବାହ କରିଥିଲେ। କନ୍‌ଷ୍ଟେବଳ ଓ ଘରର ଦାୟିତ୍ୱକୁ ବହନ କରି ସେ ବିହାର ଜନସେବା ଆୟୋଗର ସିଭିଲ ସର୍ଭିସ ପରୀକ୍ଷା ପାଇଁ ନିଜର ପ୍ରସ୍ତୁତି ଜାରି ରଖିଥିଲେ ଏବଂ ତୃତୀୟ ପ୍ରୟାସରେ ସଫଳ ହୋଇଥିଲେ। ଏହି ଅବସ୍ଥାରେ ପହଞ୍ଚିବା ପାଇଁ ପରିବାର ଏବଂ ସ୍ୱାମୀଙ୍କଠାରୁ ବହୁ ସମର୍ଥନ ପାଇଥିଲେ। ବିପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ବେଗୁସରାଇ ଏସ୍‌ପି ଯୋଗେନ୍ଦ୍ର କୁମାର କାର୍ଯ୍ୟାଳୟକୁ ଡାକି ବବ୍‌ଲିଙ୍କୁ ସମ୍ମାନିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୯୭

- ପାକିସ୍ତାନର ଅଧିକାଂଶ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ୪୦୦ ଗ୍ରାମ ଜଳମଗ୍ନ ହେବା ସହ ୩୨ ଜଣଙ୍କ ମୃତ୍ୟୁ।
- ଉତ୍ତର ଶ୍ରୀଲଙ୍କାରେ ନିରାପତ୍ତା ବାହିନୀ ଓ ତାମିଲ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୧୦ ଉଗ୍ରବାଦୀଙ୍କ ସମେତ ୩୫ ନିହତ।
- ଜନତା ଦଳରେ ପ୍ରଥମକରି ଉପସଭାପତି ପଦ ସୃଷ୍ଟି କରାଯାଇ ଏହି ପଦରେ ଅବଦୁଲା ଖାଁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

## su | do | ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 5 | 1 | | 2 | 3 | | 9 | |
| | | | 4 | | | | 5 | |
| | | | 5 | | 9 | | | 2 |
| | | 8 | | | | | | 6 |
| | | | 8 | | | | 7 | |
| 1 | | | | 4 | | | | |
| 6 | | | 3 | | | | | 5 |
| | 2 | | | | | | | |
| | | | 6 | | 8 | 1 | | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 2 | 7 | 8 | 1 | 6 | 9 |
| 9 | 8 | 2 | 1 | 3 | 6 | 5 | 7 | 4 |
| 7 | 6 | 1 | 5 | 9 | 4 | 2 | 8 | 3 |
| 2 | 9 | 8 | 4 | 1 | 7 | 6 | 3 | 5 |
| 1 | 7 | 6 | 3 | 5 | 9 | 8 | 4 | 2 |
| 3 | 5 | 4 | 6 | 8 | 2 | 7 | 9 | 1 |
| 8 | 4 | 9 | 7 | 2 | 1 | 3 | 5 | 6 |
| 5 | 1 | 7 | 9 | 6 | 3 | 4 | 2 | 8 |
| 6 | 2 | 3 | 8 | 4 | 5 | 9 | 1 | 7 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦରଦାମ୍ ବୃଦ୍ଧି ବାଧୁଛି

ମହାଶୟ,

ପ୍ରକୃତରେ ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଖୁବ୍ ବଢ଼ିଲାଣି ।ଏହା ଜଣେ କୁନିଝିଅ କ୍ରିତିକୁ ଏପରି ବାଧିଛି ଯେ, ସେ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଏ ବିଷୟରେ ଗଭୀର ଦୁଃଖର ସହ ଚିଠି ଲେଖିଛି। ଦରବୃଦ୍ଧିକୁ ନେଇ କୁନି ଛାତ୍ରୀ ଜଣକ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଚିଠି ଲେଖିବା ସର୍ବପ୍ରଥମ ଘଟଣା। ଏହା ଏକ ଇତିହାସ ହୋଇ ରହିଗଲା। ପେନ୍‌ସିଲ ଓ ମାଗି ଦର ବଢ଼ିଯାଇଥିବାରୁ କୁନିଝିଅ ଅତିଷ୍ଠ ହୋଇ ଚିଠି ଲେଖିଛି। ପେନସିଲ୍ ଦର ଆଗ ଅପେକ୍ଷା ବହୁତ ବଢ଼ିଯାଇଛି। ଝିଅଟି ଯେତେଥର ପେନସିଲ କିଣୁଛି ସାଙ୍ଗମାନେ ଚୋରି କରି ନେଇଯାଉଛନ୍ତି। ଦ୍ୱିତୀୟ କଥା ହେଲା ଫାଷ୍ଟଫୁଡ୍ ମାଗିର ଦର ଆଗ ଅପେକ୍ଷା ବଢ଼ିଯାଇଥିବାରୁ ମାଗି କିଣି ଖାଇବା ସମ୍ଭବ ହେଉନି ବୋଲି ମଧ ଝିଅଟି ଚିଠିରେ ଲେଖିଛି। ପ୍ରଧାନମନ୍ତ୍ରୀ ଚିଠି ପାଇ କ'ଣ ଉତ୍ତର ଦେବେ ପରେ ଜଣାପଡ଼ିବ। କିନ୍ତୁ ଦେଖିବାକୁଗଲେ ଦେଶରେ ଦରଦାମ୍ ସାଙ୍ଘାତିକ ଭାବେ ବଢ଼ିଯାଇଥିବାରୁ ଖାଉଟିମାନେ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଏଥିପ୍ରତି ପ୍ରଧାନମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ।

- ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ବରଷା ତବ ସ୍ରୋତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।
ଅନ୍ତରେ କେତେ ଜମିଲାଣି ପାପ
ବଳିଛି ଶୁଷ୍କ ନିଦାଘର ତାପ
ପୁଣ୍ୟ ନିଶାଣ ଉଡ଼ାଇ ଗଗନେ
ବଜ-ଚପଳା-ରଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।
(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୮ ଅଗଷ୍ଟ, ୨୦୨୨



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସର୍ବଭାରତୀୟ ମାରୱାଡି ଯୁବାମଞ୍ଚ ଆୟୋଜନରେ ସାଇକ୍ଲୋଥନ, ନେଲସନ ମଣ୍ଡେଲା ଛକ, ସାଢ଼େ ୬ଟା।
- ଯାଦବ ପ୍ରତିଭା ସମ୍ମାନ ସମାରୋହ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।
- ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ ପ୍ରମୋଦନାମା କାର୍ଯ୍ୟକ୍ରମ, ସମ୍ବଲପୁର କଳାକେନ୍ଦ୍ର ସଭାକକ୍ଷ, ସାଢ଼େ ୧୦ଟା।
- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବାଇକ୍ ରାଲି, ଧନୁପାଲି ଛକ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

**କୁଚିଣ୍ଡା,୨୭।୮ (ଡି.ଏନ.ଏ.):** ଜମନକିରା ଥାନା ଟିକିଲିପଡା ପଞ୍ଚାୟତ ଅନ୍ତର୍ଗତ ବାଦିବାହାଲ-ବଞ୍ଜାରୀ ରାସ୍ତାରେ ଶନିବାର ଅଜଣା ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦେବଗଡ ଜିଲା ରିଆମାଳ ଥାନା କୁଣ୍ଡେଇମୁରା ଗ୍ରାମର ସୁଶିଲ କୁଲୁ (୩୫)। ସୁଶିଲ ପୂର୍ବାହ୍ନରେ ନିଜ ପିଲାମାନଙ୍କୁ ସ୍କୁଟି (ଓଡି୨୮ଏ-୬୬୪୮)ରେ ସ୍କୁଲରୁ ଛାଡ଼ି ଫେରୁଥିବା ସମୟରେ ବଞ୍ଜରୀ-ଗୁଣ୍ଡେଇମୁରା ମଧ୍ୟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଧକ୍କାଦେଇ ଗାଡିଟି ଫେରାର ହୋଇଯାଇଥିଲା। ଖବରପାଇ ଜମନକିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ମାମଲା ରୁଜୁ କରିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଳକ ଗୁରୁତର

**ବ୍ରଜରାଜନଗର,୨୭।୮ (ଡି.ଏନ.ଏ.):** ସ୍ଥାନୀୟ ଓରିଏଣ୍ଟ ପେପର ମିଲ୍ କଲୋନୀର ଏ ଲାଇନ ପାଖରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୧୨ବର୍ଷର ବାଳକ ଲକ୍ଷ୍ମଣ ଧୁରୁଆ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଲକ୍ଷ୍ମଣ ଖେଳୁଥିବା ସମୟରେ ବିଦ୍ୟୁତ୍ ଖୁଣ୍ଟ ଷ୍ଟେ ତାର ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ୍ ଆଘାତରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ି ଯାଇଥିଲା। ପରିବାର ସଦସ୍ୟ ତାଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ନେଇଯାଇଥିଲେ। ଶନିବାର ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ନିଆଯାଇଥିବା ପରିବାର ସୂତ୍ରରୁ ଜଣାପଡିଛି। ଷ୍ଟେ ତାରରେ ବିଦ୍ୟୁତ୍ ସରବରାହ କେମିତି ହେଲା ସେ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ମୁହଁ ଖୋଲୁ ନାହାନ୍ତି।

### ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା ଅଫିସ,୨୭।୮:** ଝାରସୁଗୁଡା ସଦର ଥାନା ଅନ୍ତର୍ଗତ ଏଚ୍ କଣ୍ଟାପାଲି ଗ୍ରାମରେ ପାରିବାରିକ କଳହକୁ ନେଇ ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁରୁଷୋତ୍ତମ ନେଟୀ (୩୪)। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ବାପା କୁନୁ ନେଟୀଙ୍କ ଅଭିଯୋଗ ଆଧାରରେ ପୋଲିସ୍ ଅପମୃତ୍ୟୁ ମାମଲା (ନଂ୨୩/୨୨)ରେ ରୁଜୁକରି ତଦନ୍ତ ଚଳାଇଛି। ପୋଲିସ୍ ସୂତ୍ରରୁ ପ୍ରକାଶ ପୁରୁଷୋତ୍ତମ ମଦପିଇ ସର୍ବଦା ପରିବାର ସହିତ ଝଗଡା କରନ୍ତି। ଶୁକ୍ରବାର ରାତିରେ ସେ ଖାଇପିଇ ଘରେ ଏକାକି ଶୋଇଥିଲେ। ସକାଳୁ ନ ଉଠିବାରୁ ପରିବାର ଲୋକେ ଘର ପଛପଟୁ ତାଙ୍କୁ ଝୁଲୁଥିବା ଦେଖି ପୋଲିସ୍‌କୁ ଜଣାଇଥିଲେ। ପୋଲିସ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଥିଲା।

# ସତ୍ୟ, ଅହିଂସାର ପ୍ରାସଙ୍ଗିକତା ରହିଛି

**ସମ୍ବଲପୁର,୨୭।୮ (ବ୍ୟୁରୋ)**




ଅହିଂସା ରଥକୁ ସ୍ୱାଗତ କରୁଛନ୍ତି ଛାତ୍ରୀଛାତ୍ର।

ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଆଦର୍ଶର ବର୍ତ୍ତମାନ ମଧ୍ୟ ପ୍ରାସଙ୍ଗିକତା ରହିଛି। ଏହାକୁ ଯୁବସମାଜ ଅନୁକରଣ କରିବା ଆବଶ୍ୟକ। ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଜନ୍ମପୀଠ ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ଶନିବାର ଅହିଂସା ରଥକୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ଅନୁଷ୍ଠିତ ସଭାରେ ବକ୍ତାମାନେ ଏହା କହିଛନ୍ତି। ମୁଖ୍ୟଅତିଥି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ, ବର୍ତ୍ତମାନ କଳିଯୁଗରେ ସତ୍ୟ ଓ ଅହିଂସା ନୀତି ଅବଲମ୍ବନ କରିବା ନିତାନ୍ତ ଜରୁରୀ। ନୃସିଂହ ଗୁରୁ ନିପଟ ମଫସଲରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଦେଶ ମାତୃକାର ସେବାରେ ସେ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ। ସଭାରେ ଶ୍ୟାମ ସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୃସିଂହ ଗୁରୁଙ୍କ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରିଥିଲେ। ଧନକଉଡା ବିଡିଓ ଶିବ କୁମାର ପଟେଲ ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଦେବୀ ପ୍ରସାଦ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ଧନକଉଡା ବ୍ଲକ ଅଧ୍ୟକ୍ଷା ପି. ବେହେରା, ଜିଲା ପରିଷଦ ସଭ୍ୟ ସୁନୀଲ କୁମାର ମିଶ୍ର, ଶାସନ ସରପଞ୍ଚ ଶେଷଦେବ ଗର୍ଡିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍ୱର୍ଗତ ଗୁରୁଙ୍କ ଦାୟାଦ ବାମନ ଚରଣ ଗୁରୁ, କାଳୀଚରଣ ଗୁରୁ ଓ ଗୌରହରି ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଗ୍ରାମର ଲକ୍ଷ୍ମଣ ବାଗ ଧନ୍ୟବାଦ ଦେଇଥିଲେ। ଅହିଂସା ରଥ ଶାସନଠାରେ ପହଞ୍ଚିବା ପରେ ସେଭେନ ହିଲ୍ସ ରେସିଡେନ୍ସିଆଲ୍ ସ୍କୁଲ, ଗୁରୁ ନାନକ ପବ୍ଲିକ ସ୍କୁଲ, ନିୟୁଟନ୍ କଲେଜ ଏବଂ ଶାସନ ହାଇସ୍କୁଲର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ, କମ୍ୟୁନିଟି ପୋଲିସ, ନୃସିଂହ ଗୁରୁ ସ୍ମୃତି ସମିତି ଓ ନୀଳଚକ୍ର ଆଦି ଅନୁଷ୍ଠାନର କର୍ମକର୍ତ୍ତା ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ କମ୍ୟୁନିଟି ପୋଲିସର ମୁଖ୍ୟ ବଂଶୀଧର କର ଓ କାର୍ତ୍ତିକ ପ୍ରସାଦ ବହିଦାରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଜାତୀୟ ପତାକା ଓ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଅହିଂସା ରଥକୁ ଶୋଭାଯାତ୍ରାରେ ଗୁରୁପାଲି ଗ୍ରାମକୁ ପାଛୋଟି ନେଇଥିଲେ। ରାସ୍ତାରେ କଣ୍ଟାପାଲି ଗ୍ରାମବାସୀ ମଧ୍ୟ ରଥକୁ ସ୍ୱାଗତ ଜଣାଇଥିଲେ।

**ଗୁରୁପାଲିରେ ନୃସିଂହ ଗୁରୁଙ୍କ ଦାୟାଦ ସମ୍ମାନିତ**

## ଆଶ୍ରମ ସ୍କୁଲ ପକ୍ଷରୁ ଘର ଘର ବନାନୀ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା ଅଫିସ,୨୭।୮**

କିର୍ମିରା ବ୍ଲକ୍ ଅନ୍ତର୍ଗତ ଭାଲୁପତ୍ରା ଆଶ୍ରମ ସ୍କୁଲ୍ ତରଫରୁ ଶନିବାର ହରହର ବନାନୀ ଘରଘର ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ୍ ପ୍ରଧାନଶିକ୍ଷକ ସତ୍ୟବାନ ପତିଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ମୁଖ୍ୟଅତିଥି, ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ବୁନ୍ଦେ ଧୁରୁଆ ମୁଖ୍ୟବକ୍ତା, ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାନ୍ତି, ସ୍କୁଲ୍ ପରିଚାଳନା କମିଟି ସଭାପତି ଦେବ କୁମାର ପଣ୍ଡା, ବୃକ୍ଷପ୍ରେମୀ ଦ୍ୱିତୀୟା କିଷାନ, ବନକର୍ମଚାରୀ ରଞ୍ଜନା ସରାଫ୍, ଗଦାଧର ଦେହେରି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ସମ୍ପ୍ରତିକ ପରିସ୍ଥିତିରେ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ଧୁରୁଆ ବୃକ୍ଷର ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପ୍ରତ୍ୟେକଙ୍କ ଘରେ ଚାରା ବଣ୍ଟନ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରି ଏହାର ରକ୍ଷଣବେକ୍ଷଣ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ବିଭିନ୍ନ ପ୍ରକାର ୨ହଜାର ଚାରା ବଣ୍ଟନ କରାଯାଇଥିଲା। ସ୍କୁଲ୍‌ର ଏଭଳି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ନାକଟିଦେଉଳ ସ୍ନାତକ କଲେଜରେ ପାଠଚକ୍ର

**ନାକଟିଦେଉଳ,୨୭।୮ (ଡ଼ି.ଏନ.ଏ.)**



ପାଠଚକ୍ରରେ ଉପସ୍ଥିତ ଅତିଥି।

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଶନିବାର ରାଜନୀତି ବିଜ୍ଞାନ, ଓଡ଼ିଆ ଓ ଇତିହାସ ବିଭାଗ ଆନୁକୂଲ୍ୟରେ ଏକ ପାଠ ଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗରେ ସ୍ୱାଧୀନତାର ୭୫ବର୍ଷ ପରେ ଦେଶ ବିକଶିତ ହୋଇଛି କି, ଓଡ଼ିଆ ବିଭାଗରେ ଗଙ୍ଗାଧର ମେହେରଙ୍କ ତପସ୍ୱିନୀ କାବ୍ୟ ତଥା ଲୋକ ନାଟକ ଏବଂ ଇତିହାସ ବିଭାଗରେ ଗୌତମ ବୁଦ୍ଧଙ୍କ ସମ୍ପର୍କରେ ପାଠଚକ୍ର ହୋଇଥିଲା। କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭପତିତ୍ୱରେ ଆୟୋଜିତ ପାଠଚକ୍ରରେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଧୀନତାର ୭୫ବର୍ଷ ପରେ ଦେଶ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସାଗରିକା ଶତପଥୀ, ତପନ କୁମାର ସାହୁ, ପୁଷ୍ପାଞ୍ଜଳି ଧଳ, ମାନସ ମହାପାତ୍ର ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଓଡ଼ିଆ ବିଭାଗର ଛାତ୍ରୀ ସିପ୍ରା ସାହୁ, ପଙ୍କଜିନୀ ବେହେରା, ଟୁନି ସାହୁ ଓ ଦୀପାଞ୍ଜଳି ବିଶି ଏବଂ ଇତିହାସ ବିଭାଗର ପିଙ୍କି ସାହୁ, ଲକ୍ଷ୍ମୀପ୍ରିୟା ସାହୁ ଓ ଶୁଭଜିତ ଦେହୁରି ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଅଧାପିକା ଲିଟିନା ପ୍ରିୟଦର୍ଶନୀଙ୍କ ପରିଚାଳନାରେ ଆୟୋଜିତ ପାଠଚକ୍ରରେ ମାନସ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ଛାତ୍ର କୁନା ନାୟକ ଧନ୍ୟବାଦ ଦେଇଥିଲେ।

## ବିଧାୟିକାଙ୍କଠାରୁ ପ୍ରତିଶ୍ରୁତି ପାଇ ଧାରଣାରୁ ଓହରିଲେ ଶିକ୍ଷକ

**ବ୍ରଜରାଜନଗର,୨୭।୮ (ଡି.ଏନ.ଏ.)**

ବ୍ୟକ୍ତିଗତ ସମସ୍ୟା ନେଇ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ଶିକ୍ଷକ ଦାମୋଦର ସେନାପତି ଗତ ୨୨ତାରିଖରୁ ଶିଶୁମନ୍ଦିର ଗେଟ୍ ଆଗରେ ଧାରଣାରେ ବସିଥିଲେ। ଶନିବାର ବିଧାୟିକା ଅଳକା ମହନ୍ତି ଘଟଣାସ୍ଥଳକୁ ଆସି ଶିକ୍ଷକ ସେନାପତିଙ୍କ ସମସ୍ତ ସମସ୍ୟା ଶୁଣିଥିଲେ। ଆଗକୁ ପରୀକ୍ଷା ଥିବାବେଳେ ଗଣେଶ ପୂଜା, ନୂଆଖାଇ ଆସୁଛି। ତେଣୁ ଜଣେ ଶିକ୍ଷକ ହିସାବରେ ପିଲାମାନଙ୍କ ଭବିଷ୍ୟତ ସହିତ ନ ଖେଳି ଧାରଣାରୁ ଉଠିଯିବା ପାଇଁ ଅନୁରୋଧ କରିଥିଲେ। ନୂଆଖାଇ ପରେ ଜିଲାପାଳ, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବେ ଓ ନିଜେ ଉପସ୍ଥିତ ରହି ସମସ୍ୟା ସମାଧାନ କରିବେ ବୋଲି ବିଧାୟିକା ମହନ୍ତି ପ୍ରତିଶ୍ରୁତି ଦେବା ପରେ ଶିକ୍ଷକ ଧାରଣାରୁ ଓହରି ଯାଇଥିଲେ।

## ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ



ବିଧାୟିକା ଅଳକା ମହାନ୍ତି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୨୭।୮**

ଝାରସୁଗୁଡା ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ତରଫରୁ ସ୍ଥାନୀୟ ମଙ୍ଗଳବଜାରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅଡିଟୋରିୟମରେ ଶନିବାର ୨ୟ ଜିଲାସ୍ତରୀୟ ବ୍ୟାଟଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି, ବେଦାନ୍ତ ସିଇଓ ସୁନିଲ କୁମାର ଗୁପ୍ତା, ଆଡିସନାଲ ଚିଫ୍ ଇଞ୍ଜିନିୟର ପ୍ରଦୀପ କୁମାର ନାଥ, ଡେପୁଟି ଚିଫ୍ ଇଞ୍ଜିନିୟର ରେଲୱେ ଏସ୍ ପି ତ୍ରିପାଠୀ, ଭିଏସ୍ଏସ୍ ବିମାନ ବନ୍ଦର ନିର୍ଦ୍ଦେଶକ ପବନ କୁତ୍‌ସି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଝାରସୁଗୁଡା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ଶୁଭମ ଶର୍ମା ଏହାକୁ ପରିଚାଳନା କରିଥିଲେ। ଜୁନିୟର ଓ ସିନିୟର ଗ୍ରୁପରେ ମୋଟ ୧୯୪ଜଣ ଖେଳାଳି ଅଂଶ ଗ୍ରହଣ କରିଛନ୍ତି।

## ଆଉ ଜଣେ ଅଭିଯୁକ୍ତ ବିହାରରୁ ଗିରଫ

**ବେଲପାହାଡ ଆକ୍ସିସ୍ ବ୍ୟାଙ୍କ ଲୁଟ୍ ଘଟଣା**

**ଝାରସୁଗୁଡ଼ା ଅଫିସ,୨୭।୮**

ଝାରସୁଗୁଡ଼ା ଜିଲା ବେଲପାହାଡ ଗୁମାଡେରାସ୍ଥିତ ଆକ୍ସିସ୍ ବ୍ୟାଙ୍କ ଲୁଟ୍ ଘଟଣାରେ ପୋଲିସ ବିହାରରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିହାରର ମୁଝାଫରପୁର ଜିଲା କାଣ୍ଟି ଥାନା ମାଇଶାନ ଗ୍ରାମର ରଜନିଶ ଚୌଧୁରୀ(୨୪)। ତଦନ୍ତରୁ ଜଣାପଡିଥିଲା ଲୁଟ୍‌ରେ ସମ୍ପୃକ୍ତ ୪ଜଣଙ୍କ ମଧ୍ୟରୁ ରଜନିଶ ବିହାରରେ ଅଛନ୍ତି। ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ବେଲପାହାଡ ଆଇଆଇସି ରଞ୍ଜନ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିହାରରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ଓଡିଶା ଆଣିଛି। ସୂଚନାଯୋଗ୍ୟ ୨୦୧୯ ସେପ୍ଟେମ୍ବର ୪ରେ ଡକାୟତମାନେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଆକ୍ସିସ ବ୍ୟାଙ୍କରୁ ୧୭ଲକ୍ଷ ଟଙ୍କା ଲୁଟ୍‌କରି ଫେରାର୍ ହୋଇଯାଇଥିଲେ। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ବେଲପାହାଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ମାମଲା (ନଂ୧୪୫/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଏଥିରେ ସମ୍ପୃକ୍ତ ଥିବା ୩ଜଣଙ୍କୁ ପୋଲିସ୍ ଗିରଫ କରିଥିଲା। ଏମାନଙ୍କୁ ଜେରାପରେ ମୋଟ ୭ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା। ଅଦ୍ୟାବଧି ୪ଜଣ ଗିରଫ ହୋଇଥିବାବେଳେ ଆଉ ୩ ଅଭିଯୁକ୍ତ ଫେରାର ଅଛନ୍ତି।

## ବନ୍ଧବାହାଲରେ ୧୪୪ ଧାରା ଜାରି



୧୪୪ ଧାରା ଜାରି ହେବା ପରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

**ଝାରସୁଗୁଡ଼ା ଅଫିସ,୨୭।୮**

ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଶିଳ୍ପାଞ୍ଚଳରେ ଜାତୀୟ ପତାକା ଅସମ୍ମାନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ସାମ୍ପ୍ରଦାୟିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ବନ୍ଧବାହାଲରେ ଶୁକ୍ରବାରଠାରୁ ୧୪୪ ଧାରା ଜାରି କରିଛି।

**ଜାତୀୟ ପତାକାକୁ ଅସମ୍ମାନ ପ୍ରସଙ୍ଗ**

ଏ ନେଇ ସବ୍‌ଡିଭିଜନ ମାଜିଷ୍ଟ୍ରେଟ ତଥା ଉପଜିଲାପାଳ ଦୟାମୟ ପାଢ଼ୀ ଏକ ପତ୍ର ଜରିଆରେ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ଧବାହାଲ ସ୍ୱାଧୀନ କମ୍ପ୍ଲେକ୍ସ ଚତୁଃପାର୍ଶ୍ୱର ୧ କିଲୋମିଟର ପରିଧି ମଧ୍ୟରେ ୪ଜଣରୁ ଅଧିକ ଲୋକ ଏକତ୍ର ହୋଇପାରିବେ ନାହିଁ। କୌଣସି ସାମୂହିକ କାର୍ଯ୍ୟକ୍ରମକୁ ମଧ୍ୟ ବାରଣ କରାଯାଇଛି। ଏଥିରେ ଖିଲାପ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ପତ୍ରରେ ଦର୍ଶାଯାଇଛି। ଏ ନେଇ ବନହରପାଲି ଥାନା ଓ ବନ୍ଧବାହାଲ ଫାଣ୍ଡି ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ଏହା ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ସୂଚନାଯୋଗ୍ୟ, ଗତ ବୁଧବାର ବନ୍ଧବାହାଲ ଶିଳ୍ପାଞ୍ଚଳରେ ଥିବା ଏକ ମାଂସ ଦୋକାନରେ ଜାତୀୟ ପତାକାକୁ କଟା ଛେଳିମୁଣ୍ଡ ଉପରେ ଘୋଡାଯାଇ ଅସମ୍ମାନ କରାଯାଇଥିଲା। ସ୍ଥାନୀୟ ଲୋକେ ସମ୍ପୃକ୍ତ ମାଂସ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ରାସ୍ତା ଅବରୋଧ ସହ ମାଂସ ଦୋକାନ ଭଙ୍ଗାରୁଜା କରିଥିଲେ। ପରେ ପୋଲିସ ସମ୍ପୃକ୍ତ ମାଂସ ଦୋକାନୀ ମହମ୍ମଦ ସାହାଜାଦଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୮/୨୨) ରୁଜୁ ହୋଇଛି।

## ଘରକାନ୍ଥ ଧସି ବୃଦ୍ଧ ଗୁରୁତର

**ଜମନକିରା,୨୭।୮ (ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ ଜମନକିରା ବ୍ଲକ ବଡରମା ପଞ୍ଚାୟତ ଲଦୋପଡ଼ା ଗ୍ରାମରେ ଘର କାନ୍ଥ ଧସି ଶନିବାର ସନ୍ଧ୍ୟାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ମାଖୁ ବାଗ (୫୫)। ମାଖୁ କାମ ସାରି ନିଜ ଘରେ ଶୋଇଥିବା ସମୟରେ ତାଙ୍କ ଉପରେ କାନ୍ଥ ଧସିପଡ଼ିଥିଲା। ତାଙ୍କୁ ଚିକିତ୍ସା ପାଇଁ ଜମନକିରା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଗତ ଦିନର ଲଗାତର ବର୍ଷାରେ ଘର କାନ୍ଥ ଓଦା ହୋଇଥିବାରୁ ଏଭଳି ହୋଇଥିବା କୁହାଯାଉଛି।

## ବିଏସ୍‌ପି କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୨୭।୮ (ବ୍ୟୁରୋ)**

ସମ୍ବଲପୁର ବହୁଜନ ସମାଜ ପାର୍ଟି ପକ୍ଷରୁ ଲୋକ ସଭା ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଏହା ଆୟୋଜିତ ହୋଇଥିଲା। ସମ୍ବଲପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ସମ୍ବଲପୁର, ଦେବଗଡ, ଓ ଅନୁଗୁଳ ଜିଲା ସମେତ ରେଙ୍ଗାଲି, କୁଚିଣ୍ଡା, ରେଢାଖୋଲ, ଦେବଗଡ, ଛେଣ୍ଡିପଦା ଓ ଆଠମଲ୍ଲିକ ବିଧାନସଭାର ଶତାଧିକ ସଭ୍ୟ ଉପସ୍ଥିତ ଥିଲେ। ବିଏସ୍‌ପି ସମ୍ବଲପୁର ଜିଲା ସଭାପତି ଆଇନଜୀବୀ ଦିଲୀପ କୁମାର ସିଂ ଅଧ୍ୟକ୍ଷତା କରିଥିଲେ। ବିଏସ୍‌ପି ଓଡିଶା ରାଜ୍ୟ ପ୍ରଭାରୀ ଧିମାନ ଧରମବିର ସିଂ ଅଶୋକ ମୁଖ୍ୟଅତିଥି ଓ ରାଜ୍ୟ ସଭାପତି ଧିମାନ ଟଙ୍କଟର ବାଗ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆଗାମୀ ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। ସମ୍ବଲପୁର ଲୋକ ସଭା ଅନ୍ତର୍ଗତ ୭ ଗୋଟି ବିଧାନସଭା ଅଞ୍ଚଳରେ ବିଏସ୍‌ପି ସଂଗଠନକୁ ମଜବୁତ କରିବାକୁ ପରାମର୍ଶ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପାର୍ଟିର କର୍ମକର୍ତ୍ତା।

## ରାଜପଥ ପୋଲ କାମ ଅଧାପନ୍ତରିଆ

**କୁଚିଣ୍ଡା,୨୭।୮ (ଡି.ଏନ୍.ଏ.)**

କୁଚିଣ୍ଡା-ବାମରା ୨୪ନଂ. ରାଜ୍ୟ ରାଜପଥର କେଶାଇବାହାଲ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ପୋଲ କାମ ମନ୍ଥର ଗତିରେ ଚାଲିଛି। ପ୍ରକଳ୍ପ ଶେଷ ହେଉ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି କାର୍ଯ୍ୟସ୍ଥଳୀରେ ସୂଚନାଫଳକ ଲାଗି ନାହିଁ। ଫଳରେ ଏହାର ବ୍ୟୟ ଅଟକଳ, ଅବଧି ଓ କେଉଁ ସଂସ୍ଥା କାର୍ଯ୍ୟ କରୁଛି ସେ ନେଇ ଜନସାଧାରଣ ଅନ୍ଧାରରେ ରହୁଛନ୍ତି।

କୁଚିଣ୍ଡା-ବାମରା ଏହି ରାଜପଥରେ ଥିବା ୩ଟି ନାଳ ଉପରେ ପୋଲ ନିର୍ମାଣ ପାଇଁ ବାଲାଜୀ କନ୍‌ଷ୍ଟ୍ରକଶନ ନାମକ ଏକ ସଂସ୍ଥା ଟେଣ୍ଡର ନେଇଥିଲା। ମାତ୍ର ଏହି ଠିକା ସଂସ୍ଥା କୌଣସି କାରଣରୁ ଛାଡିଦେବା ପରେ ଆଉ ଥରେ ଟେଣ୍ଡର ହୋଇଛି। ଅନ୍ୟଜଣେ ଠିକାଦାର ଟେଣ୍ଡର ପାଇ ଏହାର ଏଗ୍ରିମେଣ୍ଟ କରିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଏହି ଠିକାଦାର ଜଣକ କବରିବାହାଲ, କେଶାଇବାହାଲ ଓ ପାରିମୁଣ୍ଡାନିକ୍ରିମାଲ ଏଭଳି ୩ଗୋଟି ନାଳ ଉପରେ ପୋଲ କାମ ପାଇଁ ଟେଣ୍ଡର ପାଇଥିଲେ ହେଁ କେବଳ କେଶାଇବାହାଲ ପୋଲକାମ ଆରମ୍ଭ କରିଛନ୍ତି। ୬ଟି ସ୍ଥାନ ବିଶିଷ୍ଟ ଏହି ପୋଲର ଅଟକଳ ମୂଲ୍ୟ ୫ କୋଟି ୬୨ ଲକ୍ଷ ୬୩୬୪ ଟଙ୍କା ଥିବାବେଳେ ଡାଇଭର୍ସନ ରାସ୍ତା ବାଲାଜୀ କନ୍‌ଷ୍ଟ୍ରକଶନ ପୂର୍ବରୁ ନିର୍ମାଣ କରିସାରିଛି। ମାତ୍ର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ପୋଲକାମ ଅଧାପନ୍ତରିଆ ଭାବେ ପଡିରହିଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଗତ ଲଗାଣ ବର୍ଷାରେ ଡାଇଭର୍ସନ ଉପରେ ୫ଫୁଟ ଉଚ୍ଚର ବନ୍ୟାପାଣି ଦୁଇଦିନ ଧରି ପ୍ରବାହିତ ହେବାରୁ କୁଚିଣ୍ଡା-ବାମରା ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଉପରମୁଣ୍ଡ ବର୍ଷା ପାଣିକୁ ଡାଇଭର୍ସନ ଛୋଟ ହ୍ୟୁମପାଇପ ନିଷ୍କାସନ କରି ନ ପାରିବାରୁ ଏଭଳି ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଥିଲା। ଠିକାଦାର ଡାଇଭର୍ସନ ପାଇଁ ନାଳ ଅନୁପାତରେ ବଡ଼ ହ୍ୟୁମପାଇପ ବସାଇବା ବଦଳରେ ବେପରୁଆ ମନୋଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ସୂଚନା ଫଳକ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଗିରିଧାରୀ ନାଏକଙ୍କୁ ପଚାରିବାରେ ଠିକାଦାରଙ୍କୁ କହି ତୁରନ୍ତ ଲଗାଇଦେବାକୁ କହିଛନ୍ତି। ପୂର୍ତ୍ତ ବିଭାଗ କୁଚିଣ୍ଡା ଏସ୍‌ଡିଓ ନବୀନ ବାଗେଙ୍କୁ ଏ ସମ୍ପର୍କରେ ପଚାରିବାରେ ଏହାର ତଦନ୍ତ କରି ତୁରନ୍ତ କାମ ସାରିବାକୁ ପଦକ୍ଷେପ ନେବେ ବୋଲି କହିଛନ୍ତି।

**ସୂଚନାଫଳକ ନାହିଁ, ଅନ୍ଧାରରେ ଲୋକେ**



ପୋଲ କାମ ଅଧାରେ ଅଟକିଛି।

# ଆଦିବାସୀ ସମାଜ ସବୁବେଳେ ନିଷ୍ପେଷିତ, ଶୋଷିତ

**ସୁନ୍ଦରଗଡ଼,୨୭।୮(ଡି.ଏନ.ଏ.)**

ଜିଲା କଂଗ୍ରେସ କମିଟିର ବୈଠକ ଶନିବାର ରାଣୀବଗିଚାସ୍ଥିତ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜନଜାତି ବିଭାଗର ଅଧ୍ୟକ୍ଷ ପୂର୍ବତନ ବିଧାୟକ ଭୁଜବଳ ମାଝି ଯୋଗ ଦେଇଥିଲେ। ସେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆଦିବାସୀ ସମାଜ ସବୁବେଳେ ନିଷ୍ପେସିତ ଓ ଶୋଷିତ। ସୁନ୍ଦରଗଡ଼ ଜିଲା ଏକ ଆଦିବାସୀ ବହୁଳ ଜିଲା ଭାବେ ପରିଗଣିତ। ତଥାପି ଏହି ଜିଲା ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ। ଜିଲାରେ ବିସ୍ଥାପିତଙ୍କ ସମସ୍ୟା ସବୁବେଳେ ଲାଗିରହିଛି। ବିଭିନ୍ନ ଖଣିଖାଦାନ ଖନନ ଦ୍ୱାରା ବହୁ ଆଦିବାସୀ ପରିବାରଙ୍କ ଜମି ଓ ଭିଟାମାଟି ଜବରଦଖଲ କରାଯିବା ସହ ଏ ପର୍ଯ୍ୟନ୍ତ ସେମାନଙ୍କୁ ଉପଯୁକ୍ତ ଥଇଥାନ କରାଯାଇ ନାହିଁ। ସରକାରଙ୍କ ଭୁଲ ଶିଳ୍ପାୟନ ନୀତି ଯୋଗୁ ସେମାନଙ୍କୁ ଜମି ହରାଇବାକୁ ପଡିଛି। ଫଳରେ ସେମାନଙ୍କ ପିଲା ତଥା ଯୁବ ପୀଢି ଶିକ୍ଷା ଓ କର୍ମ ନିଯୁକ୍ତିର ବଞ୍ଚିତ ହେବାକୁ ପଡୁଛି ବୋଲି ମାଝି କହିଥିଲେ। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ବିଧାୟକ ଡ:ସିଏସ ରାଜେନ ଏକ୍କା ପ୍ରତ୍ୟେକ ଜିଲାସ୍ତରରେ ଆଦିବାସୀ ଉପଦେଷ୍ଟା କମିଟି ଗୁଡିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବାକୁ ସରକାର ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଏହି ବୈଠକରେ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ବରିଷ୍ଠ ନେତା ଆଇନଜିବୀ ନିମାଇଁ ଚରଣ ନାଏକ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ କଂଗ୍ରେସ ସଭାପତି ଆର୍ଲବଟ କିଣ୍ଡୋ, କଂଗ୍ରେସ ନେତା ଆଣ୍ଟୋନୀ କୁଲୁ, ସୁଶୀଲ କିଣ୍ଡୋ, ସବଡେଗା ବ୍ଲକ ସଭାପତି ଶୁଭେନ୍ଦୁ ନାଏକ, ସୁଧାଂଶୁ ପଶାୟତ, ଚିନ୍ତାମଣି ସାହୁ, ଦୀନବନ୍ଧୁ ନାଏକ, ପୁରୁଷୋତ୍ତମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା କଂଗ୍ରେସ କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା, ନେତୃବୃନ୍ଦ।

**ଜିଲା କଂଗ୍ରେସ କମିଟିର ବୈଠକ**

# କୋଇଡ଼ା ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ବସ୍ ଶୁଭାରମ୍ଭ

**ଟେନ୍‌ସା, ୨୭।୮(ଡି.ଏନ୍.ଏ)**

ଟାଟା ଷ୍ଟିଲର କଲମଙ୍ଗ ଓ ଗନ୍ଧଲପ ପ୍ରକଳ୍ପ ପକ୍ଷରୁ ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକର ଖଣି ପ୍ରଭାବିତ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଶୁକ୍ରବାର ଦୁଇଟି ସ୍କୁଲ ବସ ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ) ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଏହି ମାଗଣା ବସ ବ୍ୟବସ୍ଥାକୁ କୋଇଡ଼ା ତହସିଲଦାର ଶୁଭଦର୍ଶୀ ଯୋଶୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାଲଦା ଗ୍ରାମ ପଞ୍ଚାୟତ ସରପଞ୍ଚ ସୁରବାଳୀ ପାତ୍ର, ଲୋଇ ଗ୍ରାମ ପଞ୍ଚାୟତ ସରପଞ୍ଚ ବିଳାଶିନୀ ଓରାମ, ପୂର୍ବତନ ସରପଞ୍ଚ ଦିବାକର ନାୟକ ଏବଂ କଲମଙ୍ଗ ଓ ଗନ୍ଧଲପ ପ୍ରକଳ୍ପ ଚିଫ ଦୀପକ ବେହେରା ଉପସ୍ଥିତ ଥିଲେ। ଖଣି ପ୍ରଭାବିତ ମାଲଦା ଗ୍ରାମ ପଞ୍ଚାୟତର ଭୌଗୋଳିକ ସ୍ଥିତି ଯୋଗୁ ସେଠାକାର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାନୁଷ୍ଠାନକୁ ଯାତାୟତ କରିବା ବେଶ କଷ୍ଟକର ହୋଇପଡ଼େ। ଏହି ବସ ସେବା କୋଇଡ଼ା ବ୍ଲକର ୩ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାଗସାହି, କଲମଙ୍ଗ, ମାଲଦା, କାକରପାଣି, ଚୋରମାଲଦା, ଗଣୁଆ ଓ ଗିଡିଆ ଗ୍ରାମର ୧୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଯାତାୟତରେ ସହାୟତା କରିବ। ତହସିଲଦାର ଯୋଶୀ କହିଛନ୍ତି ଯେ, କମ୍ପାନୀ ପକ୍ଷରୁ ଏହି ଅଞ୍ଚଳର ଲୋକମାନଙ୍କ ପାଇଁ ସୌରଚାଳିତ ଲାଇଟ, ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଏବଂ ପନିପରିବା ବଗିଚା ଭଳି ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଗ୍ରାମ ପ୍ରତିନିଧି ବାଦଲ ବାରିକ, କୁନା ପାତ୍ର, ବାତୁ ମୁଣ୍ଡା, ସୁନୀଲ ମୁଣ୍ଡା, ପଞ୍ଚାୟତିରାଜ ସଦସ୍ୟ, କଲମଙ୍ଗ ଟିଏସଏଫର ଶାଖା ମୁଖ୍ୟ ସଞ୍ଜୟ ସରଦାର ଓ ଟିଏସଏଫର ଅଧିକାରୀ ମାନେ ଉପସ୍ଥିତ ଥିଲେ।



କୋଇଡ଼ା ବ୍ଲକର ଖଣି ପ୍ରଭାବିତ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ବସ୍ ଶୁଭାରମ୍ଭ କରାଯାଉଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଯୁବକ ଗିରଫ

**ରାଉରକେଲା ଅଫିସ,୨୭।୮:** ରାଉରକେଲା ରେଳ ଷ୍ଟେଶନରେ ଜିଆରପି ଗଞ୍ଜେଇ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି ଅବକାରୀ ପୋଲିସକୁ ଶନିବାର ହସ୍ତାନ୍ତର କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରିଜେଶ କୁମାର(୧୯)। ସୂଚନାଯୋଗ୍ୟ, ଝାଡ଼ଖଣ୍ଡ ସୋନୁଆ ଅଞ୍ଚଳର ବ୍ରିଜେଶ ଶନିବାର ଟାଟା ଷ୍ଟେଶନରୁ ଇସ୍ପାତ ଟ୍ରେନ ଯୋଗେ ଏକ ବ୍ୟାଗ୍‌ରେ ୭ କେ.ଜି ୪୦୦ ଗ୍ରାମ ଗଞ୍ଜେଇ ଆଣି ରାଉରକେଲା ରେଳ ଷ୍ଟେଶନରେ ଅପେକ୍ଷା କରିଥିଲେ। ଜିଆରପି ପୋଲିସ କୌଣସି ସୂତ୍ରରୁ ଜାଣି ତାଙ୍କୁ ଏକ ନମ୍ବର ପ୍ଲାଟଫର୍ମରେ କାବୁ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି।

### ଘର ସମ୍ମୁଖରୁ ସ୍କୁଟି ଚୋରି

**ସୁନ୍ଦରଗଡ,୨୭।୮(ଡି.ଏନ୍.ଏ.):** ସ୍ଥାନୀୟ ଥାନା ପଡାର ନିର୍ମଳ ନାଏକ ଙ୍କ ଘର ସମ୍ମୁଖରୁ ତାଙ୍କର ଏକ ସ୍କୁଟି କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ଟାଉନ ଥାନାରେ ରିପୋର୍ଟ ହୋଇଛି।ସେ ଶୁକ୍ରବାର ସନ୍ଧ୍ୟାରେ ନିଜ ଘର ସମ୍ମୁଖରେ ତାଙ୍କ ଓଡି୧୬-ଡି-୮୦୧୦ ନମ୍ବର ବିଶିଷ୍ଟ ସ୍କୁଟିକୁ ପାର୍କିଂ କରିଥିଲେ।ଶନିବାର ସକାଳେ ଦେଖିଲା ବେଳକୁ ତାଙ୍କୁ ସ୍କୁଟିଟି ସେଠାରେ ନ ଥିଲା।ବହୁତ ଖୋଜାଖୋଜି ନ ମିଳିବାରୁ ସେ ଏ ସମ୍ପର୍କରେ ଟାଉନ ଥାନାରେ ରିପୋର୍ଟ କରିଥିଲେ।

### ଜାତୀୟ ରାଜପଥରେ ପୃଥକ୍ ଦୁର୍ଘଟଣା: ୧ମୃତ, ୨ ଗୁରୁତର

**ଦେବଗଡ଼,୨୭।୮(ଡି.ଏନ୍.ଏ.):** ଦେବଗଡ଼ ଥାନା ଅନ୍ତର୍ଗତ କୁରେଇବାହାଲ, ଶ୍ରୀନିବାସପୁର ଓ କମଳାବଗିଚା ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ଉପରେ ଶନିବାର ଭିନ୍ନ ଭିନ୍ନ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାଇ ଶନିବାର ସକାଳୁ ତାଳଚେର ପଟୁ ଝାରସୁଗୁଡା ଅଭିମୁଖେ ଓଡି ୩୫ ଏଫ -୩୮୭୫ ଟ୍ରକ ଯାଉଥିବାବେଳେ ତିଳେଇବଣି ଫାଣ୍ଡି ଅନ୍ତର୍ଗତ କୁରେଇବାହାଲ ଗ୍ରାମ ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥ ଉପରେ ପୂର୍ବରୁ ଛିଡା ହୋଇଥିବା ଏକ ଟ୍ରକ ପଛପଟେ ଧକ୍କା ଦେଇଥିଲା। ଫଳରେ ଗାଡି ଚାଳକ ପୁରୀ ଜିଲା ବଲଙ୍ଗା ଥାନା ଅନ୍ତର୍ଗତ କ୍ଷୀରିଖିଆ ଗ୍ରାମର ବିପିନ କୁମାର ବେହେରାଙ୍କ ଘଟଣାସ୍ଥଳରେ ଟ୍ରକ କ୍ୟାବିନରେ ଚାପି ହୋଇ ମୃତ୍ୟୁ ଘଟିଛି। ସେହିପରି ମଧାହ୍ନରେ କଂଢଲ ଗ୍ରାମର ଶ୍ରୀମନ୍ତ ବେହେରା କୌଣସି କାମରେ ରାଞ୍ଚି ବିଜୟୱାଡା ରାସ୍ତାରେ ଶ୍ରୀନିବାସପୁର ଗ୍ରାମ ପଟକୁ ଆସୁଥିବାବେଳେ ଭାରସାମ୍ୟ ହରାଇ ଏକ ଖାଲରେ ପଡିଯିବାରୁ ଗୁରୁତର ହୋଇଥିଲେ। ଦୁର୍ଘଟଣା ଖବରପାଇ ତାଙ୍କ ଭାଇ ଚନ୍ଦନ ବେହେରା ଦୁର୍ଘଟଣା ସ୍ଥଳକୁ ଆସୁଥିବା ବେଳେ ସେ କମଳା ବଗିଚା ଗ୍ରାମ ନିକଟ ରାଞ୍ଚି ବିଜୟୱାଡା ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛଟିକି ପଡି ସଂଜ୍ଞାହୀନ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ୧୦୮ ଆମ୍ବୁଲାନ୍ସ ଘଟଣା ସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ। ଅନ୍ୟ ପକ୍ଷରେ ମୃତ ଟ୍ରକ ଚାଳକ ବିପିନଙ୍କ ପରିବାର ଲୋକ ପହଞ୍ଚିବା ପରେ ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜିଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ


କୁତ୍ରାରେ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**କୁତ୍ରା, ୨୭।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ଗୀତ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଜଗନ୍ନାଥଙ୍କଠାରେ ଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜିଲା ସଂସ୍କୃତ ସଂଘ ସଭାପତି ଅଶୋକ ମାହାଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଲୋକଭାଷା ପ୍ରଚାର ସମିତିର ଡ. ସଦାନନ୍ଦ ଦୀକ୍ଷିତ ଯୋଗଦେଇ ଭାରତର ଆତ୍ମା ସଂସ୍କୃତି ସଂସ୍କୃତ ବିନା ଅନ୍ଧ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କୁତ୍ରା ବିଇଓ ଗୁରୁଚରଣ ସାହୁ, ଜିଲା ସଂସ୍କୃତ ସଂଘ ଉପଦେଷ୍ଟା ଭାସ୍କର ଚନ୍ଦ୍ର ମହାପାତ୍ର, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଉତ୍କଳ ସଂସ୍କୃତ ମହାସଂଘ ଯୁଗ୍ମ ସମ୍ପାଦକ ପଶ୍ଚିମ ସଂଭାଗ ଗୋପବନ୍ଧୁ ପୁରୋହିତ, ଉତ୍କଳ ସଂସ୍କୃତ ମହାସଂଘ ଉପସଭାପତି ପଶ୍ଚିମ ସଂଭାଗ କନକଲତା ଜେନା, ଶାରୀରିକ ଶିକ୍ଷା ନିରୀକ୍ଷକ ଗଣେଷ ବାରିକ, ଜିଲା ସଂସ୍କୃତ ସଂଘ ସମ୍ପାଦକ ବିଭୀଷଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ଅବସର ନେଇଥିବା କୃତୀ ସଂସ୍କୃତ ଶିକ୍ଷକ କିଶୋର ଚନ୍ଦ୍ର ଜେନା, ପ୍ରବୀର ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ଛବିଳାକୁମାରୀ ତ୍ରିପାଠୀ, ଆନନ୍ଦ ଚନ୍ଦ୍ର ରାଉତ, ସୂର୍ଯ୍ୟମଣି ଦାଶ, ସନ୍ତୋଷ ନାଏକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ବିଶ୍ୱନାଥ ମିଶ୍ର ଓ ମାନସ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନିଲ ପାଣିଗ୍ରାହୀ, ରାଧାନାଥ ଦିସରି, ରାମେଶ୍ୱର ଲାକଡା, ଦିଲ୍ଲୀପ ସାହୁ, ଗଣେଶର ବରୁଆ, ରବିନ୍ଦ୍ର ପଣ୍ଡା, ଦିପିକା କେର୍କେଟା, ଦିଲ୍ଲୀପ ବେହେରା, ଲବଣୀଧର ଗର୍ଡିଆ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଆମ ଗର୍ବ ଆମ ରାଉରକେଲା କାର୍ଯ୍ୟକ୍ରମ ପାଇଁ ପ୍ରତିଯୋଗିତା

**ରାଉରକେଲା ଅଫିସ,୨୭।୮**

ରାଉରକେଲାର ସାମାଜିକ ସଙ୍ଗଠନ ଅନନ୍ତ ଉଦୟ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଆମ ରାଉରକେଲା' କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ଶନିବାର ଛେଣ୍ଡ ସ୍ଥିତ ରିମ୍‌ସ ଶିକ୍ଷା ଅନୁଷ୍ଠାନରେ ପ୍ରଥମରୁ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଜୁନିୟର ଓ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସିନିୟର ବିଭାଗ କରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷା ରାଜଲକ୍ଷ୍ମୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରାୟ ୫ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ଗୀତ, ନୃତ୍ୟ ଓ ରଚନାରେ ଛାତ୍ରୀଛାତ୍ରମାନେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ମୂଲ୍ୟାୟନ ପାଇଁ ସଙ୍ଗୀତରେ ନିଶି ନନ୍ଦ ଓ ସ୍ମିତା, ନୃତ୍ୟରେ ସୋନୀ ପିଲାଇ ଓ ସାନ୍ତ୍ୱନା, ଅଗ୍ନିରେଖା ଘୋଷ ଓ ପ୍ରତିକୋନା ବାରାଡ, ଚିତ୍ରାଙ୍କନରେ ସିରାଜ ପାତ୍ର ଓ ଗୋକୁଳି ସାରଙ୍କ ସମେତ ଇଞ୍ଜିନିୟର ପି. କେ. ରାୟ ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଆମ ରାଉରକେଲା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଆୟୋଜକ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ରିମ୍‌ସର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଲୀନା ନାୟକ ଓ ବିଶ୍ୱଜିତ ରାଉତ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

# ମହିଳା, ଶିଶୁ ବିକାଶ ମନ୍ତ୍ରୀଙ୍କ ସହ ବିଧାୟିକା କୁସୁମଙ୍କ ଆଲୋଚନା


ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ସହିତ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ସାକ୍ଷାତ ଆଲୋଚନା କରୁଛନ୍ତି।

**ସୁନ୍ଦରଗଡ଼, ୨୭।୮(ଡି.ଏନ୍.ଏ.)**

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ସୁନ୍ଦରଗଡ଼ ଗସ୍ତ ଅବସରରେ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ୨୦୧୧ ରୁ ମିଶନ ଶକ୍ତି ବିଭାଗ କାର୍ଯ୍ୟ କରି ଆସୁଅଛି। ହେଲେ ୨୦୨୨-୨୩ ଆର୍ଥିକ ବର୍ଷର ୬ ମାସ ବିତିବାକୁ ବସିଥିବାବେଳେ ରାଜ୍ୟ ସରକାର ପ୍ରଥମ କିସ୍ତି ଅନୁଦାନ ରାଶି ପ୍ରଦାନ କରିନାହାନ୍ତି। ଏଥି ସହିତ ମିଶନ ଶକ୍ତି ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ କରାଯିବା, ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏସଏସ୍‌ଜି ମହିଳାମାନଙ୍କୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲୋନ ନେଲେ ସୁଧ ଛାଡର ବ୍ୟବସ୍ଥା କରାଯାଇଛି। ଏହାକୁ ୫ ଲକ୍ଷ ପର୍ଯ୍ୟନ୍ତ ସୁଧ ଛାଡର ବ୍ୟବସ୍ଥା କରାଗଲେ ଏସ୍‌ଏଚ୍‌ଜି ମହିଳାମାନେ ଉପକୃତ ହୋଇପାରିବେ ବୋଲି ବିଧାୟିକା ଦାବି କରିଥିଲେ। ଏତଦ୍ ବ୍ୟତୀତ ବ୍ୟାଙ୍କ ମିତ୍ର ଚୟନ ପ୍ରକ୍ରିୟା ଯଥାଶୀଘ୍ର କରାଯିବାକୁ ବିଧାୟିକା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଲୋଚନାବେଳେ ଜିଲାପାଳ ଡା: ପରାଗ ହର୍ଷଦ ଗାଭାଲି ଓ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଉପସ୍ଥିତ ଥିଲେ।


**ODISHA** INDIA'S BEST KEPT SECRET.

**Department of Tourism**
**Government of Odisha**
**Paryatan Bhawan, Lewis Road, Bhubaneswar, 751014**
**Phone: (0674) 2432177 | Fax: (0674) - 243887**
**https://dot.odishatourism.gov.in**

**No.6913/TSM, TCT-TSP-FEST-0005-2022** **Bhubaneswar,** **Dt.26.08.22**

**APPLICATION FOR KONARK FESTIVAL**
**(1st to 5th December 2022)**
**Open Air Auditorium. Konark, Odisha, India**

**No.R-05:** Tourism Department, Government of Odisha invites applications from reputed Odissi Classical Dance Artist/ Troupe/ Institute/ Organisation to perform at the Konark Festival 2022 on the 1st and 2nd December 2022.

For details application form, eligibility criteria and terms and conditions visit **www.odishatourism.gov.in**, **http://www. orissasangeetnatak.org** and **http://odishaculture.gov.in.**

The filled application forms along with required documents (photocopy) to be submitted to Director, Tourism Department, Lewis Road, Bhubaneswar- 751014 on or before **10th September 2022 upto 5.30 PM.**

**Sd./- Joint Director & Dy. Secretary to Govt.**
**OIPR-37001/11/0007/2223**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**
**NATIONAL COMPETITIVE BIDDING THROUGH e-PROCUREMENT**
**No.C-1073: Invitation For Bids (IFB) Dtd.22.08.2022**

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid document for online bidding From | To |
|---|---|---|---|---|---|---|
| 1. | Augmentation of Water Supply to Nilagiri NAC under AMRUT 2.0 | EICPH-02/ 2022-23 | 963.03 | 11 (Seven) Months | 11.00 Hrs. of 30.08.2022 | 17.00 Hrs. of 20.09.2022 |

Name & Address of Officer Inviting Bid: **The Engineer-in-Chief (PH)**
**Office of The Engineer-in-Chief, PH 1st Floor,**
**Unnati Bhawan, Satyanagar, Bhubaneswar, Odisha - 751007.**
**Phone: #91-674-2575309, email : eicphodisha@gmail.com**

❖ Further details can be seen from the e-Procurement portal "https: / /www.tendersodisha.gov.in"
❖ **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

**OIPR-13068/11/0003/2223** **Sd./- Engineer-in-Chief (PH)**

**NOTICE**

**No.C-1083:** The following contractors, who were registered as "C" Class Contractor under S.E.P.H Circle, Bhubaneswar .(Now Addl. Chief Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

| Sl. No. | Name and Address | Regn. No & Class | This office order No. & Date |
|---|---|---|---|
| 1) | Sri Sangram Keshari Behera(S.C) S/o.Rabindra Nath Behera At-Juna PO/PS-Marshaghai Dist.Kendrapara. Pin-754213 | CDMS Regd. N0.655EW736 'C' Class **(Valid Upto 31.03.2022)** | S.E.P.H. Circle, BBSR Dt.07.11.2019 |
| 2) | Sri Gorachanda Dwari(S.C) S/o.Janardan Dwari At/PO-Jogiapalli PS-Khandapada Dist.Nayagarh Pin-752070 | CDMS Regd. N0.796QU448 'C' Class **(Valid Upto 31.03.2023)** | S.E.P.H. Circle, BBSR Dt. 19.03.2020. |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractors which are due to be recovered, may please be reported to the undersigned within 30(thirty) days from the date of publication of this notice for recovery/adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.

If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

**Sd./- Additional Chief Engineer, P.H.Circle, Bhubaneswar**
**OIPR-13039/11/0002/2223**

**EXPRESSION OF INTEREST FOR SUPPLY, INSTALLATION, TESTING & COMMISSIONING OF WATER FOUNTAIN IN KRUSHI BHAWAN CAMPUS, KESHARI NAGAR, BHUBANESWAR**
**Bid Id No. 640 Dated 24/08/2022**

**No.L-70:** 1.The Executive Engineer, Agriculture Engineering Division, Nayagarh invites Sealed Tenders from reputed Manufacturers/Suppliers for the following work in the Campus of Krushi Bhawan, Kesharinagar. Bhubaneswar in their own forms in two bids.

| Sl. No | Name of work | Estimated cost | EMD | Cost of Bid document | Period of completion |
|---|---|---|---|---|---|
| 1 | Supply, Installation.Testing and Commissioning of Water Fountain in the Campus of Krushi Bhawan, Kesharinagar, Bhubaneswar | Rs.14,16,695.00 | Rs. 14167.00 | Rs. 6000/- | 60 Days (Sixty days) |

2. EOI documents consisting of specifications and the set of terms & conditions of contract and other necessary Documents can be downloaded from the website: www.tendersodisha.gov.in / agriodisha.nic.in.
3. Tender must be accompanied by Earnest Money Deposit and paper cost in shape of Demand Draft payable at Nayagarh from any Nationalized Bank in favour of "Executive Engineer (Agril.), Agriculture Engineering Division, Nayagarh".
4. Tender must be accompanied with copies of Experience Certificate in similar nature of work and clearance certificate on GST, PAN and other relevant documents as specified in the Bid document.
5. The Tender documents will be available in the website: www.tendersodisha.gov.in./agriodisha.nic.in from 10.00 Hours of 30/08/2022 to 12/09/2022 Hours of 16:00.
6. Sealed two part tenders superscribing the name of work are to be submitted to the Executive Engineer, Agriculture Engineering Division, Nayagarh through "SPEED POST/REGISTERED POST " only . Tender papers will be received up to 17 Hours of dt. 13/09/2022.
7. Technical Bids shall be opened at 14.09.2022 Hour on 11.00 in the Office of Superintending Engineer, Agriculture, Central Zone, Satyanagar, Bhubaneswar in the presence of bidders who wish to attend or their authorized representatives. If the office happens to be closed on the stipulated date of opening of Bids as specified, the bids will be opened on the next working day.
8. Interested parties may like to visit the site at Krushi Bhawan, Kesharinagar, Bhubaneswar on any working day between 10.30 Hours to 04:30 hours, at their own expenses with prior intimation. For the purpose they may contact the Executive Engineer (Agril.), at Krushi Bhawan , Bhubaneswar.

09. Other details can be seen in the bid documents.
10. The authority reserves the right to cancel any or all bids without assigning any reason thereof. For details visit the website: www.tendersodisha.gov.in/agriodisha.nic.in.

**Sd./- Executive Engineer (Agril)**
**OIPR-01449/11/0002/2223** **Agriculture Engineering Division, Nayagarh**

**ହ୍ରାସ ପାଉଛି ବିଦେଶୀ ମୁଦ୍ରାଭଣ୍ଡାର**

**ନୂଆଦିଲ୍ଲୀ:** ଗତ ୨ ବର୍ଷ ମଧ୍ୟରେ ଦେଶର ବିଦେଶୀ ମୁଦ୍ରାଭଣ୍ଡାର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏପରିକି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ଜାରି କରାଯାଇଥିବା ପରିସଂଖ୍ୟାନ ଡାଟା ଅନୁସାରେ ଅଗଷ୍ଟ ୧୯ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବିଦେଶୀ ମୁଦ୍ରାଭଣ୍ଡାର ୬.୬୮୭ ବିଲିୟନ ଡଲାର ହ୍ରାସ ହୋଇ ୫୬୪.୦୫୩ ବିଲିୟନ ଡଲାରରେ ପହଞ୍ଚିଛି। ଏହା ପୂର୍ବରୁ ଅଗଷ୍ଟ ୧୨ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରାଭଣ୍ଡାରରେ ୨.୨୩୮ କୋଟି ଡଲାର ହ୍ରାସ ସହ ୫୭୦.୭୪ ବିଲିୟନ ଡଲାରରେ ପହଞ୍ଚିଥିଲା।

# ୧୩୦୦ ଷ୍ଟାର୍ଟଅପ୍‌ରୁ ମହିଳାଙ୍କର ୫୦୦

## ଆଜି ସରିବ ପ୍ରୋପ୍ୟାକ୍ ଓଡ଼ିଶା-୨୨




ଭୁବନେଶ୍ୱର,୨୭।୮

ରାଜ୍ୟରେ ମହିଳା ଉଦ୍ୟୋଗୀମାନଙ୍କୁ ସାମ୍ନାକୁ ଆଣିବା ଲାଗି ଓଡ଼ିଶା ସରକାର ଏକ ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ରାଜ୍ୟରେ ସ୍ଥାପନ ହେଉଥିବା ଅତିକମ୍‌ରେ ୩୩% ଷ୍ଟାର୍ଟଅପ୍ ସଂସ୍ଥାକୁ ମହିଳାମାନେ ପ୍ରତିଷ୍ଠାତା କିମ୍ବା ସହ ପ୍ରତିଷ୍ଠାତା ଭାବେ ଗଠନ କରନ୍ତୁ ବୋଲି ସରକାର ଚାହୁଁଛନ୍ତି। ଓଡ଼ିଶା ଆସୋସିଏସନ ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍(ଓସ୍‌ମି)ର ୩୬ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଜନତା ମଇଦାନରେ ଆୟୋଜିତ 'ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨ ଏବଂ ଏମ୍ଏସ୍ଏମ୍ଇ ଭିତ୍ତିକ କର୍ମଶାଳା ପରିପ୍ରେକ୍ଷୀରେ 'ମହିଳା ଉଦ୍ୟୋଗୀମାନଙ୍କ ବିକାଶ ଓ ଓଡ଼ିଶାର ସାମାଜିକ-ଅର୍ଥନୈତିକ ଦୃଶ୍ୟପଟ ପ୍ରତି ସେମାନଙ୍କ ଯୋଗଦାନ' ଶୀର୍ଷକ କର୍ମଶାଳାରେ ଯୋଗଦେଇ ଷ୍ଟାର୍ଟଅପ୍ ଓଡ଼ିଶାର ପ୍ରଚାରକ ସଂଯୁକ୍ତା ବଡ଼ାଇ ଏଭଳି ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଏହି ଲକ୍ଷ୍ୟ ସରକାର ହାସଲ କରିସାରିଛନ୍ତି। ରାଜ୍ୟରେ ପଞ୍ଜୀକୃତ ହୋଇଥିବା ୧୩୦୦ରୁ ଅଧିକ ଷ୍ଟାର୍ଟଅପ୍ ମଧ୍ୟରୁ ପ୍ରାୟ ୫୦୦ଟି ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହାର ହାର ନିର୍ଦ୍ଧାରିତ ୩୩% ଲକ୍ଷ୍ୟଠାରୁ ଅଧିକ ଅର୍ଥାତ୍ ୪୦% କିନ୍ତୁ ଦୀର୍ଘମିଆଦୀ ଭିତ୍ତିରେ ଏହି ଧାରା ବଜାୟ ରଖିବାକୁ ଚାହୁଁଛୁ ବୋଲି ବଡ଼ାଇ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଓର୍‌ମାସର ସିଇଓ ପୁନମ ତାପସ ଗୁହା ରାଜ୍ୟରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ରହିଥିବା ସମ୍ଭାବନା ଓ ସରକାର ପ୍ରଦାନ କରୁଥିବା ସହାୟତାଗୁଡ଼ିକ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ପ୍ରତିଦ୍ୱନ୍ଦ୍ୱୀ ପ୍ରଡ୍ୟୁସର୍ସ ଗ୍ରୁପ୍ ପରିଦର୍ଶନ କରି ସେମାନଙ୍କ କାର୍ଯ୍ୟଶୈଳୀକୁ ଜାଣିବା ଓ ଚିନ୍ତାଧାରା ଆଦିର ଆଦାନପ୍ରଦାନ କରିବା ଲାଗି ମହିଳା ଉଦ୍ୟୋଗୀମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ଥିବାରୁ ସେମାନଙ୍କ ସ୍ୱତନ୍ତ୍ର ଉତ୍ପାଦଗୁଡ଼ିକୁ ବଜାର ପର୍ଯ୍ୟନ୍ତ ଆଣିବା ଲାଗି ମଧ୍ୟ ବହୁ ସୁଯୋଗ ରହିଛି। କୃଷିଜାତ ସାମଗ୍ରୀରେ ରହିଥିବା ସୁଯୋଗ ବିଷୟରେ ମଧ୍ୟ ସେ ବିସ୍ତୃତ ଆଲୋଚନା କରିଛନ୍ତି।

ଏହି ଅବସରରେ ସେ ଉପସ୍ଥିତ ମହିଳା ଉଦ୍ୟୋଗୀମାନଙ୍କୁ ଓର୍‌ମାସ ପ୍ରତିବର୍ଷ ଆୟୋଜନ କରୁଥିବା ପଲ୍ଲିଶ୍ରୀ ମେଳାରେ ଅଂଶ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥି ସହିତ ସରକାରୀ ସ୍କିମ୍‌ଗୁଡ଼ିକର ଲାଭ ହାସଲ କରିବା ଲାଗି ଉଦ୍ୟମ କରିବାକୁ ସେମାନଙ୍କୁ ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଏମ୍ଏସ୍ଏମ୍ଇ ଡିଏଫ୍‌ଓର ସହକାରୀ ନିର୍ଦ୍ଦେଶକ ନୀତୀଶା ମାନ୍, ରାଜ୍ୟ ଏମ୍ଏସ୍ଏମ୍ଇ ବିଭାଗର ଯୁଗ୍ମ ସଚିବ ମାନସୀ ମାନ୍ଧାତା, ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନୀଲ ନରୱଣେ, ଓସ୍‌ମି ମହିଳା ଶାଖାର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି, ସଚିବ ଶ୍ୱେତା ପାଣି, ପ୍ରତିଶ୍ରୁତି ଜେନା, ଅମ୍ରିତା ସାବତ, ଚନ୍ଦନା ଦାସ, ସଂଯୁକ୍ତା ପଣ୍ଡା, ବିଜୟଲକ୍ଷ୍ମୀ ପ୍ରଧାନ ଓ ବେନୋରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## କଲ୍ୟାଣ ଜୁଏଲର୍ସର ୨ୟ ଶୋ'ରୁମ୍ ଖୁବ୍‌ଶୀଘ୍ର

### ସେପ୍ଟେମ୍ବର ୩ରେ ଶୁଭାରମ୍ଭ ହେବ ବ୍ରହ୍ମପୁର ଷ୍ଟୋର

ଭୁବନେଶ୍ୱର,୨୭।୮

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଓଡ଼ିଶାର ୨ୟ ଶୋ'ରୁମ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରହ୍ମପୁର ସହରର ସିଟି ହାଇସ୍କୁଲ ରୋଡ୍‌ରେ ଏହି ନୂତନ ଶୋ'ରୁମ୍ ଚଳିତ ବର୍ଷ ସେପ୍ଟେମ୍ବର ୩ ତାରିଖ ପୂର୍ବାହ୍ଣ ୧୦ଟା ୩୦ ମିନିଟ୍‌ରେ ଉଦ୍‌ଘାଟନ ହେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ନିଜର ରିଟେଲ ଉପସ୍ଥିତି ଓ ପରିଚାଳନାକୁ ସମ୍ପ୍ରସାରଣ କରିବା ଲାଗି କମ୍ପାନୀର ରହିଥିବା ରଣନୀତିର ଅଂଶ ସ୍ୱରୂପ ଏହି ସମ୍ପୂର୍ଣ୍ଣ ନୂଆ ଶୋ'ରୁମ୍‌ର ଶୁଭାରମ୍ଭ ହେଉଛି। ଏହା ଜରିଆରେ କମ୍ପାନୀ ଓଡ଼ିଶାର ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିପାରିବ ଏବଂ ଅଭିବୃଦ୍ଧିର ଧାରା ମଧ୍ୟ ବଜାୟ ରଖିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଉକ୍ତ ଶୋ'ରୁମ୍‌କୁ ସ୍ୱତନ୍ତ୍ର ଢଙ୍ଗରେ ଶୁଭାରମ୍ଭ କରିବା ଲାଗି ପ୍ରତି ୧ ଲକ୍ଷ ଟଙ୍କା ମୂଲ୍ୟର ହୀରା ଗହଣା କ୍ରୟ ଉପରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ ଘୋଷଣା କରାଯାଇଛି।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣନ କହିଛନ୍ତି, ଓଡ଼ିଶାରେ ଆମେ ଆମର ୭ ବର୍ଷର ଯାତ୍ରା ପୂରଣ କରିଥିବା ବେଳେ ରାଜ୍ୟର ୩ୟ ସର୍ବବୃହତ୍ ବଜାରରେ ପ୍ରବେଶ କରିବାକୁ ଯାଉଥିବାରୁ ଅତ୍ୟନ୍ତ ଉଲ୍ଲସିତ ମନେକରୁଛୁ। ଆମର ବିଶ୍ୱାସ ଯେ ବ୍ରହ୍ମପୁର ବଜାରରେ ବିପୁଳ ସମ୍ଭାବନା ରହିଛି ଏବଂ ଓଡ଼ିଶା ବଜାରରେ ଦୃଢ଼ ମୂଳଦୁଆ ସ୍ଥାପନ ହୋଇସାରିଥିବାରୁ ତାହା ଆମ ଅଭିବୃଦ୍ଧି ଧାରାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

## ବିପିଏଲ୍, କେଲ୍‌ଭିନେଟର ପକ୍ଷରୁ ଡିଲର ପୁରସ୍କୃତ



ଭୁବନେଶ୍ୱର,୨୭।୮

ବିପିଏଲ୍ ଏବଂ କେଲଭିନେଟର କମ୍ପାନୀ ପକ୍ଷରୁ ବିକ୍ରିରେ ସଫଳତା ହାସଲ କରିଥିବା ଡିଲରଙ୍କୁ ପୁରସ୍କୃତ କରାଯାଇଛି। ଏ ନେଇ କମ୍ପାନୀ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ କମ୍ପାନୀର ବିଏମ୍ ଦୀପକ ସାମଲ ଏବଂ ବିତରକ ରାମକୃଷ୍ଣ ଏଜେନ୍ସିର ସ୍ୱତ୍ୱାଧିକାରୀ ଯୋଗେନ୍ଦ୍ର ହଂସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଭଲ ପ୍ରଦର୍ଶନ କରିଥିବା ଶୀର୍ଷ ୧୦ ଡିଲରଙ୍କୁ ତନିସ୍କର ସୁନା ଅଳଙ୍କାର ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। ସେହିଭଳି ବିକ୍ରିରେ ଯୋଗଦାନ ରଖିଥିବା ଟପ୍ ଡିଲରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ବୋଲି ସାମଲ କହିଛନ୍ତି। ଫଳରେ ଆଗକୁ ଏଭଳି କାମ କରିବାକୁ ଏହା ସେମାନଙ୍କୁ ଉତ୍ସାହିତ କରିବ। ସେହିପରି ରାମକୃଷ୍ଣ ଏଜେନ୍ସି ପକ୍ଷରୁ ହଂସ ଡିଲରଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସଫଳତା ଲାଗି ଶୁଭେଚ୍ଛା ଜଣାଇଥିଲେ।

## ଆଜି ଷ୍ଟାର୍ କିରଣରେ 'ବିଶ୍ୱନାଥ'

ଭୁବନେଶ୍ୱର,୨୭।୮




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନଭିତ୍ତିକ ଟିଭି ଚ୍ୟାନେଲ 'ଷ୍ଟାର୍ କିରଣ'ରେ ରବିବାର ସନ୍ଧ୍ୟା ୬ ଘଟିକାରେ ଓଡ଼ିଆ ସିନେମା 'ବିଶ୍ୱନାଥ'ର ୱାର୍ଲଡ ଟେଲିଭିଜନ ପ୍ରିମିୟର (ଡବ୍ଲ୍ୟୁଟିପି) ପ୍ରସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ବିଶେଷକରି ଏହି ନୂତନ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ କମ୍ ଦିନ ମଧ୍ୟରେ ଦର୍ଶକଙ୍କୁ ବାନ୍ଧି ରଖିପାରିଛି। ସେହିଭଳି ପ୍ରତି ସପ୍ତାହ ଶେଷରେ ଏକ ବ୍ଲକ୍ ବଷ୍ଟର ଓଡ଼ିଆ ସିନେମା ମାଧ୍ୟମରେ ସାରା ପରିବାରକୁ ମଧ୍ୟ ସନ୍ଧ୍ୟାରେ ଏକତ୍ରିତ କରିପାରୁଛି। ଅପରପକ୍ଷରେ ଉକ୍ତ ଚଳଚ୍ଚିତ୍ରରେ ନାୟକ ସମ୍ମିତ ଆଚାର୍ଯ୍ୟ ଏବଂ ନାୟିକା ଭୂମିକାରେ ସମ୍ଭାବନା ମହାନ୍ତି ଅଭିନୟ କରିଛନ୍ତି। ଏହା ଏକ ପାରିବାରିକ ମନୋରଞ୍ଜନ ଚଳଚ୍ଚିତ୍ର । ଏପରିକି ସବୁବର୍ଗର ଦର୍ଶକଙ୍କୁ ପରିବାର ସହ ଟିଭି ପରଦା ଆଗରେ ବାନ୍ଧିରଖିବା ପାଇଁ ବିଶ୍ୱନାଥ ଏକ ରୋମାଣ୍ଟିକ କାହାଣୀ। ଏହାର କାହାଣୀ ଗାୟତ୍ରୀ ଚରିତ୍ରରେ ସମ୍ଭାବନା ଏବଂ ବିଶ୍ୱନାଥ ଚରିତ୍ରରେ ସମ୍ମିତଙ୍କ ମଧ୍ୟରେ ଥିବା ରୋମାଣ୍ଟିକ ସମ୍ପର୍କ ଉପରେ ଆଧାରିତ । ଗାୟତ୍ରୀଙ୍କ ପରିବାର ସଦସ୍ୟଙ୍କ ହୃଦୟ ଜିତିବାକୁ ଚେଷ୍ଟା କରିବାରେ କେତେଦୂର ସଫଳ ହେଉଛି ଏହା ଉପରେ ବିଶ୍ୱନାଥ ଚଳଚ୍ଚିତ୍ରର କାହାଣୀ ପରିବେଷିତ।

## 'ଓମେନ୍ ଲିଡ୍ ଇଣ୍ଡିଆ ଫେଲୋଶିପ୍'ର ଶୁଭାରମ୍ଭ

ମୁମ୍ବାଇ,୨୭।୮

ସାମାଜିକ କ୍ଷେତ୍ରରେ ମହିଳା ନେତୃତ୍ୱକୁ ସମୃଦ୍ଧ କରିବା ଲକ୍ଷ୍ୟ ନେଇ ରିଲାଏନ୍ସ ଫାଉଣ୍ଡେଶନ ଓ ଭାଇଟାଲ ଭଏସେସ୍ ପକ୍ଷରୁ 'ଓମେନ୍ ଲିଡ୍ ଇଣ୍ଡିଆ ଫେଲୋଶିପ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ନିକଟରେ ଆରମ୍ଭ ହୋଇଥିବା ଏହି ୧୦ ମାସିଆ ଫେଲୋଶିପ୍ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ପରିବର୍ତ୍ତନର ବାର୍ତ୍ତାବହ ସାଜିଥିବା ମହିଳାମାନଙ୍କ ନେତୃତ୍ୱ ଦକ୍ଷତାକୁ ସୁଦୃଢ଼ କରିବ। ବିଶେଷକରି ଗ୍ରାମୀଣ ରୂପାନ୍ତରଣ, ଶିକ୍ଷା, କ୍ରୀଡ଼ାର ବିକାଶ, କଳା, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ଏହି ଫେଲୋଶିପ୍ ପ୍ରଦାନ କରାଯିବ। ଏଥିପାଇଁ ସର୍ବଭାରତୀୟ ସ୍ତରରେ ଆବେଦନ ଆହ୍ୱାନ କରାଯାଇଛି। ଆବେଦନର ଶେଷ ତାରିଖ ୨୦୨୨ ଅକ୍ଟୋବର ୩ ତାରିଖ ରହିଛି। ପରିବର୍ତ୍ତନ ଆଣିବା ଲାଗି ଏକ କିମ୍ବା ଏକାଧିକ ସାମାଜିକ କ୍ଷେତ୍ରରେ ଅତିକମ୍‌ରେ ୩ବର୍ଷର କାର୍ଯ୍ୟ କରିଥିବାର ଅଭିଜ୍ଞତା ଥିବା ମହିଳାମାନେ ଏହି ଫେଲୋଶିପ୍ ପାଇଁ ଆବେଦନ କରିପାରିବେ।

ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷା ନୀତା ଅମ୍ବାନୀ କହିଛନ୍ତି, 'କେବଳ ନିଜକୁ ନୁହେଁ ବରଂ ନିଜ ପରିବାର ଓ ସମାଜକୁ ସଶକ୍ତ କରିବା ଲାଗି ମହିଳାଙ୍କ ପାଖରେ ଥିବା ସାମଗ୍ରିକ ଓ ଅଭିନବ ଶକ୍ତି ଉପରେ ଆମର ବିଶ୍ୱାସ ରହିଛି। ଯେତେବେଳେ ମହିଳାମାନେ ପରସ୍ପର ସହ ମିଶି ଆଗକୁ ବଢ଼ିଥାନ୍ତି ସେମାନେ ଏକ ନେଟ୍‌ୱର୍କ ଓ ବ୍ୟବସ୍ଥା ଗଠନ କରନ୍ତି, ଯାହା ସେମାନଙ୍କ ଚାରିପାଖରେ ଥିବା ଦୁନିଆର ରୂପାନ୍ତରଣରେ ସହାୟକ ହୋଇଥାଏ।

**ଫୁର୍‌ସତ୍**

# ୧୩ ସେକେଣ୍ଡରେ ମାଟିରେ ମିଶିବ 'ଟ୍ୱିନ୍ ଟାୱାର'




ନୋଏଡା

ନିର୍ମାଣ ସମ୍ବନ୍ଧୀୟ ନିୟମ ଉଲଂଘନ କରିବା ନେଇ ୭୦ କୋଟି ଟଙ୍କା ବିନିମୟରେ ତିଆରି ହୋଇଥିବା ନୋଏଡାର ଟ୍ୱିନ୍ ଟାୱାର ମାଟିରେ ମିଶିବାକୁ ଯାଉଛି। ୯ ବର୍ଷର ସଂଘର୍ଷ ପରେ ସୁପରଟେକ୍ କମ୍ପାନୀ ତିଆରି କରିଥିବା ୧୦୦ ମିଟର ଉଚ୍ଚତା ବିଶିଷ୍ଟ ସିୟାନ ଓ ଆପେକ୍ସ (ଟ୍ୱିନ୍ ଟାୱାର)କୁ ଭଙ୍ଗା ଯିବାର ନିଷ୍ପତ୍ତି ନିଆଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସାଙ୍ଗକୁ ଆଖାପାଖ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବହୁ ପଦକ୍ଷେପ ନିଆଯାଇଛି। ନୋଏଡା-ଗ୍ରେଟର ନୋଏଡା ଏକ୍ସପ୍ରେସ୍ ୱେ'ର ସେକ୍ଟର ୯୩ରେ ୮୫୦ ଫ୍ଲାଟ ବିଶିଷ୍ଟ ଟ୍ୱିନ୍ ଟାୱାର ଅବସ୍ଥିତ। ରବିବାର ଅପରାହ୍ଣ ସାଢ଼େ ଦୁଇଟାବେଳେ ଟ୍ୱିନ୍ ଟାୱାର ଭଙ୍ଗାଯିବା ଲାଗି କାଉଣ୍ଟ ଡାଉନ୍ ଆରମ୍ଭ ହେବ। ଗୋଟିଏ ବଟନ୍ ଦବାଇବା ମାତ୍ରକେ ୧୩ ସେକେଣ୍ଡର ବିସ୍ଫୋରଣରେ ସମ୍ପୂର୍ଣ୍ଣ ଟାୱାର ମାଟିରେ ମିଶିଯିବ। ବିସ୍ଫୋରଣର ତୀବ୍ରତା ୧ ମ୍ୟାଗ୍ନିଚ୍ୟୁଡ୍ ରହିବ। ସେକ୍ଟର ୯୩ରେ ନୋ ଫ୍ଲାଇଙ୍ଗ୍ ଜୋନ୍ ଲାଗୁ କରାଯାଇଛି। ଟାୱାରର ୫୦୦ ମିଟର ପରିସୀମା ଅଞ୍ଚଳକୁ ଏକ୍ସକ୍ଲୁଜୋନ୍ ଜୋନ୍ ଭାବେ ଚିହ୍ନଟ କରାଯାଇଛି। ଘଟଣାସ୍ଥଳରେ ପୋଲିସ ଟିମ୍, ଏନ୍‌ଡିଆର୍‌ଏଫ୍ ଦଳ ସାଙ୍ଗକୁ ୮ଟି ଆମ୍ବୁଲାନ୍ସ ଏବଂ ୪ ଅଗ୍ନିଶମ ବିଭାଗ ଗାଡ଼ି ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଅଞ୍ଚଳକୁ ସଫା କରିବା ପାଇଁ ୩ ମାସ ଲାଗିବ। ଆଖପାଖ ୧୩୯୬ ଫ୍ଲାଟରେ ରହୁଥିବା ଲୋକଙ୍କୁ ଘର ଖାଲି କରିବାକୁ କୁହାଯାଇଥିବାବେଳେ କାନ୍ଥରୁ ସମସ୍ତ ଜିନିଷ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

୨୦୦୫ରେ ସୁପରଟେକ୍ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀକୁ ନ୍ୟୁ ଓଖଲା ଇଣ୍ଡଷ୍ଟ୍ରିଆଲ୍ ଡେଭ୍‌ଲପ୍‌ମେଣ୍ଟ ଅଥରିଟି (ନୋଏଡା) ୯ ମହଲା ବିଶିଷ୍ଟ ୧୪ଟି ଟାୱାର ନିର୍ମାଣ ପାଇଁ ଅନୁମତି ଦେଇଥିଲେ, ଯେଉଁଥିରେ ଶପିଂ କମ୍ପ୍ଲେକ୍ସ ଓ ଗାର୍ଡେନ୍ ଏରିଆ ସଂଲଗ୍ନ ରଖାଯିବାର ଥିଲା। ୨୦୦୯ରେ ବିଲ୍ଡିଂର ସମୀକ୍ଷା ସମୟରେ ସୁପରଟେକ୍ କମ୍ପାନୀ ଟାୱାରରେ ୯ରୁ ଅଧିକ ମହଲା ନିର୍ମାଣ କରୁଥିବା ଦେଖାଯାଇଥିଲା। ପରିବର୍ତ୍ତିତ ଯୋଜନାକୁ ନୋଏଡା ଅଥରିଟି ପୁଣି ଅନୁମତି ଦେଇଥିଲେ । ବେଆଇନ୍ ନିର୍ମାଣ ନେଇ ରେସିଡେଣ୍ଟ ୱେଲ୍ ଫେୟାର୍ ଆସୋସିଏଶନ୍ (ଆର୍‌ଡବ୍ଲ୍ୟୁଏ)୨୦୧୨ରେ ଆଲ୍ଲାହାବାଦ ହାଇକୋର୍ଟରେ କମ୍ପାନୀ ବିରୋଧରେ ଅଭିଯୋଗ କରିଥିଲେ। ଶେଷରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା, ଦୀର୍ଘ ୯ ବର୍ଷର ସଂଘର୍ଷ ପରେ ଟ୍ୱିନ୍ ଟାୱାରକୁ ଭଙ୍ଗାଯିବା ନେଇ ସର୍ବୋଚ୍ଚକୋର୍ଟ ନିର୍ଦ୍ଦେଶ ଦେଲେ।

### ଇମ୍ପ୍ଲୋଜନ୍ ଟେକ୍‌ନିକ୍

ଟ୍ୱିନ୍ ଟାୱାରକୁ ଇମ୍ପ୍ଲୋଜନ୍ ଟେକ୍‌ନିକ୍ ଦ୍ୱାରା ଭଙ୍ଗାଯିବ। ମୁମ୍ବାଇର ଇଡିଫିସ୍ ଇଞ୍ଜିନିୟରିଂ ଏବଂ ସାଉଥ୍ ଆଫ୍ରିକାର ଜେଟ୍ ଡିମୋଲିଶନ୍ କମ୍ପାନୀ ମିଳିତ ଭାବେ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ଏ ନେଇ ୬ ମାସର ପ୍ରସ୍ତୁତି କରିବାକୁ ପଡ଼ିଥିବା ଇଡିଫିସ୍ ସିଇଓ ଉତ୍କର୍ଷ ମେହେଟ୍ଟା କହିଛନ୍ତି। ପାଖାପାଖି ୩,୭୦୦ କିଲୋଗ୍ରାମର ବିସ୍ଫୋରକ ଟ୍ୱିନ୍ ଟାୱାରରେ ଖଞ୍ଜାଯାଇଛି। ବିଲ୍ଡିଂର ସ୍ତମ୍ଭ ମଧ୍ୟରେ ଛିଦ୍ର କରି ସେଥିରେ ବିସ୍ଫୋରକ ରଖାଯାଇଛି। ଇମ୍ପୋଜନ୍ ଟେକ୍‌ନିକ୍ ଦ୍ୱାରା ଟାୱାରର ଭଗ୍ନାବଶେଷ ସବୁ ବାହାରେ ବିଛାଡ଼ି ହୋଇ ନ ପଡ଼ି ଭୂଇଁ ତଳକୁ ପୋତିହୋଇଯିବ। ୮୦ ହଜାର ଟନ୍ ପରିମାଣର ବର୍ଜ୍ୟ ଜମାହେବାକୁ ଥିବାବେଳେ ୫୦ରୁ ୫୫ ହଜାର ଟନ୍ ବର୍ଜ୍ୟ କନଷ୍ଟ୍ରକ୍ସନ ସାଇଟ୍ ପୋତିବାରେ ବ୍ୟବହାର କରାଯିବ। ଧୂଳି ଏବଂ ଭଗ୍ନାବଶେଷ ବାହାରେ ନ ପଡ଼ିବା ପାଇଁ ଟାୱାରକୁ ଜିଓ ଟେକ୍ସଟାଇଲ୍ କପଡ଼ା ଦ୍ୱାରା ଢ଼ଙ୍କା ଯାଇଛି।

## ସୋଲୋ ଟ୍ରିପ୍‌ରେ ପରିଣୀତି



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବେ ବିଦେଶ ଭ୍ରମଣରେ ବ୍ୟସ୍ତ। ତା' ପୁଣି ପରିବାର କି ସାଙ୍ଗଙ୍କ ସହ ନୁହେଁ। ପରିଣୀତି ଏକୁଟିଆ ବିଦେଶ ବୁଲୁଛନ୍ତି ଏବଂ ଅଜଣା ଲୋକଙ୍କ ଦ୍ୱାରା ଫଟୋ ଉଠାଉଛନ୍ତି। ଶନିବାର ଅଭିନେତ୍ରୀ ଜଣକ କିଛି ଫଟୋ ନିଜ ଇନଷ୍ଟାଗ୍ରାମରେ ଅପ୍‌ଲୋଡ୍ କରିଛନ୍ତି, ଯେଉଁଥିରେ ସେ ଏକୁଟିଆ ବୁଲୁଥିବାର ଦେଖିବାକୁ ମିଳିଛି। କେଉଁଠାରେ ସେ ହଲିଡେ ପାଳୁଛନ୍ତି ତାହା ମଧ୍ୟ କାହାରିକୁ ଜଣା ନାହିଁ। କିଛିଦିନ ହେବ ପରଣୀତିଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳୁନାହିଁ। କିନ୍ତୁ ଆଗାମୀ ଦିନରେ ତାଙ୍କର ଏକାଧିକ ପ୍ରୋଜେକ୍ଟ ରିଲିଜ୍ ଅପେକ୍ଷାରେ ରହିଛି। ପରିଣୀତି ଇମ୍‌ତିଆଜ୍ ଅଲ୍ଲିଙ୍କ ଫିଲ୍ମ 'ଚମ୍‌କିଲା'ରେ କାମ କରିବା ପାଇଁ ରଣବୀରଙ୍କ ସହ କରିବାକୁ ଯାଉଥିବା ଫିଲ୍ମ 'ଆନିମଲ'କୁ ଛାଡ଼ିଦେଇଥିଲେ। ଆଗକୁ ଖିଲାଡ଼ି କୁମାର ଅକ୍ଷୟଙ୍କ ସହ ସେ ଏକ ଫିଲ୍ମ କରିବାକୁ ଯାଉଥିବା ଚର୍ଚ୍ଚା ହେଉଛି।

## ବ୍ୟଙ୍ଗକରି ପପ୍ ଷ୍ଟାର୍ ଦଣ୍ଡିତ



**ଆଙ୍କାରା:** ରକ୍ଷଣଶୀଳ ଦେଶ ତୁର୍କୀରେ ଧର୍ମୀୟ ସ୍କୁଲଗୁଡ଼ିକ ଉପରେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦେଇ ପପ୍ ଷ୍ଟାର୍ ଗୁଲ୍‌ସେନ୍ ଗିରଫ ହୋଇଛନ୍ତି। ଗତ ଏପ୍ରିଲରେ ଏକ ଷ୍ଟେଜ୍‌ରେ ଗୁଲ୍‌ସେନ୍ ପରଫର୍ମ କରୁଥିବାବେଳେ ତାଙ୍କ ବ୍ୟାଣ୍ଡର ଜଣେ ମ୍ୟୁଜିସିଆନ୍‌ଙ୍କ ଉଦ୍ଦେଶ୍ୟରେ କହିଥିଲେ, ସେ ପୂର୍ବରୁ ଏକ ଇମାମ୍ ହତିପ୍ (ସ୍କୁଲ)ରେ ପାଠ ପଢୁଥିଲେ। ସେଥିଯୋଗୁ ତାଙ୍କର ଏଭଳି ବିକୃତି ଦେଖିବାକୁ ମିଳୁଛି। ରାଷ୍ଟ୍ରପତି ତୟିପ୍ ଏର୍ଦୋଗାନ୍ ମଧ୍ୟ ଦେଶର ପ୍ରଥମ ଇମାମ୍ ହତିପ୍ ସ୍କୁଲରେ ପାଠ ପଢ଼ିଥିଲେ। ଯୁବପିଢ଼ିଙ୍କୁ ଇମାମ୍ ଶିକ୍ଷା ଓ ତାଲିମ୍ ଦେବା ପାଇଁ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠିତ ସ୍କୁଲକୁ ନେଇ ଗୁଲସେନ୍‌ଙ୍କ ମନ୍ତବ୍ୟକୁ ଦେଶରେ ନିନ୍ଦା କରାଯାଇଛି। ଗୁଲ୍‌ସେନ୍ ଏହାପୂର୍ବରୁ ମଧ୍ୟ ଅତି ଛୋଟ ବସ୍ତ୍ର ପରିଧାନ ସହ ହାତରେ ଏଲ୍‌ଜିବିଟି ପତାକା ଧରି ବିବାଦୀୟ ହୋଇଥିଲେ। ଗୁରୁବାର ପୋଲିସ ତାଙ୍କୁ ଗିରଫ କରି ଜେଲ ପଠାଇ ଦେଇଥିବାବେଳେ ଅଧିକାରକର୍ମୀ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି। ଏର୍ଦୋଗାନ୍‌ଙ୍କ ନେତୃତ୍ୱାଧୀନ ଏ.କେ. ପାର୍ଟି କହିଛି, ଗୁଲ୍‌ସେନ୍‌ଙ୍କୁ କୋର୍ଟ ଦଣ୍ଡିତ କରିଛନ୍ତି। ଏଥିରେ ସରକାରଙ୍କ ହାତ ନାହିଁ।

## ସଂକ୍ଷେପରେ

### ସନତ ମହାନ୍ତି, ସରିତା ସୁପକାର ଓପିଏସ୍‌ସି ସଦସ୍ୟ ନିଯୁକ୍ତ



**ଭୁବନେଶ୍ୱର, ୨୭।୮ (ବ୍ୟୁରୋ):** ପୂର୍ବତନ ପ୍ରଶାସନିକ ଅଧିକାରୀ ସନତ କୁମାର ମହାନ୍ତି ଓ ଶିକ୍ଷାବିତ୍ ଡ. ସରିତା ସୁପକାରଙ୍କୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଖୋର୍ଦ୍ଧାର ପୂର୍ବତନ ଜିଲାପାଳ ଥିବା ସନତ ମହାନ୍ତି ଓଡ଼ିଶା ପ୍ରଶାସନିକ ସେବାରୁ ଅବସର ନେବା ପୂର୍ବରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ। ସେହିପରି ଡ. ସୁପକାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଅଛନ୍ତି। ଏହି ଦୁଇଜଣ ଓପିଏସ୍‌ସିର ସଦସ୍ୟ ଭାବେ ୬୨ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ନାଏବ ସରପଞ୍ଚ ଫେରାର

**ରାମଗିରି, ୨୭।୮ (ଡି.ଏନ୍.ଏ.):** ଗଜପତି ଜିଲା ରାମଗିରି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଏକ ପଞ୍ଚାୟତର ନାଏବ ସରପଞ୍ଚ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ମକାବାଡ଼ିକୁ କାମ କରିବାକୁ ଆସିଥିଲେ। ଏକୁଟିଆର ସୁଯୋଗ ନେଇ କାର୍ଯ୍ୟାଳୟ ପରିସରକୁ ଡାକି ନାଏବ ସରପଞ୍ଚ ତାଙ୍କୁ ବଳାତ୍କାର କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ରାମଗିରି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୩୭/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ଫେରାର ଥିବା ଆର.ଉଦୟଗିରି ଏସ୍‌ଡିପିଓ ଦିଲୀପ କୁମାର ନାୟକ କହିଛନ୍ତି।

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ପୁରୀ ସହର, ୨୭।୮:** ବାସେଲୀ ସାହି ଥାନା ଅନ୍ତର୍ଗତ ଶଙ୍କରେଶ୍ୱର ମନ୍ଦିର ନିକଟ ଚନ୍ଦନ ପୋଖରୀରୁ ଶନିବାର ସକାଳେ ଏକ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ବୟସ ୨୮ରୁ ୩୨ବର୍ଷ ମଧ୍ୟରେ ହେବ। ପରିଚୟ ଜଣାପଡ଼ି ନ ଥିବାବେଳେ ଆଖପାଖର ଲୋକ ହୋଇଥିବା ପୋଲିସ ସନ୍ଦେହ କରିଛି। ପୋଲିସ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟ ସଂରକ୍ଷଣ ଗୃହରେ ରଖିଛି। ଏ ନେଇ ଏକ ମାମଲା(ନଂ.୧୬/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବିହାର ବିଧାନସଭାରୁ ଆସିଲା ୧୦୦ ବର୍ଷର ନଥି

## ଗବେଷକ ଓ ଭବିଷ୍ୟତ ପିଢ଼ି ପାଇଁ ମିଳିବ ଦିଗ୍‌ଦର୍ଶନ

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)

୧୯୨୨ ମସିହାରେ ତତ୍କାଳୀନ ବିହାର- ଓଡ଼ିଶା ବ୍ୟବସ୍ଥାପକ ସଭାରେ ଉତ୍କଳଗୌରବ ମଧୁସୂଦନ ଦାସ ଓ ପରବର୍ତ୍ତୀ ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସ, ବାଗ୍ମୀ ବିଶ୍ୱନାଥ କର, ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖ ନେତୃବୃନ୍ଦଙ୍କ ଦ୍ୱାରା ଉପସ୍ଥାପିତ ତର୍କ-ବିବରଣୀ ଓଡ଼ିଶା ବିଧାନସଭାର ଉପଲବ୍ଧ ହୋଇଛି। ଦୀର୍ଘ ୧୦୦ ବର୍ଷ ପରେ ବିହାର ବିଧାନସଭାରୁ ଏସବୁ ପୁରୁଣା ନଥି ଅଣାଯାଇପାରିଛି। ଏପରି ଗୁରୁତ୍ୱପୂର୍ଣ୍ଣ ସଂଗ୍ରହଣରୁ ଅନେକ ଅନାଲୋଚିତ ପ୍ରସଙ୍ଗ ମିଳିବ। ସେସବୁ ଗବେଷକ ତଥା ଭବିଷ୍ୟତ ପିଢ଼ିକୁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ବିଧାନସଭାରେ କେବଳ ୧୯୩୭ ମସିହାଠାରୁ ବିଧାୟକମାନଙ୍କ ବିବରଣୀ ରହିଛି। ତତ୍କାଳୀନ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ଓଡ଼ିଶାର ନେତୃବୃନ୍ଦଙ୍କ ବକ୍ତବ୍ୟର ବିବରଣୀ ଓଡ଼ିଶାରେ ଉପଲବ୍ଧ ନ ଥିଲା। ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଶ୍ରୀରାମ ଦାଶ ୧୯୭୯ ମସିହାରେ ବିଧାନସଭା ଗ୍ରନ୍ଥାଗାରକୁ ଆସି ଏହି ତଥ୍ୟ ଖୋଜି ନ ପାଇବା ପରେ ନଥିପତ୍ର ସଂଗ୍ରହ କରିବାକୁ ବିଧାନସଭା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସେହିଦିନଠାରୁ ଏହି ନଥି ସଂଗ୍ରହଣ ଉଦ୍ୟମ ଜାରିରହିଥିଲା। ୨୦୦୧ରେ ଶ୍ରୀରାମ ଦାଶ ତତ୍କାଳୀନ ବିଧାନସଭା ବାଚସ୍ପତି ଶରତ କରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍କାଳୀନ ସଚିବ ଜଗଦୀଶ ପ୍ରସାଦ ଦାଶ ଜଣେକ କର୍ମଚାରୀ ରବି ନାରାୟଣ ମିଶ୍ରଙ୍କୁ ଏଥିପାଇଁ ପାଟନା ପଠାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

ଲୋକ ସଭାର ତତ୍କାଳୀନ ବାଚସ୍ପତି ସ୍ୱର୍ଗତ ରବି ରାୟଙ୍କ ସହିତ ସାମ୍ବାଦିକ ଦାଶ ଯୋଗାଯୋଗ କରିଥିଲେ ମଧ୍ୟ ବିହାରରୁ କୌଣସି କାଗଜପତ୍ର ଆସିପାରି ନ ଥିଲା। ୨୦୨୧ରେ ପୁନଶ୍ଚ ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ବିଧାନସଭା ସଚିବ ଦାଶରଥି ଶତପଥୀ ଓ ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକଙ୍କୁ ଏହି ଦାୟିତ୍ୱ ଦେଇଥିଲେ। ଯୁଗ୍ମ ନିର୍ଦ୍ଦେଶକ ପଟ୍ଟନାୟକ ଏ ସମ୍ପର୍କରେ ବିହାର ବିଧାନସଭା ସହ ଯୋଗାଯୋଗ କରିଥିଲେ। ସଚିବ ଶତପଥୀ ନଥିପତ୍ର ସମ୍ପର୍କରେ ବିହାର ବିଧାନସଭା ସଚିବଙ୍କୁ ଚିଠି ଲେଖିଥିଲେ। ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଏଥିନିମନ୍ତେ ବିହାରର ରାଜଧାନୀ ପାଟନା ପଠାଯାଇଥିଲା। ପ୍ରଧାନ ଓ ସ୍ୱାଇଁ ପାଟନାରେ ରହି ବିହାର ବିଧାନ ପରିଷଦରେ ଉପଲବ୍ଧ ବିବରଣୀ ସହ ବିଭିନ୍ନ ତଥ୍ୟ ସଂଗ୍ରହ କରି ଓଡ଼ିଶା ଫେରିଛନ୍ତି। ଫଳରେ ଓଡ଼ିଶା ବିଧାନସଭାକୁ ୧୦୦ ବର୍ଷ ତଳର ପୁରୁଣା ନଥି ପହଞ୍ଚିପାରିଛି।

ପ୍ରକାଶଯୋଗ୍ୟ ଯେ ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍‌ସୀରେ ସ୍ୱର୍ଗତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ଦ୍ୱାରା ଉପସ୍ଥାପିତ ଓଡ଼ିଶା ସମ୍ପର୍କିତ ତଥ୍ୟ ସଂଗ୍ରହଣ ପାଇଁ ତାମିଲନାଡୁ ବିଧାନସଭା ସହ ମଧ୍ୟ ଓଡ଼ିଶା ବିଧାନସଭା ପକ୍ଷରୁ ଯୋଗାଯୋଗ କରାଯାଇଛି। ବିଭିନ୍ନ ତଥ୍ୟ ଓଡ଼ିଶା ବିଧାନସଭାକୁ ତାମିଲନାଡୁରୁ ଆସିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

# ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)

## ସ୍କୁଲରେ ପିଲାଙ୍କୁ ବନ୍ଦୀ କରିବା ଘଟଣା

ଭରତପୁରସ୍ଥିତ ଏପିଜେ ଇଂଲିଶ ମିଡିୟମ ସ୍କୁଲରେ ୩୪ଜଣ ଛାତ୍ରୀଛାତ୍ରଙ୍କୁ ବନ୍ଦୀ କରିବା ଘଟଣାରେ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି) ଆକ୍ସନ ଟେକେନ ରିପୋର୍ଟ ମାଗିଛନ୍ତି। ଖୋର୍ଦ୍ଧା ଜିଲାପାଳ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଭୁବନେଶ୍ୱର ପୋଲିସ କମିଶନରଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ପାଇଁ କୁହାଯାଇଛି।

ଫି ବାକି ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଗତ ସୋମବାର ସକାଳ ସାଢ଼େ ୯ଟାରୁ ପ୍ରାୟ ୫ ଘଣ୍ଟା ଧରି ୩୪ଜଣ ଛାତ୍ରୀଛାତ୍ରଙ୍କୁ ଲାଇବ୍ରେରୀ ରୁମ୍‌ରେ ବନ୍ଦୀ କରି ରଖିଥିଲେ। ଅଭିଭାବକମାନେ ଜାଣିବା ପରେ ମଙ୍ଗଳବାର ସ୍କୁଲ ସମ୍ମୁଖରେ ବିକ୍ଷୋଭ କରିବା ସହ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସ୍କୁଲର ୩ଜଣଙ୍କୁ ଅଟକ ରଖି ଜେରା କରିଥିଲା। ଗଣଶିକ୍ଷା ବିଭାଗ ତଦନ୍ତ ରିପୋର୍ଟ ଦେବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ସ୍କୁଲ ଯାଇ ତନାଘନା କରିଥିଲେ। ତେବେ ଏ ପର୍ଯ୍ୟନ୍ତ ସ୍କୁଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଜାତୀୟ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ସ୍କୁଲରେ ପିଲାଙ୍କୁ ବନ୍ଦୀ କରି ରଖିବା ମାନବାଧିକାର ଉଲ୍ଲଂଘନ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଥିଲେ। ଏନ୍‌ଏଚ୍‌ଆର୍‌ସି ଅଭିଯୋଗର ଶୁଣାଣି କରି ଏହାର ଏକ ନକଲ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦେବାକୁ କହିଛନ୍ତି। ରାଜ୍ୟ ମାନବାଧିକାର ଆୟୋଗ ଏ ଦିଗରେ କୌଣସି ନିର୍ଦ୍ଦେଶ କିମ୍ବା ବିଜ୍ଞପ୍ତି ପ୍ରକାଶ କରିଥିଲେ, ତାହାର ନକଲ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଓଏଚ୍‌ଆର୍‌ସି ସଚିବଙ୍କୁ ମଧ୍ୟ ଶୁଣାଣିର ଏକ ନକଲ ପଠାଇଛନ୍ତି ଏନ୍‌ଏଚ୍‌ଆର୍‌ସି।

# ଆଲମାରି କାରଖାନାରେ ଅଗ୍ନିକାଣ୍ଡ



କାରଖାନା ଜଳୁଛି।

ବାସୁଦେବପୁର, ୨୭।୮ (ଡି.ଏନ.ଏ.)

## ଜଳିଗଲା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ

ଭଦ୍ରକ ଜିଲା ବାସୁଦେବପୁର ସହର ନିକଟବର୍ତ୍ତୀ ଦେଉଳୀଛକଠାରେ ଥିବା ଆରତି ଫେବ୍ରିକେଶନ ନାମକ ଏକ ଆଲମାରି କାରଖାନାରେ ଶନିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ମାତ୍ର କିଛି ସମୟ ମଧ୍ୟରେ ହୁତୁ ହୁତୁ ହୋଇ କାରଖାନାଟି ଜଳିଯାଇଛି। କାରଖାନାରେ ଥିବା ଆଲମାରି, ଡ୍ରେସିଙ୍ଗ୍ ଟେବୁଲ, ଷ୍ଟିଲର୍‌ୟାକ୍, ଗଡ୍‌ରେଜ, ଆଲଣା, କାଠ ସାମଗ୍ରୀ ଓ ଯନ୍ତ୍ରପାତି ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଓ ଧୂଆଁରେ କାରଖାନା ପରିସର ଅନ୍ଧକାରମୟ ହୋଇଉଠିଥିଲା। ନିଆଁର ପ୍ରକୋପ ଏତେ ଥିଲା ଯେ ସଙ୍ଗେ ସଙ୍ଗେ କାରଖାନାର ଚାରିଆଡ଼େ ବ୍ୟାପିଯାଇଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗର ୨ଟି ଟିମ୍ ନିଆଁ ଲିଭାଇବାକୁ ଆସିଥିଲେ। ନିଆଁ ଆୟତ୍ତ କରିବାକୁ ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା।

ଅଗ୍ନିକାଣ୍ଡ ପରେ ବାସୁଦେବପୁର-ବାଲିଛଦାଘାଟ ରାସ୍ତାର ଦେଉଳି ଛକଠାରେ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାତାୟାତ ଠପ୍ ହେବା ସହ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥିଲା। ବାସୁଦେବପୁର ଥାନା ଆଇଆଇସି ସାବିତ୍ରୀ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲେ। ଏଥିସହ ନିଆଁଲିଭା କାର୍ଯ୍ୟରେ ପୋଲିସ ସହଯୋଗ କରିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି। କାରଖାନା ମଧ୍ୟରେ ଏକାଧିକ ଗ୍ୟାସ୍ ଟାଙ୍କି ଥିବାରୁ ନିଆଁ ଲାଗିବା ପରେ ଏହା ଭୟର ବାତାବରଣ ସୃଷ୍ଟି କରିଥିଲା। ଅଗ୍ନିକାଣ୍ଡରେ କାରଖାନାର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ମାଲିକ ପ୍ରକାଶ ବିଶୋଇ କହିଛନ୍ତି।

# କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆକ୍ରମଣ

ଆନନ୍ଦପୁର, ୨୭।୮ (ସ୍ୱ.ପ୍ର.)

## ବିଦ୍ୟାଳୟ ପାଲଟିଲା ରଣକ୍ଷେତ୍ର

ବିଦ୍ୟାଳୟ ଭଳି ଏକ ପବିତ୍ର ସ୍ଥାନରେ ରଣକ୍ଷେତ୍ର ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆକ୍ରମଣରେ କନିଷ୍ଠ ଶିକ୍ଷୟିତ୍ରୀ ଆହତ ହୋଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକର ଏକ ପ୍ରାଥମିକ ବିଦ୍ୟାଳୟରେ।

ଘସିପୁରା ଥାନା ପୋଲିସ ସୂଚନା ଅନୁଯାୟୀ, ଉକ୍ତ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ବିରୋଧରେ ମିଥ୍ୟାରୋପ ଲଗାଇ ଗାଳିଗୁଲଜ କରୁଥିବାର ଅଡିଓ ରେକର୍ଡିଂ କରିଥିଲେ କନିଷ୍ଠ ଶିକ୍ଷୟିତ୍ରୀ। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଜାଣିପାରିବାରୁ ଶନିବାର ତାଙ୍କୁ ମୋବାଇଲ ମାଗିଥିଲେ। ସେ ମୋବାଇଲ ନ ଦେବାରୁ ତାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଉଭୟ ହାତାହାତି ହୋଇଥିଲେ। ଏହା ଦେଖିବା ପରେ ସ୍କୁଲର ପାଚିକା ଏବଂ ଅନ୍ୟ କେତେଜଣ ମହିଳା ସେମାନଙ୍କୁ ଛଡ଼ାଇଥିବା ଜଣାପଡ଼ିଛି। ତେବେ ଏହି ଘଟଣା ପରେ ଗ୍ରାମବାସୀ ମଧ୍ୟ ମୁହଁ ଖୋଲିଛନ୍ତି। ପୂର୍ବରୁ ଜଣେ ଶିକ୍ଷକ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପକୁ ଆଧାର କରି ଅନ୍ୟତ୍ର ବଦଳି ହୋଇଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଏଭଳି କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରି ଗ୍ରାମବାସୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରିଛନ୍ତି। ଘଟଣାକୁ ନେଇ ଘସିପୁରା ଥାନା ଅଧିକାରୀ ବିକ୍ରମ କେଶରୀ ଭୂୟାଁ କହିଛନ୍ତି, ବିବାଦୀୟ ପରିସ୍ଥିତିର ଆପୋସ ସମାଧାନ ନ ହେଲେ ତଦନ୍ତ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଭାବେ ଦାୟିତ୍ୱରେ ଥିବା ବିଏନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଉମାକାନ୍ତ ରାଉତଙ୍କୁ ପଚାରିବାରୁ ଉକ୍ତ ସ୍କୁଲରେ ସୃଷ୍ଟି ହୋଇଥିବା ବିବାଦର ଆପୋସ ସମାଧାନ ଥାନାରେ ହୋଇଥିବା କହିଛନ୍ତି।

# ସମଲେଇ ପୀଠରେ ପହଞ୍ଚିଲା ନୂଆ ଧାନ



ସମଲେଇ ମନ୍ଦିର ମୁଖ୍ୟ ପୂଜକ ନୂଆ ଧାନ ଗ୍ରହଣ କରୁଛନ୍ତି।

## ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ

ସମ୍ବଲପୁର, ୨୭।୮ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ ହେବାକୁ ଲଗ୍ନ ଧାର୍ଯ୍ୟ ହୋଇଛି। ଏଥିଲାଗି ପୁରରୁ ପଲ୍ଲୀ ପର୍ଯ୍ୟନ୍ତ ଜନସାଧାରଣ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଇଷ୍ଟଦେବୀ ସମଲେଇ ମନ୍ଦିରକୁ ସଫେଇ କରାଯିବା ସହ ନୂଆ ରଙ୍ଗ ଲଗାଯାଇଛି। ସମଲେଇଙ୍କଠାରେ ପୂର୍ବାହ୍ନ ୧୦ଟା ୫୬ମିନିଟରୁ ୧୧ଟା ୧୦ମିନିଟ ମଧ୍ୟେ ନବାନ୍ନ ଲାଗିବ। ନବାନ୍ନ ଭୋଗ ପ୍ରସ୍ତୁତ ଲାଗି ଶନିବାର ପୂର୍ବାହ୍ନ ୧୦ଟା ୨୦ମିନିଟରେ ସମଲେଇ ପୀଠରେ ନୂଆ ଧାନ ପହଞ୍ଚିଛି। ସମ୍ବଲପୁର ଜିଲା ବଲବସପୁର ଗ୍ରାମର ଚାଷୀ ସୁବାସ ବେହେରା ନୂଆ ଧାନକୁ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କୁ ପ୍ରଦାନ କରିଛନ୍ତି। ମୁଖ୍ୟ ପୂଜକ ଏହାକୁ ଘରକୁ ନେଇ ପୂଜା କୋଠରିରେ ରଖିଛନ୍ତି। ମୁଖ୍ୟ ପୂଜକ ରାୟ କହିଛନ୍ତି, ସୋମବାରଠାରୁ ନବାନ୍ନ ଭୋଗ ଲାଗି ନୂଆ ଧାନକୁ ପର୍ଯ୍ୟାୟକ୍ରମେ ପ୍ରସ୍ତୁତ କରାଯିବ। ସମଲେଇଙ୍କଠାରେ ଅକ୍ଷତ ନୂଆ ଚାଉଳର ନବାନ୍ନ ଭୋଗ ଲାଗିଥାଏ। ଏହାକୁ ଦୃଷ୍ଟିରେ ରଖି ପରିବାରର ମହିଳା ସଦସ୍ୟାମାନେ ଶୁକ୍ଳବସ୍ତ୍ର ପରିଧାନ କରି ନୂଆ ଧାନରୁ ଅକ୍ଷତ ଚାଉଳ ସଂଗ୍ରହ କରିବେ। ସେମାନେ ହାତ ପାପୁଲିରେ ଧାନକୁ ଘଷି ଅକ୍ଷତ ଚାଉଳ ବାହାର କରି ସ୍ୱଚ୍ଛ ପାତ୍ରରେ ସାଇତି ରଖିଥାନ୍ତି। ନବାନ୍ନ ଦିନ ସକାଳେ ପରମ୍ପରାନୁସାରେ ଭୋଗ ପ୍ରସ୍ତୁତ କରିବେ। ଚାଷୀ ସୁବାସ ବେହେରା କହିଛନ୍ତି, ମା' ସମଲେଇଙ୍କ ନିର୍ଦ୍ଦେଶରେ ବିଗତ ୬ବର୍ଷ ହେବ ସରିଆ ଧାନ ଚାଷ କରୁଛି। ମୋର କ୍ଷେତର ନୂଆ ଧାନରେ ଦେବୀଙ୍କଠାରେ ନବାନ୍ନ ଭୋଗ ଲାଗିବା ସୌଭାଗ୍ୟର କଥା। ଅକ୍ଷୟତୃତୀୟା ତିଥିରୁ କ୍ଷେତରେ ସରିଆ ଧାନ ଚାଷ କରିଥାଏ। ଧାନରେ କୀଟପତଙ୍ଗ ଯେପରି ନ ଲାଗିବେ, ସେଥିପାଇଁ ଆମ ପରିବାର ଯତ୍ନବାନ ଥାଉ। ନିର୍ଦ୍ଧାରିତ ଲଗ୍ନ ଅନୁସାରେ ଗୁରୁସିଆ (ଅଧା ପାକଲ) ଧାନକୁ ସଂଗ୍ରହ କରିଥାଏ। ଶନିବାର ସକାଳେ ଧାନ ସଂଗ୍ରହ ପୂର୍ବରୁ କ୍ଷେତରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲି। ମା'ସମଲେଇଙ୍କୁ ପ୍ରଣାମ କରି ଧାନ ସଂଗ୍ରହ କରି ସିଧାସଳଖ ମନ୍ଦିରରେ ପହଞ୍ଚି ମୁଖ୍ୟ ପୂଜକଙ୍କୁ ଅର୍ପଣ କରିଛି।

# ହସ୍ପିଟାଲ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ତ୍ରୁଟି

ବ୍ରହ୍ମପୁର ଅଫିସ, ୨୭।୮

## ଏମ୍‌କେସିଜିରେ ଅଗ୍ନିକାଣ୍ଡ ଘଟଣା

ଗଞ୍ଜାମ ଜିଲା ବ୍ରହ୍ମପୁରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ସୁପରସ୍ପେସାଲିଟି କୋଠାରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଅନେକ ଯନ୍ତ୍ରାଂଶ ନଷ୍ଟ ହୋଇଥିଲା। ଶନିବାର ଏହି ଅଗ୍ନିକାଣ୍ଡ ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଅଗ୍ନିଶମ ବିଭାଗର ତଦନ୍ତ ଅନୁସାରେ ଶର୍ଟସର୍କିଟ୍ ଯୋଗୁ ଏହା ଘଟିଛି। ବିଦ୍ୟୁତ୍ ସରଞ୍ଜାମ ଉପରେ ମାତ୍ରାଧିକ ଲୋଡ୍ ପଡ଼ିବାରୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ସୂତ୍ରରୁ ପ୍ରକାଶ। ସେହିପରି ଅଗ୍ନିଶମ ବିଭାଗ ତରଫରୁ ବିଗତ ଦିନରେ ସୁପରସ୍ପେସାଲିଟି ବ୍ଲକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ଏହି ବ୍ଲକରେ ୬ଟି ପାଣି ପମ୍ପ ଲାଗିଥିବା ବେଳେ ଦୁଇଟି ବଡ଼ ପମ୍ପ ଖରାପ୍ ଥିବା ଜଣାପଡ଼ିଥିଲା। ଏହା ସହିତ ସ୍ପ୍ରିଙ୍କ୍ଲର କାମ କରୁନାହିଁ। ଏ ସମ୍ପର୍କରେ ଅଗ୍ନିଶମ ବିଭାଗ ପକ୍ଷରୁ ବଡ଼ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଥିଲା। ହେଲେ ସେଗୁଡ଼ିକ ମରାମତି କରାଯାଇ ନାହିଁ। ଯଦି ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥାନ୍ତା ତେବେ ଛୋଟ ପାଣି ପମ୍ପ ଦ୍ୱାରା ନିଆଁ ଲିଭାଇବା ସମ୍ଭବ ହୋଇପାରି ନ ଥାନ୍ତା। ଶନିବାର ଅଗ୍ନିକାଣ୍ଡ ଘଟିଥିବା ପଞ୍ଚମ ମହଲାକୁ ସଫା କରାଯାଇଛି। ଏ ସମ୍ପର୍କରେ ବଡ଼ଡାକ୍ତରଖାନା ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ ମିଶ୍ରଙ୍କୁ ପଚାରିବାରୁ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ଜଣାପଡୁ ନାହିଁ। କୌଣସି ସ୍ଥାନରେ ଶର୍ଟ ସର୍କିଟ୍ ଘଟି ନିଆଁ ଲାଗିଥିବା ଅନୁମାନ କରାଯାଉଛି। ପାଣି ଉଠାଇବା ପାଇଁ ସୁପରସ୍ପେସାଲିଟି ବ୍ଲକରେ ପମ୍ପ ରହିଛି। ଶୁକ୍ରବାର ସେହି ପମ୍ପରେ ପାଣି ଉଠାଯାଇଛି ବୋଲି କହିଛନ୍ତି।

# ୨୦ ବର୍ଷରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ୧୨ ଗୁଣ ବୃଦ୍ଧି

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)





ରାଜ୍ୟରେ ମତ୍ସ୍ୟଚାଷର ବିପୁଳ ସମ୍ଭାବନାକୁ ଉପଯୋଗ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯାଇଛି। ଦୁଇ ଦଶନ୍ଧିରେ ମାଛ ଉତ୍ପାଦନ ୨.୬୦ ଲକ୍ଷ ମେଟ୍ରିକ ଟନ୍‌ରୁ ବୃଦ୍ଧି ପାଇ ୨୦୨୧-୨୨ରେ ୯.୯୧ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଥିବା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଆସୋଚାମ ପକ୍ଷରୁ ଆୟୋଜିତ 'ଭାରତରେ ମାଛଚାଷ ଏବଂ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣର ସୁଦୃଢ଼ୀକରଣ' ଶୀର୍ଷକ ଏକ ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ୨୦୦୦-୦୧ରେ ରାଜ୍ୟରେ ୧,୦୪୬ କୋଟି ଟଙ୍କା ମୂଲ୍ୟର ମାଛ ଉତ୍ପାଦନ ହୋଇଥିବାବେଳେ ୨୦୨୦-୨୧ରେ ଏହା ପ୍ରାୟ ଦଶଗୁଣ ବୃଦ୍ଧି ପାଇ ୧୦,୮୧୫ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ରାଜ୍ୟରେ ୪୮୦ କି.ମି. ଦୀର୍ଘ ସାମୁଦ୍ରିକ ଉପକୂଳର ସୁବିନିଯୋଗ ଯୋଗୁ ଗତ ୨୦ବର୍ଷରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ୧୨ଗୁଣ ବୃଦ୍ଧି ପାଇ ୩୭୯ କୋଟି ଟଙ୍କାରୁ ୪,୫୨୬ କୋଟି ଟଙ୍କାରେ ପହଞ୍ଚିଛି। ରାଜ୍ୟର ମୋଟ ରପ୍ତାନି ଆୟର ୫.୯୦ ପ୍ରତିଶତ ସାମୁଦ୍ରିକ ଖାଦ୍ୟ ରପ୍ତାନି ରୁ ଆସିଥାଏ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ୱାର୍ଲ୍ଡ ଫିଶ୍‌ର ବୈଷୟିକ ସହାୟତାରେ ରାଜ୍ୟ ମତ୍ସ୍ୟ ବିଭାଗ ମତ୍ସ୍ୟଚାଷ ମାଷ୍ଟର ପ୍ଲାନ-୨୦୩୦ ପ୍ରସ୍ତୁତ କରିଛି। ୨୦୩୦ ସୁଦ୍ଧା ରାଜ୍ୟରେ ମୋଟ ୨୨ଲକ୍ଷ ମେଟ୍ରିକ ଟନ୍ ମତ୍ସ୍ୟ ଉତ୍ପାଦନ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ୨୦ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଶିଳ୍ପାୟନର ଅନୁକୂଳ ବାତାବରଣ ଓ ପୁଞ୍ଜିନିବେଶକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ ଅଧିକରୁ ଅଧିକ ଉଦ୍ୟୋଗୀ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗେଇ ଆସିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ୱେବିନାରରେ ଆସୋଚାମ୍‌ର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦରଜିତ କୌର୍ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଭାରତ ସରକାରଙ୍କ ସାମୁଦ୍ରିକ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ଜେ. ବାଲାଜୀ, ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବର୍ଣ୍ଣା ଚନ୍ଦ୍ରାପ୍ପାଗାରି, ଗୋଆର ମତ୍ସ୍ୟ ନିର୍ଦ୍ଦେଶକ ଶର୍ମିଳା ମଣ୍ଟେରିଓ, ଓଡ଼ିଶା ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ସଂଘର ସଭାପତି କମଳେଶ ମିଶ୍ର ପ୍ରମୁଖ ଭାଗନେଇ ଭାରତ ତଥା ରାଜ୍ୟର ମତ୍ସ୍ୟ ଚାଷ ଓ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

# ୧୧ ଦିନ ହେଲା ଆଶ୍ରମ ଛାତ୍ର ନିଖୋଜ

ରାୟଗଡ଼ା ଅଫିସ, ୨୭।୮

ରାୟଗଡ଼ା ଜିଲାରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ପିଲାଙ୍କ ସୁରକ୍ଷା ଦିଗରେ ଦାୟିତ୍ୱହୀନତା ନେଇ ବାରମ୍ବାର ଅଭିଭାବକଙ୍କ ନିକଟରୁ ଅଭିଯୋଗ ଆସୁଛି। ଏବେ ଜଣେ ୧୦ମ ଶ୍ରେଣୀ ଛାତ୍ର ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲା ସଦର ବ୍ଲକ ଡାଙ୍ଗଲୋଡି ପଞ୍ଚାୟତର ପେନିକଣା ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ନିଖୋଜ ଛାତ୍ର ହେଲେ କାଶୀପୁର ବ୍ଲକ ମୁନୁଷଗାଁ ପଞ୍ଚାୟତ ଅନ୍ତର୍ଗତ ବେଦାଲପାସ ଗ୍ରାମର ଚିତ୍ର ନାଏକଙ୍କ ପୁଅ ଲିଙ୍ଗରାଜ।

ଲିଙ୍ଗରାଜ ୧୭ ତାରିଖରୁ ସ୍କୁଲରୁ ନିଖୋଜ ଅଛନ୍ତି। ହେଲେ ସ୍କୁଲ କର୍ତ୍ତୃପକ୍ଷ ୨୧ ତାରିଖ ପର୍ଯ୍ୟନ୍ତ ପରିବାର ଲୋକ ଏବଂ ଥାନାକୁ ନ ଜଣାଇ ଚୁପ୍ ବସିଥିଲେ। ଉକ୍ତ ସ୍କୁଲରେ ପଢୁଥିବା ଭଉଣୀ ଧର୍ମେନ୍ଦ୍ରୀ ଭାଇର ନିଖୋଜ ନେଇ ଜାଣିବା ପରେ ପରିବାର ଲୋକଙ୍କୁ ଜଣାଇଥିଲେ। ବାପା ଓ ଭିଣୋଇ ଆନନ୍ଦ ପେନିକଣା ସ୍ଥିତ ବିଦ୍ୟାଳୟକୁ ଆସି ଲିଙ୍ଗରାଜଙ୍କ ବିଷୟରେ ପଚାରି ବୁଝିଥିଲେ। ପରିବାର ଲୋକେ ସ୍କୁଲ ତଥା ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ପରେ ଶୁକ୍ରବାର ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଙ୍କ ନିଖୋଜ ନେଇ ଶେଷଖାଲ ଥାନାରେ ଏତଲା ଦେଇଥିଲେ। ଶନିବାର ପୋଲିସ ସ୍କୁଲରେ ପହଞ୍ଚିବା ପରେ ଘଟଣା ପଦାକୁ ଆସିଥିଲା। ଲିଙ୍ଗରାଜଙ୍କ ସନ୍ଧାନ ମିଳି ନ ଥିବାରୁ ପରିବାର ଲୋକେ ଚିନ୍ତାରେ ଅଛନ୍ତି।

ୱାର୍ଡେନ ଦାୟିତ୍ୱରେ ରହିଥିବା ବିଜ୍ଞାନ ଶିକ୍ଷକ ରମେଶ କୁମାର ନାଏକଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡମ୍ବରୁଧର କନ୍ଦପାଣିଙ୍କୁ ପଚାରିବାରୁ ସେ ମଧ୍ୟ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ହଷ୍ଟେଲ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଘଟଣାର ତଦନ୍ତ ଚାଲିଥିବା ଶେଷଖାଲ ଥାନା ଅଧିକାରୀ ଦୟାନିଧି ପାତ୍ର କହିଛନ୍ତି।

CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବି ପଜିଟିଭ୍



**ମନ ଖୁବ୍ ଚଞ୍ଚଳ। ସାମାନ୍ୟ ସଫଳତାରେ ଏହା କେବେକେବେ ଖୁସିରେ ବିଭୋର ହୋଇ ଉଠେ ତ ପୁଣି କେବେ ବିଫଳତାରେ ହୋଇଯାଏ ଅବସାଦଗ୍ରସ୍ତ। ଆଉ କେତେକଙ୍କଠାରେ ଏହି ବିଫଳତା ହିଁ ଭାଙ୍ଗିଦିଏ ଆଗକୁ ବଢ଼ିବାର ମନୋବଳ। ହେଲେ ସକାରାତ୍ମକ ଚିନ୍ତାର ଶକ୍ତି ଖୁବ୍ ଅଧିକ। ଏହା ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ ଏବଂ ସଫଳତା ମାର୍ଗରେ ଆଗେଇ ଯିବାକୁ ବାଟ କଢ଼ାଏ...**



ଅନେକଙ୍କଠାରେ ଶାରୀରିକ କ୍ଷମତା ଥିଲେ ସୁଦ୍ଧା ସଫଳତା ହାସଲ କରିବା କଷ୍ଟ ହୋଇଥାଏ। ଏହାର ମୁଖ୍ୟ କାରଣ ହେଉଛି ନକାରାତ୍ମକ ମାନସିକତା। କାରଣ ଜୀବନରେ ସଫଳତା ପାଇବାକୁ ହେଲେ ସର୍ବପ୍ରଥମେ ମଣିଷକୁ ମାନସିକ ସ୍ତରରେ ସୁଦୃଢ଼ ହେବା ଆବଶ୍ୟକ, ଯେଉଁଥିପାଇଁ ଲୋଡ଼ା ସକାରାତ୍ମକ ଭାବନା। ଯଦି ଲକ୍ଷ୍ୟ ହାସଲକୁ ନେଇ ମନରେ ନକାରାତ୍ମକ ଭାବନା ଆସୁଛି, ତେବେ ଜାଣିରଖନ୍ତୁ ...

**ଆଗକୁ ବଢ଼ିବାର ବାଟ କଢ଼ାଏ:** ବେଳେବେଳେ ସାମାନ୍ୟ ବିଫଳତାରେ ମଣିଷ ଭାଙ୍ଗିପଡ଼େ। ଆଉ ଆଗକୁ କିପରି ବଢ଼ିବି, ଯଦି ପୁନର୍ବାର ବିଫଳ ହୁଏ ଲୋକେ କ'ଣ କହିବେ, ମୋ ଦ୍ୱାରା ଏହି କାର୍ଯ୍ୟ ଅସମ୍ଭବ ଭଳି ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ଫଳରେ କ୍ୟାରିୟରକୁ ମଜଭୁତ କରିବା କଷ୍ଟସାଧ୍ୟ ହୋଇପଡ଼େ। ହେଲେ ଯେକୌଣସି ପରିସ୍ଥିତିରେ ବି ଯଦି ଭାବନା ସକାରାତ୍ମକ ହୁଏ, ଅର୍ଥାତ୍ ମୁଁ ନିଶ୍ଚେ ପାରିବି, ମୋ ଦ୍ୱାରା କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ଇତ୍ୟାଦି ଭାବନା ଆତ୍ମବଳ ବଢ଼ାଏ, ଯାହାକି ମଣିଷକୁ ଆଶାବାଦୀ କରିଥାଏ ଏବଂ କଳେବଳେ କୌଶଳେ ସଫଳତା ଦିଗରେ ଆଗେଇ ଯିବାକୁ ବାଟ ଖୋଜିବାରେ ସାହାଯ୍ୟ କରିଥାଏ।

**ସଫଳତାର ମୂଳମନ୍ତ୍ର ସକାରାତ୍ମକ ଚିନ୍ତା:** ସକାରାତ୍ମକ ଚିନ୍ତାର ଶକ୍ତି ଖୁବ୍ ଅଧିକ। ଏହା ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ। ୟୁନିଭର୍ସିଟି ଅଫ୍ ନର୍ଥ କରୋଲିନାର ମନୋବିଜ୍ଞାନ ଗବେଷକ ବାର୍ବାରା ଫେଡ୍ରିକ୍ସନ୍‌ଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ସକାରାତ୍ମକ ଚିନ୍ତାଧାରା ଏକ ସଫଳ କ୍ୟାରିୟର ଗଢ଼ିବାର ମୂଳମନ୍ତ୍ର।

**ଦୂର କରେ ମାନସିକ ଚାପ:** କୌଣସି କାର୍ଯ୍ୟକୁ ନେଇ ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ରହିଲେ ବାରମ୍ବାର ମନ ଭାରାକ୍ରାନ୍ତ ହୋଇପଡ଼େ ଏବଂ ସେଇଠୁ ନକାରାତ୍ମକ ଭାବନା ଆସେ। ହେଲେ ଏହି ସମୟରେ ମନକୁ ଦୃଢ଼ ରଖି ସକାରାତ୍ମକ ଚିନ୍ତା କଲେ ଏଭଳି ସମସ୍ୟାକୁ ଦୂର କରି ଆଗେଇଯିବାର ସାହସ ଯୋଗାଇଥାଏ, ଯାହାକି ପରବର୍ତ୍ତୀ ସମୟରେ ଆପଣଙ୍କୁ ନା କେବଳ ସଫଳତା ଆଣିଦିଏ ବରଂ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଅର୍ଥାତ୍ ଆପଣଙ୍କ ବ୍ୟବହାର ଏବଂ ଚିନ୍ତାଧାରାରେ ଅନ୍ୟମାନେ ମଧ୍ୟ ଉପକୃତ ହେଉଥିବାରୁ ଆପଣଙ୍କୁ ସେମାନେ ନିଜର ଆଦର୍ଶ ବା ରୋଲମଡେଲ୍ ଭାବେ ମଧ୍ୟ ଗ୍ରହଣ କରିଥାଆନ୍ତି।

**ବଢ଼ାଏ ଆତ୍ମବିଶ୍ୱାସ:** ପାଠପଢ଼ା ହେଉ ଅବା ଚାକିରି, ପ୍ରତ୍ୟେକ କ୍ଷେତ୍ରରେ ଜଣେ ଭଲ ପ୍ରଦର୍ଶନ କରିବାକୁ ଚାହେଁ। ହେଲେ କେବେକେବେ ବିଫଳତାର ସାମ୍ନା କରିବାକୁ ପଡ଼ିଥାଏ। ଏମିତି ହେଲେ ହାର୍ ମାନି ଭାଗ୍ୟର ଦୋଷ ଦେଇ ବସିଯିବା ବଦଳରେ ବାରମ୍ବାର ଚେଷ୍ଟା କରନ୍ତୁ। ମନେରଖନ୍ତୁ, ଯଦି କୌଣସି ପ୍ରକାରର ଭାବନା ବା ଚିନ୍ତା ଆପଣଙ୍କୁ ଆଗକୁ ବଢ଼ିବାକୁ ମାନସିକ ସ୍ତରରେ ପ୍ରତିରୋଧ କରୁଛି, ତେବେ ସର୍ବପ୍ରଥମେ ତାହାକୁ ଦୂର କରନ୍ତୁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ମନରେ ସକାରାତ୍ମକ ଭାବନା ଆଣିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆପଣ ଯୋଗ, ପ୍ରାଣାୟାମ ଆଦି କରିପାରିବେ। ବିଫଳତାରୁ ସଫଳ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବନୀ ପଢ଼ିପାରିବେ। ଏହା ମଧ୍ୟ ଆପଣଙ୍କ ମନୋବଳ ବଢ଼ାଇବ ଏବଂ ସଫଳ ହେବା ଲାଗି ଉତ୍ସାହ ଓ ସକାରାତ୍ମକ ଭାବନା ସଞ୍ଚାର କରିବ।





ସମ୍ବିତ



ଜ୍ୟୋତିପ୍ରକାଶ



## କ'ଣ କୁହନ୍ତି ଏମାନେ...

**ଜ୍ୟୋତିପ୍ରକାଶ ବେହେରା** (କର୍ମଜୀବୀ, ମହୀଶୂର)- ଜଣେ ବ୍ୟାଙ୍କର ହେବାକୁ ଇଚ୍ଛା ଥିଲା। ତେଣୁ ବି.ଟେକ୍. ପରେ ବ୍ୟାଙ୍କିଙ୍ଗ୍ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲି। ପ୍ରଥମ ଥର ପରୀକ୍ଷାରେ ଅଳ୍ପ ନମ୍ବର ଯୋଗୁ ଜବ୍ ପାଇବାରୁ ବଞ୍ଚିତ ହେଲି। ମନ କଷ୍ଟ ହେଲା, ତଥାପି ପୁନର୍ବାର ଚେଷ୍ଟା କଲି। ହେଲେ ଦ୍ୱିତୀୟ ଥର ବିଫଳ ହେବା ପରେ କେତେ ଜଣ ସାଙ୍ଗ ବ୍ୟାଙ୍କିଙ୍ଗ୍ ତୋ ପାଇଁ ଉପଯୁକ୍ତ ନୁହେଁ, ସେ ନିଶା ଛାଡ଼ି ଇଂଜିନିୟରିଂ ଉପରେ ଧ୍ୟାନ ଦେ ବୋଲି ପରାମର୍ଶ ଦେଇଥିଲେ। କିଛିଦିନ ପର୍ଯ୍ୟନ୍ତ ମୁଁ ଭାବିନେଇଥିଲି ବୋଧହୁଏ ଏହା ହିଁ ଠିକ୍। ହେଲେ ନିଜ ଇଚ୍ଛାକୁ ସମ୍ମାନ ଦେଇ ଏକ ସକାରାତ୍ମକ ଭାବନା ରଖି ପୁଣିଥରେ ଚେଷ୍ଟା କଲି ଏବଂ ତୃତୀୟ ଥର ସଫଳ ହେଲି। ପ୍ରଥମେ କ୍ଲରିକାଲ୍‌ରେ ପାଇ ଜବ୍ ଆରମ୍ଭ କଲି। ଏହାର ପରବର୍ଷ ପିଓ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇ ପିଓ ଭାବେ ଯୋଗ ଦେଲି ଏବଂ ବାରମ୍ବାର ଚେଷ୍ଟା ବଳରେ ଏବେ ବ୍ୟାଙ୍କ ଅଫ୍ ବରୋଦାରେ ଜଏଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଛି। ମୋ ମତରେ ପଜିଟିଭ୍ ବା ସକାରାତ୍ମକ ଚିନ୍ତା ମଣିଷକୁ ଆଗକୁ ବଢ଼ିବାକୁ ଶକ୍ତି ଯୋଗାଏ।

**ସମ୍ବିତ ରୟ** (ଆଡ୍‌ଭୋକେଟ୍, ଭୁବନେଶ୍ୱର କୋର୍ଟ, ଭୁବନେଶ୍ୱର)
ଲ' ପରୀକ୍ଷା ପରେ ଓଜେଏସ୍ (Odisha Judicial Service) ଲାଗି ଦୁଇ ବର୍ଷ ଚେଷ୍ଟା କଲି। ହେଲାନି। ତା'ପରେ ମୁଁ ଓକିଲାତି କରିବି ବୋଲି ସ୍ଥିର କଲି। ପ୍ରଥମେ ଯେଉଁ ଲ' ଅଫିସରଙ୍କ ପାଖରେ ପ୍ରାକ୍ଟିସ୍ ଆରମ୍ଭ କଲି, ତାଙ୍କର ୭୦ରୁ ୧୦୦ ପାଖାପାଖି ବ୍ରିଫ୍ ସବୁକୁ ହ୍ୟାଣ୍ଡେଲ କରୁଥିଲି। ପ୍ରାକ୍ଟିସ୍ ଆରମ୍ଭରୁ କୋର୍ଟ ଆସୁଥିଲି। ଏହାପରେ ମୋ ଲୋକାଲ ଏରିଆର କିଛି ବ୍ରିଫ୍ ହ୍ୟାଣ୍ଡେଲ କଲି। ଏମିତି ଧୀରେ ଧୀରେ ମୋର ଲୋକସମ୍ପର୍କ ବଢ଼ିଲା। ମନରେ ଏହାକୁ ନେଇ ଉତ୍ସାହ ଜାଗ୍ରତ ହେଲା। ଓଜେଏସ୍ ଅଫିସ୍‌ର ହୋଇ ପାରିଲିନି ବୋଲି କୌଣସି ଦୁଃଖ ରହିଲାନି। ପାଠ ସମସ୍ତଙ୍କ ପାଇଁ ସମାନ। ତେଣୁ ଜଣେ ଓକିଲ ଭାବେ କାର୍ଯ୍ୟ କରି ବେଶ୍ ଖୁସି ଅଛି।

## ଏ ସପ୍ତାହର ପ୍ରଶ୍ନ

୧- ........ ର ଡରକୁ ପାଇରୋଫୋବିଆ କୁହାଯାଏ ?
୨- ଜିରାଫ୍ ଛୁଆକୁ ........ କୁହାଯାଏ ?
୩- କୋପାକାବାନା ବିଚ୍ ................ ସହରରେ ଅବସ୍ଥିତ ?
୪- ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ପ୍ରତିଷ୍ଠାତା ................ ?
୫- ଗେମ୍ସ ଅଫ୍ ଥ୍ରୋନ୍ ଟିଭି ସିରିଜ୍ ଜର୍ଜ ଆର୍.ଆର୍. ମାର୍ଟିନଙ୍କ ........... ଉପନ୍ୟାସ ଉପରେ ଆଧାରିତ ?

## ଗତ ଥରର ଉତ୍ତର

୧ ଲଜିଷ୍ଟିକ୍ସ ଡାଟା ବ୍ୟାଙ୍କ୍
୨ ୨୦୧୭
୩ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ
୪ ହଣ୍ଡୁରାସ୍
୫ ଆସାମ

## ଉତ୍ତରଦାତା



ନରେଶ କୁମାର କର, ତେଲଙ୍ଗାନା



ଓମ୍ ପ୍ରକାଶ ଦାସ, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଦାମୀ ଆକ୍ୱାରିଅମ୍ ମାଛ



| | |
|---|---|
| ୧- ପ୍ଲାଟିନମ୍ ଆରୋୱାନା | ୪୦୦.୦୦୦ ଡଲାର |
| ୨- ଫ୍ରେଶ୍ ୱାଟର ପୋଲ୍‌କାଡଟ୍ ଷ୍ଟିଙ୍ଗ୍‌ରେ | ୧୦୦, ୦୦୦ ଡଲାର |
| ୩- ପିପରମିଣ୍ଟ ଆଞ୍ଜେଲ୍‌ଫିସ୍ | ୩୦,୦୦୦ ଡଲାର |
| ୪- ମାସ୍କଡ୍ ଆଞ୍ଜେଲ୍‌ଫିଶ୍ | ୨୦,୦୦୦ ଡଲାର |
| ୫- ବ୍ଲେଡ୍‌ଫିନ୍ ବାସ୍‌ଲେଟ୍ | ୧୦,୦୦୦ ଡଲାର |
| ୬- ଗୋଲ୍ଡେନ୍ ବାସ୍‌ଲେଟ୍ | ୮,୦୦୦ ଡଲାର |
| ୭- ନେପ୍ଟ୍ୟୁନ୍ ଗ୍ରୁପର୍ | ୬,୦୦୦ ଡଲାର |
| ୮- ଅଷ୍ଟ୍ରେଲିଆନ୍ ଫ୍ଲାଟ୍‌ହେଡ୍ ପର୍ଚ | ୫,୦୦୦ ଡଲାର |
| ୯- ରଟ୍ ଆଇରନ୍ ବଟରଫ୍ଲାଏ ଫିଶ୍ | ୨,୭୦୦ ଡଲାର |
| ୧୦- କ୍ଲାରିଅନ୍ ଆଞ୍ଜେଲ୍‌ଫିଶ୍ | ୨,୫୦୦ ଡଲାର |

## ଜାଣନ୍ତୁ ଦୁନିଆ

# ଲାଲ୍‌କିଲ୍ଲା

**ନୂଆଦିଲ୍ଲୀର ମଧ୍ୟଭାଗରେ ରହିଛି ପ୍ରସିଦ୍ଧ ଐତିହାସିକ ସ୍ଥାପତ୍ୟ ଲାଲ୍‌କିଲ୍ଲା, ଯାହାକି ମୋଗଲ ସମ୍ରାଟ୍ ଶାହାଜାହାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ବର୍ତ୍ତମାନ ଏହା ଭାରତର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ଲାଭ କରିଛି। ତେବେ ଜାଣିବା ଏହା ସମ୍ପର୍କରେ କେତେକ ରୋଚକ ତଥ୍ୟ...**



➔ଲାଲ୍‌କିଲ୍ଲାର ନାମ ଏପରି ରଖାଯିବାର କାରଣ ଏହାର ରଙ୍ଗ। ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ବାସ୍ତବରେ ଏହା ଧଳାରଙ୍ଗର ପଥର ବା ଚୂନ ପଥରରେ ନିର୍ମାଣ କରାଯାଇଥିଲା। କେବଳ ଏହାର ଚତୁଃପାର୍ଶ୍ୱରେ ଥିବା ସୁଉଚ୍ଚ ପାଚେରୀ ଲାଲ୍ ପଥର ଏବଂ ଇଟାରେ ନିର୍ମାଣ କରାଯାଇଥିବାରୁ ବ୍ରିଟିଶରମାନେ ଏହାକୁ ରେଡ୍ ଫୋର୍ଟ ବୋଲି ନାମକରଣ କରିଥିଲେ। ପ୍ରଥମେ ଏହାକୁ କିଲ୍ଲା-ଏ-ମୁବାରକ୍ କୁହାଯାଉଥିଲା। କ୍ରମଶଃ ସେଠାକାର ବାସିନ୍ଦା ଏହାକୁ ଲାଲ୍‌କିଲ୍ଲା କହିଲେ, ଯାହାକି ତାହାର ପରିଚୟ ପାଲଟିଗଲା।

➔ଶାହାଜାହାନ ନିଜ ସାମ୍ରାଜ୍ୟର ରାଜଧାନୀ ଆଗ୍ରାଠାରୁ ଦିଲୀକୁ ସ୍ଥାନାନ୍ତରିତ କରିବା ଲାଗି ଲାଲ୍‌କିଲ୍ଲା ନିର୍ମାଣ କରାଇଥିଲେ। ତେବେ ଏହା ସମ୍ପୂର୍ଣ୍ଣ ହେବା ଲାଗି ପାଖାପାଖି ୧୦ ବର୍ଷ ସମୟ ଲାଗିଥିଲା। ଏହାକୁ ଉସ୍ତାଦ ହମିଦ୍ ଏବଂ ଉସ୍ତାଦ ଅହମଦ୍ ଡିଜାଇନ୍ କରିଥିଲେ।

➔ଏହାର ମୁଖ୍ୟଦ୍ୱାରକୁ ଲାହୋର ଗେଟ୍ ମଧ୍ୟ କୁହାଯାଏ।

➔ଏହା ମଧ୍ୟରେ ଥିବା ଖାସ୍ ମହଲରେ ସମ୍ରାଟ୍‌ଙ୍କ ରାଣୀମାନେ ଏବଂ ସେମାନଙ୍କ ଦାସୀ ରୁହନ୍ତି। ଉକ୍ତ ସ୍ଥାନକୁ କେବଳ ସମ୍ରାଟ୍ ଯାଇ ପାରୁଥିବା ବେଳେ ଅନ୍ୟମାନଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନିଷିଦ୍ଧ।

➔ଦେଶର ପ୍ରଥମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲାଲ୍‌କିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ସେହିଠାରେ ହିଁ ପତାକା ଉତ୍ତୋଳନ ହୋଇ ଆସୁଅଛି।

➔ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ମୋଗଲ ଶାସକମାନେ ଏଠାରେ ରହିବା ପରେ ୧୮୫୭ କ୍ରାନ୍ତି ପରେ ବ୍ରିଟିଶ୍‌ମାନେ ଏହାକୁ ଅଧିକାର କରିବା ସହ ଏହାକୁ ଅନେକ କ୍ଷତି ମଧ୍ୟ ପହଞ୍ଚାଇଥିଲେ।

➔କୋହିନୂର ହୀରା ପ୍ରଥମେ ଲାଲ୍‌କିଲ୍ଲାର ଦିୱାନେ ଖାସ୍‌ରେ ଥିବା ଶାହାଜାହାନଙ୍କ ସିଂହାସନରେ ସଜ୍ଜିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନାଦିର ଶାହାଙ୍କ ଦ୍ୱାରା ଚୋରି ହୋଇଯାଇଥିଲା।

➔୨୦୦୭ ମସିହାରେ ୟୁନେସ୍କୋ ଦ୍ୱାରା ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ଏହା ସ୍ଥାନ ପାଇଛି।

## ୟୁଥ୍ ଆଲର୍ଟ

# ସ୍ମାର୍ଟ ଜିମ୍ ଗ୍ୟାଜେଟ୍ସ




**ବର୍ତ୍ତମାନ ଜିମ୍‌ରେ ଏକ୍ସରସାଇଜ୍ କରିବା ଅଧିକାଂଶ ଯୁବତୀ ଯୁବକଙ୍କ ଫିଟ୍‌ନେସ୍ ମନ୍ତ୍ର ପାଲଟିଛି। ହେଲେ ଘର ପାଖରେ ଜିମ୍ ନ ଥିବାରୁ ହେଉ ଅବା ଅଧିକ ଟଙ୍କା ଖର୍ଚ୍ଚ ଭଳି ବିଭିନ୍ନ କାରଣରୁ ଅନେକେ ଏଥିରୁ ବଞ୍ଚିତ ହେଉଛନ୍ତି। ଯଦି ଆପଣ ବି ଏଥିପାଇଁ ଦୁଃଖିତ, ତେବେ କିଛି ସ୍ମାର୍ଟ ଜିମ୍ ଗ୍ୟାଜେଟ୍ ରଖି ନିଜେ ମଧ୍ୟ ଘରେ ଏକ୍ସରସାଇଜ୍ କରି ନିଜକୁ ଫିଟ୍ ରଖିପାରିବେ...**



**ଫିଟ୍‌ନେସ୍ ଟ୍ରାକର ବ୍ୟାଣ୍ଡ୍ କିମ୍ବା ସ୍ମାର୍ଟ ୱାଚ୍:** ଏହା ବର୍ତ୍ତମାନ ଏକ୍ସରସାଇଜ୍ କରୁଥିବା ପ୍ରାୟ ଅଧିକାଂଶଙ୍କ ଲାଗି ଏକ ଅତ୍ୟାବଶ୍ୟକ ଗ୍ୟାଜେଟ୍ ପାଲଟି ଗଲାଣି। ଏହାଦ୍ୱାରା ଦିନକୁ କେତେ ଚାଲିଲେ, କେତେ କ୍ୟାଲୋରି ବର୍ନ କଲେ, ହାର୍ଟବିଟ୍ ଇତ୍ୟାଦି ସୂଚନା ପାଇପାରିବେ। ଏଥିରେ ୩୦୦ରୁ ଅଧିକ ଗୀତ ଷ୍ଟୋର କରି ରଖିପାରିବେ। ଏହାକୁ ଜିପିଏସ୍ ସହ କନେକ୍ଟ କରି ନିଜର ଲୋକେଶନ୍ ସମ୍ପର୍କିତ ବିଭିନ୍ନ ତଥ୍ୟ ଜାଣିପାରିବେ।

**ଯୋଗ ମ୍ୟାଟ୍:** ବର୍ତ୍ତମାନ ମାର୍କେଟ୍‌ରେ ସଫ୍ଟ ମ୍ୟାଟେରିଆଲ୍‌ରେ ପ୍ରସ୍ତୁତ ଯୋଗ ମ୍ୟାଟ୍ ମିଳୁଛି। ଯାହା ଉପରେ ବସି କିମ୍ବା ଶୋଇ ଯୋଗ କଲେ କହୁଣି, ଆଣ୍ଠୁ ଆଦିରେ ଆଦୌ ଚାପ ପଡୁନାହିଁ। ଏହା ଲଙ୍ଗ୍ ଲାଷ୍ଟିଙ୍ଗ୍ ଏବଂ ରୋଲ୍ କରି କ୍ୟାରି କରିବା ବି ଖୁବ୍ ସହଜ ହେଉଥିବାରୁ ଅନେକେ ଏହା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ବର୍ତ୍ତମାନ ମିଳୁଥିବା ସ୍ମାର୍ଟ ଯୋଗ ମ୍ୟାଟ୍‌ରେ ମୋବାଇଲ୍ ଫୋନ୍ ସହ ବ୍ଲୁଟୁଥ୍ କନେକ୍ଟ ହେବାର ସ୍ପେଶାଲ୍ ଫିଚର ଫିଟ୍‌ନେସ୍ ମନିଟର କରିବାରେ ବେଶ୍ ସାହାଯ୍ୟ କରୁଛି।

**ଥର୍ମୋସ୍ ସ୍ମାର୍ଟ ହାଇଡ୍ରେଶନ୍ ବଟଲ୍:** ଏକ୍ସରସାଇଜ୍ ସମୟରେ ଶରୀରର ଜଳୀୟାଂଶ ଠିକ୍ ରହୁଛି ନା ନାହିଁ ଜାଣିବା ଲାଗି ବର୍ତ୍ତମାନ ଅନେକେ ବ୍ୟବହାର କରୁଛନ୍ତି ଥର୍ମୋସ୍ ସ୍ମାର୍ଟ ହାଇଡ୍ରେଶନ୍ ବଟଲ୍। ଏହା ଶରୀରକୁ କେବେ ଏବଂ କେତେ ମାତ୍ରାରେ ପାଣି ଆବଶ୍ୟକ ସୂଚାଇ ଦେବାରେ ସାହାଯ୍ୟ କରିଥାଏ।

**ବୋଫ୍ଲେକ୍ସ ଡମ୍‌ବେଲ୍:** ଏହି ଡମ୍‌ବେଲ୍ ମଧ୍ୟ ଫୋନ୍ ସହ ବ୍ଲୁଟୁଥ୍‌ରେ କନେକ୍ଟ ହୋଇପାରୁଛି, ଯାହାକି ଫିଟ୍‌ନେସ୍ ଟ୍ରାକ୍ କରି ମୋବାଇଲ୍‌କୁ ଡାଟା ପଠାଇଥାଏ। ଏଥିରେ ୫ ପାଉଣ୍ଡରୁ ୬୦ ପାଉଣ୍ଡ ପର୍ଯ୍ୟନ୍ତ ଓଜନର ରିଙ୍ଗ୍ ଲାଗିଛି, ଯାହାକୁ ନିଜର ଆବଶ୍ୟକତା ଅନୁଯାୟୀ ଆଡ୍‌ଜଷ୍ଟ କରାଯାଇପାରୁଛି। ତେଣୁ ଏହି ସ୍ମାର୍ଟ ଡମ୍‌ବେଲ୍ ବ୍ୟବହାର କରିବା ଦ୍ୱାରା ଓଜନ ଅନୁଯାୟୀ ପୂର୍ବଭଳି ଆଉ ଅଧିକ ଡମ୍‌ବେଲ୍ ରଖିବା ଆବଶ୍ୟକ ହେଉନାହିଁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୮ ଅଗଷ୍ଟ, ୨୦୨୨ Sambalpur, Sunday, August 28/2022

# ଏସିଆ କପ୍‌ରେ ଭାରତ-ପାକିସ୍ତାନ ଲଢ଼େଇ

## ଶତକୀୟ ମ୍ୟାଚ୍‌ରେ କୋହଲିଙ୍କ ଉପରେ ନଜର



ଦୁବାଇ,୨୭।୮(ପି.ଟି.)

ଫ୍ୟାନମାନଙ୍କ ପାଇଁ ପ୍ରତୀକ୍ଷାର ଅନ୍ତ ଘଟିଛି। ଏସିଆ କପ୍‌ରେ ଭାରତ-ପାକିସ୍ତାନ ମହାମୁକାବିଲାରେ ବିରାଟ କୋହଲିଙ୍କ ଉପରେ ରହିବ ସମସ୍ତଙ୍କ ନଜର। ଦୀର୍ଘ ଦୁଇ ମାସର ଅବ୍ୟାହତି ପରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ସେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ମ୍ୟାଚ୍ ରହିଥିବା ବେଳେ କୋହଲି ଓ ରୋହିତଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ବିଗତ ଦଶନ୍ଧି ଧରି ଉଭୟ ଖେଳାଳି ଭାରତୀୟ ବ୍ୟାଟିଂର ମୂଳଦୁଆ ରହି ଆସିଛନ୍ତି। କୋହଲି ନିଜର ଶତକୀୟ ଟି୨୦ ମ୍ୟାଚ ଖେଳିବେ। ବିଗତ ୩ ବର୍ଷ ଧରି ରହିଥିବା ଶତକ ମରୁଡ଼ି ଏହି ମ୍ୟାଚରେ ଶେଷ ହେବା ନେଇ ଆଶା କରିବ ଭାରତୀୟ ମ୍ୟାନେଜମେଣ୍ଟ। ତେବେ ସମାନ ଭେନ୍ୟୁରେ ୧୦ ମାସ ପୂର୍ବର ଟି୨୦ ବିଶ୍ୱକପ୍ ପରାଜୟକୁ ଭୁଲି ଭାରତ ଏକ ନୂତନ ଆରମ୍ଭର ପ୍ରୟାସ କରିବ। ବିଗତ କିଛି ଶୃଙ୍ଖଳାରେ ରୋହିତ ଶର୍ମା ଅତ୍ୟନ୍ତ ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ବେଳେ ପାକିସ୍ତାନ ବିପକ୍ଷରେ କେଉଁ ପ୍ରକାର ରଣନୀତି ସହିତ ଓହ୍ଲାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ଉଭୟ ଦଳ ପରସ୍ପର ବିପକ୍ଷରେ ଦ୍ୱିପାକ୍ଷିକ ସିରିଜ ଖେଳୁ ନ ଥିବାରୁ ପରସ୍ପରର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅନଭିଜ୍ଞ। ଶେଷ ମୁକାବିଲାରେ ଭାରତ ୧୦ ଉଇକେଟରେ ପରାସ୍ତ ହୋଇଥିବା ବେଳେ ଦଳ ଏହାର ପ୍ରତିଶୋଧ ନେବାକୁ ପ୍ରୟାସ କରିବ।

ଭାରତୀୟ ଟପ୍ ଅର୍ଡର ବ୍ୟାଟିଂକୁ ନେଇ ଏବେ ବି ଅନେକ ଆଶଙ୍କା ଲାଗି ରହିଛି। ପ୍ରଥମ ତିନି ବ୍ୟାଟର ଡାହାଣହାତୀ ହୋଇଥିବା ବେଳେ ବାମହାତୀ ପେସ ବୋଲରଙ୍କ ଆଗରେ ଏହା ଏକ୍ସପୋଜ ହେବାର ସମ୍ଭାବନା ଅଧିକ ଥାଏ। ବିଗତ ୧୦ ମାସ ମଧ୍ୟରେ ଟପ୍ ଅର୍ଡରକୁ ନେଇ ରାହୁଲ ଦ୍ରାବିଡ ଅନେକ ପରୀକ୍ଷା ନିରୀକ୍ଷା କରିଥିଲେ ହେଁ ବଡ ମୁକାବିଲା କାରଣରୁ ପୁଣି ଥରେ ରାହୁଲ୍-ରୋହିତ-କୋହଲିଙ୍କ କମ୍ବିନେଶନ ଜାରି ରହିବ। ଲୋକେଶ ରାହୁଲ ୨୦୨୨ରେ ଗୋଟିଏ ବି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିନାହାନ୍ତି। ତେବେ ଅଭିଜ୍ଞତା ଆଧାରରେ ଭାରତ ଇନ୍‌ଫର୍ମ ଦୀପକ ହୁଡାଙ୍କୁ ବାହରେ ବସାଇବ। ରାହୁଲ ଓ କୋହଲିଙ୍କ ଫର୍ମ ଭାରତ ପାଇଁ ବଡ ଚିନ୍ତା ରହିଥିବା ବେଳେ ରୋହିତଙ୍କ ନିକଟରୁ ଏକ ବଡ ଇନିଂସ ଆଶା କରିବ ଭାରତ। ସେହିପରି ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମରେ ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ ଓ ଦୀନେଶ କାର୍ତ୍ତିକଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଅନ୍ୟପକ୍ଷରେ ପାକିସ୍ତାନ ବ୍ୟାଟିଂ କ୍ରମ ଉପରେ ନଜର ପକାଇଲେ ଇନ୍‌ଫର୍ମ ବାବର ଆଜମ ଓ ମହମ୍ମଦ ରିଜୱାନଙ୍କ ଯୋଡି ଉପରେ ସ୍ପଟ୍‌ଲାଇଟ ରହିବ। ତେବେ ଉଭୟ ଖେଳାଳିଙ୍କ ଷ୍ଟ୍ରାଇକରେଟ୍ ୧୩୦ରୁ କମ୍ ରହୁଥିବାରୁ ଏହା ସମସ୍ୟା ସୃଷ୍ଟି କରିଥାଏ। ଭାରତୀୟ ବୋଲର ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବେ। ୩ ନମ୍ବରରେ ଫଖର ଜମାନଙ୍କ ଉପସ୍ଥିତି ଦଳକୁ ଆହୁରି ଶକ୍ତିଶାଳୀ କରୁଛି। ପାକିସ୍ତାନୀ ମଧ୍ୟକ୍ରମ ସାମାନ୍ୟ ଅନଭିଜ୍ଞ ରହିଥିବା ବେଳେ ଭାରତ ଏହାର ଫାଇଦା ଉଠାଇପାରେ।

ତେବେ ଦୁବାଇର ପରିବେଶ ଧିମା ବୋଲିଂକୁ ସପୋର୍ଟ କରୁଥିବାରୁ ଭାରତ ତୃତୀୟ ପେସ ବୋଲରଙ୍କ ସ୍ଥାନରେ ଜଣେ ଅତିରିକ୍ତ ସ୍ପିନର ଖେଳାଇପାରେ। ବୁମରା ଓ ହର୍ଷଲ ପଟେଲଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର କୁମାର ଭାରତୀୟ ବୋଲିଂର ନେତୃତ୍ୱ ନେବେ। ଅର୍ଶଦୀପ ଓ ଆଭେଶ ଖାନ୍ ଦ୍ୱିତୀୟ ଓ ତୃତୀୟ ପେସ ବୋଲର ଭାବରେ ଅଛନ୍ତି। ତେବେ ଦୁବାଇର ପରିସ୍ଥିତିକୁ ଦୃଷ୍ଟିରେ ରଖିଲେ ଆର. ଅଶ୍ୱିନ କିମ୍ବା ରବି ବିଷ୍ଣୋଇଙ୍କୁ ଅତିରିକ୍ତ ସ୍ପିନର ଭାବରେ ଦଳରେ ସାମିଲ କରାଯାଇପାରେ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଲୋକେଶ ରାହୁଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, ଦୀପକ ହୁଡା, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଆର. ଅଶ୍ୱିନ, ଯୁଜବେନ୍ଦ୍ର ଚହଲ, ରବି ବିଷ୍ଣୋଇ, ଭୁବନେଶ୍ୱର କୁମାର, ଅର୍ଶଦୀପ ସିଂ, ଆଭେଶ ଖାନ୍।

**ପାକିସ୍ତାନ ଦଳ:** ବାବର ଆଜମ (ଅଧିନାୟକ), ଶଦାବ ଖାନ୍, ଆସିଫ ଅଲୀ, ଫଖର ଜମାନ, ହାଇଦର ଅଲୀ, ହରିଶ ରୌଫ୍, ଇଫତିଖାର ଅହମଦ୍, ଖୁଶଦିଲ ଶାହ, ମହମ୍ମଦ ନୱାଜ, ମହମ୍ମଦ ରିଜୱାନ, ଶାହନୱାଜ ଦହାନି, ଉସମାନ୍ କାଦିର୍, ମହମ୍ମଦ ହସନେନ୍, ହସନ ଅଲୀ।

**ସ୍ଥାନ : ଦୁବାଇ**
**ପ୍ରସାରଣ ସମୟ: ସନ୍ଧ୍ୟା ୭.୩୦**

## ନଭଜିତ୍ ଡୋପ୍ ଟେଷ୍ଟରେ ବିଫଳ



**ନୂଆଦିଲ୍ଲୀ, ୨୭।୮ (ପି.ଟି.):** ଭାରତର ଟପ୍ ଡିସ୍‌କସ୍ ଥ୍ରୋୟର ନଭଜିତ୍ କୌର ଧିଲୋଁ ପ୍ରତିଯୋଗିତା ବାହାରେ ହୋଇଥିବା ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଗତ ମାସରେ ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ଆଥଲେଟିକ୍ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଦ୍ୱାରା ଡୋପ୍ ଟେଷ୍ଟ କରାଯାଇଥିଲା। ଧିଲୋଁ ୨୦୧୮ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। କିନ୍ତୁ ଗତ ଅଗଷ୍ଟ ୮ରେ ଶେଷ ହୋଇଥିବା ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୮ମ ହୋଇଥିଲେ। ୨୭ ବର୍ଷୀୟ ଧିଲୋଁ ଜୁନ୍ ମଧ୍ୟଭାଗରେ ଚେନ୍ନାଇରେ ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍ (୫୫.୬୭ ମିଟର) ଏବଂ ଜୁନ୍ ୨୫ରେ କାଜାଖସ୍ତାନର ଅଲ୍‌ମାଟିଠାରେ ଅନୁଷ୍ଠିତ କୋସାନୋଭ ମେମୋରିଆଲ ମିଟ୍ (୫୬.୨୪ ମିଟର)ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କିନ୍ତୁ ବର୍ମିଂହାମ୍‌ରେ ତାଙ୍କର ଶ୍ରେଷ୍ଠ ଥ୍ରୋ ମାତ୍ର ୫୩.୫୧ ମିଟର ରହିଥିଲା। ତାଙ୍କର ସିଜନ ଶ୍ରେଷ୍ଠ ପ୍ରଦର୍ଶନ ୫୮.୦୩ ମିଟର ରହିଥିବା ବେଳେ ବ୍ୟକ୍ତିଗତ ଶ୍ରେଷ୍ଠ ସେ ୨୦୧୮ରେ ୫୯.୧୮ମିଟର ସହ ହାସଲ କରିଥିଲେ। ଏଆଇୟୁ ତରଫରୁ ତାଙ୍କର କେଉଁ ସ୍ଥାନରେ ଡୋପ୍ ଟେଷ୍ଟ କରାଯାଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ଧିଲୋଁଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ନିଷିଦ୍ଧ ଷ୍ଟେରଏଡ୍‌ର ମାତ୍ରା ଦେଖିବାକୁ ମିଳିଥିଲା। ଏଆଇୟୁ ହେଉଛି ବିଶ୍ୱ ଆଥଲେଟିକ୍ସ ଦ୍ୱାରା ଗଠିତ ଏକ ସ୍ୱାଧୀନ ସଂସ୍ଥା, ଯିଏକି ଡୋପିଂ ମାମଲା ସମେତ ସମସ୍ତ ଅଖଣ୍ଡତା ପ୍ରସଙ୍ଗ ପରିଚାଳନା କରିଥାଏ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନଭଜିତଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇପାରେ।

# ଫୁଟବଲପ୍ରେମୀଙ୍କ ବିଜୟ: ଅନୁରାଗ

## ଫିଫା ବାସନ୍ଦ ଉଠିଲା

ଜୁରିକ୍/ନୂଆଦିଲ୍ଲୀ,୨୭।୮(ପି.ଟି)

ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ) ଉପରୁ ଫିଫାର ବାସନ୍ଦାଦେଶ ଉଠିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର। ଏହା ଫୁଟବଲ ଫ୍ୟାନ୍‌ମାନଙ୍କର ବିଜୟ ବୋଲି ଠାକୁର ଅଭିହିତ କରିଛନ୍ତି। ତୃତୀୟ



ଅନୁରାଗ ଠାକୁର

ପକ୍ଷ ହସ୍ତକ୍ଷେପ ଅଭିଯୋଗ କରି ଫିଫା ପକ୍ଷରୁ ଅଗଷ୍ଟ ୧୫ ତାରିଖରେ ଭାରତକୁ ନିଲମ୍ବନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଫିଫା ସହିତ ଆଲୋଚନା କରାଯାଇଥିବା ବେଳେ ସୁପ୍ରିମକୋର୍ଟ କମିଟି ଅଫ୍ ଆଡମିନିଷ୍ଟ୍ରେଶନ୍(ସିଓଏ)ର ଉଚ୍ଛେଦ କରିଥିଲେ। ଫିଫା ବାସନ୍ଦାଦେଶ ହଟିବା ପରେ ଭାରତରେ ୧୭ ବର୍ଷ କମ ମହିଳା ବିଶ୍ୱକପ ଆୟୋଜନ ହେବାର ପଥ ପରିଷ୍କାର ହୋଇଛି। ଆସନ୍ତା ଅକ୍ଟୋବର ୧୧-୩୦ ମଧ୍ୟରେ ଭାରତରେ ଫୁଟବଲ ବିଶ୍ୱକପ ଆୟୋଜନ ହେବ। ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଏଆଇଏଫ୍‌ଏଫ ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ବାଇଚୁଙ୍ଗ ଭୂଟିଆ ଓ କଲ୍ୟାଣ ଚୌବେ ଏହି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଫିଫାର ବାସନ୍ଦାଦେଶ ପରେ ଭାରତରେ ବିଶ୍ୱକପ ଆୟୋଜନ ଉପରେ ସଙ୍କଟର କଳାବାଦଲ ଛାଇ ଯାଇଥିଲା। ମାତ୍ର ସିଓଏ ଏବଂ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଫିଫା ସହିତ ଆଲୋଚନା ପରେ ବିଶ୍ୱକପ ଆୟୋଜନ ସ୍ପଷ୍ଟ ହୋଇଯାଇଛି। ସିଓଏ ଉଚ୍ଛେଦ ହୋଇଥିବା ନେଇ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଫିଫାକୁ ସ୍ପଷ୍ଟୀକରଣ ଦିଆଯିବା ପରେ ଭାରତକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଛି। ଏସିଆନ ଫୁଟବଲ ସଂଘ(ଏଏଫ୍‌ସି) ପକ୍ଷରୁ ଏଆଇଏଫ୍‌ଏଫ୍ ନିର୍ବାଚନକୁ ମନିଟର କରାଯିବା ସହିତ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ପ୍ରଦାନ କରାଯିବା ନେଇ ଫିଫା ସ୍ପଷ୍ଟ କରିଛି। ଏହା ସହିତ ଏଆଇଏଫ୍‌ଏଫ୍‌ର ଦୈନନ୍ଦିନ କାର୍ଯ୍ୟକୁ ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ସୁନନ୍ଦୋ ଧର ପରିଚାଳନା କରିବେ। ଫିଫାର ଏହି ନିଷ୍ପତ୍ତିକୁ ପୂର୍ବତନ ଫୁଟବଲ ଦଳ ଅଧିନାୟକ ବାଇଚୁଙ୍ଗ ଭୂଟିଆ ସ୍ୱାଗତ କରିଛନ୍ତି। ଏହାବ୍ୟତୀତ ପୂର୍ବତନ ମିଡ୍‌ଫିଲ୍ଡର ରେନେଡି ସିଂ ଓ ପୂର୍ବତନ କ୍ରୀଡାମନ୍ତ୍ରୀ କିରେନ ରିଜିଜୁ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ଫିଫା ବାସନ୍ଦାଦେଶକୁ ନେଇ ଗୋକୁଲମ କେରଳ କ୍ଷତି ସହିଛି ବୋଲି କହିଛନ୍ତି ପୂର୍ବତନ ଭାରତୀୟ ଷ୍ଟ୍ରାଇକର ସବିର ଅଲୀ। ଭାରତୀୟ ଫୁଟବଲ ଇତିହାସରେ ଏହି ୧୧ ଦିନ ବ୍ୟାପୀ କଳାଦିବସର ଅବସାନ ଘଟିଥିବା ବେଳେ ଫିଫାର ଦାବିକୁ ଭାରତ ମାନି ନେଇଛି। ଏଆଇଏଫ୍‌ଏଫ୍ ନିର୍ବାଚନ ଆଗୁଆ କରିଥିଲେ ଏଭଳି ପରସ୍ଥିତିର ସାମ୍ନା କରିବାକୁ ପଡିନଥାନ୍ତା। ଗୋକୁଲମ୍ କେରଳର ଖେଳାଳିମାନେ ତାସକେଣ୍ଟରେ ଦୀର୍ଘ ଏକ ସପ୍ତାହ ଧରି ଅଟକି ରହିଥିଲେ। ଏଭଳି ପରିସ୍ଥିତିର ସାମ୍ନା କରିଥିବା ଦଳକୁ ଏଆଇଏଫ୍‌ଏଫ୍ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବା ଆବଶ୍ୟକ ବୋଲି ସବିର ମତ ଦେଇଛନ୍ତି।

# ଆଇଟିଏଫ୍ ଡବଲ୍ସ ରନର୍ସଅପ୍ ଦେବାଶିଷ

ଭୁବନେଶ୍ୱର,୨୭।୮(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଟେନିସ୍ ଖେଳାଳି ଦେବାଶିଷ ସାହୁ ୧୮ବର୍ଷରୁ କମ୍ ଆଇଟିଏଫ୍-ଜେ୫ ଡବଲ୍ସ ବର୍ଗରେ ରନର୍ସ ଅପ୍ ହୋଇଥିବା ବେଳେ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବିଜୟ ସହିତ ଦେବାଶିଷଙ୍କ ର୍‍ୟାଙ୍କିଙ୍ଗ ୧୯୭୫ରୁ ୧୦୯୨ରେ ପହଞ୍ଚିଛି। ଏକମାତ୍ର ୧୬ ବର୍ଷରୁ କମ ବର୍ଗର ଖେଳାଳି ଭାବରେ ସେ ୧୮ବର୍ଷରୁ କମ୍ ଆଇଟିଏଫ୍-ଜେ୫ରେ ଅଂଶଗ୍ରହଣ କରିଥିଲେ। ଡବଲ୍ସରେ ଗଗନ ରାକେଶ ବିମଲଙ୍କୁ ସାଥିକରି ଖେଳିଥିବା ବେଳେ ଫାଇନାଲରେ ୪ର୍ଥ



ସିଡ୍ ଧନଞ୍ଜୟ ଆତ୍ରେୟ ଓ ଦୀପ୍ ମୁନିମଙ୍କ ଠାରୁ ୪-୬, ୭-୫ ଓ ସୁପର ଟାଇବ୍ରେକରରେ ୫-୧୦ରେ ପରାସ୍ତ ହୋଇଥିଲେ। ଏହାପୂର୍ବରୁ ଟୁର୍ନାମେଣ୍ଟର ପ୍ରଥମ ସିଡ ଅମନ ଦାହିୟା ଓ ଦକ୍ଷ ପ୍ରସାଦଙ୍କୁ ୬-୪, ୬-୭ ଓ ୧୦-୪ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ତୃତୀୟ ସିଡ୍ ଭୂଷଣ ହାଓବାମ ଏବଂ ଆର୍ଯ୍ୟନଜିତ୍ ସିଂଙ୍କୁ ୭-୫, ୬-୦ରେ ପରାସ୍ତ କରିଥିଲେ ଦେବାଶିଷ-ଗଗନ। ସିଙ୍ଗଲ୍ସ ବର୍ଗରେ ଅଣସିଡେଡ ରହିଥିବା ଦେବାଶିଷ ପ୍ରଥମ ରାଉଣ୍ଡରେ ରୋମାନିଆର ଦେବ କାନବର୍ଗିମାଥ୍ ଓ ଦ୍ୱିତୀୟ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୪୦୩ରେ ଥିବା ଦକ୍ଷ ପ୍ରସାଦଙ୍କୁ ୬-୪, ୬-୦ରେ ପରାସ୍ତ କରିଥିଲେ। ଜୁନିୟର ଗ୍ରାଣ୍ଡ ସ୍ଲାମ ଲକ୍ଷ୍ୟ ରଖିଥିବା ଦେବାଶିଷ ଅହମ୍ମଦାବାଦର ଆଲେକଜାଣ୍ଡର ୱାଙ୍କେ ଟେନିସ ଏକାଡେମୀରେ କୋଚ୍ ଶ୍ରୀମଲ ଭଟ୍ଟଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ନେଉଛନ୍ତି।

## ନୀରଜଙ୍କ ଐତିହାସିକ ସଫଳତା

**ଲାଉସାନେ,୨୭।୮(ପି.ଟି):** ଡାଇମଣ୍ଡ ଲିଗ୍‌ରେ ଇତିହାସ ରଚିଛନ୍ତି ଭାରତୀୟ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା। ଲାଉସାନେ ପର୍ଯ୍ୟାୟକୁ ଜିତିବା ସହିତ ପ୍ରଥମ ଭାରତୀୟ ଭାବରେ ଡାଇମଣ୍ଡ ଲିଗ୍ ମିଟିଂ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ଗ୍ରୋଇନ୍ ଇଞ୍ଜୁରୀ କାରଣରୁ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ରୁ ବାଦ୍ ପଡିଥିବା ଏହି ଅଲିମ୍ପିକ୍ ଚାମ୍ପିୟନ ଜଣକ ପ୍ରଥମ ପ୍ରୟାସରେ ୮୯.୦୮ ମିଟର ଥ୍ରୋ କରିଥିଲେ। ପରବର୍ତ୍ତୀ ଥ୍ରୋରେ ୮୫.୦୮ ମିଟର ଦୂରତା ହାସଲ କରିଥିବା ବେଳେ ତୃତୀୟ ପ୍ରୟାସରେ ଥ୍ରୋ କରି ନ ଥିଲେ। ପରବର୍ତ୍ତୀ ଥ୍ରୋ ଫାଉଲ ରହିଥିବା ବେଳେ ଅନ୍ତିମ ପ୍ରୟାସରେ ୮୦.୦୪ ମିଟର ଦୂରତା ହାସଲ କରିଥିଲେ। ଚୋପ୍ରାଙ୍କ ପୂର୍ବରୁ ଡିସ୍‌କସ ଥ୍ରୋୟର ବିକାଶ ଗୌଡା ଏକମାତ୍ର ଭାରତୀୟ ଭାବରେ ପୋଡିୟମ୍ ଫିନିଶ କରିଥିଲେ।




# ବିଶ୍ୱ ଚାମ୍ପିୟନଶିପ୍: ସାତ୍ୱିକ-ଚିରାଗଙ୍କୁ ବ୍ରୋଞ୍ଜ ପଦକ

ଟୋକିଓ, ୨୭।୮(ପି.ଟି.)

ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଐତିହାସିକ ବ୍ରୋଞ୍ଜ ପଦକ ସଫଳତା ହାସଲ କରିଛନ୍ତି। ଶନିବାର ସେମାନେ ପୁରୁଷ ଡବଲ୍ସ ସେମିଫାଇନାଲରେ ମାଲେସିଆର ଆରନ ଚିଆ ଓ ସୋ ଉଇ ଇକ୍‌ଙ୍କଠାରୁ ୨୨-୨୦, ୧୮-୨୧, ୧୬-୨୧ରେ ହାରିଯାଇଛନ୍ତି। ପରାଜୟ ସତ୍ତ୍ୱେ ଏହି ଇଭେଣ୍ଟରେ ପ୍ରଥମ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ଭାବେ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଚଳିତମାସ ପ୍ରଥମ ଭାଗରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ଡବଲ୍ସ ସ୍ୱର୍ଣ୍ଣ ଜିତିଥିବା ବିଶ୍ୱର ୭ ନମ୍ବର ମାନ୍ୟତା ପ୍ରାପ୍ତ ସାତ୍ୱିକ-ଚିରାଗ ଯୋଡ଼ି ଏହି ୭୭ ମିନିଟ ମୁକାବିଲାରେ ପ୍ରତିପକ୍ଷ ଯୋଡ଼ିଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ସେମାନଙ୍କ ପରାଜୟ ଦ୍ୱାରା ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତୀୟ ଚ୍ୟାଲେଞ୍ଜର ଅନ୍ତ ଘଟିଛି। ବିଶ୍ୱର ୬ ନମ୍ବର ଯୋଡ଼ିଙ୍କ ବିପକ୍ଷରେ ସାତ୍ୱିକ-ଚିରାଗଙ୍କ ଏହା ହେଉଛି କ୍ରମାଗତ ୬ଷ୍ଠ ପରାଜୟ। ନିକଟରେ ସେମାନେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମିକ୍ସଡ ଟିମ୍ ଫାଇନାଲରେ ଏହି ଯୋଡ଼ିଙ୍କଠାରୁ ପରାଜୟ ବରଣ କରିଥିଲେ। ୨୦୧୧ରୁ ଭାରତ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତି ଆସୁଛି। ସେହିବର୍ଷ ମହିଳା ଯୋଡ଼ି ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନାପ୍ପା ବ୍ରୋଞ୍ଜ ସହ ଦେଶ ପାଇଁ ଡବଲ୍ସରେ ପ୍ରଥମ ପଦକ ଜିତିଥିଲେ।



ସେମିଫାଇନାଲ ଖେଳିବା ଅବସରରେ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସିକୁଆଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଣି ପଞ୍ଚାୟତ ଗଠନ

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ଗୌରୀ ଶଙ୍କର ଯୁବକ ସଂଘଠାରେ ସିକୁଆଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବୁଢାରଜା ପାଣି ପଞ୍ଚାୟତ ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତିଭାବେ ମୋହନ ସାହୁ, ସମ୍ପାଦକ ସୁନିଲ କୁମାର ସାମଲ, କୋଷାଧକ୍ଷ ଟଙ୍କଧର ପଧାନ ମନୋନୀତ ହୋଇଛନ୍ତି। ଦୁଃଖୁ ପଧାନ, ଭକ୍ତ ପଧାନ, ଜୟ ଗୋପାଳ ପଧାନ, ରାତ୍ର ବୁଢିଆ, ପ୍ରିୟବତୀ ପଧାନ ଓ ସାମା ପଧାନ ସଦସ୍ୟାସଦସ୍ୟ ରହିଛନ୍ତି।

## ସଂକ୍ଷେପରେ

### ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିଲେ ଚାଷୀ

#### ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ଦାବି

କର୍ଲାମୁଣ୍ଡା,୨୭।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା, ଗଜବାହଲ, ରିକ୍ଷିଡା ପଞ୍ଚାୟତର ସରପଞ୍ଚ ଓ ଚାଷୀ ପ୍ରତିନିଧିମାନେ ଶନିବାର ବଲାଙ୍ଗୀର ଜିଲା ତୁଷରା ଏନଏସି ବଙ୍ଗୋମୁଣ୍ଡା ଉଚ୍ଚ ବିଦ୍ୟାପୀଠଠାରେ ଜଳସମ୍ପଦ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରତିନିଧିମାନେ ତିନି ପଞ୍ଚାୟତକୁ ଜଳସେଚନ ବ୍ୟବସ୍ଥା ନିମନ୍ତେ ତେଲ ନଦୀ ଠାରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରିବାକୁ ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଏଥିରେ ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ରିକ୍ଷିଡାର ସେବତୀ ରଣା, ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର ,ପୌରକେଲା ସମିତି ସଭ୍ୟ ସୁଧୀର ଭୋଇ,ବରୁଣ ଭୋଇ, ଏସ. ଭୋଇ, ବବୃବାହାନ ଭୋଇ ,ଟିକେମନ ଭୋଇ, ଲକ୍ଷପତି ରଣା, ବୈବସୁତ ସୁନା, ବରୁଣ ସୁନା, ଭୂବନ ଧରୁଆ, ଲୁଚନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### କେସିଙ୍ଗା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

କେସିଙ୍ଗା,୨୭।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ କୈଳାଶ ଚନ୍ଦ୍ର ସାହା ଯୋଗଦେଇ ଥିଲେ। ଇଂରାଜୀ ଅଧାପକ ସୁଶାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକାଅଧାପକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଧକ୍ଷ ପୁରସ୍କୃତ କରିଥିଲେ।

### ବିଜେଡିର ୨୫ବର୍ଷ ପୂର୍ତ୍ତିରେ ଚାରା ରୋପଣ

ଗୁଡ଼ଭେଲା, ୨୭।୮(ଡି.ଏନ.ଏ.): ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ବଡଙ୍ଗୋମୁଣ୍ଡା ପଞ୍ଚାୟତରେ ଚାରା ରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଯୋଗ ଦେଇ ଚାରା ରୋପଣ କରିଥିଲେ। ତୁଷୁରା ଏନଏସି ଅଧକ୍ଷ ଅଜୟ କୁମାର ଜୟସ୍ୱାଲ, ଉପାଧକ୍ଷ ମାମୀ ଦାସ, ଜିଲା ପରିଷଦ ସଭ୍ୟ ରାମନିବାଶ ଅଗ୍ରୱାଲ, କମଳ କିଶୋର ଜୈନ, ରାଜା ବଗର୍ତ୍ତୀ, ବିନୋଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଉପରବାହାଲ ଶିଶୁ ମନ୍ଦିରରୁ ଚୋରି

ଲୋଇସିଂହା,୨୭।୮ (ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ଶିଶୁ ମନ୍ଦିରରୁ ଚୋରି ହୋଇଛି। ପରିଚାଳନା କମିଟି ସଭାପତି ରଘୁନାଥ ସାହୁ ଏ ନେଇ ବଲାଙ୍ଗୀର ସଦର ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ସଭାପତି ସାହୁଙ୍କ ଅଭିଯୋଗ ଅନୁସାରେ ସକାଳେ ସେ ସ୍କୁଲ ପରିସରରେ ଲଗାଯାଇଥିବା ଗଛରେ ପାଣି ଦେବା ପାଇଁ ଯାଇଥିବାବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସ୍କୁଲର ବଡ ଏବଂ ଛୋଟ ଲଉହା ଗେଟ୍, ଉପରମହଲା ନିର୍ମାଣ ପାଇଁ ରଖା ଯାଇଥିବା ଗୋଟିଏ ଲୁହା କବାଟ, ୫ଟଇ ଲୁହା ଝରକା, ୮ଟି ୨୫ ଫୁଟ ଲମ୍ବର ଲୁହା ପାଇପ, ୧୨ ଫୁଟ ଲମ୍ବର ୧୦ ଖଣ୍ଡ ଟିଣ ଚଦର ଏବଂ ସ୍କୁଲ କୋଠରି ତାଲା ଭାଙ୍ଗି ସ୍କୁଲର ରୋଷେଇ ବାସନକୁଷନ କୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଛି।

# କଳମପୁର, କର୍ଲାପାଟ ଫାଣ୍ଡିକୁ ମିଳିବ ଥାନା ମାନ୍ୟତା

- କଳାହାଣ୍ଡିରେ ହେବ ୨ଟି ନୂତନ ଥାନା
- ଜିଲାରେ ଥାନା ସଂଖ୍ୟା ୧୯ କୁ ବୃଦ୍ଧି

ଭବାନୀପାଟଣା,୨୭।୮(ସ୍ୱ.ପ୍ର.)

ରାଜ୍ୟରେ ୩୬ଟି ନୂଆ ପୋଲିସ ଷ୍ଟେଶନ ସ୍ଥାପନ ହେବ। ଖୁବଶୀଘ୍ର ନୂଆ ଥାନା କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ କଳାହାଣ୍ଡି ଜିଲାର କଳମପୁର ଓ କର୍ଲାପାଟ ୨ଟି ନୂତନ ଥାନା ହେବ ବୋଲି ତାଲିକାରେ ରହିଛି।

ଦୀର୍ଘ ଦିନର ଦାବି ପରେ କଳମପୁର ପୋଲିସ ଫାଣ୍ଡିକୁ ଥାନାର ମାନ୍ୟତା ମିଳିଥିବାରୁ ସ୍ଥାନୀୟ ବ୍ଲକ ବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କଳମପୁର ପୂର୍ବରୁ ଜୟପାଟଣା ଥାନା ଅଧୀନରେ ରହି ଆସିଛି। ସେହିପରି ଏହା ବ୍ଲକର ମୁଖ୍ୟ କାର୍ଯ୍ୟାଳୟ ହେଇଥିଲେ ମଧ୍ୟ ଏଠାରେ ଦୀର୍ଘ ଦିନ ହେବ ପୋଲିସ ବିଟ ହାଉସ କାର୍ଯ୍ୟ କରି ଆସୁଥିଲା। କିଛି ବର୍ଷ ପୂର୍ବେ ବିଟ ହାଉସକୁ ଉନ୍ନୀତ କରାଯାଇ ପୋଲିସ ଫାଣ୍ଡିର ମାନ୍ୟତା ଦିଆଯାଇଥିଲା। କଳମପୁର ଠାରେ ଥାନା ନ ଥିବା ଯୋଗୁ ପୋଲିସ ମାମଲାରେ ଛନ୍ଦି ହେଉଥିବା ଲୋକ ଦୀର୍ଘ ୩୦ କିଲୋମିଟର ଦୂରରେ ଥିବା ଜୟପାଟଣା ଥାନା ଉପରେ ନିର୍ଭର କରି ଆସୁଥିଲେ। ଦିନକୁ ଦିନ କଳମପୁର ଓ ବଡକୁଟ୍ରୁ ଫାଣ୍ଡି ଅଞ୍ଚଳର ବିଭିନ୍ନ ମାମଲା ବୃଦ୍ଧି ପାଉଥିବା ବେଳେ ଲୋକେ ଥାନା ମାମଲାରେ ପଡି ହଇରାଣ ହରକତ ହେଉଥିଲେ। ଏପରି କି ଥାନା ନ ଥିବାରୁ କୌଣସି ଅପମୃତ୍ୟୁ ଘଟିଲେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। କଳମପୁର ଅଞ୍ଚଳବାସୀ ବାରମ୍ବାର ଲୋକପ୍ରତିନିଧିଙ୍କ ନିକଟରେ ଥାନା ପାଇଁ ଦାବି କରି ଆସୁଥିଲେ। ସେହିପରି କଳମପୁର ଥାନା ସ୍ଥାପନ ପ୍ରସ୍ତାବକୁ ପୂର୍ବତନ ଗୃହ ରାଷ୍ଟ୍ର ମନ୍ତ୍ରୀ ତଥା ବର୍ତ୍ତମାନର ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ସୁପାରିଶ କରିଥିଲେ। ଯାହା ଏବେ ଫଳପ୍ରଦ ହୋଇଛି। ତେଣୁ କଳମପୁର ଅଞ୍ଚଳବାସୀ ସମସ୍ତ ନେତୃବୃନ୍ଦଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସେହିପରି କଳାହାଣ୍ଡି ଜିଲାର ଅନ୍ୟତମ ମାଓ ପ୍ରବଣ ଅଞ୍ଚଳ ଭାବେ ପରିଚିତ ତଥା ରାଜୁଡା ଶାସନର ପରବର୍ତ୍ତୀ ସମୟରୁ ପୋଲିସ ଫାଣ୍ଡିର ମାନ୍ୟତା ପାଇଥିବା କର୍ଲାପାଟ ପୋଲିସ ଫାଣ୍ଡିକୁ ମଧ୍ୟ ଥାନାର ମାନ୍ୟତା ମିଳିଛି। ଯାହା ଆଗାମୀ ଦିନରେ ଉଭୟ କଳମପୁର ଓ କର୍ଲାପାଟ ଅଞ୍ଚଳରୁ ଅପରାଧିକ ମାମଲା ନିୟନ୍ତ୍ରଣ କରିବାରେ ସଫଳ ହେବ। ଏହି ୨ ଟି ଥାନାକୁ ମିଶାଇ କଳାହାଣ୍ଡି ଜିଲାରେ ଥାନା ସଂଖ୍ୟା ୧୯ରେ ପହଞ୍ଚିଛି।

# ନକଲି ମଦ ଜବତ: ଜଣେ ଗିରଫ

ସିନାପାଲି,୨୭।୮(ଡ଼ି.ଏନ୍.ଏ.)




ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧା ଗ୍ରାମରେ ସିନାପାଲି ଅବକାରୀ ବିଭାଗ ନକଲି ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୈଳାଶ ଧିବର (୩୫)। ସୂଚନା ଅନୁସାରେ ସିନାପାଲି ଅବକାରୀ ବିଭାଗ ଏଏସଆଇ ସରୋଜ କଟାଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ପାଟ୍ରୋଲିଂ କରୁଥିଲେ। ହାତିବନ୍ଧା ଗ୍ରାମଠାରେ ଏହି ଯୁବକ ନକଲି ବିଦେଶୀ ମଦ ବିକ୍ରୀ କରୁଥିବାବେଳେ ଚଢାଉ କରି ୬ଲିଟର ୧୨୦ଏମ୍ଏଲ ନକଲି ବିଦେଶୀ ମଦ ଜବତ କରିଥିଲେ। ଏହି ନକଲି ବିଦେଶୀ ମଦ ଜବତ କଲାପରେ ଅଭିଯୁକ୍ତଙ୍କୁ ଅଧିକ ପଚରା ଉଚରା କରାଯାଇଥିବା ବେଳେ ଖବରପାଇ ଅନ୍ୟ ଏକ ସ୍ଥାନକୁ ଚଢାଉ କରାଯାଇଥିଲା। ହେଲେ ସେଠାରେ କିଛି ମିଳି ନ ଥିଲା। ଏନେଇ ଅବକାରୀ ବିଭାଗ ଏକ ମାମଲା (ନଂ.୬୦।୨୨) ରୁଜୁକରିଛି। ଏହି ଚଢାଉରେ ଏଏସଆଇ ଡମ୍ବରୁଧର ହରିଜନ, ଏଏସଆଇ ସୋନା ମାଝି, ରାମଚନ୍ଦ୍ର ଜାନି, ଧନରାଜ ଦଣ୍ଡ ସେନା, ଦୀପାଞ୍ଜଳି ତିୱାରୀ, ପ୍ରୋହିତ ବନ୍ଦିଚୋର, ଭଗବାନ ହଂସ ସମେତ ଅନ୍ୟମାନେ ସାମିଲ ଥିଲେ।

# ରେଳ ଉପଭୋକ୍ତା ସଂଘ କାର୍ଯ୍ୟକାରିଣୀ ବୈଠକ



ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ କାର୍ଯ୍ୟାଳୟରେ ଉପସ୍ଥିତ ସଂଘ ସଦସ୍ୟମାନେ।

ବଲାଙ୍ଗୀର ଅଫିସ,୨୭।୮

ସ୍ଥାନୀୟ ମାଳପଡାସ୍ଥିତ ରେଳ ଉପଭୋକ୍ତା ସଂଘ କାର୍ଯ୍ୟାଳୟରେ ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ସଂ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ସଂଘ ସାଧାରଣ ସମ୍ପାଦକ ନାରାୟଣ ପାଢୀ ପୂର୍ବ ଆଲୋଚନାର ବିବରଣୀ ପାଠ କରିଥିଲେ। ସଂଘ କାର୍ଯ୍ୟକାରିଣୀ ସଦସ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନୂତନ ପ୍ରସ୍ତାବଗୁଡ଼ିକ ଉପସ୍ଥାପନ କରିଥିଲେ। ଆସନ୍ତା ଅକ୍ଟୋବର ୨୫ରେ ସାଧାରଣ ପରିଷଦ ବୈଠକ ହେବାକୁ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ନୂତନ ପ୍ରସ୍ତାବଗୁଡିକକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯିବ ବୋଲି ସଭାପତି ମିଶ୍ର ଘୋଷଣା କରିଥିଲେ। କୋଷାଧକ୍ଷ ଅଶୋକ କୁମାର ଚାନ୍ଦ ଆୟବ୍ୟୟର ବିବରଣୀ ପ୍ରଦାନ କରିବା ସହ ନୂତନ ସଦସ୍ୟମାନଙ୍କ ନାମ ଘୋଷଣା କରିଥିଲେ । ବୈଠକରେ ଉପସଭାପତି ଅଶୋକ କୁମାର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଋତୁରାଜ ସିଂ, ମନରଞ୍ଜନ ପୁରୋହିତ, ହିତେଶ କୁମାର ସାହୁ, ଛବିଲାଲ ବେହେରା, ବୀନୟ କୁମାର ମିଶ୍ର, ପର୍ଶୁରାମ ନାଏକ, ମହେଶ୍ୱର ସାହୁ ଉପସ୍ଥିତ ଥିଲେ। ସଂଘ ସହସମ୍ପାଦକ ଦିବାକର ହୋତା ଧନ୍ୟବାଦ ଦେଇଥିଲେ ।

# ବନବିଭାଗ ଚଢାଉ, କାଠ ଜବତ

ଦେଓଗାଁ,୨୭।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତଥା ସଇଁତଲା ଫରେଷ୍ଟ ରେଞ୍ଜ ଲଣ୍ଡାପଥର ବିଟ୍ ଅଧିନ ଝିକେରମାଲ ଓ ମିର୍ଦ୍ଧାପାଲି ଗାଁରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଦୁଇଟି ଘରୁ ବ୍ରିଜ ପରିମାଣ କାଠ ଜବତ ହୋଇଛି। ଏସିଏଫ ଅଜିତ ବିଶିଙ୍କ ଓ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଇଁନ୍ତଲା ରେଞ୍ଜର ସଂଘମିତ୍ରା ଭୋଇ ଚଢାଉ କରି ଝିକେରମାଲ ଗାଁର ନଗଶିର ମିର୍ଦ୍ଧାଙ୍କ ଘରୁ ୪ ଟି ଚଉଖୁଣ୍ଟ କାଠ, ମିର୍ଦ୍ଧାପାଲିର ରଞ୍ଜିତ ମିର୍ଦ୍ଧାଙ୍କ ଘରୁ ୩୨ ବିଜା ପଟା ଓ ୧୨ ଟି ଚଉଖୁଟ ଜବତ କରିଥିଲେ। ତେବେ ଚଢାଉ ସମୟରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଥିବା ବିଭାଗ ସୂଚନା ଦେଇଛି।

# ପୋଷାକ ବିତରଣ କାର୍ଯ୍ୟକ୍ରମ

କେସିଙ୍ଗା,୨୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହରର ବୋରିଙ୍ଗ ପଦର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଶୁକ୍ରବାର ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମାଝୀଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏନଏସିର ଉପାଧକ୍ଷା ସରସତୀ ସାହା, ସମ୍ମାନିତ ଅତିଥି ଭାବେ ୱାର୍ଡ ନମ୍ବର ୭ କାଉନସିଲର ପ୍ରକାଶ ବନଛୋର, ସ୍କୁଲ ଶିକ୍ଷା କମିଟିର ସଭାପତି କମଳ ବନଛୋର, ଉପ ସଭାନେତ୍ରୀ ଜନନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ୩୧୪ ଛାତ୍ରୀଛାତ୍ର ଙ୍କୁ ମାଗଣାରେ ପୋଷାକ ବଣ୍ଟନ କରାଯାଇଥିଲା। ବୀଣାପାଣି ଦାଶ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଶିଶୁ ଚିତ୍ରକଳା ପ୍ରତିଯୋଗିତା

ଭବାନୀପାଟଣା,୨୭।୮(ସ୍ୱ.ପ୍ର.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ହେଉଛି। ଏହି କ୍ରମରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ସାଲୁଟ ତିରଙ୍ଗା ରାଷ୍ଟ୍ରବାଦୀ ସଂଗଠନ ତରଫରୁ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଚିତ୍ରକଳାର ବିଷୟବସ୍ତୁ ଥିଲା ଭାରତୀୟ ଜାତୀୟ ପତାକା। ଏଥିରେ ବିଭିନ୍ନ ସ୍କୁଲରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସାଲୁଟ ତିରଙ୍ଗା ସଂଗଠନର ରାଜ୍ୟ ସଭାପତି ଶିବରାମ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଚିତ୍ରକଳାର ମୁଖ୍ୟ ବିଚାରକ ରୂପେ ମୁକୁନ୍ଦ ରେଡ୍ଡୀ ଯୋଗ ଦେଇଥିଲେ। ଶିଶୁ ଚିତ୍ରକଳା ପ୍ରତିଯୋଗିତାରେ ଜୁନିୟର ବିଭାଗରେ ସତ୍ୟସାଇ ବିଦ୍ୟାମନ୍ଦିର ସ୍କୁଲର ରବି ଶଙ୍କର ପଣ୍ଡା ପ୍ରଥମ, ବିମଳା କନଭେଣ୍ଟ ସ୍କୁଲର ତଂନଭି ସେଠ ଦ୍ୱିତୀୟ ଓ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ମୁକେଶ କୁମାର ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ବିଭାଗରେ ଚୁମକି ହରିଜନ ପ୍ରଥମ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପିଣ୍ଟୁ ନାଏକ ଦ୍ୱିତୀୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଞ୍ଚଳ ପଣ୍ଡା ଓ ଅଭିଶାରାଣୀ ବାଗ, ସତ୍ୟସାଇ ବିଦ୍ୟାମନ୍ଦିର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କଳାହାଣ୍ଡି ଡ଼ାକ ବିଭାଗ ଅଧୀକ୍ଷକ ସଞ୍ଜୟ ବିଶ୍ୱାଳ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା, ଶିକ୍ଷାବିତ୍ ପ୍ରଦୀପ କୁମାର ସାହୁ, ରବି କାନୁନଗୋ, ସାମାଜିକ କର୍ମୀ ମନୋଜ ଅଗ୍ରୱାଲ, ଶିକ୍ଷାବିତ୍ ବ୍ରହ୍ମାନନ୍ଦ ସମାଲ, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନରେନ୍ଦ୍ର ସୁନାନୀ, ଘନଶ୍ୟାମ ପ୍ରଧାନ, ବୃଷଭ ଦାସ, ଜଗମୋହନ ମାଝୀ, ପିଙ୍କି ସାଗର,ସୁଶାନ୍ତ ନାଏକ, ଚନ୍ଦ୍ରପ୍ରଭା ମିଶ୍ର, ବୈଶାଖୀ ନାଏକ, ବିଷ୍ଣୁ ଚରଣ ସ୍ୱାଇଁ ସହଯୋଗ କରିଥିଲେ।

# ଫସଲ ଅବଶେଷକୁ ଗୋଖାଦ୍ୟଭାବେ ବ୍ୟବହାର ତାଲିମ

ଖପ୍ରାଖୋଲ, ୨୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ପରିସରର କୃଷିଜାତ ଫସଲର ଅବଶେଷ ପୃଷ୍ଟିସାର ଗୋଖାଦ୍ୟ ପ୍ରସ୍ତୁତ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସୁଜିତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ତାଲିମଦାତାଭାବେଜେ.ଏଫବିଓ ସୁଜିତ କୁମାର ବାରିକ ଯୋଗଦେଇ ଫସଲର ଅବଶେଷକୁ କିଭଳି ପୁଷ୍ଟିକର ଗୋ ଖାଦ୍ୟ କରାଯାଇ ପାରିବ ତାର ସଂରକ୍ଷଣ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାଣୀ ସମ୍ପଦ ବିଭାଗର ସତ୍ୟାନନ୍ଦ ଭୋଇ, ସମରେଶ ଭୋଇ ଓ ୱାଇସିଡିଏର ଫକୀର ସାହୁ, ସଦାନନ୍ଦ ବାଗ, ବାସନ୍ତୀ ମୁଣ୍ଡା, ଭୋଜରାଜ ବରିହା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମିଲେଟ ମିଶନର ୨୦ଜଣ ମହିଳା ମାଣ୍ଡିଆ ଚାଷୀଙ୍କୁ ତାଲିମ ଦେଇ ଗୋ ଖାଦ୍ୟ ପୃଷ୍ଟି ସାର ପ୍ରସ୍ତୁତ ସାମଗ୍ରୀ ୟୁରିଆ, ଲୁଣ, ଗୁଡ଼, ମକା ଗୁଣ୍ଡ କୀଟ ପ୍ରଦାନ କରାଯାଇଥିଲା।


## ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
## DIRECTORATE OF FISHERIES, ODISHA, CUTTACK

Ph.: 0671-2414061, Fax: 0671-2410521
E-mail Id: director.odifish@gmail.com
Notification No. 12647/CES-1-APPT (TECH) - 02-22 / Dated: 27.08.2022

**Cancellation of Counselling on 29th August 2022 for JFTA and JE**

It is for information of all selected 67 candidates for appointment to the Post of Junior Fisheries Technical Assistant (JFTA) and 03 candidates of Junior Engineer (Civil), who were requested to appear for the Certificate/ Document verification and counselling scheduled on 29.08.2022 **is hereby cancelled due to unavoidable circumstances.**
**The new date will be intimated soon.**
**Certificate verification and counselling scheduled on 29th August 2022 for JFTA and JE is cancelled.**

**Sd./- Director of Fisheries**

## PANCHAYAT SAMITI OFFICE, KOIRA
DISTRICT- SUNDARGARH (ODISHA)
**TENDER CALL NOTICE NO. 2604/DATE 26.08.2022**

1. Name of the work : Civil construction works as mentioned in website.
2. Nos. of works: 11 (Eleven) only.
3. Bid value: Rs.19.77 lakh to Rs.44.11 lakh.
4. Period of completion: 03 calendar months to 06 calendar months.
5. Period of availability tender paper: Office of the Block Development Officer, Koira from Dt.29.08.2022 to Dt.12.09.2022 only on working days from 11.00 A.M. to 04.30 P.M.
6. Last date and time of the receipt of tender paper: 13.09.2022 upto 04.00 P.M. through Registered Post / Speed Post / Directly put to tender box at the Panchayat Samiti Office, Koira.
7. Date & time of opening of tender: On 14.09.2022 at 11.00 A.M. at Panchayat Samiti Office, Koira.
8. The undersigned reserves the right either to reject any all tenders or cancel the entire process without assigning the reason thereof.
9. Name & address of the officers inviting tender: Block Development Officer, Koira.

Further details can be seen in the website www.sundergarh.nic.in

**Sd./- Block Development Officer, Koira**

## Government of Odisha
## Higher Education Department
### Revised Timeline for e-Admission into U.G. courses in Higher Education Institutions for the Academic Year 2022-23

No. N-36:- Revised Timeline for e-Admission in all (+3) Degree HEIs including Self Financing (Degree) HEIs/ Sanskrit (Shastri) of the State under Student Academic Management System (SAMS) is given below. In the process, the applicants have to fill up the Common Application Form (CAF) for admission. Any changes in the timelines will be published in the newspapers as well as in the website www.samsodisha.gov.in.

| Sl# | Items | Timeline |
|---|---|---|
| 1) | Availability of the Online Common Application Form (CAF) in the website www.samsodisha.gov.in | 11th-Aug-2022 **(11.00 AM)** |
| 2) | Last date of applying online CAF through www.samsodisha.gov.in | 1st-Sept-2022 **(11.45 PM)** |
| 3) | Publication of **First Selection Merit List** | 7th-Sept-2022 **(02.00 PM)** |
| 4) | Admission and online data updation of admitted students in **First Selection (Data updation shall continue upto 07.00 PM on 11th-Sept-2022)** | 7th-Sept-2022 **(02.00 PM onwards)** to 11th-Sept-2022 **(upto 05.00 PM) (Including Sunday)** |
| 5) | Filling up of **Slide-Up Option Form** online by admitted students | 7th-Sept-2022 **(02.00 PM onwards)** to 11th-Sept-2022 **(11.45 PM)** |
| 6) | Publication of **Second Selection Merit List** | 16th-Sept-2022 **(02.00 PM)** |
| 7) | Admission and online data updation of admitted students in **Second Selection (Data updation shall continue upto 07.00 PM on 19th-Sept-2022).** | 16th-Sept-2022 **(02.00 PM onwards)** to 19th-Sept-2022 **(upto 05.00 PM) (Including Sunday)** |
| 8) | Publication of vacant seats in SAMS website and e-space of Higher Education Institutions | 20th-Sept-2022 **(02.00 PM)** |
| 9) | Availability for filling of **CAF (SPOT)** in the existing Applicant's login (bearing Barcode No.22D..........) with new choices (Maximum 5 choices with respect to HEIs/Subjects) ***(NOTE: Applicants, who have registered and submitted their CAF during 1st Phase admission process i.e. in between 11-Aug-2022 to 1-Sept-2022, are only eligible to apply)*** | 21st-Sept-2022 **(11.00 AM)** to 23rd-Sept-2022 **(11.45 PM)** |
| 10) | Publication of **SPOT Selection Merit List** | 28th-Sept-2022 **(02.00 PM)** |
| 11) | Availability of Intimation Letter in Applicant's login (SPOT Admission) | 28th-Sept-2022 **(02.00 PM onwards)** to 1st-Oct-2022 **(02.00 PM)** |
| 12) | Document Verification & Admission of the selected Applicants (SPOT Admission) | 28th-Sept-2022 **(02.00 PM onwards)** to 1st-Oct-2022 **(05.00 PM)** |
| 13) | Final Admission data updation in the e-space of respective HEIs (SPOT Admission) | 1st-Oct-2022 **(07.00 PM)** |
| 14) | Collection of Admission Fees at the respective HEIs **(After completion of all phases of e-Admission Process for the Session 2022-23)** | Dates will be notified by the Higher Education Department Later. |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

OIPR-11001/11/0021/2223 Sd./- Additional Secretary to Govt.

## ପୂର୍ବ ତଟ ରେଳପଥ
### ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ୍ (STBA) ନିଯୁକ୍ତି ନିମନ୍ତେ ଅଧିସୂଚନା

ସଂ. C/SBP/STBA/NSG-6 Catg/Stn/22, ତା.24.08.2022ରିଖ

03 (ତିନି) ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ନିମ୍ନଲିଖିତ 15 ଗୋଟି NSG-6 ବର୍ଗର ଷ୍ଟେସନଗୁଡ଼ିକ ଠାରେ କମିଶନ ଭିତ୍ତିରେ କମ୍ପୁଟରୀକୃତ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ମାଧ୍ୟମରେ ଅଣସଂରକ୍ଷିତ ଟିକଟ ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA)ଙ୍କ ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ପ୍ରଦତ୍ତ ଫର୍ମାଟରେ **ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳ** ନିକଟକୁ ଆବେଦନ କରିପାରିବେ ।

ଅଣ-ଉପନଗରୀୟ ଗ୍ରେଡ୍-6 ଷ୍ଟେସନ (NSG-6) : (1) ଡୁଙ୍ଗୁରିପାଲି (DJX), (2) ସିକିର୍ (SFK), (3) ଦହିଖାଲୁ (DKLU), (4) ଭୀମଖୋଜ (BMKJ), (5) ଅରଣ୍ଡ (ARN), (6) ବେଲସୋଣ୍ଡା (BLSN), (7) ଆରଙ୍ଗ ମହାନଦୀ (ANMD), (8) ବୃନ୍ଦାମାଲ (BXQ), (9) ଲପଙ୍ଗା (LPG), (10) ଶାସନ (SSN), (11) ବିଛୁପାଲୀ (BHPI), (12) ହାତୀବାରି (HATB), (13) ଚରମାଳ (CHAR), (14) ସରଗିପାଲି (SRGP) ଏବଂ (15) ହଣ୍ଡପା (HNPA) ।

ପ୍ରଦାନଯୋଗ୍ୟ କମିଶନ : ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିବା ତଥା ସର୍ବନିମ୍ନ କମିଶନ (4% କମିଶନ ସ୍ଲାବ୍) ଦାବି କରୁଥିବା ଆବେଦନକାରୀ(ମାନେ)ଙ୍କୁ STBA ରୂପେ ମନୋନୀତ କରାଯିବ । ପ୍ରଦାନଯୋଗ୍ୟ କମିଶନ ନିମ୍ନ ପ୍ରକାର ଅଟେ : ସ୍ଲାବ୍-1 : 1-20,000 : 25% (ସର୍ବନିମ୍ନ ଟ.2,500/-), ସ୍ଲାବ୍-2 : 20,001-1,00,000 : 15%, ସ୍ଲାବ୍-3 : 1,00,001 ଏବଂ ତଦୂର୍ଦ୍ଧ୍ୱ : 4% କିମ୍ବା ସୂଚିତ ଦର, ଯେଉଁଟା କମ୍ ହେବ ।

ଦରଖାସ୍ତ ପୂରଣ ନିମନ୍ତେ ଫର୍ମାଟ ଏବଂ ବିସ୍ତୃତ ବିବରଣୀ ପୂର୍ବ ତଟ ରେଳପଥ ୱେବ୍‌ସାଇଟ୍ ଅର୍ଥାତ୍ **www.eastcoastrail.indianrailways.gov.in—>tender** ରୁ ତା.22.09.2022ରିଖ 1800 ଘଟିକା ପର୍ଯ୍ୟନ୍ତ ପ୍ରାପ୍ତ କରାଯାଇ ପାରିବ କିମ୍ବା ତା.22.09.2022ରିଖ 1000 ଘଟିକା ଠାରୁ 1800 ଘଟିକା ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟ ଦିବସରେ **ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ** କାର୍ଯ୍ୟାଳୟରୁ ମିଳିପାରିବ ।

ଠିକଣା : ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ପୂର୍ବ ତଟ ରେଳପଥ, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁର ମଣ୍ଡଳ, ପୋଷ୍ଟ-ମୋଦିପଡ଼ା, ଜିଲ୍ଲା-ସମ୍ବଲପୁର, ପିନ୍-768002(ଓଡ଼ିଶା) ।

ବାକ୍ସରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଦାଖଲ କରାଯିବାର ଅନ୍ତିମ ତାରିଖ ହେଉଛି ତା.23.09.2022ରିଖ 1100 ଘଟିକା ପର୍ଯ୍ୟନ୍ତ ଅଟେ ।

ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡ଼ିକୁ କୌଣସି ପରିସ୍ଥିତିରେ ବିଚାରକୁ ନିଆଯିବ ନାହିଁ ଏବଂ ଏ ସମ୍ପର୍କରେ କୌଣସି ପତ୍ରାଚାର ମଧ୍ୟ କରାଯିବ ନାହିଁ ।

PR-432/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର

## OFFICE OF THE MUNICIPALITY, KENDRAPARA

No. 4706 Date: 26.08.2022

### 1st Corrigendum Notice

In pursuance to Tender Call Notice No. 4440 dated 17.08.2022, following changes have been done while other terms and conditions remain same.

1. Date and time of closing have been extended from 5 P.M. Dt.29.08.2022 to 5 P.M. Dt.08.09.2022 of Tender Call Notice No. 4440 dated 17.08.2022 and date of opening of bid documents has been rescheduled from 11.00 A.M. on Dt.30.08.2022 to 11 A.M. on Dt.09.09.2022.

**Sd./- Executive Officer**
**Kendrapara Municipality**

## OFFICE OF THE EXECUTIVE ENGINEER, RWS&S DIVISION, BALASORE

Tel.: 06782-262249, Fax: 262931, email: eerwss_bls@nic.in, eerwssbls@gmail.com
**NATIONAL COMPETITIVE BIDDING THROUGH e-Tendering**
**Identification No. 22/2022-23 Dt.25.08.2022**

No.O-891:- The Executive Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent grade / class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

| | | | |
|---|---|---|---|
| 1 | Nos. of work | : | 02 Nos. RPWS Schemes in Balasore district |
| 2 | Estimated cost | : | Rs.43.23 lakhs & Rs.163.58 lakhs |
| 3 | Period of completion | : | 330 days |
| 4 | Availability of bid document in portal | : | Dt.02.09.2022 at 16.00 hours to 16.09.2022 upto 17.00 hours through online |
| 5 | Seeking of clarification | : | Dt.05.09.2022 at 11.00 hours to Dt.12.09.2022 upto 15.00 hours |
| 6 | Date of opening of bid | : | Dt.17.09.2022 at 11.00 hours in the O/o EE, RWSS Division, Balasore |
| 7 | Name and address of the officer inviting tender | : | Executive Engineer, RWS&S Division, Balasore |

Bid cost will be receipt through electronic payment by NEFT / RTGS.
Further details can be seen from the e-Procurement portal: http://tendersodisha.gov.in

**EXECUTIVE ENGINEER, RWS&S DIVISION, BALASORE**
OIPR-25013/11/0015/2223

## ସିକୁଆଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଣି ପଞ୍ଚାୟତ ଗଠନ

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ଗୌରୀ ଶଙ୍କର ଯୁବକ ସଂଘଠାରେ ସିକୁଆଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବୁଢାରଜା ପାଣି ପଞ୍ଚାୟତ ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତିଭାବେ ମୋହନ ସାହୁ, ସମ୍ପାଦକ ସୁନିଲ କୁମାର ସାମଲ, କୋଷାଧ୍ୟକ୍ଷ ଟଙ୍କଧର ପଧାନ ମନୋନୀତ ହୋଇଛନ୍ତି। ଦୁଃଖୁ ପଧାନ, ଭକ୍ତ ପଧାନ, ଜୟ ଗୋପାଳ ପଧାନ, ରାତ୍ରୁ ବୁଢ଼ିଆ, ପ୍ରିୟବତୀ ପଧାନ ଓ ସାମା ପଧାନ ସଦସ୍ୟାସଦସ୍ୟ ରହିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡି ବାପ, ପୁଅ ମୃତ

ଭବାନୀପାଟଣା/ନର୍ଲା,୨୭।୮ (ସ୍ୱ.ପ୍ର/ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡ ପଞ୍ଚାୟତରେ ଶନିବାର ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ଏହି ପଞ୍ଚାୟତର ବରଗା ନିକଟରେ ଥିବା ଏକ ପୋଖରୀରେ ଗାଧୋଉଥିବା ସମୟରେ ବୁଡି ଯାଇ ବାପ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗାର ଚକ୍ର ମାଝି ଓ ତାଙ୍କ ୫ ବର୍ଷର ପାଳିତ ପୁଅ କ୍ରିଷ୍ଣା । ଉଭୟେ ସାଙ୍ଗରେ ଗାଧୋଉ ଥିବା ସମୟରେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବା ବେଳକୁ ଚକ୍ରଙ୍କର ମୃତ୍ୟୁ ହୋଇ ସାରିଥିବା ବେଳେ ଗୁରୁତର ଅବସ୍ଥାରେ କ୍ରିଷ୍ଣାଙ୍କୁ ନର୍ଲା ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ନର୍ଲା ପୋଲିସ ତଦନ୍ତ ଆରମ୍ଭ କରିଛି।

### ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିଲେ ଚାଷୀ

କର୍ଲାମୁଣ୍ଡା,୨୭।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା, ଗଜବାହଲ, ରିଷିଡା ପଞ୍ଚାୟତର ସରପଞ୍ଚ ଓ ଚାଷୀ ପ୍ରତିନିଧିମାନେ ଶନିବାର ବଲାଙ୍ଗୀର ଜିଲା ତୁଷରା ଏନଏସି ବଙ୍ଗୋମୁଣ୍ଡା ଉଚ୍ଚ ବିଦ୍ୟାପୀଠଠାରେ ଜଳସମ୍ପଦ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରତିନିଧିମାନେ ତିନି ପଞ୍ଚାୟତକୁ ଜଳସେଚନ ବ୍ୟବସ୍ଥା ନିମନ୍ତେ ତେଲ ନଦୀ ଠାରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରିବାକୁ ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଏଥିରେ ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ରିଷିଡାର ସେବତୀ ରଣା, ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର ,ପୌରକେଲା ସମିତି ସଭ୍ୟ ସୁଧୀର ଭୋଇ,ବରୁଣ ଭୋଇ, ଏସ. ଭୋଇ, ବବୃବାହାନ ଭୋଇ ,ଟିକେମନ ଭୋଇ, ଲକ୍ଷପତି ରଣା, ବୈବସୁତ ସୁନା, ବରୁଣ ସୁନା, ଭୂବନ ଧରୁଆ, ଲୁଚନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ୨୫ବର୍ଷ ପୂର୍ତ୍ତିରେ ଚାରା ରୋପଣ

ଗୁଡ଼ଭେଲା, ୨୭।୮(ଡି.ଏନ.ଏ.): ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ବଡଙ୍ଗୋମୁଣ୍ଡା ପଞ୍ଚାୟତରେ ଚାରା ରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଯୋଗ ଦେଇ ଚାରା ରୋପଣ କରିଥିଲେ। ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟସ୍ୱାଲ, ଉପାଧ୍ୟକ୍ଷ ମାମୀ ଦାସ, ଜିଲା ପରିଷଦ ସଭ୍ୟ ରାମନିବାଶ ଅଗ୍ରୱାଲ, କମଳ କିଶୋର ଜୈନ, ରାଜା ବଗର୍ତ୍ତୀ, ବିନୋଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଉପରବାହାଲ ଶିଶୁ ମନ୍ଦିରରୁ ଚୋରି

ଲୋଇସିଂହା,୨୭।୮ (ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ଶିଶୁ ମନ୍ଦିରରୁ ଚୋରି ହୋଇଛି। ପରିଚାଳନା କମିଟି ସଭାପତି ରଘୁନାଥ ସାହୁ ଏ ନେଇ ବଲାଙ୍ଗୀର ସଦର ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ସଭାପତି ସାହୁଙ୍କ ଅଭିଯୋଗ ଅନୁସାରେ ସକାଳେ ସେ ସ୍କୁଲ ପରିସରରେ ଲଗାଯାଇଥିବା ଗଛରେ ପାଣି ଦେବା ପାଇଁ ଯାଇଥିବାବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ସ୍କୁଲର ବଡ ଏବଂ ଛୋଟ ଲଉହା ଗେଟ, ଉପରମହଲା ନିର୍ମାଣ ପାଇଁ ରଖା ଯାଇଥିବା ଗୋଟିଏ ଲୁହା କବାଟ, ୫ଟଇ ଲୁହା ଝରକା, ୮ଟି ୨୫ ଫୁଟ ଲମ୍ବର ଲୁହା ପାଇପ, ୧୨ ଫୁଟ ଲମ୍ବର ୧୦ ଖଣ୍ଡ ଟିଣ ଚଦର ଏବଂ ସ୍କୁଲ କୋଠରି ତାଲା ଭାଙ୍ଗି ସ୍କୁଲର ରୋଷେଇ ବାସନକୁଷନ କୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି । ପୋଲିସ ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଛି ।

# ସ୍ୱାଧୀନତା ଉଚ୍ଛ୍ୱାସ ପାଳନ: ଶହୀଦ ପରିବାର ସମ୍ବର୍ଦ୍ଧିତ

ଅମରପାଲି,୨୭।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ଶନିବାର ସ୍ୱାଧୀନତା ଉଚ୍ଛ୍ୱାସ ପାଳନ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଅହିଂସା ରଥକୁମଧ ସ୍ୱାଗତ କରାଯାଇଥିଲା । ଦେଶ ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ସଭା ଶୋଭାଯାତ୍ରା ଓ ନୃତ୍ୟ ପରିବେଷଣ କରାଯାଇଥିଲା । ମାଓବାଦୀଙ୍କ ଗୁଳିରେ ସହିଦ ନରସିଂହ ମହାକୁରଙ୍କୁ ତାଙ୍କ ଗ୍ରାମ ପଣ୍ଡିଆପାଲିରେ ଓ ସହିଦ ବିଭୀଷଣ ସାହୁଙ୍କୁ ତାଙ୍କ ଗ୍ରାମ ଚମ୍ପାମାଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସୁବର୍ଣ୍ଣପୁରରୁ ବାହାରି ଥିବା ଅହିଂସା ରଥ ଉଫୁଲା ପଞ୍ଚାୟତର ଶହିଦ ଗ୍ରାମ ପଣ୍ଡିଆପାଲିରେ ପହଞ୍ଚିବା ପରେ



ପଣ୍ଡିଆପାଲିରେ ସ୍ୱାଧୀନତର ଉଚ୍ଛ୍ୱାସ ପାଳନ ଅବସରରେ ଅତିଥିମାନେ।

ଭବ୍ୟ ସ୍ୱାଗତ କରାଯାଇଥିଲା। ସରପଞ୍ଚ ଶ୍ରୀୟା କର୍ମୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ବିଡିଓ ମୋତିଲାଲ ସୁଲିଆ, ସ୍ୱେଚ୍ଛାସେବୀ ମିନକେତନ ମହାକୁର, ସ୍ୱୟଂ ସହାୟୀକା ଗୋଷ୍ଠୀର ମହିଳା,ଛାତ୍ରୀଛାତ୍ର ଓ ଗ୍ରାମବାସୀ ରଥକୁ ସ୍ୱାଗତ କରିଥିଲେ। ବିଦ୍ୟାପତି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶହୀଦ ବିଭୀଷଣ ସାହୁଙ୍କ ମାତା ଫଗନି ସାହୁ ଓ ପିତା ବୈକୁଣ୍ଠ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏବିଡିଓ ପୁରୁଷୋତ୍ତମ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

ଅହିଂସା ରଥ ଚମ୍ପାମାଳରେ ପହଞ୍ଚିବା ପରେ ସେଠାରେ ମଧ ରଥକୁ ସ୍ୱାଗତ କରି ଏକ ସଭା ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ଲୁହା, ବିଡିଓ ସୁଲିଆ, ସରପଞ୍ଚ ମହେନ୍ଦ୍ର ମହାନନ୍ଦ, ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ସହିଦଙ୍କ ଧର୍ମପତ୍ନୀ ସୁଭାଷିନୀ ମହାକୁର, ଭାଇ ଶେଷଦେବ ମହାକୁର, ପୁଅ ବୀରେନ୍ଦ୍ର ମହାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷାବିତ୍ ରାମକୃଷ୍ଣ ହୋତା ଏବଂ ସମାଜସେବୀ କିଶୋର ହୋତା ସହିଦଙ୍କ ସ୍ମୃତି ଚାରଣ କରିଥିଲେ। ସଭାକୁ ସୂଚନା ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିଲେ। ବ୍ଲକ ନିର୍ବାହୀ ଯନ୍ତ୍ରୀ ବିନିତ ଲାକ୍ରା, ଏବିଡିଓ ପୁରୁଷୋତ୍ତମ ଧରୁଆ, ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରାଙ୍ଗ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡ଼ା ଦିବସରେ ହେବ ଦୌଡ଼କୁଦ ପ୍ରତିଯୋଗିତା


ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡା ସଂଘର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ସୋନପୁର,୨୭।୮(ନି.ପ୍ର.)

ଆସନ୍ତା ୨୯ ତାରିଖ ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ପକ୍ଷରୁ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରାୟ ୨୦୦ମହିଳା ଓ ପୁରୁଷ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପୁରୁଷ ବର୍ଗରେ ୬ କିଲୋମିଟର ଓ ମହିଳା ବର୍ଗରେ ୪ କିଲୋମିଟର ଦୌଡକୁଦ ପାଇଁ ସ୍ଥିର ହୋଇଛି। ଜିଲା କ୍ରୀଡା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସମ୍ପାଦକ ପିୟୁଷ କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ଏହି ଦୌଡକୁଦ ସୋନପୁର ସହର ଉପକଣ୍ଠ ଝିଙ୍କି ଛକଠାରୁ ଆରମ୍ଭ ହୋଇ ବ୍ଲକ ଛକ, ଆମ୍ବେଡକର ଛକ, କଚେରୀ ଛକ, କସ୍ତୁରୀ ଛକ ଦେଇ ଗାନ୍ଧୀ ଷ୍ଟାଡିୟମରେ ସରିବ। ଏହି ପ୍ରତିଯୋଗିତାରେ ମହିଳା ଓ ପୁରୁଷ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ଯଥାକ୍ରମେ ୪ ହଜାର, ୩ ହଜାର ଓ ୨ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ। ଏହି ସମ୍ମିଳନୀରେ ଚିତ୍ତରଞ୍ଜନ ତରାସିଆ, ଗୌରିଶ୍ୟାମ ପଣ୍ଡା, ଦିଲ୍ଲିପ କୁମାର ଗୁରୁ, ସତ୍ୟନାରାୟଣ ରାଓ, ରାଜୀବ ସାହୁ, ବିକାଶ ପଣ୍ଡା, ଭକ୍ତିରଞ୍ଜନ ଦଳେଇ, ହୃଷିକେଶ ପଣ୍ଡା ଓ କଲିମ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁରରେ ଅହିଂସା ରଥକୁ ସ୍ୱାଗତ

ସୋନପୁର,୨୭।୮(ନି.ପ୍ର.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ପୁରୀରୁ ବାହାରିଥିବା ଅହିଂସା ରଥ ଶନିବାର ସୁବର୍ଣ୍ଣପୁର ଜିଲାରେ ପହଞ୍ଚିଛି। ସୋନପୁର ନୂତନ ଟାଉଲଠାରେ ପହଞ୍ଚିବା ପରେ ରଥକୁ ଲୋକ ପ୍ରତିନିଧି, ଜିଲା ପ୍ରଶାସନ, ସଚେତନ ନାଗରିକ, ସ୍ୱେଚ୍ଛାସେବୀ ସଂଗଠନ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ଜିଲା ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ମିଶ୍ର, ମ୍ୟୁନିସିପାଲିଟି ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ତହସିଲଦାର ନବୀନ ପାଢୀ, ବିଡିଓ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଓ ମ୍ୟୁନିସିପାଲିଟିର କାଉନସିଲର ରଥକୁ



ସୋନପୁରରେ ରଥକୁ ସ୍ୱାଗତ କରାଯାଉଛି।

ସ୍ୱାଗତ କରିଥିଲେ। ଟାଉନ ହଲରେ ଏକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସହରର ଝୁପୁଡିପଡା ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋନପୁରୁ ରଥ ଶୋଭାଯାତ୍ରାରେ ବୀରମହାରାଜପୁରର ଶହୀଦ ଗାଁ ପଣ୍ଡାପାଲି, ବୁଣାକାରଙ୍କ ଗାଁ କେନ୍ଦୁପାଲି, ଶହୀଦଙ୍କ ଗାଁ ଚମ୍ପାମାଳ, ସୁବଳୟା, ଉଲୁଣ୍ଡା ବ୍ଲକର ଶହୀଦ ଗାଁ କଳାପଥର, ବାଗଚେରା ଓ ଉଲୁଣ୍ଡା ଗସ୍ତ କରିଥିଲା । ଦ୍ୱିତୀୟ ରଥ ସାଗରପାଲି, ଖମ୍ବେଶ୍ୱରୀପାଲି, ଖଲିଆପାଲି, ସିଆଲି, ରାମପୁର, ଅଇଁଲାମୁଣ୍ଡା, ବଲେନପାଲି, ସାଲେପାଲି, ଶୁଖା ଓ ଡୁଙ୍ଗୁରିପାଲି ପରିକ୍ରମା କରିଛି । ରାସ୍ତାର ବିଭିନ୍ନ ସ୍ଥାନରେ ରଥକୁ ଲୋକେ ସମ୍ବର୍ଦ୍ଧନା ଦେଇଥିଲେ। ରବିବାର ରଥ ଜିଲାର ଅନ୍ୟ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

# ବକ୍ତୃତାରେ ଗୀତାଞ୍ଜଳି, କୁଇଜରେ ପ୍ରତ୍ୟାଶା ପ୍ରଥମ

**ଅମରପାଲି ହାଇସ୍କୁଲରେ ବକ୍ତୃତା, କୁଇଜ୍ ପ୍ରତିଯୋଗିତା**

ଅମରପାଲି,୨୭।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ଶନିବାର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପଦ୍ମନାଭ ପ୍ରଧନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗୀତାରେ ସ୍କୁଲର ନବମ ଓ ଦଶମ ଶ୍ରେଣୀର ପ୍ରାୟ ୧୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ ଲରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ କ୍ରୀଡା ଶୀର୍ଷକ ବକ୍ତୃତା ପ୍ରତିଯୋଗୀତା ହୋଇଥିଲା। ସମ୍ମିତ ପଧାନ, ପଦ୍ମନାଭ ପଧାନ, ବ୍ରହ୍ମାନନ୍ଦ ପ୍ରଧାନ ଓ ପୀତାମ୍ବର ସାହୁ ବିଚାରକଭାବେ ମୂଲ୍ୟଙ୍କନ ଲରିଥିଲେ। ପ୍ରତିଯୋଗିତାରେ ଗୀତାଞ୍ଜଳି ବିଶ୍ୱାଳ ପ୍ରଥମ, ପ୍ରତ୍ୟାଷା ସାହୁ ଦ୍ୱିତୀୟ ଓ ନିବେଦିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ସହିତ ସ୍କୁଲରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷକ କହ୍ନେଇ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରତ୍ୟାଷା ସାହୁ ପ୍ରଥମ, କୁନ୍ତି ସାହୁ ଦ୍ୱିତୀୟ ଓ ଅମରେଶ ମହାକୁର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ଶିକ୍ଷକ ସମ୍ମିତ ପ୍ରଧାନ, ଶ୍ୟାମ ସୁନ୍ଦର ସେଠୀ ଅତିଥିଭାବେ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷକ ପଣ୍ଡା, ପଦ୍ମନାଭ ପ୍ରଧାନ ଓ ପୀତାମ୍ବର ସାହୁ ସାମ୍ପ୍ରତିକ ପରିସ୍ଥିତିରେ କ୍ରୀଡାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସମ୍ମିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ



କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ଅତିଥି, କଲେଜ ଅଧକ୍ଷ ଓ ଅଧାପିକା।

ସୋନପୁର, ୨୭।୮(ନି.ପ୍ର)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଶନିବାର କ୍ୟାରିୟର କାଉନସିଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ.ଧୀରେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସିଦ୍ଧାର୍ଥ ଜୁନିଅର କଲେଜ ଅଧ୍ୟକ୍ଷା ରେଖା ପ୍ରଧାନ, ମୁଖ୍ୟବକ୍ତା ସମ୍ବଲପୁର ସିଟିଓ ତଥା ଜିଏସଟି ଅଫିସର ମନିଷା ଅଗ୍ରୱାଲ ଯୋଗଦେଇଥିଲେ। ପ୍ରଶାସନିକ ସେବା ଏକ ବୃତ୍ତି ଶୀର୍ଷକ ଉପରେ ଆଲୋକପାତ କରି ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟ ହାସଲ ପାଇଁ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଅଧାପକ ଗୋପାଳକୃଷ୍ଣ ଦାଶ ସଭାର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ।

# ସୁଧୁରୁନି ଗ୍ରାମ୍ୟ ରାସ୍ତା ଅବସ୍ଥା

ସୋନପୁର,୨୭।୮(ନି.ପ୍ର)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତ ଫୁଲମୁଠି ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ୨୦୦୨ ମସିହାରେ ଏହି ରାସ୍ତାଟି କଂକ୍ରିଟ ହୋଇଥିଲା। ସେହିଦିନଠାରୁ ମରାମତି ହେଉ ନ ଥିବାରୁ କଂକ୍ରିଟ ଫାଟି ଯିବା ସହ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ହେଲେ ଯାତାୟାତ



ପାଇଁ ଅସୁବିଧା ହେଉଛି। ରାସ୍ତା ଉପରେ ୨ରୁ ୩ ଫୁଟ ପାଣି ପ୍ରବାହିତ ହେଉଛି। ଗତ ପଞ୍ଚାୟତ ନିର୍ବାଚନ ବେଳେ ପ୍ରାର୍ଥୀନୀ ପ୍ରାର୍ଥୀମାନେ ଗ୍ରାମବାସୀଙ୍କୁ ରାସ୍ତା କଂକ୍ରିଟ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ପରେ ନିର୍ବାଚିତ ପ୍ରତିନିଧି ମାନେ ଗତ ଏପ୍ରିଲ ମାସରେ କଂକ୍ରିଟ ଉପରେ ଜମି ରହିଥିବା ମାଟିକୁ ଜେସିବିରେ ସମତୁଲ କରିବା ପରେ ଲୋକେ ବେଶ କିଛିଦିନ ଭଲରେ ଯାତାୟାତ କଲେ। ହେଲେ ବର୍ଷା ପରେ ରାସ୍ତାର ଶୋଚନୀୟ ହୋଇପଡ଼ିଛି। ତୁରନ୍ତ ରାସ୍ତା ନବୀକରଣ କାର୍ଯ୍ୟ କରିବାକୁ ଦାବି ହେଉଛି।


**ପୂର୍ବ ତଟ ରେଳପଥ**

**ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ୍ (STBA) ନିଯୁକ୍ତି ନିମନ୍ତେ ଅଧିସୂଚନା**

ସଂ. C/SBP/STBA/NSG-6 Catg/Stn/22, ତା.24.08.2022ରିଖ

03 (ତିନି) ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ନିମ୍ନଲିଖିତ 15 ଗୋଟି NSG-6 ବର୍ଗର ଷ୍ଟେସନଗୁଡ଼ିକ ଠାରେ କମିଶନ ଭିତ୍ତିରେ କମ୍ପୁଟରୀକୃତ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ମାଧ୍ୟମରେ ଅଣସଂରକ୍ଷିତ ଟିକଟ ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA)ଙ୍କ ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ପ୍ରଦତ୍ତ ଫର୍ମାଟରେ **ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳ** ନିକଟକୁ ଆବେଦନ କରିପାରିବେ ।

ଅଣ-ଉପନଗରୀୟ ଗ୍ରେଡ୍-6 ଷ୍ଟେସନ (NSG-6) : (1) ଡୁଙ୍ଗୁରିପାଲି (DJX), (2) ସିକିର୍ (SFK), (3) ଦହିଖାଲୁ (DKLU), (4) ଭୀମଖୋଜ (BMKJ), (5) ଅରଣ (ARN), (6) ବେଲସୋଣ୍ଡା (BLSN), (7) ଆରଙ୍ଗ ମହାନଦୀ (ANMD), (8) ବୃନ୍ଦାମଲ (BXQ), (9) ଲପଙ୍ଗା (LPG), (10) ଶାସନ (SSN), (11) ବିଛୁପାଲୀ (BHPI), (12) ହାତୀବାରି (HATB), (13) ଚରମାଳ (CHAR), (14) ସରଗିପାଲି (SRGP) ଏବଂ (15) ହଣ୍ଡପା (HNPA) ।

**ପ୍ରଦାନଯୋଗ୍ୟ କମିଶନ** : ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିବା ତଥା ସର୍ବନିମ୍ନ କମିଶନ (4% କମିଶନ ସ୍ଲାବ) ଦାବି କରୁଥିବା ଆବେଦନକାରୀ(ମାନେ)ଙ୍କୁ STBA ରୂପେ ମନୋନୀତ କରାଯିବ । ପ୍ରଦାନଯୋଗ୍ୟ କମିଶନ ନିମ୍ନ ପ୍ରକାର ଅଟେ : ସ୍ଲାବ୍-1 : 1-20,000 : 25% (ସର୍ବନିମ୍ନ ଟ.2,500/-), ସ୍ଲାବ୍-2 : 20,001-1,00,000 : 15%, ସ୍ଲାବ୍-3 : 1,00,001 ଏବଂ ତଦୁର୍ଦ୍ଧ୍ୱ : 4% କିମ୍ବା ସୂଚିତ ଦର, ଯେଉଁଟା କମ୍ ହେବ ।

ଦରଖାସ୍ତ ପୂରଣ ନିମନ୍ତେ ଫର୍ମାଟ ଏବଂ ବିସ୍ତୃତ ବିବରଣୀ ପୂର୍ବ ତଟ ରେଳପଥ ୱେବ୍‌ସାଇଟ୍ ଅର୍ଥାତ୍ **www.eastcoastrail.indianrailways.gov.in→tender** ରୁ ତା.22.09.2022ରିଖ 1800 ଘଣ୍ଟିକା ପର୍ଯ୍ୟନ୍ତ ପ୍ରାପ୍ତ କରାଯାଇ ପାରିବ କିମ୍ବା ତା.22.09.2022ରିଖ 1000 ଘଣ୍ଟିକା ଠାରୁ 1800 ଘଣ୍ଟିକା ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟ ଦିବସରେ **ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ** କାର୍ଯ୍ୟାଳୟରୁ ମିଳିପାରିବ ।

ଠିକଣା : ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ), ପୂର୍ବ ତଟ ରେଳପଥ, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁର ମଣ୍ଡଳ, ପୋଷ୍ଟ-ମୋଦିପଡ଼ା, ଜିଲ୍ଲା-ସମ୍ବଲପୁର, ପିନ୍-768002(ଓଡ଼ିଶା) ।

ବାକ୍ସରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଦାଖଲ କରାଯିବାର ଅନ୍ତିମ ତାରିଖ ହେଉଛି ତା.23.09.2022ରିଖ 1100 ଘଣ୍ଟିକା ପର୍ଯ୍ୟନ୍ତ ଅଟେ ।

ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡ଼ିକୁ କୌଣସି ପରିସ୍ଥିତିରେ ବିଚାରକୁ ନିଆଯିବ ନାହିଁ ଏବଂ ଏ ସମ୍ପର୍କରେ କୌଣସି ପତ୍ରାଚାର ମଧ୍ୟ କରାଯିବ ନାହିଁ ।

PR-432/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର



**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

**DIRECTORATE OF FISHERIES, ODISHA, CUTTACK**

Ph.: 0671-2414061, Fax: 0671-2410521
E-mail Id: director.odifish@gmail.com
Notification No. 12647/CES-1-APPT (TECH) - 02-22 / Dated: 27.08.2022

**Cancellation of Counselling on 29th August 2022 for JFTA and JE**

It is for information of all selected 67 candidates for appointment to the Post of Junior Fisheries Technical Assistant (JFTA) and 03 candidates of Junior Engineer (Civil), who were requested to appear for the Certificate/ Document verification and counselling scheduled on 29.08.2022 **is hereby cancelled due to unavoidable circumstances.**

**The new date will be intimated soon.**

**Certificate verification and counselling scheduled on 29th August 2022 for JFTA and JE is cancelled.**

**Sd./- Director of Fisheries**



**PANCHAYAT SAMITI OFFICE, KOIRA**

**DISTRICT- SUNDARGARH (ODISHA)**

**TENDER CALL NOTICE NO. 2604/DATE 26.08.2022**

1. Name of the work : Civil construction works as mentioned in website.
2. Nos. of works: 11 (Eleven) only.
3. Bid value: Rs.19.77 lakh to Rs.44.11 lakh.
4. Period of completion: 03 calendar months to 06 calendar months.
5. Period of availability tender paper: Office of the Block Development Officer, Koira from Dt.29.08.2022 to Dt.12.09.2022 only on working days from 11.00 A.M. to 04.30 P.M.
6. Last date and time of the receipt of tender paper: 13.09.2022 upto 04.00 P.M. through Registered Post / Speed Post / Directly put to tender box at the Panchayat Samiti Office, Koira.
7. Date & time of opening of tender: On 14.09.2022 at 11.00 A.M. at Panchayat Samiti Office, Koira.
8. The undersigned reserves the right either to reject any all tenders or cancel the entire process without assigning the reason thereof.
9. Name & address of the officers inviting tender: Block Development Officer, Koira.

Further details can be seen in the website www.sundergarh.nic.in

**Sd./- Block Development Officer, Koira**



**Government of Odisha**

**Higher Education Department**

**Revised Timeline for e-Admission into U.G. courses in Higher Education Institutions for the Academic Year 2022-23**

**No. N-36:-** Revised Timeline for e-Admission in all (+3) Degree HEIs including Self Financing (Degree) HEIs/ Sanskrit (Shastri) of the State under Student Academic Management System (SAMS) is given below. In the process, the applicants have to fill up the Common Application Form (CAF) for admission. Any changes in the timelines will be published in the newspapers as well as in the website www.samsodisha.gov.in.

| Sl# | Items | Timeline |
|---|---|---|
| 1) | Availability of the Online Common Application Form (CAF) in the website www.samsodisha.gov.in | 11th-Aug-2022 **(11.00 AM)** |
| 2) | Last date of applying online CAF through www.samsodisha.gov.in | 1st-Sept-2022 **(11.45 PM)** |
| 3) | Publication of **First Selection Merit List** | 7th-Sept-2022 **(02.00 PM)** |
| 4) | Admission and online data updation of admitted students in **First Selection (Data updation shall continue upto 07.00 PM on 11th-Sept-2022)** | 7th-Sept-2022 **(02.00 PM onwards)** to 11th-Sept-2022 **(upto 05.00 PM) (Including Sunday)** |
| 5) | Filling up of **Slide-Up Option Form** online by admitted students | 7th-Sept-2022 **(02.00 PM onwards)** to 11th-Sept-2022 **(11.45 PM)** |
| 6) | Publication of **Second Selection Merit List** | 16th-Sept-2022 **(02.00 PM)** |
| 7) | Admission and online data updation of admitted students in **Second Selection (Data updation shall continue upto 07.00 PM on 19th-Sept-2022).** | 16th-Sept-2022 **(02.00 PM onwards)** to 19th-Sept-2022 **(upto 05.00 PM) (Including Sunday)** |
| 8) | Publication of vacant seats in SAMS website and e-space of Higher Education Institutions | 20th-Sept-2022 **(02.00 PM)** |
| 9) | Availability for filling of **CAF (SPOT)** in the existing Applicant's login (bearing Barcode No.22D..........) with new choices (Maximum 5 choices with respect to HEIs/Subjects) ***(NOTE: Applicants, who have registered and submitted their CAF during 1st Phase admission process i.e. in between 11-Aug-2022 to 1-Sept-2022, are only eligible to apply)*** | 21st-Sept-2022 **(11.00 AM)** to 23rd-Sept-2022 **(11.45 PM)** |
| 10) | Publication of **SPOT Selection Merit List** | 28th-Sept-2022 **(02.00 PM)** |
| 11) | Availability of Intimation Letter in Applicant's login (SPOT Admission) | 28th-Sept-2022 **(02.00 PM onwards)** to 1st-Oct-2022 **(02.00 PM)** |
| 12) | Document Verification & Admission of the selected Applicants (SPOT Admission) | 28th-Sept-2022 **(02.00 PM onwards)** to 1st-Oct-2022 **(05.00 PM)** |
| 13) | Final Admission data updation in the e-space of respective HEIs (SPOT Admission) | 1st-Oct-2022 **(07.00 PM)** |
| 14) | Collection of Admission Fees at the respective HEIs **(After completion of all phases of e-Admission Process for the Session 2022-23)** | Dates will be notified by the Higher Education Department Later. |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

OIPR-11001/11/0021/2223 **Sd./- Additional Secretary to Govt.**



**OFFICE OF THE MUNICIPALITY, KENDRAPARA**

No. 4706 Date: 26.08.2022

**1st Corrigendum Notice**

In pursuance to Tender Call Notice No. 4440 dated 17.08.2022, following changes have been done while other terms and conditions remain same.

1. Date and time of closing have been extended from 5 P.M. Dt.29.08.2022 to 5 P.M. Dt.08.09.2022 of Tender Call Notice No. 4440 dated 17.08.2022 and date of opening of bid documents has been rescheduled from 11.00 A.M. on Dt.30.08.2022 to 11 A.M. on Dt.09.09.2022.

**Sd./- Executive Officer**
**Kendrapara Municipality**



**OFFICE OF THE EXECUTIVE ENGINEER, RWS&S DIVISION, BALASORE**

Tel.: 06782-262249, Fax: 262931, email: eerwss_bls@nic.in, eerwssbls@gmail.com

**NATIONAL COMPETITIVE BIDDING THROUGH e-Tendering**

**Identification No. 22/2022-23 Dt.25.08.2022**

No.O-891:- The Executive Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent grade / class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

| | | | |
|---|---|---|---|
| 1 | Nos. of work | : | 02 Nos. RPWS Schemes in Balasore district |
| 2 | Estimated cost | : | Rs.43.23 lakhs & Rs.163.58 lakhs |
| 3 | Period of completion | : | 330 days |
| 4 | Availability of bid document in portal | : | Dt.02.09.2022 at 16.00 hours to 16.09.2022 upto 17.00 hours through online |
| 5 | Seeking of clarification | : | Dt.05.09.2022 at 11.00 hours to Dt.12.09.2022 upto 15.00 hours |
| 6 | Date of opening of bid | : | Dt.17.09.2022 at 11.00 hours in the O/o EE, RWSS Division, Balasore |
| 7 | Name and address of the officer inviting tender | : | Executive Engineer, RWS&S Division, Balasore |

Bid cost will be receipt through electronic payment by NEFT / RTGS. Further details can be seen from the e-Procurement portal: http://tendersodisha.gov.in

**EXECUTIVE ENGINEER, RWS&S DIVISION, BALASORE**
OIPR-25013/11/0015/2223

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୮ ଅଗଷ୍ଟ, ୨୦୨୨



**ପୋଷାକ ବିତରଣ ଉତ୍ସବ**

ମ.ରାମପୁର,(ଡ଼ି.ଏନ୍.ଏ.): କଳାହାଣ୍ଡି ଜିଲା ମ.ରାମପୁର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଥିଲା। ଆୟୋଜିତ ଉତ୍ସବରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ମୁଖ୍ୟଅତିଥି, ବ୍ଲକ ଅଧକ୍ଷା ମନ୍ଦାକିନୀ ସିଂଦେଓ, ସରପଞ୍ଚ ବୀଣାପାଣି ସାହୁ, ବସନ୍ତ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୩୦୭ ଛାତ୍ରୀଛାତ୍ରଙ୍କୁ ଦୁଇ ହଳ ଲେଖାଏ ପୋଷକ, ହଳେ ଜୋତା ଓ ମୋଜା ବିତରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସଂକ୍ଷେପରେ

### ୩୪ବୋତଲ କଫ ସିରପ୍ ଜବତ, ୪ଗିରଫ

**ଖପ୍ରାଖୋଲ,୨୭।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ପୋଲିସ ବେଆଇନ କଫ ସିରପ କାରବାର ଅଭିଯୋଗରେ ଶନିବାର ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଡ଼ିଆବହଲ ପଞ୍ଚାୟତ ପାଚେର ଗାଁର ଗଙ୍ଗା ସାହୁ (୨୪), ଅନୀଲ ନିଆଲ (୨୫), ଧଣ୍ଡାମୁଣ୍ଡା ପଞ୍ଚାୟତ କଟାପାଲି ଗାଁର ଜୟନ୍ତ ରଣା (୨୫) ଓ ମୁକେଶ ପଟେଲ (୨୬)। ଖପ୍ରାଖୋଲ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ପାଟ୍ରୋଲିଂ କଲାବେଳେ ଧଣ୍ଡମୁଣ୍ଡା-ପାଚେର ରାସ୍ତାରେ ବାଇକରେ ଯାଉଥିବା ବେଳେ ଅଭିଯୁକ୍ତମାନଙ୍କଠାରୁ ୩୪ ବୋତଲ କଫ ସିରପ, ନିଶା ବଟିକା, ନଗଦ ୧୩ଶହ ଟଙ୍କା, ଗୋଟିଏ ମୋବାଇଲ, ବାଇକ ଜବତ କରିଥିଲା। ଏ ନେଇ ଦୁଇଟି ପୃଥକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

### ୩୦ରୁ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ,୨୭।୮:** ଆସନ୍ତା ଅଗଷ୍ଟ ୩୦ରୁ ବଲାଙ୍ଗୀର ଜିଲାରେ ଦୁଇଦିନିଆ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହେବ। ଦୁଇଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତା ସ୍ଥାନୀୟ ରିଜର୍ଭ ପୋଲିସ ପଡିଆସ୍ଥିତ ଇନଡୋର୍‌ରେ ହେବା ନେଇ ସ୍ଥିରୀକୃତ ହୋଇଛି। ପୁରୁଷ ବିଭାଗରେ ସିଙ୍ଗିଲ୍ସ ଓ ଡବଲ୍ସ ଦୁଇଟି ବିଭାଗରେ ଖେଳାଳିମାନେ ପ୍ରତିଯୋଗିତାରେ ଭାଗ ନେବେ। ସିଙ୍ଗିଲ୍ସ ପାଇଁ ୩୦୦ ଟଙ୍କା ଓ ଡବଲ୍ସ ପାଇଁ ୫୦୦ ଟଙ୍କା ପଞ୍ଜୀକରଣ ଦେୟ ରହିଛି। ପ୍ରତିଯୋଗିତାରେ ସମସ୍ତ ଖେଳାଳିଙ୍କୁ ଖେଳ ୟୁନିଫର୍ମ୍‌ରେ ପଡିଆକୁ ଓହ୍ଲାଇବା ସହିତ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ନିୟମ ମୁତାବକ ଖେଳିବାକୁ ହେବ। ପ୍ରତିଯୋଗିତା ପାଇଁ ଜିଲାର ସମସ୍ତ ଉପଖଣ୍ଡ ସ୍ତରୀୟ ଆସୋସିଏଶନମାନଙ୍କୁ ସୂଚିତ କରି ଦିଆଯାଇଥିବା ବେଳେ ରିଜର୍ଭ ଇନ୍‌ଡୋରଠାରେ ପ୍ରତିଯୋଗିତା ଆୟୋଜନ ପାଇଁ ଜିଲା ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ଅନୁମତି ମିଳିଥିବା ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ସମ୍ପାଦକ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, କରୋନା ମହାମାରୀ କାରଣରୁ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବ୍ୟାଡମିଣ୍ଟନ ଖେଳ ବିଶେଷ ଭାବେ ପ୍ରଭାବିତ ହୋଇଛି। ତଥାପି ବଲାଙ୍ଗୀର ଖେଳାଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତା ଜିଲାରେ ବ୍ୟାଡମିଣ୍ଟନ ପ୍ରତି ଲୋକଙ୍କ ରୁଚି ବଢାଇବା ସହିତ ନୂତନ ପ୍ରତିଭାକୁ ଲୋକଲୋଚନକୁ ଆଣିବ ବୋଲି ମଟାରୀ ଆଶା ପ୍ରକାଶ କରିଛନ୍ତି।

### ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର

**ଲୋଇସିଂହା,୨୭।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଟେନପାଲି ଅନ୍ତର୍ଗତ ଦୁମଦୁମି ଗ୍ରାମରେ ବରିଷ୍ଠ ନାଗରିକଙ୍କ ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୫ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ଡା ସନ୍ଧ୍ୟାରାଣୀ ପଣ୍ଡା, ସୁଶୋବନ ମହାପାତ୍ର ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଏସଏସଇପିଡି ଏବଂ ପଲ୍ଲୀ ଆଲୋକ ପାଠାଗାର ଆନୁକୂଲ୍ୟରେ ଆୟୋଜିତ ଶିବିର ପରିଚାଳନାରେ ଅଙ୍ଗନୱାଡି କର୍ମୀ ଜୟନ୍ତୀ ତାଣ୍ଡି, ବିଜୁଳି ପଧାନ, ଆଶାକର୍ମୀ ରେଖା ପାଇକଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ।

# ଗଙ୍ଗାଧର ପ୍ରକୃତି ପ୍ରେମର କବି

**ବଲାଙ୍ଗୀର ଅଫିସ,୨୭।୮**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବିଲେଇସର୍ଡା ହାଇସ୍କୁଲରେ ମାଟିର କବି ଗଙ୍ଗାଧର ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥିଭାବେ ରାଧାଶ୍ୟାମ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ପୁରୁଷୋତ୍ତମ ଭଞ୍ଜ ଓ ମୁଖ୍ୟବକ୍ତାଭାବେ କୋଶଳ ପ୍ରବାହ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ସାହୁ ତାଙ୍କ ବକ୍ତବ୍ୟରେ କବି ଗଙ୍ଗାଧର ମେହେରଙ୍କୁ ମାଟିର କବିଭାବେ ବର୍ଣ୍ଣନା କରି ଅମୃତ ସନ୍ତାନ କବିତାରେ କବିଙ୍କ ପ୍ରକୃତି ବର୍ଣ୍ଣନା ଓ ଅମୃତ ଚିନ୍ତନ ସମ୍ପର୍କରେ କହିଥିଲେ। ମୁଁ ଯେ ଅମୃତ ସାଗର ବିନ୍ଦୁ... ଭଳି ଭାବ ଗମ୍ଭୀର କାବ୍ୟ ସ୍ୱର ଯେଉଁ କବିଙ୍କ ମୁହଁରୁ ସ୍ଫୁରଣ ହୋଇପାରିଛି, ତାଙ୍କ ସ୍ମରଣ ହିଁ ଆଜିର ନିମ୍ନଗାମୀ ସମାଜକୁ ଉଦ୍ଧାର କରିପାରିବ ବୋଲି ସାହୁ କହିଥିଲେ। ମୁଖ୍ୟଅତିଥି ଭାବେ



ଗଙ୍ଗାଧର ଜୟନ୍ତୀ ସଭାରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ।

**ବିଲେଇସର୍ଡା ହାଇସ୍କୁଲରେ ଆଲୋଚନାଚକ୍ର**

ରାଧାଶ୍ୟାମ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ପୁରୁଷୋତ୍ତମ ଭଞ୍ଜ ଯୋଗଦେଇ ପ୍ରକୃତି ଓ ମଣିଷ ମଧ୍ୟରେ ଗଙ୍ଗାଧର ଅଭେଦ କଳ୍ପନା କରିଯାଇଛନ୍ତି। ପ୍ରକୃତି ତାଙ୍କ ପାଇଁ ସ୍ଫୁର୍ତ୍ତିମୟୀ, ଚଳଚଞ୍ଚଳ ଓ ବାକ୍ୟାୟିନୀ ବୋଲି କହିବା ସହ କବିଙ୍କ ଲେଖନୀରେ ସମଗ୍ର ପ୍ରକୃତି ଜୀବନ୍ତ ହୋଇଉଠିଛି ବୋଲି କହିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତାରେ ଅର୍ଚ୍ଚିତା ପଣ୍ଡା, ଚିନ୍ମୟୀଲକ୍ଷ୍ମୀ ପ୍ରଧାନ, ମଞ୍ଜିଲ ପଧାନ, ପ୍ରତିଭା ସେଲମା, ଗାୟତ୍ରୀ ତ୍ରିପାଠୀ, ସିମ୍ରନ୍ ବାଗ, ପ୍ରତିଜ୍ଞା ତ୍ରିପାଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଚୁମକି ପଧାନ ଓ ଜାହ୍ନବୀ ସାହୁ କବି ଗଙ୍ଗାଧର ମେହେରଙ୍କ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ରଞ୍ଜିତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଦୀପ୍ତ ଦଣ୍ଡସେନା, ପଙ୍କଜ ମେହେର, ମୁରାରୀ ମୋହନ ପରଡିଆ, ରାଜକୁମାର ପଧାନ, ତପନ ବୁଡେକ, ଅଶ୍ୱିନୀ ମହାଲିଙ୍ଗ, ସୁବାସିନୀ ସେଠୀ, ସୁଷମା ମେହେର, ନିରୋତ୍ତମ ବିଶ୍ୱାଳ, ଶିକ୍ଷା କର୍ମଚାରୀ ଅମୂଲ୍ୟ ଦୋରା, ଜଗନ୍ନାଥ ଯୋଶୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ବସୁଧା ଯୋଜନାର ସୁଫଳ ପାଉନାହାନ୍ତି

**ଲାଞ୍ଜିଗଡ଼,୨୭।୮(ଡି.ଏନ.ଏ.)**

**ଲାଞ୍ଜିଗଡ଼ ବ୍ଲକ**

- ଟେଣ୍ଡର ପଡ଼ିଛି, ଠିକାଦାରଙ୍କ ଦେଖାନାହିଁ

୨୪ ଘଣ୍ଟିଆ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିଶ୍ୱସ୍ତରୀୟ ପୁରସ୍କାର ହାସଲ କରୁଥିବାବେଳେ ରାଜ୍ୟର କଳାହାଣ୍ଡି ବିଶେଷ କରି ଜିଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ସରକାରଙ୍କ ଏହିସବୁ ଯୋଜନା ବାଟବଣା ହେବାରେ ଲାଗିଛି। ବ୍ଲକରେ ବସୁଧା ଯୋଜନାରେ କାର୍ଯ୍ୟକ୍ଷମ ହେଉଥିବା ଅଧିକାଂଶ ଓଭରହେଡ ଟ୍ୟାଙ୍କରେ ନିମାଣାଧୀନ ତ୍ରୁଟି, ନିମ୍ନମାନର କାମ ଯୋଗୁ ଜଳ ସଂରକ୍ଷଣ ହୋଇପାରୁ ନ ଥିବାବେଳେ ନିମ୍ନମାନର ପାଇପ ବିଛାଯାଇଥିବାରୁ ଶେଷମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଏସବୁ ପ୍ରକଳ୍ପ ଏବେ ଲୋକଙ୍କ କାମରେ ଲାଗୁନାହିଁ। ବ୍ଲକର ୧୦ରୁ ଅଧିକ ସ୍ଥାନରେ ବସୁଧା ଯୋଜନା ଦ୍ୱାରା ପାନୀୟ ଜଳ ଯୋଗାଣ ପାଇଁ ନଳକୂଅ ଖୋଳା ସରିଥିବାବେଳେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ୩ ମାସ ବିତିଗଲାଣି। କିନ୍ତୁ ଟେଣ୍ଡର ପାଇଥିବା ଠିକାଦାରମାନେ କାମ ଆରମ୍ଭ କରୁନାହାନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ନିମ୍ନମାନର ବସୁଧା ପ୍ରକଳ୍ପଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ ସହିତ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନିତ କରିବାକୁ ସାଧାରଣରେ ଦାବି ହେଉଛି।



ଓଭରହେଡ ପାଣି ଟ୍ୟାଙ୍କି।

# ସିକେରକୁପା ଫାଣ୍ଡିକୁ ଥାନାରେ ପରିଣତ ପାଇଁ ଦାବି

**ଲାଞ୍ଜିଗଡ଼,୨୭।୮(ଡି.ଏନ.ଏ)**

ଶନିବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ୩୬ଗୋଟି ନୂଆ ପୋଲିସ ଥାନା ପ୍ରତିଷ୍ଠା ସହିତ ସେଗୁଡ଼ିକର ପରିଚାଳନା ପାଇଁ ୫୬୩ ନୂତନ ପଦବୀ ସୃଷ୍ଟି ପାଇଁ ଘୋଷଣା ହୋଇଛି। ସେଥିମଧ୍ୟରୁ କଳାହାଣ୍ଡି ଜିଲାର କଳମପୁର ଓ କର୍ଲାପାଟ ୨ଟି ନୂତନ ଥାନା ହେବ ବୋଲି ତାଲିକାରେ ରହିଛି। ତେବେ ଦୀର୍ଘ ଦିନର ଦାବି ସତ୍ତ୍ୱେ ଲାଞ୍ଜିଗଡ଼ ବ୍ଲକ ନର୍ଲା ଥାନା ଅନ୍ତର୍ଗତ ସିକେରକୁପା ଫାଣ୍ଡି ଏଥିରୁ ବାଦ ପଡ଼ିଛି। ସିକେରକୁପା ଫାଣ୍ଡିକୁ ଥାନା ଭାବେ ଉନ୍ନୀତ କରାଯିବାକୁ ଦାବି ହୋଇଆସୁଛି। ଏହାକୁ ନେଇ ଯୁବ ସମାଜସେବୀ ସୁଶୀଲ କୁମାର ବାଗ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଗୃହସଚିବ ସଞ୍ଜୀବ ଚୋପ୍ରା, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, କୋରାପୁଟ ଡିଆଇଜି ରାଜେଶ ଉତ୍ତମରାଓ ପଣ୍ଡିତ, କଳାହାଣ୍ଡି ଏସ୍‌ପି ଅଭିଲାଷ ଜୀଙ୍କୁ ଟ୍ୱିଟର ଯୋଗେ ଦାବି ଜଣାଇଛନ୍ତି। ପୂର୍ବରୁ ମଧ୍ୟ ବାଗ ଏନେଇ ତତ୍କାଳୀନ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସୂଚନାନୁଯାୟୀ, ଭୌଗଳିକ ଦୃଷ୍ଟିକୋଣରୁ ସିକେରକୁପା ଫାଣ୍ଡି ନର୍ଲା ଥାନା ଅଧୀନରେ ଥିବା ବେଳେ ନର୍ଲା ଥାନାଞ୍ଚଳର ବିଶାଳତା ହେତୁ ଫାଣ୍ଡି ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା କରିବା କଷ୍ଟକର ହୋଇପଡୁଛି। ଫାଣ୍ଡି ଅଧୀନରେ ବ୍ଲକର ପାଞ୍ଚଟି ପଞ୍ଚାୟତ ଥିବା ବେଳେ ଭୁର୍ଟିଗଡ଼ ଓ କମର୍ଦ୍ଧା ସମେତ କଦମ୍ବଗୁଡ଼ା, ଗୋବର୍ଦ୍ଧନପୁର, ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ସମ୍ଭବ ହୋଇପାରୁନାହିଁ। ଫାଣ୍ଡି କାର୍ଯ୍ୟାଳୟରୁ ୧୦୦ ମିଟର ଦୂରତାରେ ରାୟଗଡ଼ା ଜିଲାର ସୀମା ପଡୁଥିବା ବେଳେ ମେର୍ଡିକୁପା ଭଳି କନ୍ଧମାଳ ଜିଲା ସୀମାନ୍ତ ଅଞ୍ଚଳ ୪୦ କିମି ଦୂରତାରେ ରହିଛି। ସେହିପରି ଫାଣ୍ଡି ଅଞ୍ଚଳରେ ସମ୍ବଲପୁର-ରାୟଗଡ଼ା ଓ ଜୁନାଗଡ଼ରୋଡ଼ ରେଳପଥ ରହିଥିବା ବେଳେ ଲାଞ୍ଜିଗଡ଼ରୋଡ଼ ରେଳ ଜଙ୍କସନ ରହିଛି। ଏଣୁ ସିକେରକୁପା ଫାଣ୍ଡିର ଦାୟିତ୍ୱ ଅଧିକ ରହିଛି। ସେହିପରି ସିକେରକୁପା ଫାଣ୍ଡି ଅଞ୍ଚଳରେ କଦଳୀଘାଟିରୁ ପୋଖରୀବନ୍ଧ ଯାଏଁ ପ୍ରାୟ ୨୦ କିମି ଅନ୍ତଃରାଜ୍ୟ ରାଜପଥ ରହିଛି। ଯାହାକି ଅତ୍ୟନ୍ତ ଦୁର୍ଘଟଣାପ୍ରବଣ ଓ ଅପରାଧପ୍ରବଣ ରାସ୍ତା ଭାବେ ଗଣାଯାଏ। ଏହାସହିତ ଫାଣ୍ଡି ଅଧୀନରେ ୨୦୦ କିମିରୁ ଅଧିକ ଗ୍ରାମାଞ୍ଚଳ ରାସ୍ତା ରହିଛି। ସେହିପରି ପାଞ୍ଚଟି ପଞ୍ଚାୟତର ୪୦ହଜାର ଜନସାଧାରଣ ଏହା ଉପରେ ଭରସା କରନ୍ତି। ଫାଣ୍ଡି ଅଧୀନ କେତେକ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ମଧ୍ୟ ପରିଲକ୍ଷିତ ହୁଏ। କିନ୍ତୁ ସିକେରକୁପା ଫାଣ୍ଡିରେ ଆବଶ୍ୟକ ଭିତ୍ତିଭୂମି କିମ୍ବା କର୍ମଚାରୀ ନ ଥିବାରୁ ଏସବୁ ସମ୍ଭବ ହୋଇପାରୁନାହିଁ। ଏଣୁ ବର୍ତ୍ତମାନ ପରିସ୍ଥିତିରେ ସିକେରକୁପା ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ବାଗଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ନୂଆପଡ଼ା ଅଫିସ,୨୭।୮**

ନୂଆପଡ଼ା ସଦର ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ.୧୦ ବ୍ଲକ କଲୋନୀ ପଛପଟେ ରହୁଥିବା ପ୍ରେମ ଭୋଇ (୨୦) ନାମକ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ରାତିରେ କୌଣସି କାରଣ ଯୋଗୁ ବାପପୁଅ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ପ୍ରେମ ଅତ୍ୟଧିକ ମାନସିକ ଚାପରେ ଆସି ରାତିରେ ଘର ଛପର ଖୋଲି ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ପୋଲିସରେ ଅଭିଯୋଗ କରିଛନ୍ତି। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ପାରିବାରିକ କଳହକୁ ନେଇ ଯୁବକଙ୍କ ଆତ୍ମହତ୍ୟା

**ଖଡ଼ିଆଲ,୨୭।୮(ଡି.ଏନ.ଏ)**

ନୂଆପଡ଼ା ଜିଲା ଖଡ଼ିଆଲ ଥାନା ମିଶନରେ ପାରିବାରିକ କଳହକୁ ନେଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହୀରାକୁଦ ଥାନା ହୀରାକୁଦ ଗ୍ରାମର ଆଶିଷ ନାଗ (୩୮) ବର୍ଷ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଆଶିଷ ଏକ ବର୍ଷ ହେଲା ମିଶନଠାରେ ନିଜ ସମ୍ପର୍କୀୟଙ୍କ ଘରେ ପରିବାର ସହିତ ରହିଆସୁଥିଲେ। ଶୁକ୍ରବାର ରାତ୍ରିରେ ତାଙ୍କର ସ୍ତ୍ରୀ ସହିତ କଳହ ହୋଇଥିଲା। ସମସ୍ତେ ଶୋଇ ପଡିବା ପରେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଖଡ଼ିଆଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୨) ରୁଜୁ ହୋଇଛି। ଅଧିକ ତଦନ୍ତ ଚାଲୁଥିବା ଏସ୍‌ଆଇ ତାରକାନ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି। ମୃତ ଯୁବକଙ୍କ ଦୁଇଟି ପୁଅ ଅଛନ୍ତି।

# ଇଣ୍ଡୋ ନେପାଳ ଖୋଖୋ ଟ୍ରଫି ଜିତିଲେ ଖଡ଼ିଆଳ ଛାତ୍ର

**ଖଡ଼ିଆଲ,୨୭।୮(ଡି.ଏନ.ଏ)**

ନେପାଳଠାରେ ଅନୁଷ୍ଠିତ ଇଣ୍ଡୋ ନେପାଳ ସପ୍ତମ ବ୍ଲକ ଖୋଖୋ ଚାମ୍ପିୟନଶିପ୍‌ରେ କମାଲ କରିଛନ୍ତି ନୂଆପଡା ଜିଲା ଖଡ଼ିଆଳ ସ୍ଥିତ ମହାତ୍ମା ଗାନ୍ଧୀ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରମାନେ। ଅଗଷ୍ଟ ୧୯ ଓ ୨୦ରେ ନେପାଳର ପୋଖରା ଖେଳପଡ଼ିଆରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଭାରତର ସିନିୟର ଓ ଜୁନିୟର ଦଳ, ନେପାଳର ସିନିୟର ଓ ଜୁନିୟର ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଜୁନିୟର ନେପାଳ ଦଳ ସହ ଖଡ଼ିଆଳ ବିଜ୍ଞାନ ମହାବିଦ୍ୟାଳୟ (ଜୁନିୟର)ର ହୋଇଥିବା ବେଳେ ୧୪-୪ ରେ ଖଡ଼ିଆଳ ଦଳ ବିଜୟୀ ହୋଇଥିଲା। କୋଚ ଦେବାଶିଷ ନାଗଙ୍କ ତତ୍ତ୍ୱାବଧାନରେ ଛଅ ଜଣ ଛାତ୍ର ଭାଗ ନେଇଥିଲେ। ଚମତ୍କାର ଖେଳ ଖେଳି ଟ୍ରଫି ହାସଲ କରିଥିଲେ। ଏନେଇ ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଖୁସି ଜାହିର କରି ଟ୍ରଫି ସହ ଖଡ଼ିଆଳ ସହର ପରିକ୍ରମା କରିଥିଲେ। ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଅଧକ୍ଷା ରୁବି ପ୍ରଧାନ କହିଛନ୍ତି।



ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଟ୍ରଫି ସହ ଖଡ଼ିଆଳ ସହର ପରିକ୍ରମା କରୁଛନ୍ତି।

# ମନ୍ତ୍ରୀଙ୍କ ଦ୍ୱାରା ଛାତ୍ରୀ ନିବାସ ଉଦ୍‌ଘାଟିତ





ବିଦ୍ୟାଳୟ ପରିଦର୍ଶନ ସମୟରେ ମନ୍ତ୍ରୀ ଓ ଅନ୍ୟମାନେ।

**ନୂଆପଡ଼ା ଅଫିସ, ୨୭।୮**

ନୂଆପଡା ସଦର ବ୍ଲକ ସାରାବଙ୍ଗ ଓ ନେଗିପାଲି ବିଦ୍ୟାଳୟ ପରିଦର୍ଶନ କରି ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ରୂପାନ୍ତର କାର୍ଯ୍ୟ ତଦାରଖ କରିଛନ୍ତି। ନେଗିପାଲିଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସକୁ ମନ୍ତ୍ରୀ ଢୋଲକିଆ ଉଦ୍‌ଘାଟନ କରିଥିଲେ। ଆଦର୍ଶ ବିଦ୍ୟାଳୟ ନିର୍ମାଣ ଦିନଠାରୁ ଛାତ୍ରୀଛାତ୍ର ନିବାସ ନ ଥିବାରୁ ପାଠପଢା ପ୍ରତି ଅନେକ ଅସୁବିଧାର ସମ୍ମୁଖିନ ହେଉଥିଲେ। ହେଲେ ବର୍ତ୍ତମାନ ସମୟରେ ଛାତ୍ରୀ ନିବାସ ନିର୍ମାଣ ହେବା ପରେ ଛାତ୍ରୀମାନେ ସେଠାରେ ରହି ସୁବିଧାରେ ପାଠ ପଢିପାରିବେ ବୋଲି ବିଦ୍ୟାଳୟ ଅଧକ୍ଷ ସୂଚନା ଦେଇଛନ୍ତି।

# ରକ୍ତଦାନ ଶିବିର କରି ନାତୁଣୀ ଜନ୍ମଦିନ ପାଳିଲେ ମନ୍ତ୍ରୀ

**ନୂଆପଡ଼ା ଅଫିସ,୨୭।୮**

ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଶନିବାର ଖରିଆର ରୋଡ ଗଣପତି ପ୍ୟାଲେସଠାରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରି ନିଜ ନାତୁଣୀର ପ୍ରଥମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସୂଚନା ମତେ ମନ୍ତ୍ରୀ ଢୋଲକିଆଙ୍କ ପୁତ୍ର ଜୟ ଢୋଲକିଆ ଓ ପୁତ୍ରବଧୂ ସୁମନ ଜୟ ଢୋଲକିଆଙ୍କ ଦ୍ୱିତୀୟ କନ୍ୟାର ଆଜି ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଥିଲା। ଏହି ଉତ୍ସବକୁ ସ୍ମରଣ କରିବା ପାଇଁ ଢୋଲକିଆ ପରିବାର ପକ୍ଷରୁ ଖରିଆର ରୋଡ ଗଣପତି ପ୍ୟାଲେସଠାରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ନୂଆପଡା ନିର୍ବାଚନ ମଣ୍ଡଳୀର ପ୍ରାୟ ସବୁ ପଞ୍ଚାୟତର ଲୋକ ଆସି ସମ୍ମିଳିତ ହେବା ସହ ରକ୍ତଦାନ କରିଥିଲେ। ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ମହମ୍ମଦ ଆଦାମ, ମନ୍ତ୍ରୀଙ୍କ ଭାଇ ଅତୁଲ ଢୋଲକିଆଙ୍କ ସମେତ ମୋଟ ୮୧ ଜଣ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ଜିଲା ସଭାପତି ମନୋଜ କୁମାର ମିଶ୍ର, ସରୋଜ କୁମାର ସାହୁ, ହରିଶ୍ଚନ୍ଦ୍ର ପଣ୍ଡା, ଅବନୀରଞ୍ଜନ ଯୋଶୀ, କାଳିଆ ପ୍ରଧାନ, ନିଶାନ୍ତ ଡାଗା, କିଶୋର ଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।





ରକ୍ତଦାତାଙ୍କ ଗହଣରେ ମନ୍ତ୍ରୀ ଢୋଲକିଆ।

# ଆପତ୍ତିଜନକ ମନ୍ତବ୍ୟ, ଗ୍ରାମବାସୀ ଥାନାର ଦ୍ୱାରସ୍ଥ

**ଲୋଇସିଂହା,୨୭।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ବେନ୍ଦ୍ରା ଗ୍ରାମର ଜଣେ ଯୁବକ ସାମାଜିକ ଗଣମାଧ୍ୟରେ ଗ୍ରାମବାସୀଙ୍କ ବିରୋଧରେ ଏକ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ ଗ୍ରାମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କେଉଁ ପରିସ୍ଥିତିରେ ସମ୍ପୃକ୍ତ ଯୁବକ ଜଣକ ଏପରି ଟିପ୍ପଣୀ ଦେଇଛନ୍ତି ତାହା ଜାଣିବା ପାଇଁ ଗ୍ରାମରେ ବୈଠକ ବସିଥିଲା। ଉକ୍ତ ବୈଠକକୁ ସମ୍ପୃକ୍ତ ଯୁବକଙ୍କୁ ଡକାଯାଇଥିଲେ ମଧ୍ୟ ସେ ଆସି ନ ଥିଲେ। ଫଳରେ ଶନିବାର ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଗ୍ରାମବାସୀ ଲୋଇସିଂହା ଥାନାର ଦ୍ୱାରସ୍ଥ ହେବା ସହ ବିଧାୟକ ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୨୫ତାରିଖରେ ବିଧାୟକ ମହାଲିଙ୍ଗ ଫ୍ୟାନ କ୍ଲବରେ ଏକ ପୋଷ୍ଟ ହୋଇଥିଲା। ଏଥିରେ ବେନ୍ଦ୍ରା ପଞ୍ଚାୟତ ସଦର ଗାଁର ଜାନକୀ ସାଗରର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଶ୍ଚିତ ଯୋଜନାରେ ଅନିୟମିତତା ହୋଇଥିବା ଉଲ୍ଲେଖ ଥିଲା। ସେହି ଅର୍ଥରେ ବେନ୍ଦ୍ରା ରାମ ନବମୀରେ ଖର୍ଚ୍ଚ ହୋଇଛି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ବୋଲି ପୋଷ୍ଟ ହୋଇଥିଲା। ଏପରି ଭିତ୍ତିହୀନ ଖବର ଜାଣିଲା ପରେ ଗ୍ରାମରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିଦିନ ରାତିରେ ଗ୍ରାମରେ ସରଜିତ ଗୁରୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରତ୍ନାକର ମିଶ୍ର, ଭିକାରୀ ଚରଣ ମିଶ୍ର, ଦଣ୍ଡଧାରୀ ପଧାନ, ପଞ୍ଚାୟତ ପ୍ରତିନିଧି ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା ସହ ଏପରି ମନ୍ତବ୍ୟକୁ ଗ୍ରାମବାସୀ ଦୃଢ ନିନ୍ଦା କରିଥିଲେ। ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଯୁବକ ଜଣକ ସେହି ଗ୍ରାମର ବୋଲି ଜଣାପଡିବାପରେ ଗ୍ରାମବାସୀଙ୍କୁ ଅଧିକ ମର୍ମାହତ କରିଥିଲା। ସେହିଦିନ ବୈଠକକୁ ସମ୍ପୃକ୍ତ ଯୁବକଙ୍କୁ ସ୍ପଷ୍ଟୀକରଣ ପାଇଁ ଡକାଯାଇଥିଲା । ହେଲେ ସେ ଆସି ନ ଥିଲେ । ପରଦନ ବୈଠକକୁ ସମ୍ପୃକ୍ତ ଯୁବକ ଏବଂ ତାଙ୍କ ବାପାଙ୍କୁ ଡକାଯାଇଥିଲା। ହେଲେ ଗ୍ରାମର ସାମୂହିକ ସଭାକୁ ବାପପୁଅ ଅବଜ୍ଞା କରିଥିଲେ। ଏହାପରେ ବୈଠକର ନିଷ୍ପତ୍ତି ଅନୁସାରେ ବିଧାୟକ ଏବଂ ଥାନାର ଦ୍ୱାରସ୍ଥ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।



ଥାନା ସମ୍ମୁଖରେ ଫେରାଦ ହେବାକୁ ଆସିଥିବା ବେନ୍ଦ୍ରା ଗ୍ରାମବାସୀ।

## ମା' ଭୈରବୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜା

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧର ଇଷ୍ଟଦେବୀ ମା' ଭୈରବୀଙ୍କ ପୀଠରେ ସପ୍ତପୁରୀ ଅମାବାସ୍ୟା ଅବସରରେ ଶନିବାର ଦିନ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ ରୀତିନୀତି ସହ ମା' ଭୈରବୀଙ୍କ ବେଶ କରାଯାଇଥିଲା । ଏହି ଅବସରରେ ମାଟି ନିର୍ମିତ ହନୁମାନଙ୍କୁ ପୂଜା କରାଯିବା ପରେ ଭୋଗ ଲାଗି କରାଯାଇଥିଲା । ମୁଖ୍ୟ ସେବାୟତ ଗୌରୀଶଙ୍କର ବଡମାଳି ,ପାଳିଆ ସେବାୟତ ସାନନ୍ଦ ବଡମାଳିଙ୍କ ସମେତ ଅନ୍ୟମାନେ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ଶତାଧିକ ଭକ୍ତ ମା'ଙ୍କ ଦର୍ଶନ କରିଥିଲେ ।

## ସଂକ୍ଷେପରେ

### ସଂସ୍କୃତ ଦିବସ ସମାରୋହ

ବୌଦ୍ଧ,୨୭।୮(ସ୍ୱ.ପ୍ର.): ବୌଦ୍ଧ ମହିଳା ମହାବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ଉପଲକ୍ଷେ ଭୈରବୀ ସ୍ନେହ ମିଳନ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଲୋକଭାଷା ପ୍ରଚାର ସମିତି ଓ ମହିଳା ମହାବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ରନାଥ ଗୁରୁ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗାଚାର୍ଯ୍ୟ ଦେବାଶିଷ ପୁରୋହିତ ଯୋଗଦେଇ ସଂସ୍କୃତ ଭାଷା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ନନ୍ଦକିଶୋର ସାହୁ ଅତି ସରଳ ସଂସ୍କୃତ ଭାଷା ହିଁ ମାନବ ଜୀବନକୁ ସାର୍ଥକ କରେ ବୋଲି ମତବ୍ୟକ୍ତ କରିଥିଲେ। ବର୍ଷବ୍ୟାପୀ ଲୋକଭାଷା ପ୍ରଚାର ସମିତିର ସଂସ୍କୃତ ପ୍ରସାର କାର୍ଯ୍ୟକ୍ରମ ଉପରେ ଶିବଦତ୍ତ ପଟ୍ଟନାୟକ ସୂଚନା ଦେଇଥିଲେ । ଶେଷରେ ଶ୍ଳୋକ ଆବୃତ୍ତି ଓ ରସପ୍ରଶ୍ନ ପ୍ରତିଯୋଗିତାରେ ଛାତ୍ରୀ ସୁଶ୍ରୀ ତସ୍ମିନ ସାହୁ, ରଶ୍ମିତା ଜାଲ, ଶୋଭାଗିନୀ ଭୋଇ, ଶୁଭସ୍ମିତା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।

### ଭୋଟର ସଚେତନତା କାର୍ଯ୍ୟକ୍ରମ

ଜାମଟିକ୍ରା, ୨୭।୮(ଡି.ଏନ.ଏ.): ଅତାବିରା ବ୍ଲକ ପାହାଡଶ୍ରୀଗୀତା ଆଞ୍ଚଳିକ ମହାବିଦ୍ୟାଳୟରେ ଶନିବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ରମାକାନ୍ତ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ସଦାକର କୁମ୍ଭାର ଯୋଗଦେଇ ଯେଉଁ ଛାତ୍ରଛାତ୍ରୀଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ସେମାନେ ଭୋଟର କାର୍ଡ ସହ ଆଧାର ସଂଯୋଗ ନିଜ ମୋବାଇଲ ମାଧମରେ କରିପାରିବେ ବୋଲି କହିଥିଲେ। ମୋବାଇଲରେ କିପରି ଭୋଟର କାର୍ଡ ସହ ଆଧାର ସଂଯୋଗ ହେବ ସେ ନେଇ ଡେମୋ ଦେଖାଇଥିଲେ। ଶେଷରେ ଅଧାପକ ଜଗନ୍ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ବଦଳିକୁ ବିରୋଧ କରି ଧାରଣା

ବୌଦ୍ଧ/କନ୍ଧମାଳ,୨୭।୮ (ସ୍ୱ.ପ୍ର./ଡି.ଏନ.ଏ.)


ବିଦ୍ୟାଳୟ ଗେଟ ଆଗରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ଶିକ୍ଷକ ବଦଳି ପ୍ରତିବାଦରେ ଶନିବାର ଦିନ ବୌଦ୍ଧ ବ୍ଲକର ଗୁନ୍ଦୁଲିଆ ସରକାରୀ ଉନ୍ନୀତ ବିଦ୍ୟାଳୟ ମୁଖ୍ୟ ଗେଟରେ ଅଭିଭାବକ ଓ ଛାତ୍ରୀଛାତ୍ର ତାଲା ପକାଇ ଧାରଣାରେ ବସିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୮୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । କିନ୍ତୁ ବିଦ୍ୟାଳୟରେ ନିୟମିତ ପ୍ରଧାନଶିକ୍ଷକ ନ ଥିବା ବେଳେ ଶିକ୍ଷକ ଯୁବରାଜ ସିଂ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଶିକ୍ଷକ ଅଭାବ ରହିଥିବା ବେଳେ ପୁଣି ବିଦ୍ୟାଳୟରୁ ଦୁଇ ଜଣ ଶିକ୍ଷକ ଚନ୍ଦନ ମେହେର ଓ ବିବେକାନନ୍ଦ ସ୍ୱାଇଁଙ୍କୁ ବାଉଁଶୁଣୀ ବଦଳି ହୋଇଛି। ବଦଳି ହୋଇଥିବା ଦୁଇ ଶିକ୍ଷକଙ୍କୁ ରିଲିଭ୍ ନକରିବାକୁ ଶନିବାର ଦିନ ବିଦ୍ୟାଳୟ କମିଟିର ସଭାପତି ରାମକୁମାର ଦେହୁରୀଙ୍କ ନେତୃତ୍ୱରେ ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ମୁଖ୍ୟ ଗେଟ ସମ୍ମୁଖରେ ବିକ୍ଷୋଭ କରିବା ସହ ଧାରଣାରେ ବସିଥିଲେ। ସରପଞ୍ଚ ଧବଳେଶ୍ୱର ସିଂଙ୍କ କହିବା ଅନୁଯାୟୀ ଶିକ୍ଷାବିଭାଗ ପକ୍ଷରୁ କୌଣସି ଅଧିକାରୀ ଆସି ନ ଥିବା ବେଳେ ଏହି ଆନ୍ଦୋଳନ ଜାରି ରହିବ। ଏନେଇ ଜିଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝୀଙ୍କୁ ଯୋଗାଯୋଗ ଲାଗି ଉଦ୍ୟମ ହୋଇଥିଲେ ହେଁ ସମ୍ଭବ ହୋଇ ନ ଥିଲା। ସୂଚନାଯୋଗ୍ୟ, ଜାଲ ସାର୍ଟିଫିକେଟ ଦେଇ ଜିଲାରେ ବହୁ ନକଲି ଶିକ୍ଷକ ଚାକିରି କରୁଥିବା ବହୁ ସମୟରେ ଅଭଯୋଗ ହୋଇ ଆସୁଛି। ଅଭିଯୋଗ ପରେ ଶିକ୍ଷାବିଭାଗ କାଁ ଭାଁ ଥାନାରେ ଅଭିଯୋଗ କରି ଚୁପ ହୋଇ ବସି ରହୁଥିବା ଦେଖିବାକୁ ମିଳିଛି । ଗତ ଶୁକ୍ରବାର ଦିନ ଜଣେ ଶିକ୍ଷକ ନକଲି ସାର୍ଟିଫିକେଟ ଦେଇ ଚାକିରୀ କରିବା ଅଭିଯୋଗରେ ଜେଲ ଯାଇଥିବା ଜଣାପଡିଛି।

# ଇମ୍ପେରିୟଲ କଲେଜ ଛାତ୍ରୀଛାତ୍ର ଟପ୍ପର

## ବିବିଏ, ବିସିଏ ପରୀକ୍ଷାଫଳ


କାହ୍ନୁଚରଣ ପଣ୍ଡା।


ଲାଡ୍‌ଲି ପାତ୍ର।


ସିଦ୍ଧାନ୍ତ ଅଗ୍ରୱାଲ।

ବରଗଡ଼ ଅଫିସ୍,୨୭।୮

ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ସମସ୍ତ କଲେଜର ବିବିଏ, ବିସିଏ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାଫଳରେ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବରଗଡ଼ର ଇମ୍ପେରିୟଲ କଲେଜକୁ ଟପ୍ପର ସ୍ଥାନ ମିଳିଛି। ଏହି କଲେଜର ଛାତ୍ର କାହ୍ନୁଚରଣ ପଣ୍ଡା ବିଶ୍ୱବିଦ୍ୟାଳୟ ର‍୍ୟାଙ୍କିଙ୍ଗରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାଛଡ଼ା ଏହି କଲେଜର ଛାତ୍ରୀ ଲାଡ୍‌ଲି ପାତ୍ର ଓ ଛାତ୍ର ସିଦ୍ଧାନ୍ତ ଅଗ୍ରୱାଲ ଯୁଗ୍ମ ଭାବେ ବିଶ୍ୱବିଦ୍ୟାଳୟର ବେଷ୍ଟ ଟେନ୍‌ର ପ୍ରଥମ ସ୍ଥାନରେ ରହିଛନ୍ତି। ଏହି କଲେଜର ୧୧ଜଣ ଛାତ୍ରୀଛାତ୍ର ମଧ୍ୟ ପ୍ରଥମ ଶ୍ରେଣୀରେ ବିବିଏରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ସଫଳତା ପାଇଁ କଲେଜର ଚେୟାରମ୍ୟାନ ଦୀପକ ଗୋୟଲ ଏବଂ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ବୀରମହାରାଜପୁରରେ ପୂରା ଉଆଁସ ପାଳିତ


ପାତ୍ରପାଲି ଗ୍ରାମରେ ପୁରାଉଆଁସ ପାଳନ କରାଯାଉଛି।

ଅମରପାଲି,୨୭।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ସପ୍ତପୁରୀ ଅମାବାସ୍ୟା ଅବସରରେ ଶନିବାର ପୁରାଉଆଁସ ପାଳିତ ହୋଇଯାଇଛି। ଭାଦ୍ରବ ଅମାବାସ୍ୟାରେ ପାଳିତ ହେଉଥିବା ଏହି ପର୍ବ ଅବସରରେ ଶିଶୁମାନଙ୍କଠାରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା । ସୁବଳୟା, ଉଫୁଲା, ଲାତୁରପେଟ, କାନପୁର, ହିଲୁଙ୍ଗ, ମୁର୍ଷୁଣୀ, ପିତାମହୁଲ, କେନଝିରିଆପାଲି, କର୍ଡାପାଲ, ଲୁଡୁରପଙ୍କ,ଅମରପାଲି, ପାତରପାଲି, ଭାଲୁଡୁଙ୍ଗୁରୀ, ପତ୍ରପାଲି, ଜଟେସିଙ୍ଘା, ଖମାର, ଚନ୍ଦଲି, ଟିକ୍ରାପଡା, କମିରା, ସଂଗ୍ରାମପୁର, ଟେଭାପଦର ଆଦି ଗ୍ରାମରେ ଏହି ପର୍ବ ଧୁମଧାମରେ ପାଳିତ ହୋଇଛି। ଛୋଟ ପିଲାମାନେ ମାଟି ଓ କାଠରେ ତିଆରି ହାତୀ, ଘୋଡ଼ା, ମାଙ୍କଡ ଆଦି ଗାଁ ଦାଣ୍ଡରେ ଟାଣିଥିଲେ। ବାଳିକାମାନେ ପାରମ୍ପରିକ ବେଶ ପୋଷାକରେ ସେମାନଙ୍କୁ ବନ୍ଦାପନା କରିଥିଲେ। ସାହି ସାହିରେ ଝିଅମାନେ କୁଣ୍ଡି କାଞ୍ଚି ଖେଳ ଖେଳିଥିଲେ। ଅପରାହ୍ନରେ ବାଳକ ଓ ବାଳିକାମାନେ ଗାଁ ନିକଟ ପଡିଆକୁ ଯାଇ ଖେଳକୁଦର ମଜା ଉଠେଇଥିଲେ।

# ଅହିଂସା ରଥକୁ ଗୋଡ଼ଭଗାରେ ସମ୍ବର୍ଦ୍ଧନା

ସରଣ୍ଡା/ଜାମଟିକ୍ରା, ୨୭।୮(ଡି.ଏନ.ଏ.)

ଓଡିଶା ଭ୍ରମଣ କରୁଥିବା ଅହିଂସା ରଥକୁ ଅତାବିରା ବ୍ଲକ ପକ୍ଷରୁ ଗୋଡଭଗା ଛକଠାରେ ଶନିବାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶନିବାର ସନ୍ଧ୍ୟା ୬ଟାରେ ୨ଟି ଅହିଂସା ରଥ ଗୋଡଭଗା ଜନତା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବରଗଡ଼ ଜିଲାପାଳ ମନିଷା ବାନାର୍ଜୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଏସ୍‌ପି ପରମାର ପି. ସ୍ମିତ, ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବିନାରାୟଣ ମିଶ୍ର, ନୋଡାଲ ଅଫିସର ଗିରୀନ୍ଦ୍ର ସାହୁ ଏବଂ ରଶ୍ମିତା କ୍ଷେତି, କଳାପାଣି ମହାବିଦ୍ୟାଳୟ ଅଧକ୍ଷ ମୋହନ ସାହୁ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାଏକ, ଗୋଡଭଗା ସରପଞ୍ଚ ମଞ୍ଜୁଲତା ସେଠ ପ୍ରମୁଖ ସ୍ୱାଗତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ଅତାବିରା ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ରବିବାର ସକାଳ ସାଢେ ୯ଟାରେ ଉଭୟ ରଥ ଅତାବିରା ବ୍ଲକ କାର୍ଯ୍ୟାଳୟରୁ ବାହାରିବ। ପ୍ରଥମ ରଥକୁ ଅତାବିରା ଉଚ୍ଚବିଦ୍ୟାଳୟରେ ସ୍ୱାଗତ ପରେ ପରମାଣପୁର ବିଦ୍ୟାଳୟରେ ସ୍ୱାଗତ କରାଯିବ। ସେଠାରୁ ଟୋପଦେଇ ପାହାଡଶ୍ରୀଗିଡା କଲେଜରେ ସ୍ୱାଗତ ପରେ ଭଟଲି ବ୍ଲକ ଅଭିମୁଖେ ଯାତ୍ରା କରିବ। ସେହିପରି ଦ୍ୱିତୀୟ ରଥକୁ କୁଲୁଣ୍ଡା ଜଗନ୍ନାଥମନ୍ଦିରଠାରେ ସ୍ୱାଗତ କରାଯିବ । ପରେ ରଥଟି ଭେଡେନ ବ୍ଲକ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିବା ବିଡିଓ ପ୍ରମୋଦ ଚନ୍ଦ୍ର ମେହେର ସୂଚନା ଦେଇଛନ୍ତି।

# ଗୁରୁ ଦିବସ ପାଳନ ପ୍ରସ୍ତୁତି

ଜାମଟିକ୍ରା, ୨୭।୮(ଡି.ଏନ.ଏ.)]

ଅତାବିରା ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ବିଇଓଙ୍କ ସଭାପତିତ୍ୱରେ ଶନିବାର ଅପରାହ୍ନ ୨ଟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ପ୍ରକାଶ ଦୋରା, ସାଂସ୍କୃତିକ ସଂଘ ସଭାପତି ସନ୍ତୋଷ କର, ସମ୍ପାଦକ ମନୋରଞ୍ଜନ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ମିଶ୍ର, ଭୋଳାନାଥ ପ୍ରଧାନ ତଥା ସଂଘର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ଆସନ୍ତା ସେପ୍ଟେମ୍ବର ୫ରେ ଗୁରୁଦିବସ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା।

# ବୋଲେରୋ ସହ ୧୦୭ କିଲୋ ଗଞ୍ଜେଇ ଜବତ


ଜବତ ଗଞ୍ଜେଇ।

ବୌଦ୍ଧ,୨୭।୮(ସ୍ୱ.ପ୍ର.)

ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ ବୋଲେରୋ ସହିତ ୧୦୭ କିଲୋ ଗଞ୍ଜେଇ ଜବତ କରାଯାଇଛି। ସୂଚନା ମୁତାବକ, ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ବ୍ରାହ୍ମଣିପାଲି ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ବାହାରକୁ ଗଞ୍ଜେଇ ଚାଲାଣ ପାଇଁ ଗାଡିରେ ଭର୍ତ୍ତି କରାଯାଉଥିଲା। ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଲା ଅବକାରୀ ବିଭାଗର ଏକ ଟିମ୍ ଇନ୍ସପେକ୍ଟର ସାଗରିକା ପ୍ରଧାନଙ୍କ ନେତୃତ୍ୱରେ ଚଢାଉ କରିଥିଲେ। ଅବକାରୀ କର୍ମଚାରୀଙ୍କୁ ଦେଖି ଗଞ୍ଜେଇ ଚାଲାଣକାରୀମାନେ ଜଙ୍ଗଲ ମଧ୍ୟକୁ ଦୌଡି ପଳାଇଥିଲେ । ତେବେ ସେହି ସ୍ଥାନରୁ ଏକ ବୋଲେରୋ( ନଂ ଓ ଆର ୧୯ ଏମ ୦୭୯୫) ମଧ୍ୟରୁ ୧୦୭ କିଲୋ ଗଞ୍ଜେଇ ଜବତ କରାଯାଇଛି। ଚଢାଉରେ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ସ୍ୱନ୍ଦନ ମହାନ୍ତି, ଏଏସଆଇ ରୁପେଶ ମୁଖୀ, ଅନନ୍ତ କୁମାର ଜେନା, କନଷ୍ଟେବଳ ଲୋକନାଥ ଭୋଇ, ସତ୍ୟ ମୁଖୀ, କୈଳାଶ ଚନ୍ଦ୍ର ସାହୁ, ଅଞ୍ଜଳୀ ଅମାତ ପ୍ରମୁଖ ସାମିଲ ଥିଲେ।

# ବ୍ଲକ ସରପଞ୍ଚ ସଂଘର ବୈଠକ

## ପଞ୍ଚାୟତର ବିକାଶ ପାଇଁ ପ୍ରଶାସନ ସହଯୋଗ ଲୋଡିଲେ

ଅମରପାଲି,୨୭।୮(ଡି.ଏନ.ଏ)


ବୈଠକରେ ଉପସ୍ଥିତ ସରପଞ୍ଚ ସଂଘ କର୍ମକର୍ତ୍ତା।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ସାଧାରଣ ବୈଠକ ଚମ୍ପାମାଲ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶ୍ରୀୟା କର୍ମୀ ଏଥିରେ ଅଧକ୍ଷତା କରିଥିଲେ। ପଞ୍ଚାୟତର ସାଧାରଣ ବଣ୍ଟନ ବ୍ୟବସ୍ଥା ସୂଚାରୁ ପରିଚାଳନା ନିମନ୍ତେ ଯୋଗାଣ ନିରୀକ୍ଷକ ପିଙ୍କୁ ଭୋଇଙ୍କ ସହ ଆଲୋଚନା କରାଯାଇଥିଲା। ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ବିଧବା ଭତ୍ତା ହିତାଧିକାରୀ ଚୟନ ଶିବିର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ କରାଯିବା ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ରଙ୍କୁ ଅବଗତ କରାଯାଇଥିଲା। ଏଥିସହ ଆରୋଗ୍ୟ କୁଷ୍ଠରୋଗୀ ଭତ୍ତା, ସ୍ୱାମୀ ପରିତ୍ୟକ୍ତା ଓ ବିଧବା ଭତ୍ତା, କିନ୍ନର ଭତ୍ତା, ଅବିବାହିତା ମହିଳା ଭତ୍ତା, ବିବାହ ପ୍ରୋତ୍ସାହନ ଯୋଜନା, ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଲ୍ୟାପଟପ ଯୋଜନା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ସରପଞ୍ଚ ସଂଘ ଉପସଭାନେତ୍ରୀ ଅନୁସୟା ପଧାନ, ସମ୍ପାଦକ ସୂର୍ଯ୍ୟନାରାୟଣ ନନ୍ଦ, ସହ ସମ୍ପାଦିକା ବିଷ୍ଣୁପ୍ରିୟା କୁମ୍ଭାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ସକାଶେ ପ୍ରଶାସନ ସହ ସମନ୍ୱୟ ରକ୍ଷା ଓ ହକ୍ ଜାହିର କରିବାକୁ ମତପ୍ରକାଶ ପାଇଥିଲା। ସରପଞ୍ଚ ସଂଘ ଉପଦେଷ୍ଟା ପ୍ରମୋଦ ମହାପାତ୍ର, ମନୋଜ ସାହୁ, ମହେନ୍ଦ୍ର ଜଗଦଲା ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ପରାମର୍ଶ ଦେଇଥିଲେ। କେନଝରିଆପାଲି ସରପଞ୍ଚ ସସ୍ମିତା ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ଧୁମ୍‌ଧାମରେ ପାଳିତ ହେଲା ଭାଇଚାରାର ପର୍ବ ପୁରାଉଆଁସ

ବୌଦ୍ଧ,୨୭।୮(ସ୍ୱ.ପ୍ର.)

ସମଗ୍ର ପଶ୍ଚିମ ଓଡିଶାର ନିଆରା ପର୍ବ ପୁରା ଉଆଁସ ଆଜି ବି ବଞ୍ଚି ରହିଛି। ସପ୍ତପୁରୀ ଅମାବାସ୍ୟାରେ ବୌଦ୍ଧ ଜିଲାର ସମସ୍ତ ଗ୍ରାମ ଚଳଚଞ୍ଚଳ ହୋଇ ପଡିଥାଏ ଏହି ପାରମ୍ପରିକ ପର୍ବକୁ ନେଇ। ଜିଲାରେ ସପ୍ତପୁରୀ ଅମାବାସ୍ୟାକୁ ପୁରା ଉଆଁସ ଭାବେ ପାଳନ କରାଯାଇଥାଏ। ପ୍ରତ୍ୟେକ ଗ୍ରାମରେ ଅଧିଷ୍ଠାତ୍ରୀ ଦେବାଦେବୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜା କରାଯିବା ପରେ ଆରମ୍ଭ ହୋଇଥାଏ ଏହି ପର୍ବ। ଅପରାହ୍ନରେ ଛୋଟଛୋଟ ପୁଅ ପିଲାମାନେ କାଠ ଓ ମାଟିରେ ନିର୍ମିତ ହାତୀ, ଘୋଡ଼ା, ମାଙ୍କଡ ଓ ଷଣ୍ଢ ଆଦିକୁ ଫୁଲ , ସିନ୍ଦୁର ଦେଇ ସଜ୍ଜିତ କରି ଖେଳିବାକୁ ବାହାରିଥାନ୍ତି। ଗ୍ରାମର ମନ୍ଦିର ପ୍ରାଙ୍ଗଣରେ କିମ୍ବା ବିଦ୍ୟାଳୟ ପରିସରରେ ଏହି ଖେଳ ଜମିଥାଏ। ପିଲାମାନେ ନିଜ ନିଜ ହାତୀ ଘୋଡ଼ା ମଧ୍ୟରେ ଲଢ଼େଇ କରାନ୍ତି। ଶେଷରେ କୁନି କୁନି ଝିଅମାନଙ୍କ ଠାରୁ ନିଜ ହାତୀ ଘୋଡ଼ା ପାଇଁ ଖାଦ୍ୟ ମାଗିଥାଆନ୍ତି। ଏପଟେ କୁନିକୁନି ଝିଅମାନେ ହାତରେ ଚାଙ୍ଗୁଡି ଓ କୁଲା ଧରି ଛୋଟ ଛୋଟ ମାଟି ନିର୍ମିତ ପାତ୍ରରେ ବିଭିନ୍ନ ଖାଦ୍ୟଶସ୍ୟ ଯଥା ମକା, ଶିମ୍ବ, ମୁଗ, କୋଳଥ, ଲିଆ, ସାତ ପ୍ରକାର ଚଣା ଧରି ସେଠାରେ ଏକତ୍ରିତ ହୋଇଥାଆନ୍ତି। ନିଜ ନିଜ ମଧ୍ୟରେ ଏହି ଖାଦ୍ୟକୁ ଆଦାନ ପ୍ରଦାନ କରିବା ସହ ପିଲାମାନଙ୍କୁ ବାଣ୍ଟିଥାଆନ୍ତି। ଏହି ନିଆରା ପରମ୍ପରା କୁଶାଣ ରାଜତ୍ୱ ସମୟରୁ ପାଳିତ ହୋଇ ଆସୁଥିବାର କୁହାଯାଏ। ଏହି ପର୍ବ ପାଳନ ମାଧ୍ୟମରେ ପିଲାମାନଙ୍କୁ ଯୁଦ୍ଧ ଓ ଝିଅମାନଙ୍କୁ ଘରକରଣାର ଶିକ୍ଷା ଦିଆଯାଉଥିଲା। ଏହି ପରମ୍ପରା ଭାଇଚାରାର ବାର୍ତ୍ତା ଦେବା ସହ ମିଳିମିଶି ଚଳିବାକୁ ଶିକ୍ଷା ଦେଇଥାଏ।


ବାଉଁଶୁଣୀ ଠାରେ ପୁରାଉଆଁସ ପାଳନ କରାଯାଉଛି।

# ସୁବର୍ଣ୍ଣପୁରରେ ଲଙ୍କା ପୋଡ଼ି ଉତ୍ସବ

ସୋନପୁର,୨୭।୮(ନି.ପ୍ର.)


ଟେରାକୋଟା ଶିଳ୍ପୀ ପ୍ରହଲ୍ଲାଦ ରଣାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା ଅବସରରେ ଶନିବାର ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀରେ ପାଳିତ ହୋଇଛି ଲଙ୍କା ପୋଡି। ଏହି ଦିନ ଛୋଟ ପିଲାମାନେ ମାଟି ତିଆରି କୁଣ୍ଡି କାଚି ଆଣି ବାଉଁଶ ନିର୍ମିତ ଟୋକେଇରେ ସାମାଜିକ ଜୀବନର ଭାବର ଆଦାନ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ମାଟି ତିଆରି ହନୁମାନ, ହାତୀ ଓ ଷଣ୍ଢ ଆଦିକୁ ପୂଜା କରାଯାଇ ରାସ୍ତାରେ ଛୋଟ ପିଲାମାନେ ଟାଣିଥିଲେ। ବାଳକମାନେ ମାଟିରେ ତିଆରି ହନାମାନଙ୍କ ଲାଞ୍ଜରେ ନିଆଁ ଲଗାଇ ରାସ୍ତାରେ ଟାଣିଲା ବେଳେ ରାମ ଲକ୍ଷ୍ମଣ ଜାନକୀ କି ଜୟ, ବୀର ହନୁମାନ କି ଜୟ ନାରା ଦେଇ ଟେରାକୋଟା ହନୁମାନ, ହାତୀ ଓ ଘୋଡା ଟାଣିଥିଲେ। ଖାସ ଏଥିପାଇଁ ପୁରୁଣା ଟାଉନ ହଲରେ ସହରର ବିଭିନ୍ନ ସ୍ଥାନରୁ ଆସିଥିବା ହନୁମାନଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଏଥିରେ ଢେରାପଡାର ବି ଆଦିତ୍ୟ ପାତ୍ର ପ୍ରଥମ, ମଝିପଡାର ଅଙ୍କିତ ଦାଶ ଦ୍ୱିତୀୟ ଓ ନୂଆପଡାର ଅମନ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରୁଷୋତ୍ତମ ମିଶ୍ର, ଲଡୁ କିଶୋର ମଲ୍ଲିକ ଓ ଶ୍ରୀବତ୍ସ ମଲ୍ଲିକ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଲଙ୍କାପୋଡି ମହୋତ୍ସବରେ ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ରାମାୟଣରେ ହନୁମାନଙ୍କ ଲଙ୍କା ପୋଡି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏଠାରେ କେଉଁ ଆବାହମାନ କାଳରୁ ପାଳିତ ହୋଇ ଆସୁଥିବା ଏଭଳି ପରମ୍ପରା ବିରଳ ବୋଲି କହିଥିଲେ। ଏହି ପୁରାତନ ପରମ୍ପରାକୁ ବଞ୍ଚାଇ ରଖିବା ଉପରେ ଏସ୍‌ପି ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଅନ୍ତର୍ଯ୍ୟାମୀ ତ୍ରିପାଠୀ ଓ ମୁଖ୍ୟବକ୍ତା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ଦେବାଶିଷ ପାଣିଆ ଯୋଗଦେଇ ସୁବର୍ଣ୍ଣପୁରର ମହାନ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ସାମୁହିକ ହନୁମାନ ଚାଳିଶା ପାଠ କରା ଯାଇଥିଲା। ମୁଖ୍ୟ ଆୟୋଜନ ଶ୍ୟାମା ଓଁ ପ୍ରସାଦ ମିଶ୍ର ଅଧକ୍ଷତା କରିଥିଲେ। ନାଟ୍ୟଚକ୍ର ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଟେରାକୋଟା ଶିଳ୍ପୀ ପ୍ରହଲ୍ଲାଦ ରଣାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଟେରାକୋଟା ହନୁମାନ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଅମାବାସ୍ୟା ଉପଲକ୍ଷେ ମହାରଣା ସମ୍ପ୍ରଦାୟ ପକ୍ଷରୁ କାଠରେ ତିଆରି ହାତୀ, ଘୋଡା ଓ ଷଣ୍ଢ ଆଦି ପଶୁଙ୍କର ପୂଜାର୍ଚ୍ଚନା ହୋଇଥିଲା।

## ଅଟକ ଥିବା ଟ୍ରକ୍‌ରେ ପିଟି ହେଲା ବାଇକ, ଯୁବକ ଗୁରୁତର

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥ ପୋଲିସୁଗର କଲୋନୀ ନିକଟ ରାଜପଥରେ ଅଟକ ଥିବା ଟ୍ରକ ପଛରେ ପିଟି ହୋଇ ଜଣେ ବାଇକ ଆରୋହୀ ଯୁବକ ଗୁରୁତର ହୋଇଛନ୍ତି। ଆହତଙ୍କ ନାମ ଅନ୍ତର୍ଯ୍ୟାମୀ କୁମ୍ଭାର। ପୋଲିସ ଆହତଙ୍କୁ ଉଦ୍ଧାର କରି ବଲାଙ୍ଗୀର ପଠାଇଛି । ରାଜପଥ ଉପରେ ୨ ଦିନ ହେଲା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟ୍ରକ ଅଟକି ରହିଥିଲା। ସନ୍ଧ୍ୟାରେ ବଲାଙ୍ଗୀର ପଟରୁ ବାଇକ ନଂ ଓଡି୦୩ ଆର ୨୦୦୩ରେ ସମ୍ପୃକ୍ତ ଯୁବକ ଆସୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରକର ପଛପଟେ ପିଟି ହୋଇଯାଇଥିଲେ ।

## ସଂକ୍ଷେପରେ

### ପିଡିଏସ୍ ବଣ୍ଟନ ବେଳେ ଉତ୍ତେଜନା

ଲୋଇସିଂହା ୨୭।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତରେ ପିଡିଏସ ବଣ୍ଟନ ବେଳେ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ଏ ନେଇ ପଞ୍ଚାୟତ ଅଧୀନ ମନସାପାଲି ଗ୍ରାମର କେତେକ ଲୋକ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସରପଞ୍ଚ ବନୀତା ମେହେର, ପିଇଓ ଆନନ୍ଦ ପାତ୍ର ଗ୍ରାମର କେତେଜଣଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଝାରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ପିଇଓ ପାତ୍ର ପୂର୍ବାହ୍ନ ୧୧ଟାରେ ପଞ୍ଚାୟତ ଅଧୀନ ମନସାପାଲି ଗ୍ରାମବାସୀଙ୍କୁ ପିଡିଏସ୍ ଦେବା ପାଇଁ ଡାକିଥିଲେ। ସକାଳ ସମୟରେ ଝାରମୁଣ୍ଡା ଗ୍ରାମ ୫ ନଂ ୱାର୍ଡର ହିତାଧିକାରୀଙ୍କୁ ପିଡିଏସ୍ ବଣ୍ଟନ କରାଯାଉଥିଲା। କେତେକ ହିତାଧିକାରୀ ବାକି ରହିଥିବାରୁ ମନସାପାଲି ଗ୍ରାମର ହିତାଧିକାରୀଙ୍କୁ ପିଡିଏସ ବଣ୍ଟନରେ ବିଳମ୍ବ ହୋଇଥିଲା। ଏହାକୁ ନେଇ ସେମାନେ ହୋହାଲ୍ଲା କରିଥିଲେ। ଏହି ସମୟରେ ପଞ୍ଚାୟତରେ ଥିବା ସରପଞ୍ଚଙ୍କ ସ୍ୱାମୀ ଏବଂ ପୁଅ କୁଆଡେ ମନସାପାଲି ଗ୍ରାମର କେତେଜଣଙ୍କୁ ତୁମକୁ ପିଡିଏସ ଦିଆଯିବ ନାହିଁ କହି ତଡି ଦେଇଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚ ମେହେର ଅଭିଯୋଗ କରିଛନ୍ତି ଯେ, ଉତ୍ତେଜିତ ଗ୍ରାମର କେତେଜଣ ହିତାଧିକାରୀ ପଞ୍ଚାୟତ ଚୌକିଟେବୁଲ ଆଦି ଆସବାବପତ୍ର ଭଙ୍ଗାରୁଜା କରିଛନ୍ତି। ଏଥି ସହ ତାଙ୍କ ଘରକୁ ଯାଇ ଅଶାଳୀନ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ସନ୍ଧ୍ୟାରେ ଥାନା ପରିସରରେ ଉଭୟପକ୍ଷ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ।

### ଖଡ଼ିଆଳ ଅଞ୍ଚଳରେ ପୂରା ଉଆଁସ ପାଳିତ



ଖଡ଼ିଆଳ,୨୭।୮(ଡି.ଏନ.ଏ.): ନୂଆପଡ଼ା ଜିଲାର ପୁରପଲ୍ଲୀରେ ଶନିବାର ପାଳିତ ହୋଇଛି ପୁରା ଉଁଆଷ। ଜିଲାର ଖଡ଼ିଆଳ ଅଞ୍ଚଳରେ ଖୁବ ଧୁମ୍‌ଧାମରେ ପାଳିତ ହୋଇଛି। ଭାଦ୍ରବ ମାସ ସପ୍ତପୁରୀ ଅମାବାସ୍ୟା ଦିନ ଏହି ପର୍ବ ପାଳନ ହୋଇଥାଏ। ପ୍ରାଚୀନ ପରମ୍ପରା ଅନୁସାରେ ଏହା ପାଳିତ ହୋଇଛି। ଏଥିଉପଲକ୍ଷେ କିଶୋର କିଶୋରୀଙ୍କ ମଧରେ ବନ୍ଧୁତ୍ୱର ଖେଳ ଅନୁଷ୍ଠିତ ହୋଇଥିଲା। କିଶୋରୀମାନେ ଘରେ କଣ୍ଢେଇ ଧରି ଏହି ଖେଳ ଖେଳିଥିବାବେଳେ କିଶୋରମାନେ ବାହାରେ ମାଟିରେ ତିଆରି ବଳଦ, ଘୋଡା, ହାତୀକୁ ଧରି ଖେଳିଥିଲେ। କିଶୋରକିଶୋରୀଙ୍କୁ ଏହି ଖେଳ ମାଧମରେ ପଡୋଶୀ ଘର ସହ ସୁସମ୍ପର୍କ ସ୍ଥାପନ ନେଇ ଶିକ୍ଷା ଦିଆଯିବା ସହିତ ସଚେତନ କରାଯାଇ ଭାବର ଆଦାନ ପ୍ରଦାନ କରାଯାଇଥିଲା। ଏହି ପର୍ବ ଉପଲକ୍ଷେ ଖଡ଼ିଆଳଠାରେ ମାଟିରେ ତିଆରି ବଳଦ, ଘୋଡା, ହାତୀ, କଣ୍ଢେଇ ବିକ୍ରି ଲାଗି ସ୍ୱତନ୍ତ୍ର ବଜାର ବସିଥିଲେ। ଲୋକେ ଏହିସବୁ ଜିନିଷ କିଣିବା ଲାଗି ଭିଡ଼ ଜମାଇଥିଲେ।

# ଜନନୀ ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ

- ଥୁଆମୂଳ ରାମପୁର ଗସ୍ତରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସବ ଗୃହ ଅନୁଧ୍ୟାନ

ଭବାନୀପାଟଣା,୨୭।୮(ସ୍ୱ.ପ୍ର.)

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଉପଦେଷ୍ଟା ଡା. ସିକଧରଙ୍କ ନେତୃତ୍ୱରେ କଳାହାଣ୍ଡି ସିଡିଏମଓ ରଞ୍ଜନ ମିତ୍ରଙ୍କ ସହିତ ଏକ ଅନୁଧ୍ୟାନକାରୀ ଦଳ ଥୁଆମୂଳ ରାମପୁର ଗସ୍ତରେ ଆସି ବ୍ଲକର ସ୍ୱାସ୍ଥ୍ୟସେବା ପରିଚାଳନା ଉପରେ ଅନୁଧ୍ୟାନ କରିଛନ୍ତି। ଏହି ଟିମ୍ ଥୁଆମୂଳ ରାମପୁର ବ୍ଲକରେ ଚାଲୁଥିବା ମାତୃମଙ୍ଗଳ ଯୋଜନାର ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସବ ଗୃହକୁ ଅନୁଧ୍ୟାନ କରିଥିଲେ । ପ୍ରସବ କକ୍ଷରେ ବ୍ୟବହୃତ ବିଭିନ୍ନ ଉପକରଣ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରଖାନାରେ ପ୍ରସବ ପାଇଁ ସଚେତନତା ସୃଷ୍ଟି କରିବାକୁ ମତ ପ୍ରକାଶ କରିଥିଲେ। ଏଥିସହିତ ଏଠାରେ ଥିବା ମା' ଗୃହ ବୁଲି ଦେଖିଥିଲେ। ଥୁଆମୂଳ ରାମପୁର ଅଧୀନ ତେରେଙ୍ଗାସିଲ ଗାଁକୁ ଯାଇ ଜନନୀ ଶିଶୁ ସୁରକ୍ଷା ଏବଂ ପୁଷ୍ଟି ସମ୍ବନ୍ଧରେ ମହିଳାମାନେ କେତେ ସଚେତନ ତାକୁ ନେଇ ଅବଗତ ହୋଇଥିଲେ। ଜନନୀ ଓ ଶିଶୁର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ମାତୃ ଏବଂ ଶିଶୁ ମୃତ୍ୟୁ ହାର ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବ୍ଲକର ସାଇସୁରୁନୀ ସ୍ୱାସ୍ଥ୍ୟକେନ୍ଦ୍ରର ମା' ଗୃହ ପରିଦର୍ଶନ କରିଥିଲେ । ଏହି କେନ୍ଦ୍ରୀୟ ଟିମ୍ ଥୁଆମୂଳ ରାମପୁର ବ୍ଲକରେ ସ୍ୱାସ୍ଥ୍ୟସେବା ଠିକ୍‌ଠାକ୍ ରହିଥିବା ସୂଚନା ଦେଇଥିଲେ । କେନ୍ଦ୍ରୀୟ ଟିମ ପକ୍ଷରୁ ଡେପୁଟି କମିଶନର(ଭାରତ ସରକାର)ଡା.ପଦ୍ମିନୀ କଶ୍ୟପ ଓ ସିନିୟର କନ୍‌ସଲଟାଣ୍ଟ ଡା. ସନ୍ତୋଷ ଓଝା ଓ ରାଜ୍ୟ ଟିମ୍ ପକ୍ଷରୁ ଆଡିସନାଲ ଡାଇରେକ୍ଟର ଡା. ପାଢ଼ୀ, ଡ.ସୌମ୍ୟ ମହାପାତ୍ର, ଡିପିଏମ ଅବନୀ ମହାପାତ୍ର, ଡିଏମଆର୍‌ସିଏଚ ଭବାନୀ ସାହୁ,ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ନିତିଶ ଝା,ଡ. ବେଦପ୍ରକାଶ ନେଗୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



କେନ୍ଦ୍ରୀୟ ଟିମ୍ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

# କୋଶଳେଶ୍ୱରୀ ଶକ୍ତିପୀଠରେ ନବାନ୍ନ ଲାଗିହେଲା

ଟିଟିଲାଗଡ, ୨୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ କୋଶଳେଶ୍ୱରୀ ଶକ୍ତିପୀଠରେ ସାବରୀ ତନ୍ତ୍ର ଅନୁଯାୟୀ ଶନିବାର ନବାନ୍ନ ଚରୁ ଅର୍ପଣ କରାଯାଇଛି। ସକାଳେ ଆଖପାଖ ଗ୍ରାମର ଆଦିବାସୀ ସାମ୍ପ୍ରଦାୟର ଯାନୀ ପୂଜକ ଦେବୀଙ୍କ ଧାନ୍ୟ କେଦାରରୁ ପୂଜାବିଧି ସହ ଛେଟକା ଧାନ ବା ଷାଠିଏ ଦିନରେ ଅମଳ ହୋଇଥିବା ଧାନ ସଂଗ୍ରହ କରିଥିଲେ। ଏଥିରୁ ପ୍ରସ୍ତୁତ ଚରୁ ଯଜ୍ଞକୁଣ୍ଡରେ ଦେବୀଙ୍କୁ ଲାଗି ହୋଇଥିଲା। ମନ୍ଦିର ପରିସରରେ ଥିବା ଧାନ କିଆରିରେ ଧୂପ ଦୀପ, କ୍ଷୀର ସହ କୁରେପତ୍ର ଦେଇ ପୂଜାର୍ଚ୍ଚନା ପରେ ନୂଆ ଧାନ ଆଣି ଦେବୀଙ୍କ ପୀଠରେ ଅର୍ପଣ କରାଯାଇଥିଲା । ଆଚାର୍ଯ୍ୟ



କ୍ଷମଦା ପ୍ରସନ୍ନ ମହାପାତ୍ର ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ପୀଠ ଯାନୀ ରାୟ ସିଂ ମାଝି, ପାଟ ଯାନୀ ବଳରାମ ମାଝୀ, ଦେଶ ଯାନୀ କୃପା ଯାନୀ, ମଚିନ୍ଦ୍ର ଭୋଇ ବିଭିନ୍ନ ବିଧି କାର୍ଯ୍ୟ ସମ୍ପାଦନ କରିଥିଲେ । ଅଗସ୍ତି ସାହୁ, ସଦାନନ୍ଦ ହୋତା, କୈଳାସ ବେହେରା, ନୀଳାମ୍ବର ରଣା, ଗଣେଶ ନାଗ, ଈଶ୍ୱର ନାଗ, ତରୁଣ ସାହୁ, ଉପେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାହିଁ କେଉଁ ଆବାହନ କାଳରୁ ଦେବୀ କୋଶଳେଶ୍ୱର ମହାଶକ୍ତି ପୀଠରେ ନବାନ୍ନ ଅର୍ପଣ ପରେ ସମଗ୍ର କୋଶଳାଞ୍ଚଳ ଲୋକେ ନିଜ ଗ୍ରାମଦେବୀ, ଆରାଧ ଦେବୀ, ଧରଣୀଖୁଣ୍ଟ, ବୃକ୍ଷଲତା, ପାହାଡ଼ ବନ, ଝରଣାକୁ ପୂଜା କରି ନୂଆଁଖାଇ ପାଳନ କରୁଥିବା ବିଶିଷ୍ଟ ଗବେଷକ ଡ଼. ଦୋଳଗୋବିନ୍ଦ ବିଶି କହିଛନ୍ତି।

# ସଫେଇ କର୍ମଚାରୀ ସଂଘର ଝାଡୁଛାଡ ଆନ୍ଦୋଳନ



ସଫେଇ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ଗୁଡ଼ଭେଲା,୨୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ଏନଏସି ମା ସମଲେଶ୍ୱରୀ ସଫେଇ କର୍ମଚାରୀ ସଂଘ ପକ୍ଷରୁ ଶନିବାର ୧୨ଦଫା ଦାବି ନେଇ ଝାଡୁଛାଡ ଆନ୍ଦୋଳନ ସହ ଏନଏସି ସମ୍ମୁଖରେ ଧାରଣ ଦିଆଯାଇଛି। ସଂଘ ସଭାପତି ମନୋଜ କୁମାର ଜୈନଙ୍କ ନେତୃତ୍ୱରେ ସଂଘ ସମ୍ପାଦକ ଜିତୁ ସାଗର, ସଞ୍ଜୟ କୁମାର, ପଙ୍କଜିନୀ ସୁନା, ବନବୋଲି କୁମ୍ଭାର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କ ସହ ଆଲୋଚନା କରିଥିଲେ। ହେଲେ ଏଥିରୁ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଅନ୍ୟପକ୍ଷରେ ପଶ୍ଚିମ ଓଡିଶା ସେବା ସଂଘ ସଭାପତି ରାଜେଶ କୁମାର ବଗର୍ତ୍ତୀ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।୭ବର୍ଷର ଇପିଏଫ ଟଙ୍କା ପ୍ରଦାନ, ୧ରୁ ୭ତାରିଖ ମଧ୍ୟରେ ଦରମା ପ୍ରଦାନ, ସରକାରୀ ନିୟମ ଅନୁଯାଇ ୧୨ପ୍ରତିଶତ ଇପିଏଫ ଟଙ୍କା କାଟିବା ଆଦି ଦାବି ନେଇ ଆନ୍ଦୋଳନ ଚାଲିଥିବା ବଂଶୀ ସୁନା, କରୁଣା ବଗର୍ତ୍ତୀ, କୁନି ବଗର୍ତ୍ତୀ, ଅନିତା ସୁନା, ପଙ୍କଜିନୀ ସୁନା, ରିଙ୍କି ସାଗର, ଅଇଁଲା ସୁନ ପ୍ରମୁଖ ସଫେଇ କର୍ମଚାରୀ କହିଛନ୍ତି।

# ସିପିଆଇର ଜିଲାସ୍ତରୀୟ ସମ୍ମିଳନୀ




ସିପିଆଇର ଜିଲାସ୍ତରୀୟ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ।

**କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ**

ଜୁନାଗଡ,୨୭।୮(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସଂସ୍କୃତି ଭବନଠାରେ ଶନିବାର ସିପିଆଇର ଷଷ୍ଠତମ ଜିଲାସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଦାମୋଦର ବେହେରା ଉଦ୍‌ଘାଟନ କରିଥିଲେ। ସେହିପରି ପୂର୍ବତନ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପତକା ଉତ୍ତୋଳନ କରିବା ସହ ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ବିରୋଧି ନୀତିକୁ ବିରୋଧ କରାଯାଇଥିଲା। କଳାହାଣ୍ଡି ଜିଲାରେ ଦିନକୁ ଦିନ ମହିଳା, ଯୁବତୀ , ନାବାଳିକାମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସିପିଆଇ ଆଗାମୀ ଦିନରେ ଏହାର କଡା ଜବାବ ଦେବ ବୋଲି ବକ୍ତାମାନେ କହିଥିଲେ। ସେହିପରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକେ ସବୁବେଳେ ଅବହେଳିତ ଅବସ୍ଥାରେ ଅଛନ୍ତି। କେନ୍ଦ୍ର ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ଏମାନେ ବିକାଶର ସୂର୍ଯ୍ୟ ଦେଖି ପାରୁନାହାନ୍ତି। ତେଣୁ ରାଜନୈତିକ, ସାଂସ୍କୃତିକ ଓ ଶିକ୍ଷା କ୍ଷେତ୍ରରେ ଲୋକେ ଆଗକୁ କିପରି ଯିବେ ସେ ନେଇ ସିପିଆଇ ଲଢେଇ କରିବ ବୋଲି କହିଥିଲେ। ଏହି ସମ୍ମିଳନୀରେ ୧୭ଜଣିଆ ଜିଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଥିଲେ। ଏଥିରେ ଜିଲା ସମ୍ପାଦକ ଭାବେ ଅକ୍ଷୟ କୁମାର ମେହେର,ସହ ସମ୍ପାଦକ ଭାବେ ସୁରେନ୍ଦ୍ର ମାଝୀ,ସଞ୍ଜୟ ସୁନାନୀ, ଜଗଦୀଶ ଦୁର୍ଗା, ସୁଶାନ୍ତ ଜାଲ, ସୁରେଶ ମାଝୀ, ଦାମୋଦର ବେହେରା, ଅଗଷ୍ଟ ନାଏକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରାଜାରାମ ଡଙ୍ଗରୀ, ଝିଲ୍ଲୀ ବାଗ, ବାନାମ୍ବର ମେହେର, ମାଧବ ଚନ୍ଦ୍ର ସାହୁ, ରାଣୀମତି ଛତ୍ରିଆ, ବନିତା ମାଝୀ, ଭକ୍ତ ମାଝୀ, ଡି. ମାଝୀ ପ୍ରମୁଖ ମନୋନୀତ ହୋଇଥିଲେ। ସମ୍ମିଳନୀ ଆରମ୍ଭ ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରା ଜୁନାଗଡ ସହର ପରିକ୍ରମା କରିଥିଲା।


**ODISHA** INDIA'S BEST KEPT SECRET.

**Department of Tourism**
**Government of Odisha**
**Paryatan Bhawan, Lewis Road, Bhubaneswar, 751014**
**Phone: (0674) 2432177 | Fax: (0674) - 243887**
**https://dot.odishatourism.gov.in**

**No.6913/TSM, TCT-TSP-FEST-0005-2022** **Bhubaneswar,** **Dt.26.08.22**

**APPLICATION FOR KONARK FESTIVAL**
**(1st to 5th December 2022)**
**Open Air Auditorium. Konark, Odisha, India**

**No.R-05:**Tourism Department, Government of Odisha invites applications from reputed Odissi Classical Dance Artist/ Troupe/ Institute/ Organisation to perform at the Konark Festival 2022 on the 1st and 2nd December 2022.

For details application form, eligibility criteria and terms and conditions visit **www.odishatourism.gov.in**, **http://www. orissasangeetnatak.org** and **http://odishaculture.gov.in.**

The filled application forms along with required documents (photocopy) to be submitted to Director, Tourism Department, Lewis Road, Bhubaneswar- 751014 on or before **10th September 2022 upto 5.30 PM.**

**Sd./- Joint Director & Dy. Secretary to Govt.**
**OIPR-37001/11/0007/2223**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**
**NATIONAL COMPETITIVE BIDDING THROUGH e-PROCUREMENT**
**No.C-1073:** **Invitation For Bids (IFB) Dtd.22.08.2022**

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid document for online bidding | |
|---|---|---|---|---|---|---|
| | | | | | From | To |
| 1. | Augmentation of Water Supply to Nilagiri NAC under AMRUT 2.0 | EICPH-02/ 2022-23 | 963.03 | 11 (Seven) Months | 11.00 Hrs. of 30.08.2022 | 17.00 Hrs. of 20.09.2022 |

Name & Address of Officer Inviting Bid: **The Engineer-in-Chief (PH)**
**Office of The Engineer-in-Chief, PH 1st Floor,**
**Unnati Bhawan, Satyanagar, Bhubaneswar, Odisha - 751007.**
**Phone: #91-674-2575309, email : eicphodisha@gmail.com**

- Further details can be seen from the e-Procurement portal "https: / /www.tendersodisha.gov.in"
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

**OIPR-13068/11/0003/2223** **Sd./- Engineer-in-Chief (PH)**

**NOTICE**

**No.C-1083:**The following contractors, who were registered as "C" Class Contractor under S.E.P.H Circle, Bhubaneswar .(Now Addl. Chief Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

| Sl. No. | Name and Address | Regn. No & Class | This office order No. & Date |
|---|---|---|---|
| 1) | Sri Sangram Keshari Behera(S.C) S/o.Rabindra Nath Behera At-Juna PO/PS-Marshaghai Dist.Kendrapara. Pin-754213 | CDMS Regd. N0.655EW736 'C' Class **(Valid Upto 31.03.2022)** | S.E.P.H. Circle, BBSR Dt.07.11.2019 |
| 2) | Sri Gorachanda Dwari(S.C) S/o.Janardan Dwari At/PO-Jogiapalli PS-Khandapada Dist.Nayagarh Pin-752070 | CDMS Regd. N0.796QU448 'C' Class **(Valid Upto 31.03.2023)** | S.E.P.H. Circle, BBSR Dt. 19.03.2020. |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractors which are due to be recovered, may please be reported to the undersigned within 30(thirty) days from the date of publication of this notice for recovery/adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.

If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

**Sd./- Additional Chief Engineer, P.H.Circle, Bhubaneswar**
**OIPR-13039/11/0002/2223**

**EXPRESSION OF INTEREST FOR SUPPLY, INSTALLATION, TESTING & COMMISSIONING OF WATER FOUNTAIN IN KRUSHI BHAWAN CAMPUS, KESHARI NAGAR, BHUBANESWAR**
**Bid Id No. 640 Dated 24/08/2022**

**No.L-70:**1.The Executive Engineer, Agriculture Engineering Division, Nayagarh invites Sealed Tenders from reputed Manufacturers/Suppliers for the following work in the Campus of Krushi Bhawan, Kesharinagar. Bhubaneswar in their own forms in two bids.

| Sl. No | Name of work | Estimated cost | EMD | Cost of Bid document | Period of completion |
|---|---|---|---|---|---|
| 1 | Supply, Installation.Testing and Commissioning of Water Fountain in the Campus of Krushi Bhawan, Kesharinagar, Bhubaneswar | Rs.14,16,695.00 | Rs. 14167.00 | Rs. 6000/- | 60 Days (Sixty days) |

2. EOI documents consisting of specifications and the set of terms & conditions of contract and other necessary Documents can be downloaded from the website: www.tendersodisha.gov.in / agriodisha.nic.in.
3. Tender must be accompanied by Earnest Money Deposit and paper cost in shape of Demand Draft payable at Nayagarh from any Nationalized Bank in favour of "Executive Engineer (Agril.), Agriculture Engineering Division, Nayagarh".
4. Tender must be accompanied with copies of Experience Certificate in similar nature of work and clearance certificate on GST, PAN and other relevant documents as specified in the Bid document.
5. The Tender documents will be available in the website: www.tendersodisha.gov.in./agriodisha.nic.in from 10.00 Hours of 30/08/2022 to 12/09/2022 Hours of 16:00.
6. Sealed two part tenders superscribing the name of work are to be submitted to the Executive Engineer, Agriculture Engineering Division, Nayagarh through "SPEED POST/REGISTERED POST " only . Tender papers will be received up to 17 Hours of dt. 13/09/2022.
7. Technical Bids shall be opened at 14.09.2022 Hour on 11.00 in the Office of Superintending Engineer, Agriculture, Central Zone, Satyanagar, Bhubaneswar in the presence of bidders who wish to attend or their authorized representatives. If the office happens to be closed on the stipulated date of opening of Bids as specified, the bids will be opened on the next working day.
8. Interested parties may like to visit the site at Krushi Bhawan, Kesharinagar, Bhubaneswar on any working day between 10.30 Hours to 04:30 hours, at their own expenses with prior intimation. For the purpose they may contact the Executive Engineer (Agril.), at Krushi Bhawan , Bhubaneswar.

09. Other details can be seen in the bid documents.
10. The authority reserves the right to cancel any or all bids without assigning any reason thereof. For details visit the website: www.tendersodisha.gov.in/agriodisha.nic.in.

**Sd./- Executive Engineer (Agril)**
**OIPR-01449/11/0002/2223** **Agriculture Engineering Division, Nayagarh**

